- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-225 ◆BHUBANESWAR ◆FRIDAY ◆9 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




କାର୍ତ୍ତିକଙ୍କ ପ୍ରଶଂସାରେ ଶତମୁଖ ମନୋଜ

▶ପୃଷ୍ଠା ୧୯ ଦେଖନ୍ତୁ...

### ବିଧାନସଭାରେ ୨.୫୫ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ

# ୪ ମାସ ପାଇଁ ୧.୧୮ ଲକ୍ଷ କୋଟି



■ **ଭୁବନେଶ୍ୱର, ୮।୨ (ସମିସ):** ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨.୫୫ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ସହିତ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ପ୍ରଥମ ୪ ମାସ ପାଇଁ ଏଥିରୁ ୧.୧୮ ଲକ୍ଷ କୋଟି ଟଙ୍କାର ଲେଖାନୁଦାନ (କାମଚଳା ବଜେଟ) ଆଗତ କରିଛନ୍ତି। ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ସାମାଜିକ ସୁରକ୍ଷା, ନଗର ଉନ୍ନୟନ, ସଡ଼କ ଓ ପରିବହନ, ପାନୀୟ ଜଳ ପରି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି।

**'କାହାକୁ ଅବହେଳା ନ କରିବା' ଗତ ୨୪ ବର୍ଷ ଧରି ଆମ ଶାସନର ମୂଳମନ୍ତ୍ର: ଅର୍ଥମନ୍ତ୍ରୀ**

୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ପରିମାଣ ୨.୫୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ଓ ଏହା ମୋଟ ରାଜ୍ୟ ଜିଡିପିର ୨୭.୫ ପ୍ରତିଶତ । ଅନୁରୂପ ଭାବରେ ଅର୍ଥମନ୍ତ୍ରୀ ଆଗତ କରିଥିବା ବଜେଟ୍ ପୂର୍ବବର୍ଷ ବଜେଟ ୨୦୨୩-୨୪ ବର୍ଷ ତୁଳନାରେ ୧୧ ପ୍ରତିଶତ ଅଧିକ। ଏହି ବଜେଟ ରାଜସ୍ୱ ବଳକା ହୋଇଥିବାବେଳେ ବିତ୍ତୀୟ ନିଅଣ୍ଟକୁ ମୋଟ୍ ଜିଡିପିର ୩ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି। ▶ପୃଷ୍ଠା-୧୧

- କୃଷି, ଶିକ୍ଷା, ଗମନାଗମନ, ଭିତ୍ତିଭୂମି ଉନ୍ନୟନକୁ ଗୁରୁତ୍ୱ
- ଗତ ବର୍ଷ ତୁଳନାରେ ବଜେଟ ଆକାର ୧୧ ପ୍ରତିଶତ ବୃଦ୍ଧି
- ଓଡ଼ିଶା ଏବେ ୧୦୦ବିଲିୟନ ଡଲାରର ଅଧିକ ଅର୍ଥନୀତି
- କୃଷି ଓ କୃଷକ କଲ୍ୟାଣ କ୍ଷେତ୍ରକୁ ମୋଟ ୨୮,୯୪୪ କୋଟି
- ସହରାଞ୍ଚଳ ରୂପାନ୍ତରଣ ପାଇଁ ୧୦,୭୮୧ କୋଟି ବ୍ୟୟବରାଦ
- ମୋଟ୍ ଜିଡିପିର ୩ ପ୍ରତିଶତ ମଧ୍ୟରେ ସୀମିତ ବିତ୍ତୀୟ ନିଅଣ୍ଟ
- ସାମାଜିକ କ୍ଷେତ୍ରକୁ ୩୭% ଓ ଆର୍ଥିକ କ୍ଷେତ୍ର ପାଇଁ ୩୩%
- ପ୍ରାଶାସନିକ ଖର୍ଚ୍ଚ ବାବଦରେ ୧,୦୩,୫୦୦ କୋଟି ଟଙ୍କା
- କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧,୪୦,୦୦୦ କୋଟି ଆକଳନ
- ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠି ପାଇଁ ୫୦୦ କୋଟି ବ୍ୟୟବରାଦ
- ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୮୦୦୦ କୋଟି
- ସଡ଼କ, ସେତୁ, ବିମାନବନ୍ଦର, ରେଳପଥକୁ ୨୧,୦୦୪ କୋଟି
- ବିପର୍ଯ୍ୟୟ ପରିଚାଳନା ନିମନ୍ତେ ୩୯୦୦ କୋଟିର ବ୍ୟବସ୍ଥା
- ଚାଷୀଙ୍କ ଧାନ କ୍ରୟ ନିମନ୍ତେ ୨୦୦୦ କୋଟିର ଆବର୍ତ୍ତନ ପାଣ୍ଠି

### ଏଏନ୍ଆଇକୁ ପାଣ୍ଡିଆନ କହିଲେ ରାଜନୀତି ପ୍ରବେଶର ରହସ୍ୟ

# ଅନ୍ତରାତ୍ମାର ଆହ୍ୱାନ, ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା

■ **ଭୁବନେଶ୍ୱର, ୮।୨ (ସମିସ):** ସର୍ବଭାରତୀୟ ପ୍ରଶାସନିକ ସେବା ପଦ ଛାଡ଼ି ରାଜନୀତିରେ ପ୍ରବେଶ ପରେ ଗଣମାଧ୍ୟମକୁ ପ୍ରଥମ ସାକ୍ଷାତକାର ଦେଇଛନ୍ତି '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ । ଜାତୀୟ ଗଣମାଧ୍ୟମ ଏଜେନ୍ସି ଏଏନ୍ଆଇକୁ ଦେଇଥିବା ସାକ୍ଷାତକାରରେ ଶ୍ରୀ ପାଣ୍ଡିଆନ ତାଙ୍କର ରାଜନୀତିରେ ପ୍ରବେଶ, ରାଜ୍ୟର ଶାସନ ବ୍ୟବସ୍ଥା, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ, ତାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ, ମହତ୍ୱାକାଂକ୍ଷୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ଆଦି ପ୍ରତ୍ୟେକ ବିଷୟରେ ଗଣମାଧ୍ୟମରେ ସ୍ପଷ୍ଟ ଭାବରେ ନିଜର ଆଭିମୁଖ୍ୟ ପ୍ରକାଶ କରିଛନ୍ତି ଶ୍ରୀ ପାଣ୍ଡିଆନ । ଏହି ସାକ୍ଷାତକାରରେ ଓଡ଼ିଶାର ଅଢ଼େଇ ଦଶନ୍ଧିର ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା, ରାଜ୍ୟର ରୂପାନ୍ତରଣର ଧାରା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ହୋଇଥିବା ଷଡ଼ଯନ୍ତ୍ର ପଛର କାହାଣୀକୁ ଗୋଟିଗୋଟି କରି ବର୍ଣ୍ଣନା କରିଛନ୍ତି ଶ୍ରୀ ପାଣ୍ଡିଆନ । ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବର୍ଷକ ତଳେ ରାଜନୀତିରେ ପ୍ରବେଶ ▶ପୃଷ୍ଠା-୧୧



- ୨୦୨୪ ନିର୍ବାଚନ ଲଢ଼ିବି ନାହିଁ
- ଦଳୀୟ ପଦପଦବୀର ଲାଳସା ନାହିଁ
- ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରଥମ
- ନିର୍ବାଚନ ଆସିଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ହୁଏ
- ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମର୍ପିତ ଲହୁ, ଲୁହ, ସ୍ୱେଦ, ରକ୍ତ
- ନବୀନଙ୍କ ଆସ୍ଥାର କାରଣ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ଏବେ ମିଳିନାହିଁ

### ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅପପ୍ରଚାର କରିଥିଲେ ବୈଜୟନ୍ତ

ଏହି ସାକ୍ଷାତକାର ସମୟରେ ବୈଜୟନ୍ତଙ୍କ ଉଚ୍ଚାକାଂକ୍ଷା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଅପପ୍ରଚାର ପ୍ରସଙ୍ଗକୁ ମଧ୍ୟ ଉଲ୍ଲେଖ କରିଛନ୍ତି ଶ୍ରୀ ପାଣ୍ଡିଆନ । ସେ କହିଛନ୍ତି। ଯେ ୨୦୧୪ ସାଧାରଣ ନିର୍ବାଚନ ପରେ ବିଜେଡି ଲୋକସଭାରେ ଚତୁର୍ଥ ବୃହତ୍ତମ ଦଳ ଭାବେ ଉଭା ହୋଇଥିଲା। ଏହି ସମୟରେ ବୈଜୟନ୍ତ ପଣ୍ଡା କେନ୍ଦ୍ର ଫାଇନାନ୍ସ କମିଟିରେ ବିଜେପି ତାଙ୍କୁ ସାମିଲ କରିବାକୁ ଚାହୁଁଥିବା କଥା ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଜଣାଇଥିଲେ। ଅରୁଣ ଜେଟଲି ତାଙ୍କୁ (ବୈଜୟନ୍ତ) ଏହି ଅଫର ଦେଇଥିବା ସେ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଯେହେତୁ ବୈଜୟନ୍ତଙ୍କ ବିରୋଧରେ ନିଜ କର୍ପୋରେଟ୍ ହାଉସକୁ ଆର୍ଥିକ ଲାଭ ପହଞ୍ଚାଇବାର ଅଭିଯୋଗ ଥିଲା; ତେଣୁ ମୁଖ୍ୟମନ୍ତ୍ରୀ ତାଙ୍କ ନାମ ସୁପାରିସ କରିବାକୁ ରାଜି ହୋଇ ▶ପୃଷ୍ଠା-୧୧




# ଜଳସେଚନ କ୍ଷେତ୍ରକୁ ୧୪୪୬୭କୋଟି

**ଭୁବନେଶ୍ୱର,୮ ।୨(ସମିସ):** ଜଳସେଚନ କ୍ଷେତ୍ର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୪ହଜାର ୪୬୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଦୀର୍ଘ ଦିନର ଜଳସେଚନ ଆବଶ୍ୟକତାକୁ ପୂରଣ କରିବା ପାଇଁ 'ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍' ନିର୍ମାଣ ପାଇଁ ୮୬୦କୋଟି ଟଙ୍କା ବ୍ୟୟବରାଦ



■ 'ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍' ନିମନ୍ତେ ୮୬୦ କୋଟି ଟଙ୍କା
■ ପାର୍ବତୀ ଗିରି ଉଠା ଜଳସେଚନ ଯୋଜନାକୁ ୧୨୨୬ କୋଟି

କରାଯାଇଛି। ଏହାସହ ପାର୍ବତୀ ଗିରି ଉଠା ଜଳସେଚନ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଅତିରିକ୍ତ ୨.୬୩ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ୧୨୨୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଚଳିତବର୍ଷ ଅଚଳ ହୋଇପଡ଼ିଥିବା ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକର ପୁନରୁଦ୍ଧାର ପାଇଁ ୧୯୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୨୪-୨୫ରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା- ୨.୦ ଅଧୀନରେ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ୩୨୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ବନ୍ଧକୁ ସୁଦୃଢ଼ କରିବା ଏବଂ ଡ୍ରେନଜ୍ ଉନ୍ନତି କାର୍ଯ୍ୟ ପାଇଁ ୧୧୦୫କୋଟି ଟଙ୍କା ବରାଦ କରାଯାଇଛି। କେନାଲ ଲାଇନିଂ ଆଣ୍ଡ ସିଷ୍ଟମ ଥଇଥାନ କାର୍ଯ୍ୟକ୍ରମ ଅଧୀନରେ କେନାଲ ଲାଇନିଂ ପାଇଁ ୩୭୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ଜଳସେଚନ ପ୍ରକଳ୍ପର ଆଧୁନିକୀକରଣ ପାଇଁ ୨୪୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ବହୁମୁଖୀ ଯୋଜନା ବଳରେ ଆମ ରାଜ୍ୟରେ ଜଳସେଚନ ବ୍ୟବସ୍ଥା ସୁଦୃଢ଼ ହେବ। ଏହାଦ୍ୱାର କୃଷି କ୍ଷେତ୍ରରେ ଉନ୍ନତି ଆସିବ।

# କୃଷି ପାଇଁ ୨୯ ହଜାର କୋଟିର ବରାଦ




■ ପୂର୍ବବର୍ଷ ତୁଳନାରେ ୧୭% ଅଧିକ ଅନୁଦାନ ପ୍ରଦାନ
■ ଧାନ କ୍ରୟ ନିମନ୍ତେ ୨ ହଜାର କୋଟିର ଆବର୍ତ୍ତନ ପାଣ୍ଠି
■ କାଳିଆ ଯୋଜନା ନିମନ୍ତେ ୧୯୩୫ କୋଟି ଟଙ୍କା ବରାଦ
■ ଫସଲ ଉତ୍ପାଦନ ପରିଚାଳନା ଦିଗରେ ୧୬୧୦ କୋଟି ଟଙ୍କା
■ କୃଷି ଶିକ୍ଷା ଓ ଗବେଷଣା ପାଇଁ ଓୟୁଏଟିକୁ ୧୮୧ କୋଟି
■ ଚାଷ, ଋଣ, ଉପକରଣ, ଗବେଷଣା, ବୀମା ପାଇଁ ପର୍ଯ୍ୟାପ୍ତ ପାଣ୍ଠି

**ଭୁବନେଶ୍ୱର, ୮ ।୨(ସମିସ):** ପୂର୍ବ ପରି ଏଥର ମଧ୍ୟ କୃଷି ଓ କୃଷକର ବିକାଶ ପାଇଁ ରାଜ୍ୟ ସରକାର ହାତ ଖୋଲି ଦେଇଛନ୍ତି। କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୨୦୨୪-୨୫ କୃଷି ବଜେଟ ଅଧୀନରେ ପ୍ରାୟ ୨୯ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ କୃଷି ବିଭାଗକୁ ସରକାର ଏଥର ୧୭% ଅଧିକ ଅନୁଦାନ ଦେଇଛନ୍ତି। ଧାନ, ଉଦ୍ୟାନ କୃଷି, ମାଛ ଚାଷ ସହିତ ଧାନ କ୍ରୟ, ଫସଲ ବୀମା, କୃଷି ଉପକରଣ ଯୋଗାଣ, କୃଷି ଗବେଷଣା, କୃଷି ଋଣ ଉପରେ ସୁଧ ରିହାତି ପାଇଁ ସରକାର ଭରପୂର ଅନୁଦାନ ଦେଇଛନ୍ତି। ବିଧାନସଭରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦେଇଥିବା ସୂଚନା ଅନୁସାରେ ଆଗାମୀ ଆର୍ଥିକ ବର୍ଷ ପାଇଁ କୃଷି ବିଭାଗ ନିମନ୍ତେ ୨୮, ୯୪୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ଯୋଗାଣ ନିଗମ ଦ୍ୱାରା ଧାନ କ୍ରୟ ପାଇଁ ରିଭଲଭିଂ ଫଣ୍ଡ ବାବଦରେ ୨୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି କୃଷି ଋଣ ଉପରେ ସୁଧ ସବ୍‌ସିଡି ଓ ରିହାତି ଦେବା ଲାଗି ବିଭାଗକୁ ୮୩୦ କୋଟି ଟଙ୍କା ମିଳିବ। କୃଷକଙ୍କ ପାଇଁ ଫସଲ ବୀମା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ୬୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧିନରେ ୩୬୦ କୋଟି ଟଙ୍କା ଏବଂ ମାଛ ଚାଷର ସମନ୍ୱିତ ବିକାଶ ଓ ପରିଚାଳନା ନିମନ୍ତେ 'ନୀଳ ବିପ୍ଳବ' (ବ୍ଲୁ ରିଭୋଲ୍ୟୁସନ୍) ଯୋଜନା ଅଧିନରେ ୨୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କୁକୁଡ଼ା ବିକାଶ ଯୋଜନା ଅଧିନରେ ୧୨୫ କୋଟି ଟଙ୍କା ଏବଂ ଦୁଗ୍ଧ ବିକାଶ ପାଇଁ ୧୯୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦୁଗ୍ଧ ଓ ପଶୁସମ୍ପଦ ପରିଚାଳନାରେ ବିକାଶ ପାଇଁ 'ରାଷ୍ଟ୍ରୀୟ ପଶୁଧନ ବିକାଶ ଯୋଜନା-ଶ୍ୱେତ ବିପ୍ଳବ' ଯୋଜନାରେ ୨୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।


ବଜେଟରେ ଖାଦ୍ୟ କ୍ରୟ, ସଂରକ୍ଷଣ ଏବଂ ଗୋଦାମ ପରିଚାଳନା ବ୍ୟବସ୍ଥା ପାଇଁ ୬୮୫ କୋଟି ଟଙ୍କା ଏବଂ ପିଡିଏସ୍ ଦୋକାନ ଗୁଡିକର ଅଟୋମେସନ୍ ପାଇଁ ୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କୃଷକ ସଶକ୍ତିକରଣ ଦିଗରେ ବେଶ୍ ସହାୟକ ହୋଇଥିବା କାଳିଆ ଯୋଜନାରେ ୧୯୩୫ କୋଟି ଟଙ୍କାର ପ୍ରତ୍ୟେକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା କରାଯାଇଛି। ଏଥିସହ ଉଦ୍ୟାନ କୃଷି ଫସଲକୁ ପ୍ରୋତ୍ସାହନ ଦେବା ଲାଗି ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ ଅଧିନରେ ୪୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଉଦ୍ୟାନ କୃଷିର ସମନ୍ୱିତ ବିକାଶ ପାଇଁ ଜାତୀୟ ଉଦ୍ୟାନ କୃଷି ମିଶନ୍ ଅଧିନରେ ୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଫସଲ ଉତ୍ପାଦନ ପରିଚାଳନା ଦିଗରେ ୧୬୧୦ କୋଟି ଟଙ୍କା ଏବଂ କଫି ମିଶନ୍ ପାଇଁ ୧୦୦ କୋଟି ଟଙ୍କା ଦିଆଯାଇ ଥିବା ବେଳେ କୃଷି ଉପକରଣ ଓ ଡିଜେଲ ପମ୍ପ ସେଟ୍ ପାଇଁ ସବ୍‌ସିଡି ବାବଦରେ ୫୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସୌର ଜଳନିଧି ଅଧୀନରେ ଅଧିକ ଜମିକୁ ନିଶ୍ଚିତ ଜଳସେଚନ ପାଇଁ ୨୭୫ କୋଟି ଟଙ୍କା ମିଳିଛି। କୃଷି ଶିକ୍ଷା, ଗବେଷଣା ପାଇଁ ଓୟୁଏଟିକୁ ୧୮୧ କୋଟି ଦିଆଯାଇଛି।

## ୧ ଟଙ୍କାର ବଜେଟ

**ଆୟ**




**ବ୍ୟୟ**




## ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକବର୍ଷ ବଜେଟର ତୁଳନାତ୍ମକ ବିବରଣୀ

| ବିଭିନ୍ନ ପ୍ରକାର ଖର୍ଚ୍ଚ | ୨୦୨୩-୨୪ ବଜେଟ ଆକଳନ | ୨୦୨୪-୨୫ ବଜେଟ ଆକଳନ | ୨୦୨୪-୨୫ର ଲେଖାନୁଦାନ |
|---|---|---|---|
| ପ୍ରଶାସନିକ ଖର୍ଚ୍ଚ | ୯୪,୦୦୦ | ୧,୦୩,୫୦୦ | ୪୭,୬୬୦ |
| କାର୍ଯ୍ୟକ୍ରମ ଖର୍ଚ୍ଚ | ୧,୨୫,୦୦୦ | ୧,୪୦,୦୦୦ | ୬୩,୪୦୦ |
| ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ | ୩,୭୦୦ | ୩,୯୦୦ | ୩,୯୦୦ |
| ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ଅର୍ଥରୁ ଖର୍ଚ୍ଚ | ୭,୩୦୦ | ୭,୬୦୦ | ୩,୦୪୦ |
| ମୋଟ | ୨,୩୦,୦୦୦ | ୨,୫୫,୦୦୦ | ୧,୧୮,୦୦୦ |

## ବଜେଟ ଆକାର ଦୃଷ୍ଟିରୁ ଶ୍ରେଷ୍ଠ ୧୦ ବିଭାଗ

| ବିଭାଗ | ବ୍ୟୟବରାଦ |
|---|---|
| ବିଦ୍ୟାଳୟ ଓ ଗଣଶିକ୍ଷା | ୯.୬୧% |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୮.୮୪% |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୭.୭୪% |
| ଜଳ ସମ୍ପଦ | ୫.୨୦% |
| ଯୋଜନା ଓ ଅଭିଶରଣ | ୪.୭୨% |
| ଗୃହ ଓ ସହରାଞ୍ଚଳ ବିକାଶ | ୩.୮୭% |
| ଗ୍ରାମ୍ୟ ଉନ୍ନୟନ | ୩.୬୬% |
| ପୂର୍ତ୍ତ | ୪.୨୯% |
| ଗୃହ | ୩.୩୯% |
| କୃଷକ ଓ କୃଷକ ସଶକ୍ତୀକରଣ | ୩.୧୧% |

# ସ୍ୱାସ୍ଥ୍ୟ ସେବା ନିମନ୍ତେ ୧୯ ୯୫୯ କୋଟି



● ପୂର୍ବ ବର୍ଷ ତୁଳନାରେ ୨୪% ଅଧିକ ପାଣ୍ଠି
● ବିଏସ୍‌କେୱାଇକୁ ମିଳିବ ୫୪୫୦ କୋଟି

**ଭୁବନେଶ୍ୱର, ୮ ।୨(ସମିସ):** 'ପ୍ରତ୍ୟେକ ଜୀବନ ମୂଲ୍ୟବାନ୍' ନୀତି ଆଧାରରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ପରିବ୍ୟାପକ କରିବା ଲକ୍ଷ୍ୟରେ କାମ କରୁଥିବା ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ଏହି କ୍ଷେତ୍ର ପାଇଁ ୧୯, ୯୫୯ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ବିଭାଗକୁ ୨୪% ଅଧିକ ଅନୁଦାନ ମିଳିଛି। ଆମ ହସ୍ପିଟାଲ ଯୋଜନା ପାଇଁ ୧୩୧୪ କୋଟି, ପରିବାର କଲ୍ୟାଣ ଯୋଜନା ପାଇଁ ୬୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ପାଇଁ ସରକାର ୫୪୫୦ କୋଟି ଟଙ୍କା ଦେଇଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ୍ ଅଧିନରେ ୨୯୯୨ କୋଟି ଟଙ୍କା ଦିଆଯାଇଛି ଯାହା ମଧ୍ୟରେ ମେଡିକାଲ ଶିକ୍ଷାନୁଷ୍ଠାନଗୁଡିକ ପାଇଁ ସହାୟତା ନିମନ୍ତେ ୫୬୦ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପ୍ରତିଷ୍ଠାନ ପାଇଁ ୫୦ କୋଟି ଟଙ୍କା ଦିଆଯାଇ ଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପାଇଁ ୧୬୮୦ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ-ଆୟୁଷମାନ ଭାରତ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ମିଶନ୍ (ପିଏମ୍-ଭୀମ୍) ଯୋଜନା ପାଇଁ ୩୩୮ କୋଟି ଯଙ୍କା ଏବଂ ଆୟୁଷ ମିଶନ୍ ପାଇଁ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରୋଗ ନିୟନ୍ତ୍ରଣ ଏବଂ ଔଷଧ କ୍ରୟ ପାଇଁ ୧୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

# ବଜେଟ ମୁଖ୍ୟାଂଶ

- ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜିନିବେଶକୁ ଗୁରୁତ୍ୱ
- ପୁଞ୍ଜି ବ୍ୟୟ ଅଟକଳ ସର୍ବାଧିକ ୬୩,୧୬୨ କୋଟି
- ପୁଞ୍ଜି ବ୍ୟୟ ଜିଏସ୍‌ଡିପିର ୬.୮%
- କାହାକୁ ଅବହେଳା ନ କରିବା ଶାସନର ମୂଳମନ୍ତ୍ର
- ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୧୧% ଅଧିକ ବ୍ୟୟ ବରାଦ
- କୃଷି ପାଇଁ ୨୮, ୯୪୪ କୋଟି
- ଆମ ଓଡ଼ିଶା-ନବୀନ୍ ଓଡିଶାକୁ ୪୦୦୦ କୋଟି
- ମେଟ୍ରୋ ରେଳ ବିକାଶ ପାଇଁ ୧୦୦୦ କୋଟି
- ରାଜ୍ୟରେ ବିଭିନ୍ନ ରେଳ ପ୍ରକଳ୍ପର ବିକାଶ ପାଇଁ ୭୦୦ କୋଟି
- ବେସାମରିକ ବିମାନ ଚଳାଚଳ ୩୭୨ କୋଟି
- ଇଭି ସବ୍‌ସିଡି ବାବଦରେ ୯୦ କୋଟି
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୫୪୫୦ କୋଟି
- ଶିକ୍ଷା କ୍ଷେତ୍ର ପାଇଁ ୩୩,୮୬୫ କୋଟି
- କାଳିଆ ଯୋଜନା ବାବଦକୁ ୧୯୩୫ କୋଟି
- କୃଷିରେ ପୁଞ୍ଜି ବିନିଯୋଗ ସବ୍‌ସିଡି ୫୮୨ କୋଟି
- କୃଷି ଋଣ ଉପରେ ସୁଧ ସବ୍‌ସିଡି ୮୩୦ କୋଟି
- ଛାତ୍ରଛାତ୍ରୀଙ୍କୁ ମାଗଣା ସାଇକଲ୍ ଯୋଗାଇବାକୁ ୩୯୦ କୋଟି
- ପିଏମ୍ ପୋଷଣ ପାଇଁ ୧୧୭୫ କୋଟି
- ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ୫୫୪ କୋଟି
- ବିଜୁ ପକ୍କାଘର ଯୋଜନା ପାଇଁ ୧୦୦ କୋଟି
- ଆମ ବସ୍‌ଷ୍ଟାଣ୍ଡ ଯୋଜନା ନିମନ୍ତେ ୨୧୦ କୋଟି
- ୧୩୦ କୋଟି ବ୍ୟୟରେ ନିର୍ମାଣ ହେବ ଟ୍ରକ୍ ଟର୍ମିନାଲ
- ନୂଆ ଯୋଜନ ଏଲ୍‌ଏସିସିଏମ୍‌ଆଇ ପାଇଁ ୧୧୯୧ କୋଟି
- ବିପର୍ଯ୍ୟୟ ପରିଚାଳନା ନିମନ୍ତେ ୩୯୦୦ କୋଟି
- ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସୌନ୍ଦର୍ଯ୍ୟୀକରଣ ପାଇଁ ୬୬ କୋଟି
- ଗ୍ରୀନ୍ ମହାନଦୀ ମିଶନ୍ ପାଇଁ ୪୨ କୋଟି
- ଓଡ଼ିଆ, ଭାଷା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ୨୨୦ କୋଟି
- ପୁରୀର ବିକାଶ ପାଇଁ ଅବଢ଼ା ଯୋଜନାରେ ୪୩୧ କୋଟି
- ସମଲେଇ ଯୋଜନା ବାବଦରେ ୫୦ କୋଟି
- ଏକାମ୍ର ଯୋଜନା ନିମନ୍ତେ ୫୦ କୋଟି

# ମିଶନ ଶକ୍ତି ଗୃହ ନିର୍ମାଣରେ ଖର୍ଚ୍ଚ ହେବ ୪୧୭ କୋଟି

ଅନ୍ତରୀଣ ବଜେଟରେ ରାଜ୍ୟ ସରକାର ମିଶନଶକ୍ତିକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ମିଶନ ଶକ୍ତି ପାଇଁ ୨୭୬୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିଭଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ଗୋଷ୍ଠୀକୁ ୧୧୭୯ କୋଟି ଟଙ୍କାର ଆର୍ଥିକ ସହାୟତା ପାଇଁ ବ୍ୟୟବରାଦ ହୋଇଛି। ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୪୧୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ମିଶନ ଶକ୍ତି ସ୍କୁଟର ଯୋଜନା ବାବଦରେ ୫୨୯ କୋଟି

'ମିଶନ ଶକ୍ତି ସ୍କୁଟର ଯୋଜନା' ଅଧୀନରେ ନିଜ ପସନ୍ଦର ସ୍କୁଟର କିଣିବା ପାଇଁ ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାସ୍ତରୀୟ ମହାସଂଘର ପ୍ରାୟ ୨ ଲକ୍ଷ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ବ୍ୟାଙ୍କ ଋଣ ପ୍ରଦାନ କରାଯାଉଛି। ଏଥିପାଇଁ ଆସନ୍ତା ପାଞ୍ଚ ବର୍ଷରେ ୫୨୯ କୋଟି ଟଙ୍କାର ବ୍ୟୟ ଆକଳନ କରାଯାଇଛି।




## ଗଠନ ହୋଇଛି ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ବଜେଟରେ ନାରୀ ସଶକ୍ତିକରଣ ହେଉଛି ଓଡ଼ିଶାର ରୂପାନ୍ତରୀକରଣର ଏକ ଅନ୍ୟତମ ମୁଖ୍ୟ ସ୍ତମ୍ଭ ବୋଲି କୁହାଯାଇଛି। ରାଜ୍ୟରେ 'ମିଶନ ଶକ୍ତି' ଯୋଜନାରେ ଏପର୍ଯ୍ୟନ୍ତ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି। ଯାହାର ମୋଟ ସଦସ୍ୟା ସଂଖ୍ୟା ବର୍ତ୍ତମାନ ପ୍ରାୟ ୭୦ ଲକ୍ଷ ରହିଛି। ୧୧୪ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାରେ ପ୍ରତି ଓ୍ୱାର୍ଡରେ ଗୋଟିଏ ଲେଖାଏଁ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି।

# ୧୧ ଓ ୧୨ରେ ବିକ୍ଷିପ୍ତ ବର୍ଷା

■ **ଭୁବନେଶ୍ୱର, ୮।୨ (ସମିସ):** ପୁଣି ରାଜ୍ୟକୁ ଫେରିବ ବର୍ଷା । ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହ କିଛି ଜିଲ୍ଲାରେ ଘନକୁହୁଡି ହେବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ଆକଳନ କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ, ୧୧ ତାରିଖରେ ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇପାରେ । ସେହିପରି ୧୨ ତାରିଖରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଆଗାମୀ ଦୁଇ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି । ଏହାର ୩ ଦିନ ପରେ ପୁଣି ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବାର ଆଶଙ୍କା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ କେବଳ ଗଜପତି ଜିଲ୍ଲାର କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇଥିବା ବେଳେ ବାକି ଜିଲ୍ଲାରେ ପାଗ ସାଧାରଣତଃ ଶୁଖିଲା ରହିଥିଲା ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-225 ◆BHUBANESWAR ◆FRIDAY ◆9 FEBRUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୨୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦






# ଶିମିଳିପାଳରେ ମହାବଳ ମୃତ

■ **ବାରିପଦା, ୮।୨ (ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ଏକ ମହାବଳ ବାଘର ମୃତଦେହ ଠାବ କରାଯାଇଛି । କିନ୍ତୁ କେଉଁ କାରଣରୁ ବାଘର ମୃତ୍ୟୁ ହୋଇଛି, ତାହା ଜଣାପଡ଼ିନାହିଁ । ଏନେଇ ବନ ବିଭାଗ ପକ୍ଷରୁ ତନାଘନା ଜାରି ରହିଛି । ଅପରପକ୍ଷେ ଏହି ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କୁ ମର୍ମାହତ କରିଛି । ଶିମିଳିପାଳ ଅଭୟାରଣ୍ୟର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ଗୁରୁବାର ସୂଚନା ଦେଇ କହିଛନ୍ତି ଯେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନ୍ୟପ୍ରାଣ ଡିଭିଜନ୍ ଅନ୍ତର୍ଗତ ନଅଁଣା ରେଞ୍ଜ ଅଧୀନରେ ଥିବା ଧୁଡୁରୁଚମ୍ପା ଜଙ୍ଗଲ ଅଞ୍ଚଳରୁ ମହାବଳ ବାଘର ମୃତଦେହ ଉଦ୍ଧାର କରାଯାଇଛି । ଗତ ୫ ତାରିଖରେ ବନ କର୍ମଚାରୀ ପାଟ୍ରୋଲିଂ କରିବା ସମୟରେ ମହାବଳ ବାଘର ମୃତଦେହ ଦେଖିବାକୁ ପାଇଥିଲେ । ପରେ କର୍ମଚାରୀମାନେ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

ପିସିସିଏଫ ସୁଶାନ୍ତ କୁମାର ନନ୍ଦଙ୍କ ସୂଚନାନୁଯାୟୀ, ଜାତୀୟ ବ୍ୟାଘ୍ର ସୁରକ୍ଷା ସଂସ୍ଥା (ଏନଟିସିଏ)ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମହାବଳ ମୃତ୍ୟୁର କାରଣ ନେଇ ତଦନ୍ତ କରିଛନ୍ତି । ଟିମ୍‌ର ଉପସ୍ଥିତିରେ ଦୁଇଜଣ ବନ୍ୟପ୍ରାଣୀ ଚିକିତ୍ସକ ମହାବଳ ବାଘର ଶବ ବ୍ୟବଚ୍ଛେଦ କରିଛନ୍ତି । ତେବେ ମୃତଦେହ ଠାବର ଦୁଇଦିନ ପୂର୍ବରୁ ମହାବଳ ବାଘର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତରୁ ଜାଣିବାକୁ

**ପରୀକ୍ଷା ପାଇଁ ଓୟୁଏଟି ଗଲା ହାଡ଼ ଓ ଅନ୍ୟ ନମୁନା**

**ବନ ବିଭାଗର ତନାଘନା**

ପାଇଛି । ମୃତ ମହାବଳର ବୟସ ପାଖାପାଖି ସାଢ଼େ ତିନିବର୍ଷ ହେବ । ତା'ର ସ୍ୱାଭାବିକ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ହାଡ଼ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରି ଯାଞ୍ଚ ନିମନ୍ତେ ଭୁବନେଶ୍ୱର ଓୟୁଏଟି ପରୀକ୍ଷାଗାରକୁ ପଠାଇବା ସହ ମୃତଦେହକୁ ପୋତି ଦିଆଯାଇଛି । ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡା. ଗୋଗିନେନୀ ପ୍ରକାଶ କରିଛନ୍ତି ।

# ରାଜ୍ୟର ଋଣଭାର ପୋଷଣୀୟ

■ **ଭୁବନେଶ୍ୱର, ୮।୨ (ସମିସ):** ରାଜ୍ୟର ଋଣଭାର ବେଶ୍ ପୋଷଣୀୟ ସ୍ଥିତିରେ ରହିଛି । ରାଜ୍ୟ ମହାଲେଖାଗାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ ଋଣର ପରିମାଣ ୯୨୭୫୪ କୋଟି ଟଙ୍କା ରହିଛି; ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୧୦.୮ ପ୍ରତିଶତ ଅଟେ । ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ୍ ପରିଚାଳନା (ଏଫଆର୍‌ବିଏମ୍) ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ଜିଏସଡିପିର ୨୫ ପ୍ରତିଶତ ମଧ୍ୟରେ ରହିବା ଆବଶ୍ୟକ । ଏହି ଦୃଷ୍ଟିରୁ ଡିସେମ୍ବର ମାସର ଋଣ ପରିମାଣ ବିଚାରକୁ ନେଲେ ଏହା ବେଶ୍ ପୋଷଣୀୟ ସ୍ଥିତିରେ ରହିଥିବା ଜଣାପଡ଼ିଛି । ଆଜି ବିଧାନସଭାରେ ବଜେଟ ଆଗତ କରିବା ପରେ ସାମ୍ବାଦିକ ସମ୍ମିଳନୀରେ ଏନେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ବିଭାଗୀୟ ପ୍ରମୁଖ ସଚିବ ବିଶାଲ ଦେବ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ଋଣବୋଝ ପରିମାଣ ମୋଟ ଜିଡିପିର ୧୩.୧ ପ୍ରତିଶତ ହେବ ।



**ପୁଞ୍ଜି ବ୍ୟୟ ଅଟକଳ ଦେଶର ପ୍ରମୁଖ ରାଜ୍ୟଙ୍କ ମଧ୍ୟରେ ସର୍ବାଧିକ**

**ଜାତୀୟ ହାରଠାରୁ ରାଜ୍ୟର ଅଭିବୃଦ୍ଧି ହାର ଅଧିକ**

**ଖୋଲା ବଜାରରୁ ଉଠିବ ୧୨,୩୦୦ କୋଟି ଋଣ**

ଯାହା ଧାର୍ଯ୍ୟ ୨୫ ପ୍ରତିଶତଠାରୁ ଯଥେଷ୍ଟ କମ୍ ଅଟେ । ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ଅର୍ଥନୀତିର ଅଭିବୃଦ୍ଧି ହାର ଦେଶର ଅଭିବୃଦ୍ଧି ହାର ୭.୩ ତୁଳନାରେ ଅଧିକ ଅର୍ଥାତ୍ ୮.୫ ପ୍ରତିଶତ ରହିବ, ଯାହା ରାଜ୍ୟର ଉନ୍ନତ ଏବଂ ଶୃଙ୍ଖଳିତ ବିତ୍ତୀୟ ପରିଚାଳନାକୁ ଦର୍ଶାଉଛି । ଅନ୍ୟପକ୍ଷରେ ୨୦୨୪-୨୫ରେ ରାଜ୍ୟର ପୁଞ୍ଜିବ୍ୟୟ ଅଟକଳ ୬୩୧୬୨ କୋଟି ଟଙ୍କା ହେବା ନେଇ ଆକଳନ କରାଯାଇଥିବା ବେଳେ ଏହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ପ୍ରାୟ ୬.୮ ପ୍ରତିଶତ ଅଟେ । ଏହା ଦେଶର ସମସ୍ତ ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ । ସେହିପରି ଆନୁମାନିକ ରାଜସ୍ୱ ବଳକା ୩୭୦୭୭ କୋଟି ଟଙ୍କା ରହିବାକୁ ଥିବାବେଳେ ଏହା ଜିଏସ୍‌ଡିପିର ୪ ପ୍ରତିଶତ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଏଫଆର୍‌ବିଏମ ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ଜିଏସଡିପିର ୨୫ ପ୍ରତିଶତ ଏବଂ ସୁଧ ଦେୟ ଏବଂ ରାଜସ୍ୱ ଆୟର ଅନୁପାତ(ଆଇପି/ଆରଆର)-୧୫ ପ୍ରତିଶତ ମଧ୍ୟରେ ରହିବା ଆବଶ୍ୟକ । ୨୦୨୪-୨୫ରେ ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୩.୭ ପ୍ରତିଶତ ରହିବା ନେଇ ଆକଳନ କରାଯାଉଛି । ଯାହା ବେଶ୍ ପୋଷଣୀୟ ଅଟେ । ଅନ୍ୟପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ବାବଦକୁ ରାଜ୍ୟ ସରକାର ୪୮ ୬୦୦ କୋଟିରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଖୋଲା ବଜାରରୁ ୧୨୩୦୦ କୋଟି ଋଣ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି । ସେହିପରି ରାଜ୍ୟର ମୁଣ୍ଡପିଛା ଋଣ ପ୍ରାୟ ୨୨୨୦୮ ଟଙ୍କା ରହିଥିବା ଜଣାପଡ଼ିଛି ।







# ୧୦ କୋଟି ଖର୍ଚ୍ଚରେ ନୂତନ ଟାଉନ୍ ହଲ୍ ନିର୍ମାଣ ଆରମ୍ଭ

## ୯୦୦ ସିଟ୍ ସହ ଉତ୍ତମ ପାର୍କିଂ ବ୍ୟବସ୍ଥା ହେବ

**ସମ୍ବଲପୁର, ୮।୨(ସମିସ)**

ସମ୍ବଲପୁର ସହରବାସୀଙ୍କ ବହୁଦିନର ଦାବି ପୂରଣ ହେବାକୁ ଯାଉଛି। ପ୍ରସ୍ତାବିତ ଅତ୍ୟାଧୁନିକ ନୂତନ ଟାଉନ୍ ହଲ୍ ନିର୍ମାଣ ଆରମ୍ଭ ହୋଇଛି। ଲୋକଙ୍କ ବାରମ୍ବାର




ଦାବି ପରେ ରାଜ୍ୟ ସରକାର ଘୋଷଣା କରିବା ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ମଞ୍ଜୁର କରିବା ପରେ ପ୍ରକଳ୍ପ କାମ ପୂର୍ତ୍ତ ବିଭାଗ ହାତକୁ ନେଇଛି। ଫାର୍ମରୋଡ଼ ଚେରୁଆପଡ଼ା ନିକଟରେ ଏହି ହଲ୍ ନିର୍ମାଣ କାମ ଠିକା ସଂସ୍ଥା ଆରମ୍ଭ କରିଛି। ପ୍ରାୟ ୩ ଏକର ଜମିରେ ଏହି ଟାଉନ ହଲ୍ ନିର୍ମାଣ ହେବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ୧୦କୋଟି ଅନୁଦାନ ଦେଇଛି। ପ୍ରକଳ୍ପ କାମ ଏକବର୍ଷ ଭିତରେ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଟାଉନ ହଲ୍‌ରେ ୮ ଶହ ସିଟ୍ ବିଶିଷ୍ଟ ଏକ ହଲ୍ ରହିବ। ଏହି ହଲ୍‌ରେ ସମସ୍ତ ସୁବିଧା ରହିବ। ସମ୍ମୁଖରେ ଏକ ବଡ଼ ପାର୍କିଂ ସ୍ଥାନ ନିର୍ମାଣ କରାଯିବ। ଏଥିରେ ୨୦୦ରୁ ଅଧିକ ଗାଡ଼ି ପାର୍କିଂ କରାଯାଇ ପାରିବ। ପାର୍କ, ସବୁଜ ସୁନ୍ଦର କରାଯିବ। ଦୋକାନ ଗୃହ ମଧ୍ୟ ରହିବାର ସ୍ଥିର ହୋଇଛି। ଡିସେମ୍ବର ୨୦୨୪ ସୁଦ୍ଧା ଶେଷ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ପାଇଁ ୨ବର୍ଷ ପୂର୍ବରୁ ଅନୁଦାନ ମଞ୍ଜୁର ହୋଇଥିଲା। ହେଲେ କାମ ଆରମ୍ଭ ହୋଇ ପାରୁ ନଥିଲା। ସହର ଭିତରେ ଜମି ମିଳିବା ଏକ ପ୍ରମୁଖ ସମସ୍ୟା ରହିଥିଲା। ଏବେ ଫାର୍ମରୋଡ଼ରେ କୃଷି ବିଭାଗର ଥିବା ୩ଏକର ଜମି ହସ୍ତାନ୍ତର କରିବା ପରେ ନିର୍ମାଣ କାମ ଆରମ୍ଭ ହୋଇଛି। ସମ୍ବଲପୁର ସହର ଭିତରେ ବଡ଼ଧରଣର ବୈଠକ କିମ୍ବା ସରକାରୀ କାର୍ଯ୍ୟ କରିବାକୁ ସମସ୍ୟା ହେଉଛି। ତପସ୍ୱିନୀ ପ୍ରେକ୍ଷାଳୟରେ ୩୦୦ ଲୋକଙ୍କ ବସିବା ପାଇଁ କ୍ଷମତା ରହିଛି। ଏବେ ନୂତନ ଟାଉନ ହଲ୍‌ରେ ୮ ଶହ ସିଟ ବିଶିଷ୍ଟ ଏକ ହଲ୍ ନିର୍ମାଣ ହେବ। ଏକାସାଥୀରେ ଏତେସଂଖ୍ୟାରେ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ହୋଇପାରିବ। ଯାହାକୁ ନେଇ ସହରବାସୀ ବେଶ୍ ଉତ୍ସାହିତ ରହିଛନ୍ତି। ସୂଚନାଯୋଗ୍ୟ ଯେ, ମୁଦିପଡ଼ା ନିକଟରେ ୨୦୧୭ ମସିହାରେ ଟାଉନ ହଲ୍ ନିର୍ମାଣ ହୋଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରି ପିଲର ଗୁଡ଼ିକ ଛିଡ଼ା କରାଯାଇଥିଲା। ହେଲେ ଅଗ୍ନିଶମ ବିଭାଗ ଅନୁମତି ମିଳିବାରେ ସମସ୍ୟା ହେବା ଯୋଗୁଁ କାମ ଅଧାରେ ଛାଡ଼ି ଦିଆଯାଇଛି। ଆଜିମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ଏହା ପଡ଼ିରହିଛି। ଏହାକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ନୂତନ ସ୍ଥାନରେ ଟାଉନ ହଲ୍ ନିର୍ମାଣ କରିବାକୁ ଦାବି କରିଆସୁଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ ତ୍ରିପାଠୀଙ୍କ ସମ୍ବଲପୁର ଗସ୍ତ ସମୟରେ ଲୋକମାନେ ଦାବି ମଧ୍ୟ କରିଥିଲେ। ଏହି ସମୟରେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ କାମ ଶୀଘ୍ର ହେବ ବୋଲି କହିଥିଲେ।



### ଟୋଲ୍‌ଗେଟ୍ କର୍ମଚାରୀଙ୍କୁ ମାଡ଼ ଘଟଣା

# କାହା ଚାପରେ ଏତଲା ଚାପି ରଖିଲା ପୁଲିସ ?

**ସମ୍ବଲପୁର,୮।୨(ସମିସ):** ସମ୍ବଲପୁର ପଢ଼ିଆବାହାଲଠାରେ ଥିବା ଜଣେ ଟୋଲ୍‌ଗେଟ କର୍ମଚାରୀଙ୍କୁ ଜିଲ୍ଲାର ଜଣେ ବିଜେପି ନେତ୍ରୀ ମାଡ଼ ଘଟଣା ମାମଲାକୁ ପୁଲିସ ରଫାଦଫା କରିଦେଇଥିବା ଅଭିଯୋଗ ହୋଇଛି। ଉଭୟ

### ମାଡ଼ଖାଇ କାହିଁକି ଆପୋଷ ବୁଝାମଣା କଲେ କର୍ମଚାରୀ ?

ପକ୍ଷ ଥାନାକୁ ଯାଇ ଆପୋଷ ବୁଝାମଣା କରିଥିଲେ ହେଁ ଏଥିରେ ସଦର ପୁଲିସର ଭୂମିକାକୁ ସନ୍ଦେହ କରାଯାଉଛି। ଗତ ୫ ତାରିଖରେ ସଂପୃକ୍ତ ବିଜେପି ନେତ୍ରୀ କୌଣସି କାରଣକୁ ନେଇ ଉକ୍ତ ଟୋଲ ଗେଟର କର୍ମଚାରୀଙ୍କୁ ମାଡ଼ ମାରୁଥିବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଘଟଣା ପରେ ମାଡ଼ ଖାଇଥିବା କର୍ମଚାରୀ ସଦରଥାନାରେ ଏତଲା ଦେଇଥିଲେ ମଧ୍ୟ ସଙ୍ଗେ ସଙ୍ଗେ ମାମଲା ରୁଜୁ କରାନଯାଇ ଅଭିଯୋଗକୁ ଅଯଥା ଅଟକାଇ ରଖାଯାଇ ଅଭିଯୁକ୍ତ ବିଜେପି ନେତ୍ରୀଙ୍କ ତରଫରୁ କେମିତି ପ୍ରତି ଅଭିଯୋଗ ଆସିବ ତାକୁ ସୁଯୋଗ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏହି ମାମଲାକୁ ରଫାଦଫା କରିବାରେ ଯେଭଳି ସୁବିଧା ହେବ ସେନେଇ ସଦର ପୁଲିସ ବାଟ ବାହାର କରିଥିବା କୁହାଯାଉଛି। ପୁଲିସ ଜାଣିଶୁଣି ବିଜେପି ନେତ୍ରୀଙ୍କୁ ସୁହାଇଲା ପରି କାମ କରିଥିବା ଅଭିଯୋଗ ହୋଇଛି। ଫଳରେ ବିଜେପି ନେତ୍ରୀଙ୍କ ପ୍ରତି ପୁଲିସର ଅହେତୁକ ଅନୁକମ୍ପା ପ୍ରମାଣିତ ହୋଇଥିବା ବେଳେ ମାଡ଼ ଖାଇଥିବା କର୍ମଚାରୀ କାନମୁଣ୍ଡ ଆଉଁସି



ଚୁପ୍ ରହିବାକୁ ବାଧ୍ୟ ହୋଇଥିବା ଅଭିଯୋଗ ହୋଇଛି। ଏତଲା ଦେଲା ପରେ ବି ଆପୋଷ ବୁଝାମଣା କରିବାକୁ ପୁଲିସ ଏକପ୍ରକାର ଚାପ ପକାଇଥିବା ଚର୍ଚ୍ଚା ହେଉଛି। ପୁଲିସ ହାତରେ ଯଥେଷ୍ଟ ପ୍ରମାଣ ରହିଥିଲେ ମଧ୍ୟ ଘଟଣାକୁ ହାଲୁକା କରି ଜଣେ କର୍ମଚାରୀଙ୍କୁ ନ୍ୟାୟ ଦେବାରେ ଅନ୍ତରାୟ ସୃଷ୍ଟି କରିଥିବା ପଛରେ କଣ ରହସ୍ୟ ରହିଛି ତାକୁ ନେଇ ନାନା କଥା ଶୁଣା ଯାଉଛି। ମାଡ଼ଖାଇଥିବା କର୍ମଚାରୀ ଏବେ ଭୟଭିତ ଅବସ୍ଥାରେ ଥିବା ଜଣାଯାଇଛି।

# 'ସୁରଘୁଙ୍ଗୁର ପ୍ରତିଭା ସମ୍ମାନ' ଉଦ୍‌ଯାପିତ ଶିଶୁ କଳାକାରଙ୍କ ନୃତ୍ୟରେ ଦର୍ଶକ ବିମୋହିତ

**ରେଢ଼ାଖୋଲ,୮।୨(ସମିସ):** ସ୍ଥାନୀୟ କଦମ୍ବ ପଡ଼ିଆ ଠାରେ ୨୦ତମ ରାଜ୍ୟ ସ୍ତରୀୟ ସୁରଘୁଙ୍ଗୁର ମହୋତ୍ସବ ପରିପ୍ରେକ୍ଷୀରେ ଚାଲିଥିବା 'ସୁରଘୁଙ୍ଗୁର ପ୍ରତିଭା ସମ୍ମାନ' ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ସମିତି ସଭ୍ୟ ସଞ୍ଜୟ ବେହେରା(ଦକ୍ଷ) ଯୋଗ ଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଶହଶହ କଳାକାର ଅଂଶ ଗ୍ରହଣ କରିଥିଲେ। ଶିଶୁ କଳାକାର ମାନଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ। ଏଥିରେ ବିଚାରକ ଭାବରେ ପ୍ରଶାନ୍ତ ଭାଇନା, କୃଷ୍ଣ ଚନ୍ଦ୍ର ମେହେର, ବିଜୟ ବେହେରା, ଉମାକାନ୍ତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ ନାଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆବାହକ ରମାକାନ୍ତ ମହାନନ୍ଦ, ଉପସଭାପତି ରଶ୍ମି ରଞ୍ଜନ ଖଡ଼ିରତ୍ନ, କୋଷାଧ୍ୟକ୍ଷ ତପନ କୁମାର ବିଶ୍ୱାଳ, ସହ ସମ୍ପାଦକ ଗଜାନନ ଭେସରା, ନନ୍ଦୁ ମୀରି, ଭବାନୀ ଶଙ୍କର ପଣ୍ଡା, ସୁଧାଂଶୁ ପୁରୋହିତ, ଚନ୍ଦନ ବେହେରା, ସୁଭଦ୍ର ଭବସାଗର, ନୀଳାମ୍ବର ସୁନା, ହରିହର ପୁରୋହିତ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



### ଚାଷ କାମ କରିଯିବା ବେଳେ ଅଘଟଣ

# ଗୁଲୁମ ଘାଟିରେ ଓଲଟିଲା ଗାଡ଼ି, ୧୦ ଆହତ, ୪ ଗୁରୁତର





**ସମ୍ବଲପୁର, ୮।୨(ସମିସ):** ମହିଳାଙ୍କୁ ନେଇ ଚାଷ କାମ କରିଯିବା ବେଳେ ଘଟିଲା ଅଘଟଣ। ଗୁଲୁମଘାଟି ଗୁଲୁମେଶ୍ୱରୀ ମନ୍ଦିର ସମ୍ମୁଖରେ ଭାରସାମ୍ୟ ହରାଇ ଏକ ଟାଟା ମ୍ୟାଜିକ ଗାଡି ଓଲଟି ୧୦ରୁ ଅଧିକ ମହିଳା ଆହତ ସହ ୪ ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ପ୍ରାଥମିକ ସୂଚନା ଅନୁସାରେ ନୂଆବରଙ୍ଗମାଲ ଗ୍ରାମରୁ ଗୁରପାଲି ଗ୍ରାମକୁ ଚାଷ କାର୍ଯ୍ୟ କିରିବା ପାଇଁ ୧୭ ଜଣ ମହିଳା ଶ୍ରମିକଙ୍କୁ ଏକ ଟାଟା ମ୍ୟାଜିକ ଗାଡି ନେଇ ଯାଉଥିଲା। ଗୁଲୁମଘାଟିରୁ ଗାଡିଟି ତଳକୁ ଖସିଲା ବେଳେ ଗୁଲୁମେଶ୍ୱରୀ ମନ୍ଦିର ସମ୍ମୁଖରେ ପ୍ରଥମେ ବହୁତ ଜୋରରେ ଟଳମଳ ହୋଇଥିଲେ। ପରେ ଏକ ଖାଲ ନିକଟରେ କେହି କିଛି ନଭାବିବା ଆଗରୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା ବୋଲି ଜଣେ ଆହତ ମହିଳା କହିଛନ୍ତି। ସମସ୍ତ ମହିଳାଙ୍କୁ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ମହିଳାଙ୍କ ମୁଣ୍ଡରେ ମାଡ ହୋଇ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଦୁଇ ଜଣଙ୍କ ହାତ ଓ ଗୋଡ ଭାଙ୍ଗି ଯାଇଥିବା ଜଣା ପଡ଼ିଛି। ଅନ୍ୟ ୧୦ ଜଣ ମହିଳା ସାମାନ୍ୟ ଆହତ ହୋଇ ଚିକିତ୍ସିତ ହୋଇଛନ୍ତି।

# କୁଚିଣ୍ଡା-ଦେବଗଡ଼ କେନ୍ଦୁପତ୍ର ମଣ୍ଡଳର ସମୀକ୍ଷା ବୈଠକ

**କୁଚିଣ୍ଡା,୮।୨(ସମିସ):** କୁଚିଣ୍ଡା ଓ ଦେବଗଡ଼ କେନ୍ଦୁଲିଭ ଡିଭିଜନର ୱେଲଫେୟାର ବୋର୍ଡ ପକ୍ଷରୁ ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ଉଦ୍ୟମରେ ଏକ ସମୀକ୍ଷା ବୈଠକ କୁଚିଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସାମାଜିକ ଯୋଜନା ସହ ତୋଳାଳି, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୁଚିଣ୍ଡା ଡିଭିଜନରେ



ପୂର୍ବବର୍ଷ ୩୯, ୮୭୯ ତୋଳାଳି ଥିବାବେଳେ ଚଳିତବର୍ଷ ଏହା ୪୨, ୫୭୦କୁ ବୃଦ୍ଧି ହୋଇଛି। ଶତପ୍ରତିଶତ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଇତିମଧ୍ୟରେ ୮୯୨୩ ଜଣ କେନ୍ଦୁପତ୍ର ପରିବାରରେ ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ସେହିପରି ଦେବଗଡ଼ ଡିଭିଜନରେ ୪୦, ୬୭୪ଜଣ ଥିବାବେଳେ ବର୍ତ୍ତମାନ ୪୫, ୬୦୯କୁ ବୃଦ୍ଧି ହୋଇଛି। ସମସ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଦେବଗଡ଼ ଡିଭିଜନର କେନ୍ଦୁପତ୍ର ପରିବାର ରୁ ୬୫୪୬ ଜଣଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ରାଜ୍ୟ ସଭାପତି ବିଜୟ ମହାନ୍ତି, ଡିଏଫ୍‌ଓ ଦେବାର୍ଚ୍ଚନ ବେହେରା, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତିଙ୍କ ସମେତ କୁଚିଣ୍ଡା ଓ ଦେବଗଡ଼ ଡିଭିଜନର ସମସ୍ତ ରେଞ୍ଜ ଅଫିସର, ସିଜନାଲ କର୍ମଚାରୀ ଉପସ୍ଥିତ ଥିଲେ।

# 'ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି' ଉଦ୍‌ଯାପିତ

**ରେଢ଼ାଖୋଲ, ୮।୨(ସମିସ):** ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆଠମଲ୍ଲିକର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାଏକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ମହତ୍ତ୍ୱ ବିଷୟରେ ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ଭୀମଭୋଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ଅଧ୍ୟକ୍ଷ ଓ ପ୍ରାଧ୍ୟାପକ ଡ଼. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂହ ଯୋଗଦେଇ ଓଡ଼ିଆ ଭାଷାର ଉତ୍ପତ୍ତି ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା ଓ ନୋଡାଲ ଅଫିସର ପ୍ରଭୂଦତ୍ତ ସ୍ୱାଇଁ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କଲେ ଅଧ୍ୟାପିକା

**କୁଚିଣ୍ଡା, ୮।୨(ସମିସ):** ଦିଲ୍ଲୀରେ ଆୟୋଜିତ ଗଣତନ୍ତ୍ର ଦିବସ ପ୍ୟାରେଡ୍ ଶିବିରରେ କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟାପିକା ବେଲମତୀ କୁମୁରା ଓଡ଼ିଶାର ପ୍ରତିନିଧିତ୍ୱ କରି କୁଚିଣ୍ଡା ମହାବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସରେ ସେ ଦ୍ୱିତୀୟ ଏବଂ କୁଚିଣ୍ଡା ମହାବିଦ୍ୟାଳୟର ପ୍ରଥମ ବ୍ୟକ୍ତି ଭାବେ ଏହି ରାଷ୍ଟ୍ରୀୟ ଶିବିରରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଏହି ଶିବିର



ସମେତ ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶାରୁ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୮ଜଣ ଛାତ୍ରୀଙ୍କ ସମେତ ଅଧ୍ୟାପିକା ସୁଶ୍ରୀ କୁମୁରା ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିଲେ। ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଜଗଦୀପ ଧନକଡ, ଖେଳ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ତାଙ୍କୁ ସ୍ୱତନ୍ତ୍ର ରୂପେ ନିମନ୍ତ୍ରଣ କରିଥିଲେ। ବିଭିନ୍ନ ସମୟରେ ଏନ୍‌ଏସ୍‌ଏସ୍ ତରଫରୁ ସୁଶ୍ରୀ କୁମୁରା ଜନସଚେତନତାଧର୍ମୀ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛତା, ଟ୍ରାଫିକ, ସାଇବର ସଚେତନତା, ବୃକ୍ଷରୋପଣ, ନାରୀ ସଶକ୍ତିକରଣ, ରକ୍ତଦାନ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ଆଦି ବିଷୟରେ ଲୋକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି କୁଚିଣ୍ଡା ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅଧ୍ୟାପନା ସହିତ ସମାଜସେବା ତାଙ୍କ ଜୀବନର ବ୍ରତ। ରାଜ୍ୟ ଏନ୍‌ଏସ୍‌ଏସ୍ ନିର୍ଦ୍ଦେଶିକା ସରିତା ପଟେଲ, ଯୁଥ୍ ଅଫିସର ଅଜିତ ଖୁସୱାହା ତଥା ସମସ୍ତ କର୍ମଚାରୀ ଭୁବନେଶ୍ୱର ଠାରେ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କ ଏହି ସଫଳତା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ରାଜ୍ୟପାଳ ଓଡ଼ିଶା ଓ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ସାକ୍ଷାତ ହେବାର କାର୍ଯ୍ୟକ୍ରମ ରହିଛି। କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର, ଗଭର୍ଣ୍ଣି ବଡି ସଭାପତି ହୃଦାନନ୍ଦ ଶର୍ମା ଏବଂ ସମସ୍ତ ସଦସ୍ୟ, ପୁରାତନ ଛାତ୍ର ସଂସଦ, ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମହାବିଦ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଧୂଳି, ପାଉଁଶମୁକ୍ତ ଓ ଅନବରତ ବିଦ୍ୟୁତ ଯୋଗାଣ ପାଇଁ ଧାରଣା

**ରେଢ଼ାଖୋଲ, ୮।୨(ସମିସ):** ରେଢାଖୋଲ ସହରକୁ ଧୂଳି, ପାଉଁଶରୁ ବଞ୍ଚାଇବା ଏବଂ ବିଜୁଳି ସମସ୍ୟାର ସମାଧାନ ଦାବିରେ ରେଢାଖୋଲ ବିଜେପି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ବିଷାକ୍ତ ପାଉଁଶ, ଧୂଳି ଯୋଗୁ ସହରବାସୀ ଅତିଷ୍ଠ ହୋଇପଡ଼ିଲେଣି। ନାନାଦି ରୋଗ ଦେଖାଦେଲାଣି। ଏତଦ୍ ବ୍ୟତୀତ ଅଘୋଷିତ ବିଜୁଳି କାଟ୍ ଯୋଗୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ବିଜେପି ପକ୍ଷରୁ ଅଭିଯୋଗ ହୋଇଛି। ଏସବୁ ସମସ୍ୟାର ସମାଧାନ ଦାବିରେ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ରେଢାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲଶ। ଶ୍ରୀ ଅଗ୍ରୱାଲଙ୍କ ନେତୃତ୍ୱରେ କର୍ମୀମାନେ ପ୍ରତିବାଦ କରିବା ସହ ସମ୍ବଲପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅଘୋଷିତ ବିଦ୍ୟୁତ କାଟ୍ ବନ୍ଦ କରିବା, ଧୂଳି, ପାଉଁଶ ପାଇଁ ସହର ଭିତରେ ପାଣି ସିଞ୍ଚନ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ ରହଇଛି। ଏହି ଅବସରରେ ରେଢାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷ ଅନୁସୂୟା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ, କୁମୁଦ ନାଗ, ବିରେଞ୍ଚି ପ୍ରଧାନ, ଦିଲ୍ଲୀପ ପ୍ରଧାନ, ପ୍ରମୋଦ ମାଝୀ, ହରିହର ସାହୁ, ବିଚିତ୍ରାନନ୍ଦ ସାହୁ, ରାମ ଭୋଇ, ସଞ୍ଜୀବ କୁମାର ପ୍ରଧାନ, ରଶ୍ମୀରଞ୍ଜନ ପ୍ରଧାନ ପ୍ରମୁଖ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ**

**ନାମଲେଖା ବିଜ୍ଞାପନ- ୨୦୨୪-୨୫**

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।

ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୨୨୫୦୦୩, ୯୪୩୯୩୬୨୨୨୦

# 'ଆମ ସଂସ୍କୃତି, ଆମ ଖେଳଣା' କାର୍ଯ୍ୟକ୍ରମ

**ନାକଟିଦେଉଳ, ୮।୨(ସମିସ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର କଞ୍ଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି



'ଆମ ସଂସ୍କୃତି ଓ ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ୭ ତାରିଖ ଦିନ ସିଆର୍‌ସିସି ଲୋକନାଥ ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କିସିଣ୍ଡା ଏବଂ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ମୋଟ୍ ୩୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ୫୦ରୁ ଊର୍ଦ୍ଧ୍ୱ ଖେଳଣା ପ୍ରସ୍ତୁତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଲୋକନାଥ ସାମଲ ଏବଂ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ବଞ୍ଚାଗୋଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ ଯୋଗଦାନ କରି ଏହି କର୍ମଶାଳାର ଉଦ୍ଦେଶ୍ୟ ଓ ଉପକାରିତା ଉପରେ ଆଲୋକପାତ କରିଥିଲେ। ସୁନ୍ଦର ଏବଂ ଆକର୍ଷଣୀୟ ଖେଳଣା ପ୍ରସ୍ତୁତ କରିଥିବା ଶିକ୍ଷକ ପୁରୁଷୋତ୍ତମ ଦେହୁରୀ, ଜଗନ୍ନାଥ ଦେହୁରୀ, ସୁଜିତ୍ କୁମାର ସାହୁ, ଶିକ୍ଷୟିତ୍ରୀ ଶକୁନ୍ତଳା ଧରୁଆ ଏବଂ ମଧୁମିତା ବରିହାଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାସହ ଏଥିରେ ଅଂଶଗ୍ରହଣ କରିଥିବା ଶିକ୍ଷକଙ୍କୁ ମଧ୍ୟ ସାର୍ଟିଫିକେଟ ଦେଇ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ବାବୁଲାଲ ବିଶି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସୁଜିତ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତଃଜିଲ୍ଲା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ: ମନଜିତ୍ ଓ ହ୍ୟାପୀ ଚାମ୍ପିଅନ

**ଜମନକିରା, ୮।୨(ସମିସ):** ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପିଇଟି କଲେଜ୍ ପଡ଼ିଆରେ ଚତୁର୍ଥ କେଜିଏଫ୍ ଆନ୍ତଃଜିଲ୍ଲା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ହୋଇଯାଇଛି। ଏଥିରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ଦେବଗଡ଼, ବଲାଙ୍ଗିରର ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଲୁଣ୍ଡି ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ା. ସୁରେଶ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୌଡ଼ପାଲି ଫାଣ୍ଡି ଅଧିକାରୀ ସୁଧୀର ମହାକୁଲ, ଯୁବ ଉଦ୍ୟୋଗୀ ସୁଦୀପ ନାଥ, ସମ୍ବଲପୁର ଛାତ୍ର ବିଜେଡ଼ି ଉପ ସଭାପତି ସୁଶାନ୍ତ ମେହେର, ସମ୍ବଲପୁର ବିଜେଡ଼ି ସାଧାରଣ ସମ୍ପାଦକ ଧୀରେନ୍ଦ୍ର ଶର୍ମା ଓ କୁଲୁଣ୍ଡି ନାଏବ ସରପଞ୍ଚ ତଥା ସାମାଜିକ କର୍ମୀ ସୁମନ୍ତ ଗଡ଼ତିଆ ମଞ୍ଚାସୀନ ଥିଲେ। ଫାଇନାଲ ଖେଳରେ ବରଗଡ଼ ସରସରାର ପ୍ରିତିଶ ଭୋଇ ଓ ସୁଦିପ ପ୍ରଧାନଙ୍କୁ ସମ୍ବଲପୁର ମାନେଶ୍ୱରର ମନଜିତ ମେହେର ଓ ହ୍ୟାପୀ ମହାପାତ୍ର ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ବିଜେତା ଦଳକୁ ଟ୍ରଫି ସହିତ ନଗଦ ୭ହଜାର ଟଙ୍କା ଓ ଜର୍ସି ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହିତ ନଗଦ ୫ହଜାର ଟଙ୍କା ସହିତ ଜର୍ସି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। କେଜିଏଫ୍ କ୍ଲବର ଜଗଦୀଶ ବେହେରା, ମୁକେଶ ପ୍ରଧାନ, ସୁରଜ ପ୍ରଧାନ, ଦର୍ଶନ ପ୍ରଧାନ, ସଂଜିତ କାଲସେଇ, ଅମନ ପ୍ରଧାନ, ସାହିଲ ପ୍ରଧାନ, ସ୍ୱସ୍ତିକ କାଣ୍ଡ, ଆଶୀର୍ବାଦ ଦାସ, ସତ୍ୟନାରାୟଣ ସାହୁ, ହେମନ୍ତ ନାୟକ, ଓମପ୍ରକାଶ ଶର୍ମା, ରାଜେଶ ପଧାନ, ଲତିଶ ପଧାନ, ସୋହନ ପଧାନ, ମୋହନ ଚନ୍ଦ୍ର ପଧାନ, ଦୀପକ ବେହେରା, ରାଜେଶ ସାହୁ ଓ ସାମ୍ବାଦିକ ସୁବାସ ନାଥ ଶର୍ମା ପ୍ରତିଯୋଗିତାର ସଫଳ ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।





୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ୍
ଭାରତ-ଅଷ୍ଟ୍ରେଲିଆ ଫାଇନାଲ୍
▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-225 ◆BHUBANESWAR ◆FRIDAY ◆9 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୨୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ୩୦ ଜିଲ୍ଲାରୁ ମିଳିଛି ୩ କୋଟି ୬ଲକ୍ଷ 'ଅର୍ପଣ' ଟଙ୍କା

■ **ପୁରୀ, ୮।୨(ସମିସ):** ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ରାଜ୍ୟବ୍ୟାପୀ ବୁଲିଥିବା ଅର୍ପଣ ରଥରୁ ମୋଟ ୩ କୋଟି ୬ଲକ୍ଷ ୬୨ ହଜାର ୮୧୩ ଟଙ୍କା ସଂଗୃହୀତ ହୋଇଛି। ଏହି ଅର୍ଥକୁ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରିଛି ବୋଲି ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସଂଗୃହୀତ ଅର୍ଥ ଶ୍ରୀମନ୍ଦିର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସବୁ ଲୋକେ ପୁରୀ ଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ, ଅରୁଆ ଚାଉଳ, ନଡ଼ିଆ ସଂଗ୍ରହ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ, ଗତ ଜାନୁଆରୀ ୬ ତାରିଖଠାରୁ ରାଜ୍ୟର ପ୍ରତି ଗାଁ ଗଣ୍ଡା ଏବଂ ସହର ବଜାରର ବିଭିନ୍ନ ୱାର୍ଡରେ ଗଡ଼ିଥିଲା ଅର୍ପଣ ରଥ। ପ୍ରତିଟି ପରିବାର ଏଥିରେ ଉଦ୍‌ବୁଦ୍ଧ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ଅରୁଆ ଚାଉଳ, ଗୁଆ, ନଡ଼ିଆ, ଟଙ୍କା। ପ୍ରାୟ ସପ୍ତାହେ ଧରି ଏହି ରଥ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ବୁଲିଥିଲା। ପରେ ଗତ ଜାନୁଆରୀ ୨୨ ତାରିଖରୁ ଶ୍ରୀମନ୍ଦିରରେ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଡୋନେସନ ସେଲ୍ ଖୋଲାଯାଇ ଜିଲ୍ଲାୱାରୀ ଏହି ଅର୍ଥ ସଂଗ୍ରହ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ୪ଟି କାଉଣ୍ଟର କରାଯାଇଥିବା ବେଳେ କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିସହ ୫ଟି ଟଙ୍କାଗଣା ମେସିନ୍ ରଖାଯାଇଥିଲା। ତେବେ ଜାନୁଆରୀ ୨୨ରୁ ଫେବୃଆରୀ ୭ ତାରିଖ ପର୍ଯ୍ୟନ୍ତ ୩୦ଟି ଯାକ ଜିଲ୍ଲାରୁ ବିଭିନ୍ନ କାର୍ଯ୍ୟାଳୟ ଯଥା ଜିଲ୍ଲାପରିଷଦ, ଜିଲ୍ଲାପାଳ, ପଞ୍ଚାୟତ ସମିତି, ପୌର ସଂସ୍ଥା ଏବଂ ଗ୍ରାମ ପଞ୍ଚାୟତ ତରଫରୁ ପ୍ରତିନିଧିମାନେ ଆସି ଟଙ୍କା ଦେଇ ରସିଦ୍ ସଂଗ୍ରହ କରି ନେଉଥିଲେ।

## ଲୋକକଥା



ବିଧାନସଭାରେ ମାଇକ ଓପାଡ଼ି
ଦେଖାଅ ପାଇକ ପଣ,
ରାଜ୍ୟ ପ୍ରଗତିକୁ ପ୍ରତିରୋଧ କର
କ୍ଷମା ଦେବେନାହିଁ ଗଣ !
ଗଣି ଗଣି ଜଣ ଜଣ,
ଫୁଲ ନେତାଙ୍କର ସତ୍ତା ଉଡ଼ାଇବେ
ଭାଙ୍ଗିଯିବ ସବୁ ଟାଣ !

## ଲକ୍ଷ୍ମୀ ବସ୍ ଲାଗି ୭୩ ଚାଳକ ଚୟନ



■ **ଭୁବନେଶ୍ୱର, ୮।୨ (ସମିସ):** ବସ୍ ଯାତ୍ରୀଙ୍କ ସୁରକ୍ଷା ହେବ ସୁନିଶ୍ଚିତ। 'ଲକ୍ଷ୍ମୀ' ବସ୍ ଲାଗି ୭୩ ଜଣ ଚାଳକଙ୍କୁ ଗୁରୁବାର ଚୟନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶରେ 'ଲକ୍ଷ୍ମୀ' ବସ୍ ପାଇଁ କାଲି ଛତିଆ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚାଳକ ଚୟନ ପ୍ରକ୍ରିୟା ହୋଇଥିଲା। ଏଥିରେ ୭୩ ଜଣ ଚାଳକ କୃତକାର୍ଯ୍ୟ ହେବା ପରେ ବସ୍ ଚଳାଇବା ଲାଗି ଚୟନ ହୋଇଛନ୍ତି। ସେମାନଙ୍କର ପାଠର ଜ୍ଞାନ, ଦକ୍ଷତା ଓ ଗାଡ଼ି ଚଳାଇବାର ଶୈଳୀକୁ ନେଇ ଚୟନ କରାଯାଇଛି। ଚୟନ ହୋଇଥିବା ଚାଳକମାନେ ଖୁବ୍‌ଶୀଘ୍ର 'ଲକ୍ଷ୍ମୀ' ବସ୍ ଚଳାଇବେ। ଛତିଆ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚାଲିଥିବା ଚୟନ ପ୍ରକ୍ରିୟାରେ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଚାଳକଙ୍କ ପ୍ରଶିକ୍ଷଣ ବାବଦରେ ଜ୍ଞାନ ଦେଇଥିଲେ। ସେହିପରି ସାଧାରଣ ପରିବହନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିବା 'ଲକ୍ଷ୍ମୀ' ବସ୍ ସେବା ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ପ୍ରସାରିତ ହେଉଛି। ସଦର ମହକୁମାରୁ ପଞ୍ଚାୟତକୁ ଗଡୁଥିବା ଏହି ବସ୍‌ରେ ଚାଳକଙ୍କୁ ନିଯୁକ୍ତି ମିଳୁଛି। ଏହତ ବସ୍ ଗାଁରେ ପହଞ୍ଚିଥିବାରୁ ଗାଁର ଅର୍ଥନୀତିକୁ ସୁଦୃଢ଼ ହୋଇଛି।

### ମହାତ୍ମାଙ୍କ ଆଦର୍ଶ ଉପରେ ପର୍ଯ୍ୟବସିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା


## ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା'

■ **ଭୁବନେଶ୍ୱର,୮।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଅଭୂତପୂର୍ବ ବିକାଶ ହାସଲ କରିଛି। ତେବେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି। ସେଥିପାଇଁ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାର ଶୁଭାରମ୍ଭ କରି ପଞ୍ଚାୟତସ୍ତରରେ ବ୍ୟାପକ ରୂପାନ୍ତରଣ ଆଣିବା ଲାଗି ୪୨୧୪ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ପାଣ୍ଠିରେ ବ୍ୟାପକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ଯୋଜନାର କାର୍ଯ୍ୟାନ୍ୱୟନ ପୂର୍ବରୁ ସମସ୍ତ ନିର୍ବାଚିତ ଜନପ୍ରତିନିଧି ଏବଂ ସ୍ଥାନୀୟ ଲୋକଙ୍କ ମତ ନିଆଯାଇଛି। ତେଣୁ ଆମ ଓଡ଼ିଶା ନବୀନ ଓଡିଶା ଯୋଜନା କାର୍ଯ୍ୟାନ୍ୱୟରେ ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇ ଥିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ଭିତ୍ତିହୀନ ଏବଂ ଏଥିରେ ସତ୍ୟତା ନାହିଁ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ଗୃହରେ କହିଛନ୍ତି। ଆଜି ବିରୋଧୀ ଦଳର ସଦସ୍ୟଙ୍କ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନା ଅବସରରେ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ଯେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ଶାସନ ଭାର ଗ୍ରହଣ କରିବା ସମୟରେ ଓଡ଼ିଶାରେ ୭୦% ଲୋକ ଦାରିଦ୍ର ସୀମାରେଖା ତଳେ ରହିଥିଲେ। ତେବେ ବର୍ତ୍ତମାନ ଏହା ମାତ୍ର ୧୦%କୁ ଖସି ଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, କୃଷି, ଶିଳ୍ପ ସବୁକ୍ଷେତ୍ରରେ ଓଡ଼ିଶା ଭାରତ ବର୍ଷ ଏବଂ ବିଶ୍ୱରେ ସୁନାମ ଅର୍ଜନ କରି ଚାଲିଛି। ତଥାପି ବହୁ କାମ ବାକି ଅଛି। ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ସହିତ ବିକାଶର ନୂଆ ଦିଗ ନିର୍ଦ୍ଧାରଣ ପାଇଁ ମୁଖ୍ୟମନ୍ତ୍ରୀ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଛନ୍ତି। ବଡ଼ କଥା ହେଲା ଏହି ଯୋଜନାରେ ପ୍ରକଳ୍ପର ପରିଚାଳନା ଭାର ପଞ୍ଚାୟତ ସମିତି ଉପରେ ନ୍ୟସ୍ତ କରାଯାଇଛି, ଯାହା ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଯୋଡ଼ାଯାଇ ପାରିଛି। ନିଜ ପଞ୍ଚାୟତରେ କ'ଣ ଆବଶ୍ୟକ ତାହା ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ଜଣାଇଛନ୍ତି ଏବଂ ସେହି




### ଜନପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ ଅମୂଳକ

ଅନୁସାରେ ସରକାର ପ୍ରକଳ୍ପ ଅନୁମୋଦନ କରି ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ସମସ୍ତଙ୍କ ସହାଗିତାରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମ୍ୟ ଭିତ୍ତିଭୂମିର ବିକାଶ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ବିଧାୟକ ଡ଼ ଅରୁଣ କୁମାର ସାହୁ କହିଥିଲେ, ଗାଁ ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ ଆଉ ରାଜ୍ୟ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ। ମହାତ୍ମା ଗାନ୍ଧୀଙ୍କର ଏହି ଉକ୍ତିକୁ ରାଜ୍ୟ ସରକାର ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଆଉ ଆମ ଓଡ଼ିଶା ନବୀନ ଓଡ଼ିଶା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ୨୦୩୬ରେ ଓଡ଼ିଶା ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତୀ ପାଳନ କରିବ। ସେହି ସମୟ ପୂର୍ବରୁ ଓଡ଼ିଶାର ସର୍ବାଙ୍ଗୀଣ ବିକାଶ ସୁନିଶ୍ଚିତ କରିବା ଲକ୍ଷ୍ୟରେ ହିଁ ଏହି ଯୋଜନା ଆରମ୍ଭ ହୋଇଛି। ଉତ୍ତମ ବିତ୍ତିୟ ପରିଚାଳନା ପାଇଁ ଓଡ଼ିଶା ଆଜି ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ସେଥିପାଇଁ ଉନ୍ନୟନ ଯୋଜନା, କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ପାଣ୍ଠିର ଅଭାବ ରଖି ନାହାନ୍ତି। କିନ୍ତୁ ବିରୋଧୀ ଦଳକୁ ଏହା ହଜମ ହେଉ ନାହିଁ। ଗାଁ ଗାଁରେ ଚାଲିଥିବା ବିକାଶ ଦେଖାଯାଉ ନାହିଁ। ସେଥିପାଇଁ ସେମାନେ ଜନପ୍ରତିନିଧି ମାନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ଆଣୁଛନ୍ତି। ବିକାଶ ପାଇଁ ହାତଖୋଲା ପାଣ୍ଠି ଦିଆଯାଉଛି ଆଉ ବିଧାୟକଙ୍କ ହାତ ପାଣ୍ଠି ଉପରେ ଚାପ କମିଛି। ଲୋକଙ୍କ ମଙ୍ଗଳ ହେଉଛି। ମନ୍ଦିରରୁ ନେଇ ମଶାଣୀ, ବିଦ୍ୟାଳୟ, ଡାକ୍ତରଖାନା, ଖେଳ ପଡିଆ, ପୋଖରୀ ସବୁର ଉନ୍ନତି ହେଉଛି। ଅଭିଯୋଗ କରିବା ପୂର୍ବରୁ ବିରୋଧୀ ଦଳ ଏହାକୁ ଭଲ ଭାବେ ଦେଖନ୍ତୁ ଆଉ ତର୍ଜମା କରି କୁହନ୍ତୁ ଯେ ପ୍ରକୃତରେ ବିକାଶ ହେଉଛି ନା ନାହିଁ। ଲୋକେ ଖୁସି ଅଛନ୍ତି ନା ନାହିଁ? ସରକାରଙ୍କୁ ଅପଦସ୍ତ କରିବା ପାଇଁ ସବୁବେଳେ ହୀନ ଉଦ୍ୟମ କଲେ ରାଜନୀତି ଶେଷ ହୋଇଯିବ ବୋଲି ଡ଼ ସାହୁ କଟାକ୍ଷ କରିଥିଲେ। ବିଧାୟିକା ସ୍ନେହାଙ୍ଗିନି ଛୁରିଆ କହିଥିଲେ, ରାଜ୍ୟରେ ଅଭୂତପୂର୍ବ ବିକାଶ ହୋଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ବିକାଶ ଆହ୍ୱାନକୁ ପାଥେୟ କରି ମୁଖ୍ୟମନ୍ତ୍ରୀ କାମ କରୁଛନ୍ତି। ଲୋକଙ୍କ ମୁହଁରେ ହସ ଫୁଟିଛି। ତେଣୁ ଏହି ଯୋଜନାକୁ ନେଇ ଅମୂଳକ ଅଭିଯୋଗ କରିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ମୁଲତବୀ ପ୍ରସ୍ତାବ ଉପରେ କଂଗ୍ରେସ୍ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଜେପିର ମୋହନ ଚରଣ, ମାଝୀ, ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



### ଭେଡେନ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା

# ସପ୍ତମ ଦିବସରେ ସେତୁବନ୍ଧ ପ୍ରତିଷ୍ଠା

**ଭେଡେନ, ୮ା୨(ସମିସ)**

ଭେଡେନଠାରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଦଶାନନ ରାବଣ କ୍ରୋଧରେ ଜର୍ଜରିତ ହୋଇ ଭ୍ରାତା ବିଭୀଷଣଙ୍କୁ ଲଙ୍କାନାଗରୀରୁ ବିତାଡିତ କରିଛନ୍ତି। ବିଭୀଷଣ ଲଙ୍କାରୁ ବିତାଡ଼ିତ ହୋଇ ପ୍ରଭୁ ଶ୍ରୀରାମଚନ୍ଦ୍ର ପାଖରେ ଶରଣ ନେଇଛନ୍ତି।

## ରାବଣ ମୁକୁଟମଣ୍ଡଳ କାଟିଲେ ଶ୍ରୀରାମ

ହନୁମାନଙ୍କଠାରୁ ସମସ୍ତ ବିଷୟରେ ଅବଗତ ହେଲାପରେ ରାମଚନ୍ଦ୍ର ଲଙ୍କା ଆକ୍ରମଣ ପାଇଁ ଯୋଜନା କରିଛନ୍ତି। ସମୁଦ୍ର କୂଳରେ ପହଞ୍ଚି ସମୁଦ୍ର ଦେବତାଙ୍କୁ ଲଙ୍କା ଯିବା ପାଇଁ ରାସ୍ତା ମାଗିଛନ୍ତି। ବରୁଣ ଦେବତାଙ୍କ ପରାମର୍ଶରେ ନଳ-ନୀଳ ଓ ବାନରସେନା ସାହାଯ୍ୟରେ ସମୁଦ୍ରରେ ନିର୍ମାଣ କରିଛନ୍ତି ସେତୁବନ୍ଧ।

ଏହାର ପ୍ରତିଷ୍ଠା କରିବା ପାଇଁ ଦେବର୍ଷି ନାରଦ ଯାଇଛନ୍ତି ପଣ୍ଡିତ ଶିରୋମଣି ଦଶାନନ ରାବଣଙ୍କ ନିକଟକୁ ନିମନ୍ତ୍ରଣ କରିବାକୁ। ଦଶାନନ ରାବଣ ନିମନ୍ତ୍ରଣ ରକ୍ଷାକରି ଆସିଛନ୍ତି ସେତୁବନ୍ଧ ପ୍ରତିଷ୍ଠା କରିବା ପାଇଁ। ସେତୁବନ୍ଧ ପ୍ରତିଷ୍ଠା ହୋଇଛି। ରାମଚନ୍ଦ୍ରଙ୍କ ଦ୍ୱାରା ରାମେଶ୍ୱର ଜ୍ୟୋତିର୍ଲିଙ୍ଗ



ସ୍ଥାପନ ହୋଇଛି। ରାମଚନ୍ଦ୍ର ବାନରସେନାଙ୍କ ସହ ପହଞ୍ଚିଛନ୍ତି ସୁବଳୟା ପର୍ବତରେ। ରାମଚନ୍ଦ୍ର ଯୁଦ୍ଧ ନ ହେବା ଓ ସୀତାଙ୍କୁ ସସମ୍ମାନରେ ଫେରାଇ ଦେବାକୁ ରାବଣ ନିକଟକୁ ଯୁବରାଜ ଅଙ୍ଗଦଙ୍କୁ ଦୂତ ଭାବରେ ପ୍ରେରଣ କରିଛନ୍ତି କିନ୍ତୁ ଦଶାନନ ରାବଣ ଲକ୍ଷେଛତ୍ର ଧରି ରାମଚନ୍ଦ୍ରଙ୍କ ସୈନ୍ୟ କଳନା କରିଛି। ଏହାଦେଖି ପ୍ରଭୁ ଶ୍ରୀରାମଚନ୍ଦ୍ର ଅର୍ଦ୍ଧ ଚନ୍ଦ୍ରବାଣ ପ୍ରୟୋଗ କରି ଲକ୍ଷେଛତ୍ର ସହ କାଟିଛନ୍ତି ରାବଣର ମୁକୁଟ ମଣ୍ଡଳ। ରାବଣ ଲଜ୍ଜାରେ ପଳାୟନ କରିଛି ରାଜ ଉଆସକୁ। ରାବଣମଞ୍ଚ ପରିଚାଳନା ଚିତ୍ତରଞ୍ଜନ ମେହେର, ଘନଶ୍ୟାମ ଖେତି, ମାନସ ବାଗ, ଦୀପକ ମେହେର, ଜୟଦେବ ମେହେର, ମୁନା ମିଶ୍ର ଦାୟିତ୍ୱ ତୁଲାଇଛନ୍ତି। ମୁଖ୍ୟ ଚରିତ୍ର ରାବଣ ଭୂମିକାରେ ଜଗଦାନନ୍ଦ ମିଶ୍ର, ରାମ:ମହେନ୍ଦ୍ର ସେଟ, ଲକ୍ଷ୍ମଣ:ସଚିନ ମହାପାତ୍ର, ନାରଦ:ରାଧେଶ୍ୟାମ ମେହେର, ବରୁଣ:ସେସଦେବ ନାଥ, ନଳ:ଧନପତି ପସାଏତ, ନୀଳ:ଆଦିତ୍ୟ ମେହେର, ଜାମ୍ବବାନ:ଅମିତ ଦେହେରି ଅଭିନୟ କରୁଛନ୍ତି। ସେହିପରି ମନ୍ଦିର ପ୍ରାଙ୍ଗଣରେ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞରେ ଶତାଧିକ ଭକ୍ତଙ୍କ ସମାବେଶ ହେବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥଙ୍କ ସମାଗମ ହେଉଛି ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଶ୍ରୀହରି ନାମଯଜ୍ଞରେ।


ଆଜି ଅନ୍ନପ୍ରସାଦର ବ୍ୟବସ୍ଥା ଗୌରଚନ୍ଦ୍ର ଦେହେରି ଓ ମିନାବଜାରର ସଦସ୍ୟ ଆୟୋଜନ କରିଥିଲେ। ରାଜଦରବାରରେ ରାଜଅତିଥି ଭାବରେ ପୂର୍ବତନ ବରଗଡ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଭାସ ସିଂ, ଏସିଏଫ୍ ରାଜେନ୍ଦ୍ର ଗୋଛାୟତ, ସାମ୍ବାଦିକ ଜ୍ୟୋତିରଞ୍ଜନ ମହାପାତ୍ର, ମୁକୁନ୍ଦ ଷଡଙ୍ଗୀ, ସୁଦନ ମହାକୁର, ନିର୍ମଳ ମେହେର, ରଶ୍ମିରଞ୍ଜନ ମହାପାତ୍ର, ହୀରା ମହାକୁର, ସରୋଜ ରଥ ପ୍ରମୁଖ ଯୋଗଦାନ କରିଥିଲେ। ରାଜଦରବାରରେ ଖୋର୍ଦ୍ଧାର ନୂପୁର ସାଂସ୍କୃତିକ ଅନୁଷ୍ଠାନ ତାଙ୍କ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଅଞ୍ଚଳର କୁନିକୁନି ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ।



ପାଇକମାଳ ଗ୍ରାମରେ ଅବସ୍ଥିତ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୩୦ ଛାତ୍ରୀ ୧୩୦ଟି ଗଛ ଲଗାଇ ସଚେତନତାର ବାର୍ତ୍ତା ଦେଇଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଅମ୍ବାଭୋନା, ୮ା୨(ସମିସ):** ଅମ୍ବାଭୋନା ବ୍ଲକ୍ ବାଞ୍ଜିପାଲି ଗ୍ରାମର ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ବିଶିଷ୍ଟ



ସମାଜସେବୀ ଓ ଶିକ୍ଷାବିତ ନେତ୍ରାନନ୍ଦ ଦୁଆନଙ୍କ ଧର୍ମପତ୍ନୀ ଧବଳେଶ୍ୱରୀ ଦୁଆନଙ୍କ ୭୯ ବର୍ଷ ବୟସରେ ବାଞ୍ଜିପାଲିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ପାଖାପାଖି ତିନି ବର୍ଷ ହେବ ପକ୍ଷାଘାତ ଯୋଗୁଁ ଶଯ୍ୟାଶାୟୀ ହୋଇଥିଲେ। ସେ ଜଣେ ଧର୍ମପ୍ରାଣା ତଥା ବନ୍ଧୁବତ୍ସଳ ମହିଳା ଥିଲେ। ତାଙ୍କ ଅନ୍ତେ ଚାରିପୁଅ ଲେଲିନ କେଶରୀ ଦୁଆନ, ଜବାହର କେଶରୀ ଦୁଆନ, ଉତ୍କଳ କେଶରୀ ଦୁଆନ, ଶ୍ରୀପତ କେଶରୀ ଦୁଆନ ଓ ଗୋଟିଏ ଝିଅ ରାମେଶ୍ୱରୀ ସାହୁ ସହ ନାତିନାତୁଣୀ ରହିଛନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ଖେଳିଯାଇଛି। ଦ୍ୱିତୀୟ ପୁଅ ଲେଲିନ କେଶରୀ ଦୁଆନ ମୁଖାଗ୍ନି ଦେଇଥିଲେ।

## ଉଷାବତୀ ଦାଶଙ୍କ ପରଲୋକ

**ଦହିତା, ୮ା୨ (ସମିସ):** ପଦ୍ମପୁର ବୁବୁଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଧନଞ୍ଜୟ ଦାଶଙ୍କ ଧର୍ମପତ୍ନୀ ଉଷାବତୀ ଦାଶଙ୍କ (୭୦) ଙ୍କ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ବିୟୋଗ ଘଟିଛି। କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ତାଙ୍କର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଥିଲା। ତାଙ୍କର ମୃତ୍ୟୁ ଖବର ପାଇବା



ପରେ ତାଙ୍କର ଗ୍ରାମ ବୁବୁଡାରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପୀ ଏବଂ ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପଛରେ ସ୍ୱାମୀ, ପୁଅ, ବୋହୂ, ନାତି ଏବଂ ନାତୁଣୀଙ୍କୁ ସବୁଦିନ ପାଇଁ ଛାଡି ଯାଇଛନ୍ତି। ବୁବୁଡା ଗ୍ରାମ ନିକଟସ୍ଥ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ବନ୍ଧୁ ପରିଜନ ତାଙ୍କ ଶେଷ ଦର୍ଶନ କରିଥିଲେ। ପୁଅ ବିରେନ ମୁଖାଗ୍ନି ଦେଇଥିଲେ।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚ, ଦେଉଳୀ ବିଜୟୀ

**ପଦ୍ମପୁର, ୮ା୨ (ସମିସ):** ପଦ୍ମପୁର ଉପଖଣ୍ଡ ଦେଉଳୀ ଖେଳପଡିଆରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଦେଉଳୀ ଏକାଦଶ ଓ ଶିକ୍ଷକ ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଦେଉଳୀ ବିଜୟୀ ହୋଇଥିଲା। ଶିକ୍ଷକ ନରେନ୍ଦ୍ର ପ୍ରଧାନ ଅତିଥି ଭାବରେ ଯୋଗଦାନ କରି ମୋହନ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବରେ ସମ୍ବର୍ଦ୍ଧିତ କରିଥିଲେ। ସୁଜିତ ମାଝି, ସୁଶାନ୍ତ ମହାନନ୍ଦ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୀବ ବାରିକ ସ୍କୋରିଂ କରିଥିଲେ। ବିକାଶ, ମନୀଷ, ରାଣା, ସୁନାଧର, ଡାକ୍ତର, ଭକ୍ତ ସହଯୋଗ କରିଥିଲେ। କୁନାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ

## ଉପଭୋକ୍ତା ସଂଘ-ଟାଟା ପାୱାର ଆଲୋଚନା

**ବରଗଡ଼, ୮ା୨(ସମିସ):** ବରଗଡ଼ରେ ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସମାଧାନ ଦାବିନେଇ ବିଦ୍ୟୁତ ଉପଭୋକ୍ତା ସଂଘ



ତରଫରୁ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ଏ ଅବସରରେ ବାରମ୍ବାର ବିଦ୍ୟୁତ କାଟ, ପୁରୁଣା ମିଟର ବଦଳରେ ଲଗାଯାଉଥିବା ମିଟର ତ୍ରୁଟିପୂର୍ଣ୍ଣ ରହୁଥିବା ନେଇ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ରହିଥିବା ଟ୍ରାନ୍ସଫର୍ମରରେ ବାଡ଼ ନ ଥିବା ଯୋଗୁଁ ଯେ କୌଣସି ସମୟରେ ଅଘଟଣର ଆଶଙ୍କା ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଟାଟା ପାୱାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ ଏବଂ ଏସଡିଓ ନଳିନୀକାନ୍ତ ପଟେଲଙ୍କ ସହ ଏନେଇ ଆଲୋଚନା ହୋଇଥିବା ବେଳେ ବିଦ୍ୟୁତ ଉପଭୋକ୍ତା ସଂଘର ଉପସଭାପତି ବିଷ୍ଣୁଚରଣ ଦାଶ, ସମ୍ପାଦକ ପ୍ରୀତମ ସିଂହ, କୋଷାଧ୍ୟକ୍ଷ କମଳ ଯୋଶୀ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ଗୋବିନ୍ଦଚନ୍ଦ୍ର ଦାଶ, ପ୍ରଫୁଲ୍ଲଚନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀରେ ଛାତ୍ରୀଙ୍କ କୃତିତ୍ୱ

**ପଦ୍ମପୁର, ୮ା୨ (ସମିସ):** 'ନୂଆ-ଓ' ଅନ୍ତର୍ଗତ "ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ' ଶୀର୍ଷକ ବରଗଡ଼ ଜିଲ୍ଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀରେ



ରାଜବୋଡ଼ାସମ୍ବର ବ୍ଲକରୁ ପ୍ରତିନିଧିତ୍ୱ କରିଥିବା ଦୁଇ ଜଣ ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ବରଗଡ଼ ଟୁକୁର୍ଲାଠାରେ ଗତ ୫ ଫେବୃୟାରୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନସିଙ୍ଗା ୟୁ ପିଏସ୍ ଛାତ୍ରୀ କୁମାରୀ ଦିଶିତା ସାହୁ ଓ ପିକେଏଏଚଏସ, ଖଇରପାଳିର ଛାତ୍ରୀ କୁମାରୀ ଗୁପ୍ତାଞ୍ଜଳି ମେହେର ସାହିତ୍ୟ ସୃଜନୀ ପ୍ରଦର୍ଶନୀରେ ପ୍ରଥମ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମ୍ପିଆ ପିଏସ୍‌ର ଛାତ୍ରୀ କୁମାରୀ ମୋନିକା ବେହେରା କୁଇଜ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ଲକର ଖ୍ୟାତି ବଢ଼େଇଥିବାରୁ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ଓ ସହ ବ୍ଲକ ଶିକ୍ଷାଧିକାରୀ ଶିବପ୍ରସାଦ ଯୋଶୀ ଏବଂ ରାମସିଂ ଭୋଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀରେ ପ୍ରଥମ ହୋଇଥିବା ୧୧ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

## କରାଟେ ଚାମ୍ପିଅନସିପ୍‌ରେ ଅରବିନ୍ଦଙ୍କ ସଫଳତା

**ବରଗଡ଼, ୮ା୨ (ସମିସ):** ବିଶାଖାପାଟଣାରେ ଚାଲିଥିବା ସପ୍ତମ ଅନ୍ତର୍ଜାତୀୟ କରାଟେ ଚାମ୍ପିଅନସିପରେ ବରଗଡ଼ର ଅରବିନ୍ଦ ସୁନା ସଫଳତା ହାସଲ କରିଛନ୍ତି। ଗତ ୩ ଓ ୪ ତାରିଖରେ ବିଶାଖାପାଟଣାର ରାଜୀବ ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତଯୋଗିତାରେ ଅରବିନ୍ଦ



ସିନିୟର ବିଭାଗରେ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ତାଙ୍କ ଏହି କୃତିତ୍ୱ ଯୋଗୁଁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ବରଗଡ଼ ପହଞ୍ଚିବା ପରେ ଏଠାରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ଅବିନାଶଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଅନିଶ୍ଚିତତାରେ ଲୁହୁରାକୋଟ-ଚର୍ଦାପାଲି ପିଏମ୍‌ଜିଏସ୍‌ୱାଇ ରାସ୍ତା

**ପଦ୍ମପୁର, ୮ା୨ (ସମିସ):** ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଅଙ୍ଗନଦୀରେ ପୋଲ ନିର୍ମାଣ ପରେ ବିଚ୍ଛିନ୍ନାଞ୍ଚଳରୁ ତ୍ରାହି ପାଇଛନ୍ତି ଅଞ୍ଚଳବାସୀ; ତଥାପି ଦୁଃଖ ଅଞ୍ଚଳବାସୀଙ୍କ ପିଛା ଛାଡୁନାହିଁ। ନବନିର୍ମିତ ପୋଲଠାରୁ ଲୁହୁରାକୋଟ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତାର ଟେଣ୍ଡର ସରିଯାଇଛି। ସଂପୃକ୍ତ ଠିକାଦାର ଆସି କିଛି ଦିନ କାମ ଆରମ୍ଭ କରିଛନ୍ତି। ନିର୍ମାଣର କଚ୍ଛପ ଗତି ଜନସାଧାରଣଙ୍କୁ ଅତିଷ୍ଠ କରି ଦେଉଛି। ଏହି ପୋଲ କେବେ ସମ୍ପୂର୍ଣ୍ଣ ହେବ ସେନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ପୋଲର ଏପ୍ରୋଚ ରୋଡରୁ ଲୁହୁରାକୋଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ କରୁଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ଉକ୍ତ ରାସ୍ତା ସଂଲଗ୍ନ ଗୁଣ୍ଡିଚାଡିହି, ଛତିଶଗଡ ସୀମାନ୍ତ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡକ ଯୋଜନା କାମ ସରିଯାଇଛି। ଉକ୍ତ ରାସ୍ତା ଛତିଶଗଡ ସୀମା ପର୍ଯ୍ୟନ୍ତ ପିଚୁ କାମ ସରିଯାଇଛି। ରାସ୍ତାର ଉଭୟ ମୁଣ୍ଡ ପିଚୁ ହୋଇଥିବା ବେଳେ ମଝି ଅଂଶ ମାଟି ଧୂଳିରେ ପୂରି ରହିଛି। ଠିକାଦାରର ମର୍ଜିରେ କାମ ଚାଲିଥିବାରୁ ପ୍ରାୟ ଦୁଇ ବର୍ଷ ଲୋକମାନେ ହଇରାଣ ହେଉଛନ୍ତି। ସଂପୃକ୍ତ ବିଭାଗ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।



XXVI-12

### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No RDM-LAA-BDK-0008-2023- 42705 / R&DM, Dated-05.12.2023**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଭଦ୍ରକ ଜିଲ୍ଲାରେ ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ମୌଜା- **ଲକ୍ଷ୍ମୀପ୍ରସାଦ** , ଥାନା- ବାଂଶଡା ନଂ. ୧୦୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨୨.୪୪୫୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ , ଭୁବନେଶ୍ୱର।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଶିଳ୍ପ ଭିତ୍ତିଭୂମିର ବିକାଶ ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୨୯୦୧/୩୦.୦୬.୨୦୨୩ ପ୍ରକାରେ ଜମି ଅଧିଗ୍ରହଣ ନିମନ୍ତେ ଧାରା ୮(୨) ରେ ଅନୁମୋଦନ ହୋଇଅଛି।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଭଦ୍ରକ ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଚାନ୍ଦବାଲି | **ଲକ୍ଷ୍ମୀପ୍ରସାଦ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୯.୨୫୫ | ଏ. ୨୨.୪୪୫୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚି(ବେସରକାରୀ)
### ପ୍ରକଳ୍ପର ନାମ- ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜା : ଲକ୍ଷ୍ମୀପ୍ରସାଦ
ଥାନା : ବାଁଶଡା, ନମ୍ବର : ୧୦୩

ତହସିଲ : ଚାନ୍ଦବାଲି
ଜିଲ୍ଲା : ଭଦ୍ରକ

| କ୍ରମିକ ନମ୍ବର | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | କିସମ | ମୂଳ ରକବା (ଏକର ରେ) | ଅଧିଗ୍ରହଣ ରକବା (ଏକର ରେ) | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୮ | ୩୦୬ | ଶାରଦ-୨ | ୬.୩୦୦୦ | ୬.୩୦୦୦ | ଶ୍ରୀ ଶ୍ରୀ ଗୌରାଙ୍ଗ ଜିଉ ବିଜେ ନିଜଗାଁ ମାର୍ଫତ ବା:, ଅମିୟ କୁମାର ମହାପାତ୍ର, ଅଶୀମ କୁମାର ମହାପାତ୍ର ପି: ଯତିନ୍ଦ୍ର ନାଥ ମହାପାତ୍ର ଜା: କରଣ ବା: କିଶୋର ପ୍ରସାଦ (Exchange for Comunal Land) |
| ୨ | ୩୩ | ୩୦୭ | ଶାରଦ-୨ | ୫.୨୫୦୦ | ୧.୮୪୦୦ | ଝାଡେଶ୍ୱର ପାତ୍ର ପି:ହରି ପ୍ରସାଦ ପାତ୍ର ଜା: କରଣ ବା: କିଶୋର ପ୍ରସାଦ (Exchange for Comunal Land) |
| ୩ | ୫୨ | ୨୪ | ଶାରଦ-୨ | ୩.୪୪୦୦ | ୦.୦୪୦୦ | ପ୍ରଭାକର ବାରିକ ପି:ଶଙ୍କର ବାରିକ ଜା: ଗୋପାଳ ବା: ଗୁଆଁଳ |
| ୪ | ୧୧୧/୧୧ | ୩୪୮/୪୧୮ | ଶାରଦ-୨ | ୧.୦୦ | ୧.୦୦୦୦ | ଅଭିମନ୍ୟୁ ମଣ୍ଡଳ ପି:ରତନୀ ମଣ୍ଡଳ ଜା: ବୁଣାକାର ବା: ପୂର୍ଣ୍ଣ ପ୍ରସାଦ |
| ୫ | ୧୧୧/୨୧ | ୨୦୨ | ଶାରଦ-୨ | ୧.୬୯୦୦ | ୧.୬୯୦୦ | ଅନ୍ନପୂର୍ଣ୍ଣା ନାୟକ ସ୍ୱା:ହରିପଦ ନାୟକ ଜା: ମାହେଶ୍ୟ ବା: ନରେନ୍ଦ୍ର ପୁର |
| ୬ | ୧୧୧/୯୦ | ୧୧୮/୫୦୪ | ଶାରଦ-୨ | ୦.୨୫୦୦ | ୦.୨୫୦୦ | ସାର୍ବବନ୍ଧୁ ନାୟକ ପି:ଘନଶ୍ୟାମ ନାୟକ ଜା: ଖଣ୍ଡାୟତ ବା: ଶଶିକାଦେଇପୁର |
| ୭ | ୧୧୧/୯୫ | ୨୦୧/୪୨୩ | ଶାରଦ-୨ | ୦.୫୫୦୦ | ୦.୫୫୦୦ | ନକୁଳ ମଣ୍ଡଳ ପି:ବସନ୍ତ ମଣ୍ଡଳ ଜା: ଅଶ୍ୱୀନି ତନ୍ତି ବା: କିଶୋର ପ୍ରସାଦ |
| ୮ | ୧୧୧/୧୨୨ | ୨୦୧/୪୨୨ | ଶାରଦ-୨ | ୦.୫୫୦୦ | ୦.୫୫୦୦ | ଅତିଥି ଚରଣ ମଣ୍ଡଳ ପି:ଧିରେନ୍ଦ୍ର ନାଥ ମଣ୍ଡଳ ଜା: ତନ୍ତୀ ବା: ପୂର୍ଣ୍ଣ ପ୍ରସାଦ |
| ୯ | ୧୧୧/୧୬୧ | ୨୨୫/୫୭୮ | ଶାରଦ-୨ | ୧.୫୦୦୦ | ୧.୫୦୦୦ | ଝାଡେଶ୍ୱର ଦୁଆରୀ ପି:ନରେନ୍ଦ୍ର ଦୁଆରୀ ଜା: ମାହେଶ୍ୟ ବା: ଗୌର ପ୍ରସାଦ |
| ୧୦ | ୧୧୧/୧୭୨ | ୨୨୫/୫୧୫/୫୭୯ | ଶାରଦ-୨ | ୦.୫୦୦୦ | ୦.୫୦୦୦ | ଗୋବର୍ଦ୍ଧନ ବେରା ପି:ନିରଞ୍ଜନ ବେରା ଜା: ଗୋଲା ବା: ଗୌର ପ୍ରସାଦ |
| ୧୧ | ୧୧୧/୧୭୩ | ୨୨୫/୫୧୫/୫୮୦ | ଶାରଦ-୨ | ୦.୦୫୦୦ | ୦.୦୫୦୦ | ଦୀପକ କୁମାର ବାରିକ, କହ୍ନାଇଲାଲ ବାରିକ, ମନୋରଞ୍ଜନ ବାରିକ ପି: ଅନିଲ କୁମାର ବାରିକ ଜା: ଭଣ୍ଡାରୀ ବା: ଗୌରପ୍ରସାଦ |
| ୧୨ | ୧୧୧/୧୭୩ | ୨୨୫/୫୮୧ | ଶାରଦ-୨ | ୦.୩୦୦୦ | ୦.୩୦୦୦ | |
| ୧୩ | ୧୧୧/୧୮୧ | ୨୨୫/୫୮୬ | ଶାରଦ-୨ | ୦.୩୫୦୦ | ୦.୩୫୦୦ | ଭୀମ ମଣ୍ଡଳ ପି:ଅନନ୍ତ ମଣ୍ଡଳ ଜା: ଅଶ୍ୱିନ ତନ୍ତୀ ବା: ଶଶିକାଦେଇ ପୁର |
| ୧୪ | ୧୧୧/୧୮୨ | ୨୨୫/୫୧୫/୫୮୭ | ଶାରଦ-୨ | ୧.୦୦୦୦ | ୧.୦୦୦୦ | ଆଶୀଷ ମହାପାତ୍ର ପି:ବିଷ୍ଣୁପଦ ମହାପାତ୍ର ଜା: କରଣ ବା: କିଶୋର ପ୍ରସାଦ |
| ୧୫ | ୧୧୧/୨୦୦ | ୧୯୩/୫୨୧/୬୦୩ | ଶାରଦ-୨ | ୦.୧୦୦୦ | ୦.୧୦୦୦ | ଅରବିନ୍ଦ ମଣ୍ଡଳ ପି:ଅନନ୍ତ ମଣ୍ଡଳ ଜା: ଅଶ୍ୱନୀ ତନ୍ତି ବା: ଶଶିକାଦେଇ ପୁର |
| ୧୬ | ୧୧୧/୨୨୯ | ୧୯୩/୫୨୧/୬୧୫ | ଶାରଦ-୨ | ୦.୨୦୦୦ | ୦.୨୦୦୦ | କେନ୍ଦୁଲା ମଣ୍ଡଳ ସ୍ୱା:ବିଷ୍ଣୁପଦ ମଣ୍ଡଳ ଜା: ଅଶ୍ୱନୀ ତନ୍ତି ବା: କିଶୋରପ୍ରସାଦ ଥା- ବାଂଶଡା |
| ୧୭ | ୧୧୧/୨୪୨ | ୭୧/୩୪୮ | ଶାରଦ-୨ | ୦.୫୦୦୦ | ୦.୫୦୦୦ | ବିଶ୍ୱରୂପ ରିୟଲ ଇଷ୍ଟେଟ ପ୍ରା. ଲି. ମା ବିଜୟ ବାଲୁ ପି:ଜୟନ୍ତୀଲାଲ ବାଲୁ ଜା: ଜୈନ ବା: ଅହମଦାବାଦ |
| ୧୮ | ୧୧୧/୨୪୪ | ୪୧୭/୪୧୯ | ଶାରଦ-୨ | ୧.୨୫୦୦ | ୧.୨୫୦୦ | ବିଶ୍ୱରୂପ ରିୟଲ ଇଷ୍ଟେଟ ପ୍ରା. ଲି. ମା ବିଜୟ ବାଲୁ ପି:ଜୟନ୍ତୀଲାଲ ବାଲୁ ଜା: ଜୈନ ବା: ଅହମଦାବାଦ |
| ୧୯ | ୧୧୧/୨୫୫ | ୧୮୧/୫୨୯ | ଶାରଦ-୨ | ୦.୨୨୦୦ | ୦.୨୨୦୦ | ପ୍ରତ୍ୟୋଷ ରିଏଲ ଇଷ୍ଟେଟ ପ୍ରା.ଲି ମା ସ୍ୱପନାନ୍ତ ଦାସ ପି:ଶୁଭ୍ରାଂଶୁ ଦାସ ଜା: କରଣ ବା: ବା - ଖଇରା, ଜି - ବାଲେଶ୍ୱର |
| ୨୦ | ୧୧୧/୨୫୫ | ୧୮୪/୫୩୦ | ଶାରଦ-୨ | ୦.୦୭୦୦ | ୦.୦୭୦୦ | |
| ୨୧ | ୧୧୧/୨୬୬ | ୯୭/୫୨୨/୬୩୫ | ଶାରଦ-୨ | ୧.୦୦୦୦ | ୧.୦୦୦୦ | ଏନାକୋଣ୍ଡା ବିଲଡକନ ପ୍ରା. ଲି ମା ସ୍ୱପ୍ନାନ୍ତ ଦାସ ପି:ଶୁଭ୍ରାଂଶୁ ଦାସ ଜା: କରଣ ବା: ଅହମଦାବାଦ |
| ୨୨ | ୧୧୧/୨୭୭ | ୯୩/୬୩୬ | ଶାରଦ-୨ | ୧.୮୨୫୦ | ୧.୮୨୫୦ | ମାର୍ମିକ ରିୟଲ ଇଷ୍ଟେଟ ପ୍ରା. ଲି ସ୍ୱପ୍ନାନ୍ତ ଦାସ ପି:ସୁଭ୍ରାଂଶୁ ଦାସ ଜା: କରଣ ବା: ଅହମଦାବାଦ |
| ୨୩ | ୧୧୧/୨୭୮ | ୯୩/୬୩୭ | ଶାରଦ-୨ | ୧.୩୬୦୦ | ୧.୩୬୦୦ | ମାର୍ମିକ ରିୟଲ ଇଷ୍ଟେଟ ପ୍ରା. ଲି ସ୍ୱପ୍ନାନ୍ତ ଦାସ ପି:ସୁଭ୍ରାଂଶୁ ଦାସ ଜା: କରଣ ବା: ଅହମଦାବାଦ |
| | | | ମୋଟ | ୨୯.୨୫୫ | ୨୨.୪୪୫୦ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0107/2324

### ଦିଲ୍ଲୀ ନାରୀ କଲ୍ୟାଣ ସମିତିର ପୁଷ୍‌ପୁନି ଭେଟ୍‌ଘାଟ

# ୩୦୦ରୁ ଅଧିକ ପଶ୍ଚିମାଞ୍ଚଳବାସୀ ସପରିବାର ସାମିଲ ହେଲେ

**ବରଗଡ଼, ୮ା୨(ସମିସ)**

ଦିଲ୍ଲୀ ଓଡ଼ିଆ ନାରୀ କଲ୍ୟାଣ ସମିତି ତରଫରୁ ପ୍ରଥମ ଥର ପାଇଁ 'ପୁଷପୁନି' ଭେଟଘାଟ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଦିଲ୍ଲୀର ପାଣ୍ଡାରା ପାର୍କର ମୁକ୍ତାକାଶ ଖୋଲାମଞ୍ଚରେ ପାଳିତ ଏହି ଉତ୍ସବରେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ପର୍ବପର୍ବାଣି ଓ ପରମ୍ପରାକୁ ଦିଲ୍ଲୀରେ ଉଦ୍‌ଜୀବିତ କରାଯାଇଥିଲା; ଯାହା କି ଏବେ ବି ବଜାୟ ରହିଛି। ପ୍ରାରମ୍ଭରେ ମହିଳାଙ୍କ ଦ୍ୱାରା ମା' ସମଲେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ପରେ ପରେ ଷୋହଳ ଭରନୀ କାର୍ଯ୍ୟକ୍ରମ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୩ ଶହରୁ ଊର୍ଦ୍ଧ୍ୱ ପଶ୍ଚିମାଞ୍ଚଳବାସୀ ସପରିବାର ଏହି ପର୍ବରେ ଏକତ୍ରିତ ହୋଇଥିଲେ। ସେହିପରି ଦିଲ୍ଲୀର ମିଳନ ପରିବାର, ନୋଇଡା ପରିବାର, ପୁଷପୁନି ଗ୍ରୁପ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବହୁତ ସଦସ୍ୟ ଯୋଗ ଦେଇଥିଲେ। ସମସ୍ତେ ସମ୍ବଲପୁରୀ ଖାଦ୍ୟ ଓ ମଣ୍ଡା ପିଠାର ମଜା ନେବା





ସହ ନାଚଗୀତକୁ ମନଭରି ଉପଭୋଗ କରିଥିଲେ। ସମ୍ବଲପୁରୀ ଗୀତର ତାଳେ ତାଳେ ସମସ୍ତଙ୍କୁ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସଙ୍ଗୀତ ଗୁରୁ ଦିଲୀପ ସାହୁଙ୍କ କଳାଜୀବୀ ଅନୁଷ୍ଠାନର କଳାକାରମାନେ ଗୋଟିଏ ପରେ ଗୋଟିଏ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଖଟେଇ ଓ ଉପେନ୍ଦ୍ର ସୁନା ସମସ୍ତଙ୍କୁ ତାଙ୍କ ଗୀତରେ ମୁଗ୍ଧ କରିଥିଲେ। ଆଦିତ୍ୟ ଦାଶଙ୍କ ନୃତ୍ୟ ବହୁତ ମନ ମୁଗ୍ଧକର ହୋଇପାରିଥିଲା। ଏହି ଉତ୍ସବକୁ ଦିଲ୍ଲୀ ଓଡିଆ ନାରୀ କଲ୍ୟାଣ ସମିତିର ଅଧ୍ୟକ୍ଷା ଲିଲି ନାଗ, ସମ୍ପାଦିକା ଅଞ୍ଜଳି ନନ୍ଦ, ଉପାଧ୍ୟକ୍ଷା ବୃନ୍ଦାବତୀ ସୁନା, ପୂଜା ସୁନା, କୋଷାଧ୍ୟକ୍ଷା ସଙ୍ଗୀତା ସୁନାଙ୍କ ସମେତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟା ମାନେ ସୁଚାରୁରୂପେ ପରିଚାଳନା କରିଥିଲେ। ସମିତିର ପରାମର୍ଶଦାତା ଡ଼ା. ଜଗଦିଶ ହଂସ ମଞ୍ଚ ପରିଚାଳନା କରିଥିଲେ।

■ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଏସ୍‌ସି, ଏସ୍‌ଟିଙ୍କ ଉପବର୍ଗୀକରଣ ପାଇଁ ରାଜ୍ୟର କ୍ଷମତା ଅଛି କି

ନୂଆଦିଲ୍ଲୀ,୮।୨(ଏଜେନ୍ସି): ଦେଶର ସବୁଠୁ ପଛୁଆ ବର୍ଗଙ୍କ ଲାଗି ଅଧିକ ସଂରକ୍ଷଣ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଅନୁସୂଚିତ ଜାତି ଏବଂ ଜନଜାତି ଶ୍ରେଣୀର ଉପବର୍ଗୀକରଣ ସମ୍ପର୍କରେ ସୁପ୍ରିମକୋର୍ଟରେ ବିଗତ ତିନି ଦିନ ଚାଲିଥିବା ଶୁଣାଣି ଗୁରୁବାର ଶେଷ ହୋଇଛି। ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୭ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ତେବେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ଉପବର୍ଗୀକରଣ ପାଇଁ ରାଜ୍ୟ ସରକାରମାନଙ୍କ କ୍ଷମତା ରହିଛି କି ନାହିଁ ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ ଉଠାଇଛନ୍ତି। ଏହାବ୍ୟତୀତ ଭାରତରେ ଏପରି କୌଣସି ଜାତି ନାହିଁ ଯାହାକୁ ଅନୁସୂଚିତ ଜାତି କୁହାଯିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସମ୍ବିଧାନ କୌଣସି ଜାତି ତିଆରି କରି ନାହିଁ ବୋଲି ସେ କହିଛନ୍ତି।

■ ହିଂସା ମଧ୍ୟରେ ପାକିସ୍ତାନ ନିର୍ବାଚନ ଶେଷ

# ୬ ପୁଲିସ କର୍ମୀଙ୍କ ସହ ୯ ମୃତ



ଇସଲାମାବାଦ,୮।୨(ଏଜେନ୍ସି): ହିଂସା ଏବଂ ପୋଡାଜଳା ମଧ୍ୟରେ ଗୁରୁବାର ପାକିସ୍ତାନରେ ସାଧାରଣ ନିର୍ବାଚନ ଶେଷ ହୋଇଛି। ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା ବେଳେ ପଶ୍ଚିମ ପ୍ରଦେଶର କେତେକ ସ୍ଥାନରେ ହିଂସା ସହିତ ବାଲଟ୍ ପେପର ଲୁଟ କରାଯାଇଥିବା କୁହାଯାଇଛି। ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ପ୍ରଦେଶର କେତେକ ସ୍ଥାନରେ ଆତଙ୍କବାଦୀଙ୍କ ଦ୍ୱାରା ବିସ୍ଫୋରଣ କରାଯିବାରୁ ୬ ପୁଲିସ କର୍ମୀଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହୋଇଛି। ଡେରା ଇସ୍ମାଇଲ ଖାଁ ଜିଲ୍ଲାର କୁଲାଚିରେ ଆତଙ୍କବାଦୀମାନେ ଏକ ପୁଲିସ ମୋବାଇଲ ଭ୍ୟାନକୁ ଟାର୍ଗେଟ କରି ଆଇଇଡି ବିସ୍ଫୋରଣ କରିଥିଲେ। ପରେ ପରେ ଆଖିବୁଜା ଗୁଳି ଚଳାଇବାରୁ ୫ ଜଣ ପୁଲିସ କର୍ମୀଙ୍କ ମୃତ୍ୟୁ ହେବା ସହିତ ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ହିଂସାରେ ଜଣେ ମହିଳା ଓ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ସାରା ଦେଶରେ ମୋବାଇଲ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଯାଇଥିଲା। ପିଟିଆଇ ଦଳ ସୁପ୍ରିମୋ ଇମ୍ରାନ ଖାନ ବର୍ତ୍ତମାନ ଜେଲରେ ରହିଥିବାରୁ ତାଙ୍କ ସମର୍ଥକମାନଙ୍କ ଦ୍ୱାରା ମଧ୍ୟ ବିଭିନ୍ନ ସ୍ଥାନରେ ହିଂସା କରାଯାଇଥିବା କୁହାଯାଇଛି। ଇମ୍ରାନ ଖାନ୍ ପୋଷ୍ଟାଲ ଭୋଟ୍ ଦ୍ୱାରା ନିଜର ମତଦାନ କରିଛନ୍ତି। ପାକିସ୍ତାନର ମୋଟ ୧୨ କୋଟି ୮୬ ଲକ୍ଷ ଭୋଟର ଗୁରୁବାର ମତଦାନ କରିଥିଲା ବେଳେ ନିର୍ବାଚନ ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଥିଲା। ତେବେ ହିଂସା ଯୋଗୁଁ କେତେକ ସ୍ଥାନରେ ଭୋଟ୍ ଗ୍ରହଣ ହୋଇପାରି ନଥିବା ଜଣାପଡ଼ିଛି। ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ବୁଧବାର ବେଲୁଚିସ୍ତାନ ପ୍ରଦେଶରେ ଦୁଇଟି ବିସ୍ଫୋରଣରେ ଅତି କମରେ ୩୦ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଲୋକ ଆହତ ହୋଇଥିଲେ।

କେନ୍ଦ୍ରର 'ହ୍ୱାଇଟ୍ ପେପର' ବନାମ ବିରୋଧୀଙ୍କ 'ବ୍ଲାକ୍ ପେପର' ରାଜନୀତି

# 'ୟୁପିଏର ରୁଗ୍‌ଣ ଅର୍ଥନୀତିକୁ ସୁଧାରିଛୁ'

ନୂଆଦିଲ୍ଲୀ,୮।୨(ଏଜେନ୍ସି)

ଆଉ ଦୁଇ ଦିନ ପରେ ସଂସଦର ସଂକ୍ଷିପ୍ତ ବଜେଟ୍ ଅଧିବେଶନ ଶେଷ ହେବ। କିନ୍ତୁ ଏହାପୂର୍ବରୁ ଗୁରୁବାର କେନ୍ଦ୍ର ସରକାରଙ୍କ 'ହ୍ୱାଇଟ୍ ପେପର(ଶ୍ୱେତପତ୍ର)' ଏବଂ ବିରୋଧୀଙ୍କ 'ବ୍ଲାକ୍ ପେପର' ରାଜନୀତିକୁ ନେଇ ଗୁରୁବାର ସଂସଦ କମ୍ପିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ୧ ତାରିଖରେ ୨୦୨୪-୨୫ ବଜେଟ୍ ଉପସ୍ଥାପନ କରିବା ବେଳେ ଏନଡିଏ ସରକାରଙ୍କ ୧୦ ବର୍ଷ କାର୍ଯ୍ୟକାଳର ଆର୍ଥିକ ପାରଦର୍ଶିତାକୁ ନେଇ ସଂସଦରେ ଶ୍ୱେତପତ୍ର ଉପସ୍ଥାପନ କରିବେ ବୋଲି ସୂଚନା ଦେଇଥିଲେ। ସେହି ଅନୁସାରେ ଗୁରୁବାର ନିର୍ମଳା ୨୦୧୪ ପୂର୍ବରୁ ଏବଂ ପରେ ଭାରତୀୟ ଅର୍ଥ ବ୍ୟବସ୍ଥା ସ୍ଥିତିକୁ ତୁଳନା କରି ଶ୍ୱେତପତ୍ର ଉପସ୍ଥାପନ କରିବା ସହିତ କଂଗ୍ରେସ ଉପରେ ବର୍ଷିଛନ୍ତି। ୫୯ ପୃଷ୍ଠା ସମ୍ବଳିତ ଏହି ଶ୍ୱେତପତ୍ର ସମ୍ପର୍କରେ ଆସନ୍ତାକାଲି ଆଲୋଚନା ହେବାକୁ ରହିଥିଲେ ହେଁ ୟୁପିଏ ସରକାରଙ୍କ ୧୦ ବର୍ଷ କାଳରେ ଦେଶର ଅର୍ଥ ବ୍ୟବସ୍ଥା କିଭଳି ରୁଗଣ ହୋଇପଡ଼ିଥିଲା ତାହାକୁ ନେଇ ନିର୍ମଳା କଂଗ୍ରେସକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ, ଏନଡିଏ ସରକାର କ୍ଷମତାକୁ ଆସିବା ପୂର୍ବରୁ ୟୁପିଏ ସରକାରଙ୍କ ୧୦ ବର୍ଷର ଶାସନ କାଳ ମଧ୍ୟରେ ଦେଶର ବିତ୍ତୀୟ ପରିଚାଳନା ଅତ୍ୟନ୍ତ ଭ୍ରମାତ୍ମକ ସ୍ଥିତିରେ ରହିଥିଲା। ସରକାରୀ ପାଣ୍ଠି ବ୍ୟବସ୍ଥାର ସ୍ଥିତି ଅତ୍ୟନ୍ତ ଖରାପ ରହିଥିଲା ବେଳେ ଏହାକୁ ନେଇ ଦେଶର ଅର୍ଥନୈତିକ ପରିଚାଳନା ଗତି ମଧ୍ୟ ଭୁଲ ବାଟରେ ପ୍ରେରିତ ହୋଇଥିଲା। ଏହାବ୍ୟତୀତ ଏହି ସମୟରେ ବିଭିନ୍ନ କ୍ଷେତ୍ରରେ ବିପୁଳ ଘୋଟାଲା ଏବଂ ଦୁର୍ନୀତି କରାଯାଇଥିବାରୁ ସାମଗ୍ରିକ ଅର୍ଥ ବ୍ୟବସ୍ଥା ତଳମୁହାଁ ହୋଇଥିଲା। ଯାହାକି ପରବର୍ତ୍ତୀ ସମୟରେ ଏନଡିଏ ସରକାରଙ୍କ ପାଇଁ ଏକ ବୋଝ ସଦୃଶ ହୋଇଥିଲା। କିନ୍ତୁ ଏନଡିଏ ସରକାର ତାଙ୍କ ୧୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଆଖି ଦୃଶିଆ ପରିବର୍ତ୍ତନ ଆଣିବା ସହିତ ବିତ୍ତୀୟ ଶୃଙ୍ଖଳକୁ ବାଟକୁ ଆଣିପାରିଛନ୍ତି। କେନ୍ଦ୍ର ସରକାରଙ୍କ ସୁଦୂରପ୍ରସାରୀ ନୀତି ଏବଂ ଦୃଢ ଆଭିମୁଖ୍ୟ ଦେଶର ଅର୍ଥନୀତିକୁ ନୂଆ ରୂପ ଦେବା ସହିତ ଭାରତୀୟ ଅର୍ଥନୀତି ଏବଂ ଅଭିବୃଦ୍ଧିକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଛି। ବିଶେଷକରି



ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ଠୋସ୍ ନିଷ୍ପତ୍ତି ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିଛି ବୋଲି ନିର୍ମଳା କହିଛନ୍ତି।

## ଏନଡିଏର ୧୦ ବର୍ଷ ଅନ୍ୟାୟ କାଳ: ଖଡ଼ଗେ




ଏନଡିଏ ସରକାରଙ୍କ ୧୦ ବର୍ଷ କାଳର ଆର୍ଥିକ ସଫଳତାର ବିଭିନ୍ନ ଦିଗକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶ୍ୱେତପତ୍ର ଜାରି କରିଥିଲା ବେଳେ ଏହାକୁ ବିରୋଧ କରି କଂଗ୍ରେସ 'ବ୍ଲାକ ପେପର' ଜାରି କରିଛି। ଏନଡିଏ ସରକାରଙ୍କ ୧୦ ବର୍ଷର ଶାସନ କାଳକୁ ଅନ୍ୟାୟ କାଳ ବୋଲି କହି କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ବିଜେପି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶାସନକାଳ ମଧ୍ୟରେ ଯେତେଥର ସଂସଦରେ ଅଭିଭାଷଣ ରଖିଛନ୍ତି ସବୁବେଳେ ଦେଶର ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଲୁଚାଇଛନ୍ତି। ବର୍ତ୍ତମାନ ଦେଶରେ ବେରୋଜଗାର, ମହଙ୍ଗାଦର ଏବଂ ଚାଷୀଙ୍କ ସମସ୍ୟାକୁ ନେଇ ବହୁ ସମସ୍ୟା ରହିଛି। କିନ୍ତୁ କେନ୍ଦ୍ର ସରକାର ଏସବୁ ସମ୍ପର୍କରେ କେବେ ହେଲେ ବି ସଂସଦରେ ଆଲୋଚନା କରିନାହାନ୍ତି। ବେରୋଜଗାର ଏବେ ଦେଶର ସବୁଠୁ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। କିନ୍ତୁ ସରକାର ଏହି ପ୍ରସଙ୍ଗରେ କେବେ ବି ମୁହଁ ଖୋଲି ନାହାନ୍ତି। କେନ୍ଦ୍ର ସରକାର ସବୁ ବେଳେ ତାଙ୍କ ଶାସନକାଳର ସଫଳତାକୁ ନେଇ ସାବାସୀ ନେବାକୁ ଚାହିଁଛନ୍ତି। କିନ୍ତୁ ଜବାହାରଲାଲ ନେହରୁଙ୍କ ସମୟରେ ଦେଶରେ ଯାହାସବୁ ହାସଲ କରାଯାଇଥିଲା ସେ ସମ୍ପର୍କରେ କିଛି ବି ମାନିବାକୁ ପ୍ରସ୍ତୁତ ନାହାନ୍ତି। ମୋଦୀ ସରକାର ସବୁ ବେଳେ ଦେଶବାସୀଙ୍କୁ କେବଳ ପ୍ରତିଶ୍ରୁତି ଦେଇ ଆସିଛନ୍ତି। କିନ୍ତୁ ଏହାକୁ କେବେ ହେଲେ ପୂରଣ କରିନାହାନ୍ତି ବୋଲି ଖଡ଼ଗେ କହିଛନ୍ତି।

ନୋଏଡା ସୀମା ସିଲ୍, ହରିୟାଣାରେ ଲାଗିଲା ବ୍ୟାରିକେଡ୍

# କ୍ଷତିପୂରଣ ଦାବି ନେଇ ଚାଷୀ ଦିଲ୍ଲୀମୁହାଁ



ନୂଆଦିଲ୍ଲୀ,୮।୨(ଏଜେନ୍ସି): ଜମି କ୍ଷତିପୂରଣ ପାଇଁ ନିଜର ହକ ଦାବି କରିବା ଉଦ୍ଦେଶ୍ୟରେ ନୋଏଡା ଏବଂ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଚାଷୀ ଗୁରୁବାର ଦିଲ୍ଲୀ ସୀମାରେ ପହଞ୍ଚିଛନ୍ତି। ସଂସଦ ସାମ୍ନାରେ ବିକ୍ଷୋଭ କରିବା ଲକ୍ଷ୍ୟରେ ସେମାନେ ଦିଲ୍ଲୀ ମୁହାଁ ହୋଇଥିବା ବେଳେ ନୋଏଡା ଏବଂ ହରିୟାଣା ସୀମାରେ ସେମାନଙ୍କୁ ପୁଲିସ ଅଟକାଇଛି। ଯାହାକୁ ନେଇ ଦିଲ୍ଲୀ ସୀମାରେ ଭୟଙ୍କର ଟ୍ରାଫିକ୍ ସମସ୍ୟା ଦେଖାଯାଇଛି। ଚାଷୀମାନଙ୍କୁ ଅଟକାଇବାକୁ ଉତ୍ତର ପ୍ରଦେଶ ଓ ହରିଆଣା ସରକାର ବ୍ୟାପକ ଯୋଜନା କରିଛନ୍ତି। ନୋଏଡା ପ୍ରଶାସନ ପକ୍ଷରୁ ସୀମା ସିଲ କରି ଦିଆଯାଇଥିବା ବେଳେ ହରିୟାଣା ପକ୍ଷରୁ ବ୍ୟାରିକେଡ ଲଗାଯାଇଛି। ଏଥିଯୋଗୁ ବ୍ୟାପକ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ନୋଏଡା ଓ ଗ୍ରେଟର ନୋଏଡାରେ ଚାଷୀମାନେ ଆନ୍ଦୋଳନ ଡାକରା ଦେଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଗାଡ଼ିକୁ ଅଟକାଇ ପୁଲିସ୍ ଯାଞ୍ଚ ମଧ୍ୟ କରୁଛି। ଏଥିଯୋଗୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ଥିତିକୁ ଦେଖି ରାପିଡ ଆକ୍ସନ ଫୋର୍ସକୁ ମଧ୍ୟ ମୁତୟନ କରାଯାଇଛି। ଏନସିଆର ସୀମାରେ ଦଙ୍ଗା ନିୟନ୍ତ୍ରଣ ଗାଡ଼ି ମଧ୍ୟ ରଖାଯାଇଛି। ଏହାବ୍ୟତୀତ ଡ୍ରୋନ ଦ୍ୱାରା ପୂରା ସ୍ଥିତି ଉପରେ ନଜର ଲେଖାଯାଇଛି। ନୋଏଡା-ଦିଲ୍ଲୀ ସୀମାରେ ବ୍ୟାରିକେଡ ଲାଗିଥିବାରୁ ଚାଷୀମାନେ ଏହା ଉପରେ ଚଢ଼ି ଆଗକୁ ଯିବାକୁ ମଧ୍ୟ ଚେଷ୍ଟା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ଦିଲ୍ଲୀ ସୀମାନ୍ତରେ ଚାଷୀମାନେ ୩ ବର୍ଷ ତଳେ ଜୋରଦାର ଆନ୍ଦୋଳନ କରିଥିଲେ। ଏଥିପାଇଁ ବହୁ ସମୟ ଧରି ଦିଲ୍ଲୀବାସୀଙ୍କୁ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏବେ ପୁଣି ଚାଷୀମାନେ ବିଭିନ୍ନ ସମସ୍ୟା ନେଇ ଦିଲ୍ଲୀ ସୀମାନ୍ତରେ ଆନ୍ଦୋଳନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ତେବେ ସେମାନଙ୍କୁ ଦିଲ୍ଲୀରେ ଆନ୍ଦୋଳନ ନ କରାଇ ଦେବାକୁ ହରିଆଣା ଓ ଉତ୍ତର ପ୍ରଦେଶ ସରକାର ସତର୍କତା ସହ ପଦକ୍ଷେପ ନେଇଛନ୍ତି। ବିଭିନ୍ନ ସ୍ଥାନରେ ସିମେଣ୍ଟ ବ୍ୟାରିକେଡ, ବାଲିବସ୍ତା ଓ ଲୁହା ତାର ଲଗାଯାଇଛି। ଚାଷୀମାନେ ଯେମିତି ଦିଲ୍ଲୀରେ ପହଞ୍ଚି ପାରିବେ ନାହିଁ ସେଥିପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଭାରତ-ମ୍ୟାଁମାର ମଧ୍ୟରେ ବନ୍ଦ ହେଲା 'ଏଫଏମଆର୍'

# ସୀମାରେ ମୁକ୍ତ ଯାତାୟାତ ବନ୍ଦ

ନୂଆଦିଲ୍ଲୀ,୮।୨(ଏଜେନ୍ସି)



ଭାରତ ଏବଂ ମ୍ୟାଁମାର ମଧ୍ୟରେ ରହିଥିବା 'ଏଫଏମଆର( ଫ୍ରି ମୁଭମେଣ୍ଟ ରେଜିମ୍)'କୁ କେନ୍ଦ୍ର ସରକାର ତତ୍କାଳ ପ୍ରତ୍ୟାହାର କରିନେଇଛନ୍ତି। ଏହାକୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ମଧ୍ୟ କେନ୍ଦ୍ର ଗୃହ ମନ୍ତ୍ରାଳୟ କାର୍ଯ୍ୟ ଆରମ୍ଭ କରିଛି ବୋଲି ଗୃହମନ୍ତ୍ରୀ ଅମିତ ଶାହ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ମଣିପୁରରେ ଲାଗି ରହିଥିବା ହିଂସାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଭାରତ-ମ୍ୟାଁମାର ସୀମାରେ ମୁକ୍ତ ଚଳାଚଳ ସୁବିଧା ମଣିପୁର ହିଂସାର ଅନ୍ୟତମ ମୁଖ୍ୟ କାରଣ ହୋଇଛି। ଏହାଛଡ଼ା ଉତ୍ତର ପୂର୍ବାଞ୍ଚଳର ଅନ୍ୟ ରାଜ୍ୟ ପାଇଁ ମଧ୍ୟ ଏହା ବିପଦର କାରଣ ପାଲଟିଛି। ଦେଶର ସୀମାକୁ ସୁରକ୍ଷିତ ରଖିବା ସହିତ ଆଭ୍ୟନ୍ତରୀଣ ନିରାପତ୍ତା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଲାଗି ଏଫଏମଆରକୁ ରଦ୍ଦ କରାଯିବା ଜରୁରୀ ହୋଇପଡ଼ିଛି ବୋଲି ଶ୍ରୀ ଶାହ କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ମଣିପୁର ସରକାର ସ୍ୱାଗତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତ-ମ୍ୟାଁମାର ସୀମାରେ ଉଭୟ ପଟର ସ୍ଥାନୀୟ ଲୋକଙ୍କ ମୁକ୍ତ ଯାତାୟତ ପାଇଁ ଏଫଏମଆର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହାକୁ ଆଳ କରି ମ୍ୟାଁମାର ପଟୁ ଉତ୍ତର ପୂର୍ବାଞ୍ଚଳର ଅଧିକାଂଶ ରାଜ୍ୟକୁ ମ୍ୟାଁମାର ବିଦ୍ରୋହୀ ପ୍ରବେଶ କରିବା ସହିତ ଚୋରା ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ଚାଲାଣ କରୁଥିଲେ। ଯାହାକୁ ନେଇ ବିଭିନ୍ନ ରାଜ୍ୟରେ ନିରାପତ୍ତା ବ୍ୟବସ୍ଥା ବ୍ୟାହତ ହେବା ସହିତ ହିଂସା ମଧ୍ୟ ବଢୁଥିଲା।

■ ବିଦାୟୀ ରାଜ୍ୟସଭା ସାଂସଦଙ୍କୁ ମୋଦୀଙ୍କ ସମ୍ବୋଧନ

# ମନମୋହନ ସିଂଙ୍କ ନାମ ସର୍ବଦା ସ୍ମରଣୀୟ ହୋଇ ରହିବ

ନୂଆଦିଲ୍ଲୀ,୮।୨(ଏଜେନ୍ସି): ୧୫ଟି ରାଜ୍ୟରେ ଖାଲି ପଡ଼ିବାକୁ ଯାଉଥିବା ୫୬ ରାଜ୍ୟସଭା ଆସନ ଲାଗି ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ବିଭିନ୍ନ ରାଜ୍ୟରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାର ବିଦାୟୀ ସାଂସଦଙ୍କୁ ଗୁରୁବାର ସମ୍ବୋଧିତ କରିଛନ୍ତି। ଗଣତନ୍ତ୍ର ପ୍ରତି ରହିଥିବା ସେମାନଙ୍କ ଅବଦାନକୁ ମନେ ପକାଇ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ପ୍ରତି ପାଞ୍ଚ ବର୍ଷରେ ଲୋକସଭା ବଦଳିଥାଏ ଏବଂ ରାଜ୍ୟସଭାକୁ ପ୍ରତି ଦୁଇ ବର୍ଷରେ ନୂତନ ଜୀବନ ଶକ୍ତି ମିଳିଥାଏ। ଏହି ଦ୍ୱିବାର୍ଷିକ ବିଦାୟ ମଧ୍ୟ ନୂତନ



ସଦସ୍ୟମାନଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ। ଏହିକ୍ରମରେ ମୋଦୀ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ପ୍ରଶଂସା କରିଛନ୍ତି। ଦେଶ ପାଇଁ ମନମୋହନଙ୍କ ମାର୍ଗଦର୍ଶନ ଓ ଯୋଗଦାନ ସବୁବେଳେ ସ୍ମରଣୀୟ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯେବେ ବି ଗଣତନ୍ତ୍ରର ଚର୍ଚ୍ଚା ହେବ, ସେତେବେଳେ ତାଙ୍କ ନାଁ ଚର୍ଚ୍ଚାର ପରିସରକୁ ଆସିବ ବୋଲି ମୋଦୀ କହିଛନ୍ତି।

Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.

| Date | Time | Location |
|---|---|---|
| 11th Feb, 2024 | 03:30 pm | Kendrapada |

Venue: Hotel Gouri Sankar, Thakurpatna - 754250.
Name: Ranjit Mohanty | Mob. No.: 8879334096
Nippon Life India Asset Management Limited | CIN : L65910MH1995PLC220793
Good gets better
Mutual Fund investments are subject to market risks, read all scheme related documents carefully.




ରାହୁଲଙ୍କ ଅଭିଯୋଗ

# ମୋଦୀ ସାଧାରଣ ବର୍ଗର; ଓବିସି ନୁହଁନ୍ତି

ନୂଆଦିଲ୍ଲୀ,୮।୨(ଏଜେନ୍ସି)



ରାହୁଲ ଗାନ୍ଧୀ ଭାରତ ଯୋଡୋ ନ୍ୟାୟ ଯାତ୍ରା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମୋଦୀ ପଛୁଆବର୍ଗ( ଓବିସି) ଜାତିର ବୋଲି କୁହାଯାଉଥିଲେ ହେଁ ସେ ପ୍ରକୃତରେ ସାଧାରଣ ବର୍ଗରୁ ଆସିଛନ୍ତି ବୋଲି ରାହୁଲ କହିଛନ୍ତି। ରାହୁଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସାଧାରଣ ବର୍ଗର, ସେ ଅନ୍ୟ ପଛୁଆ ବର୍ଗ (ଓବିସି) ନୁହଁନ୍ତି । ମୋଦୀ ଓବିସି ବର୍ଗରେ ଜନ୍ମ ହୋଇନାହାଁନ୍ତି ବରଂ ସେ ଗୁଜରାଟର ତେଲି ଜାତିରେ ଜନ୍ମ ହୋଇଥିଲେ। ୨୦୦୦ ମସିହାରେ ବିଜେପି ଦ୍ୱାରା ଗୁଜରାଟରେ ତେଲି ଜାତିକୁ ଓବିସି ବର୍ଗରେ ସାମିଲ କରାଯାଇଥିଲା। ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ଜାତିକୁ ଅନ୍ୟାନ୍ୟ ପଛୁଆ ବର୍ଗରେ ସାମିଲ କରିଦେଇଥିଲେ।କିନ୍ତୁ ମୋଦୀ ସାଧାରଣ ବର୍ଗରେ ଜନ୍ମ ହୋଇଥିଲେ ବୋଲି ରାହୁଲ କହିଛନ୍ତି। ଯାହାକୁ ନେଇ ମୋଦୀ ଜାତିଭିତ୍ତିକ ଜନଗଣନାକୁ ସମର୍ଥନ କରୁନାହାନ୍ତି ବୋଲି ରାହୁଲ କହିଛନ୍ତି। କିନ୍ତୁ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ବିଜେପି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ରାହୁଲ ସବୁ ବେଳେ ମିଥ୍ୟା ପ୍ରଚାର ଚଳାଇଛନ୍ତି। ପଛୁଆବର୍ଗଙ୍କ ପ୍ରତି ତାଙ୍କର ଆଦୌ ସମ୍ମାନ ନାହିଁ। ପୂର୍ବରୁ ପଛୁଆ ବର୍ଗଙ୍କୁ ସେ ଚୋର ବୋଲି ମଧ୍ୟ କହିସାରିଛନ୍ତି। ରାହୁଲ କେବଳ ତୁଷ୍ଟିକରଣ ରାଜନୀତି ପାଇଁ ଏଭଳି କଥା କହୁଛନ୍ତି ବୋଲି ବିଜେପି ଆଇଟି ସେଲ ମୁଖ୍ୟ ଅମିତ ମାଲବିୟ କହିଛନ୍ତି। ସେ କହିଛନ୍ତି ଯେ, ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପରେ ଏଠାକାର ତେଲି ଜାତିକୁ ପଛୁଆବର୍ଗରେ ସାମିଲ କରାଯାଇଛି ବୋଲି ରାହୁଲ ଯାହା କହୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ମୋଦୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ଦୁଇ ବର୍ଷ ପୂର୍ବରୁ ଗୁଜରାଟ ସରକାର ୧୯୯୯ରେ ଏହାକୁ କରିଥିଲେ। ଏହାର ଏକ ନକଲ ସେ 'ଏକ୍ସ'ରେ ପୋଷ୍ଟ କରି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି।

ପ୍ରେମ ନ ଜାଣଇ ଜାତି ସଜନି ଲୋ ପ୍ରେମ ନ ଲୋଡ଼ଇ ପଦ
ଦେଶକାଳପାତ୍ର ବିଚାର ନ ରହେ ପିଇ ଦେଲେ ପ୍ରୀତି ମଦ।
-ପଲ୍ଲିକବି ନନ୍ଦକିଶୋର ବଳ

ସକାଳ
THE SAKALA

## ଉତ୍ତରାଖଣ୍ଡରେ ସମାନ ନାଗରିକ ସଂହିତା

# ଆଧୁନିକ ଭାରତ ନିର୍ମାଣ ପାଇଁ ସମ୍ୟକ ପଦକ୍ଷେପ

ଦେବଭୂମି ଭାବେ ପରିଚିତ ଉତ୍ତରାଖଣ୍ଡ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶର ପ୍ରଥମ ରାଜ୍ୟ ଭାବେ 'ସମାନ ନାଗରିକ ସଂହିତା' ବା ୟୁସିସି ଲାଗୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଉତ୍ତରାଖଣ୍ଡ ବିଧାନସଭାର ନିକଟରେ ଏକ ସ୍ୱତନ୍ତ୍ର ଅଧିବେଶନରେ ଏ ସଂକ୍ରାନ୍ତ ପ୍ରସ୍ତାବ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଛି। ୟୁସିସିକୁ ନେଇ ଦେଶର ପ୍ରମୁଖ ରାଜନୈତିକ ଦଳଙ୍କ ମଧ୍ୟରେ ମତଭେଦ ରହିଆସିଛି। ବିରୋଧୀଦଳମାନେ ଏହାକୁ ବିଜେପିର ହିନ୍ଦୁତ୍ୱବାଦୀ ଓ ସଂଖ୍ୟାଲଘୁ ବିରୋଧୀ ଏଜେଣ୍ଡାର ଏକ ଦସ୍ତାବିଜ୍ ବୋଲି ସମାଲୋଚନା କରୁଛନ୍ତି। ତେବେ ବିଜେପିଶାସିତ ରାଜ୍ୟ ଉତ୍ତରାଖଣ୍ଡ ଏହାକୁ ଲାଗୁ କରିବାକୁ ନିଷ୍ପତ୍ତି ନେବା କଥା ଘୋଷଣା କରିବା ପରେ କେତେକ ମହଲରେ ପ୍ରଚଣ୍ଡ ଉତ୍କଣ୍ଠା ଏବଂ ଆଶଙ୍କା ପ୍ରକାଶ ପାଇଥିଲା। ଏହି ବିଲ୍ ପାରିତ ହେବା ସହିତ ଏହାର ରୂପରେଖ ଓ ଆଇନଗତ ବ୍ୟବସ୍ଥା ସ୍ପଷ୍ଟ ହୋଇଯାଇଛି। ଏହାକୁ ପଢ଼ିଲେ ସ୍ପଷ୍ଟ ହୋଇଯାଉଛି ଯେ ୟୁସିସିକୁ ନେଇ ଯେଉଁ ସବୁ ଅପପ୍ରଚାର ହେଉଥିଲା, ତାହାର କୌଣସି ଭିତ୍ତି ନାହିଁ। ଏହା ସଂଖ୍ୟାଲଘୁଙ୍କ ବିରୋଧୀ ନୁହେଁ କିମ୍ବା ହିନ୍ଦୁ ସପକ୍ଷବାଦୀ ମଧ୍ୟ ନୁହେଁ। ସାମଗ୍ରିକ ଭାବେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ଓ ଗୋଷ୍ଠୀ ନିର୍ବିଶେଷରେ ସବୁ ମଣିଷଙ୍କୁ ସମାନ ଆଇନଗତ ଓ ନାଗରିକ ମାନ୍ୟତା ଦେଇ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ।

ବିଶେଷକରି ବିବାହ, ଛାଡ଼ପତ୍ର, ଭରଣପୋଷଣ, ସମ୍ପତ୍ତି ଉତ୍ତରାଧିକାର ଆଦି କ୍ଷେତ୍ରରେ ସମସ୍ତଙ୍କୁ ସମାନ ଅଧିକାର ଏହି ୟୁସିସିରେ ମିଳିଛି ଏବଂ କାହାରି ପ୍ରତି ବାଛବିଚାର ବା ଅନ୍ୟାୟ କରାଯିବାର ଆଇନଗତ ବ୍ୟବସ୍ଥା ଏଥିରେ ଥିବା ଭଳି ଜଣାପଡୁନାହିଁ। ବିଶେଷକରି ମହିଳାଙ୍କ ଅଧିକାର ଓ ସ୍ୱାର୍ଥରକ୍ଷା ପାଇଁ ଏହି ଆଇନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଧର୍ମ ଓ ପରମ୍ପରା ଦୋହିରେ ମହିଳାଙ୍କୁ ଛାଡ଼ପତ୍ର ଦେବା, ଭରଣପୋଷଣ ଖର୍ଚ୍ଚ ନ ଦେବା, ବହୁବିବାହ, ତିନି ତଲାକ, ସମ୍ପତ୍ତିଗତ ଅଧିକାରରୁ ବଞ୍ଚିତ କରିବା ଭଳି ବିଦ୍ୱେଷୀ ଓ ଭେଦଭାବପୂର୍ଣ୍ଣ ପ୍ରଥାରୁ ନାଗରିକଙ୍କୁ ଏହି ଆଇନରେ ମୁକ୍ତ କରାଯାଇଛି। ବିବାହ ଅନୁଷ୍ଠାନର ପବିତ୍ରତାକୁ ଜାତି ଓ ଧର୍ମ ନିର୍ବିଶେଷରେ ବଞ୍ଚାଇ ରଖିବାକୁ ଏଥିରେ ପ୍ରୟାସ ହୋଇଥିବା ବେଳେ ଆଜିକାଲି 'ଲିଭ୍‌ଇନ୍ ରିଲେସନ'ରେ ରହୁଥିବା ଯୁବକଯୁବତୀମାନଙ୍କ ପାଇଁ ମଧ୍ୟ ପଞ୍ଜୀକରଣ ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଛି। ଏହାଫଳରେ ଯୁଗ ଯୁଗ ଧରି ବିଭିନ୍ନ ସାମାଜିକ ଅନ୍ୟାୟ ଓ ଅତ୍ୟାଚାରର ସମ୍ମୁଖୀନ ହୋଇ ଆସୁଥିବା ମହିଳାଙ୍କ ପାଇଁ ସୁରକ୍ଷା ଓ ସମାନତାର ଦ୍ୱାର ଉନ୍ମୁକ୍ତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ୭୪୯ ପୃଷ୍ଠାର ୟୁସିସି ଚିଠା ଉତ୍ତରାଖଣ୍ଡ ସରକାରଙ୍କ ପାଇଁ ପ୍ରସ୍ତୁତ କରିଥିଲେ। ସେହି ଚିଠାର ଅନେକ ସୁପାରିସ ଉତ୍ତରାଖଣ୍ଡ ୟୁସିସି ଆଇନରେ ସ୍ଥାନ ପାଇଛି। ଏବେ ଉତ୍ତରାଖଣ୍ଡ ପରେ ଅନ୍ୟାନ୍ୟ ରାଜ୍ୟରେ, ବିଶେଷକରି ବିଜେପି ଶାସିତ ରାଜ୍ୟମାନଙ୍କରେ, ଏହା କାର୍ଯ୍ୟକାରୀ ହେବାର ବାଟ ଖୋଲିଗଲା।

ସମୟ ବଦଳୁଛି ଓ ତା' ସହିତ ନୂଆ ନୂଆ ଆବଶ୍ୟକତା ମଣିଷ ଓ ସମାଜ ଆଗରେ ଉପଗତ ହେଉଛି। ଏଭଳି ସ୍ଥିତିରେ ପୁରୁଣାକାଳିଆ ବିଚାର, ସାମାଜିକ ବ୍ୟବସ୍ଥା ଓ ରୀତିନୀତିକୁ ନେଇ ଆଇନ ପ୍ରସ୍ତୁତ ହେଲେ ତାହାର କୌଣସି ପ୍ରାସଙ୍ଗିକତା ରହିବ ନାହିଁ। ଆଇନରେ ସାମ୍ପ୍ରତିକ ଯୁଗ ଓ ସମୟର ଆବଶ୍ୟକତା ତଥା ଭବିଷ୍ୟତର ଆଶା ଆକାଂକ୍ଷା ପୂରଣ ହେବା ଭଳି ବ୍ୟବସ୍ଥା ରହିବା ଉଚିତ। ସେଦୃଷ୍ଟିରୁ ଦେଖିଲେ ୟୁସିସିରେ ବେଶ କିଛି ସ୍ୱାଗତଯୋଗ୍ୟ ପ୍ରାବଧାନ ରହିଛି। ବହୁ ବିବାହ ପ୍ରଥା ଓ ପରମ୍ପରା, ବାଲ୍ୟ ବିବାହ, ମନଇଚ୍ଛା ପତ୍ନୀଙ୍କୁ ଛାଡ଼ପତ୍ର ଦେବା, ଭରଣ ପୋଷଣ ଓ ସମ୍ପତ୍ତିଗତ ଅଧିକାର ମହିଳା ତଥା କନ୍ୟାମାନଙ୍କୁ ନ ଦେବା ଆଜିକା ଯୁଗରେ ଯଥାର୍ଥ ନୁହେଁ। ତେଣୁ ଏସବୁକୁ ଏହି ଆଇନ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛି ଏବଂ ଏଥିରେ ଧର୍ମ ଓ ସମ୍ପ୍ରଦାୟଗତ ବାଛବିଚାର ନାହିଁ। ଆହୁରି ମଧ୍ୟ ବିବାହ ପାଇଁ ଉଭୟ ଯୁବକ ଓ ଯୁବତୀଙ୍କର ଏକ ଗ୍ରହଣଯୋଗ୍ୟ ନିର୍ଦ୍ଧାରିତ ବୟସ ଧାର୍ଯ୍ୟ ହେବା କସ୍ମିନକାଳେ ଭୁଲ୍ ନୁହେଁ। ଦେୱାନୀ ଓ ଫୌଜଦାରୀ ଆଇନ ଭଳି ୟୁସିସି ମଧ୍ୟ ସମସ୍ତଙ୍କ ପାଇଁ ସମାନ ରଖାଯାଇଛି। ଏଥିରେ କେହି ଯଦି କହିବ ଯେ ତା'ର ବ୍ୟକ୍ତିଗତ ଧର୍ମ ପ୍ରତି କୁଠାରଘାତ ହୋଇଛି, ତାହାର କୌଣସି ଉତ୍ତର ନାହିଁ। ଯେଉଁ ଧର୍ମ ମଣିଷକୁ ମଣିଷ ଭାବେ ବଞ୍ଚିବାକୁ ସୁଯୋଗ ଦିଏ ନାହିଁ ଏବଂ କତିପୟ ମୌଳବାଦୀଙ୍କ ନିୟନ୍ତ୍ରଣରେ ରହେ, ସେ ଧର୍ମ ଏକ ବିକାଶଶୀଳ ପ୍ରଗତିବାଦୀ ସମାଜ ଓ ରାଷ୍ଟ୍ରରେ ଖାପଖୁଆଇ ଆଗକୁ ବଢ଼ିବା କଷ୍ଟ।

ଧର୍ମକୁ ମଣିଷର କଲ୍ୟାଣ ପ୍ରତି ଅଭିପ୍ରେତ କରିବାକୁ ହେବ ଏବଂ ନୂଆ ଆଇନ ହିଁ ଏବେ ନୂଆ ଧର୍ମ, ଯାହା ମଣିଷର ଜୀବନକୁ ସହଜ ତଥା ସୁଗମ କରିବ। ଦ୍ରୁତ ବିକାଶଶୀଳ ଭାରତରେ ଧାର୍ମିକ ରୁଢ଼ିବାଦ, ମୌଳିକତା, ଧର୍ମାନ୍ଧତା, କୁସଂସ୍କାର, ପୋଷଣ ଓ ଲିଙ୍ଗଗତ ପାତର ଅନ୍ତର ପାଇଁ ଆଉ ସ୍ଥାନ ନାହିଁ। ତେଣୁ ଏହି ୟୁସିସି ଲିଙ୍ଗଗତ ସମାନତା ଓ ସାମାଜିକ ସଂହତି ବଢ଼ାଇବା ସହ ମହିଳାଙ୍କୁ ସଶକ୍ତ କରିବ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଆଦିବାସୀ ସମ୍ପ୍ରଦାୟଙ୍କୁ ସମ୍ବିଧାନରେ କେତେକ ସାଂସ୍କୃତିକ ଅଧିକାର ସୁରକ୍ଷା ଦିଆଯାଇଥିବାରୁ ସେମାନଙ୍କ ପ୍ରତି ୟୁସିସି ଲାଗୁ ହେବ ନାହିଁ। ଅବଶ୍ୟ ଏହା ଭବିଷ୍ୟତରେ ସେହିସବୁ ସମୁଦାୟ ପାଇଁ ସମସ୍ୟା ଭାବେ ଦେଖାଦେଇପାରେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ଜନସଂଘର ରାଜନୈତିକ ଉତ୍ତରାଧିକାରୀ ଭାବେ ଭାରତୀୟ ଜନତା ପାର୍ଟି ଗତ ନବେଦଶକର ଦ୍ୱିତୀୟାର୍ଦ୍ଧରେ ଜାତୀୟ କ୍ଷମତା ରାଜନୀତି ଦୃଶ୍ୟପଟରେ ଯେଉଁ ତିନୋଟି ମୁଖ୍ୟ ଲକ୍ଷ୍ୟକୁ ଉପସ୍ଥାପିତ କରିଥିଲା, ସେ ମଧ୍ୟରେ ସମାନ ନାଗରିକ ସଂହିତା କେନ୍ଦ୍ରବିନ୍ଦୁ ଥିଲା। ଭାରତର ତଥାକଥିତ ଧର୍ମନିରପେକ୍ଷବାଦୀ ରାଜନୈତିକ ଦଳମାନେ ମୂଳରୁ ଏହାକୁ ବିରୋଧ କରି ଆସୁଥିଲେ; କାରଣ ସେମାନଙ୍କର ବୋଧହୁଏ ଆଶଙ୍କା ଥିଲା ଯେ ଜନସଂଘର ଅଖଣ୍ଡ ଭାରତ ଆଦର୍ଶ ହାସଲ ପାଇଁ ବିଜେପି ଏଭଳି କାର୍ଯ୍ୟପନ୍ଥା ଗ୍ରହଣ କରୁଛି। ସେପଟେ ଅନ୍ୟ ଦୁଇଟି ମୁଖ୍ୟ ବିନ୍ଦୁ ଥିଲା - ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିର ନିର୍ମାଣ ଓ କାଶ୍ମୀର ସମ୍ପର୍କିତ ସମ୍ବିଧାନ ଧାରା ୩୭୦ର ଉଚ୍ଛେଦ। ସମାନ ନାଗରିକ ସଂହିତା ଆଇନ ପ୍ରଣୟନ ହେବା ପରେ ଏବେ ସାରା ଭାରତ ଦେଖୁଛି ଯେ ଏଥିରେ ହିନ୍ଦୁତ୍ୱବାଦୀ ଢାଞ୍ଚାର କୌଣସି ନାଁ ଗନ୍ଧ ନାହିଁ। ଉପରୋକ୍ତ ତିନିଟିଯାକ ଉଦ୍ଦେଶ୍ୟପୂରଣ ପରେ ନାଗରିକ ଆଇନର ସଂଶୋଧନ ଓ ଜାତୀୟ ନାଗରିକ ପଞ୍ଜିକା ଭଳି ଆଉ ଦୁଇଟି ମୁଖ୍ୟ ବିନ୍ଦୁକୁ ମଧ୍ୟ କାର୍ଯ୍ୟକାରୀ କରାଇବାକୁ ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାର ନିଶ୍ଚୟ ଚେଷ୍ଟା କରିବ ବୋଲି ବିରୋଧୀ ଦଳ ଆଶଙ୍କିତ ହୋଇପାରନ୍ତି। ତେବେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ କେନ୍ଦ୍ର ସରକାର ସମ୍ବିଧାନର ବ୍ୟବସ୍ଥା ମଧ୍ୟରେ ରହି ଏ ସବୁ ନୂତନ ଆଇନ ପ୍ରଣୟନ କରିବା ନୂଆ ଭାରତ ନିର୍ମାଣ ପାଇଁ ନିଶ୍ଚୟ ସହାୟକ ହେବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସୋମନାଥରୁ ଅଯୋଧ୍ୟା



ପ୍ରମୋଦ କୁମାର ମହାପାତ୍ର
ଭୁବନେଶ୍ୱର, ମୋ: ୯୪୩୭୫୭୮୩୧୧

ଗତମାସର ଶେଷ ସପ୍ତାହ ସାରା ଭାରତ ପାଇଁ ଥିଲା ରାମମୟ, ପ୍ରାଣବନ୍ତ ଓ ଉତ୍ସବମୁଖର। ସମସ୍ତଙ୍କ ଉତ୍କଣ୍ଠାର ଅନ୍ତ ଘଟାଇ ଜାନୁଆରୀ ୨୨ ତାରିଖର ଶୁଭମୁହୂର୍ତ୍ତରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଲଲା ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ମହାସମାରୋହରେ ଅନୁଷ୍ଠିତ ହେଲା ଅଯୋଧ୍ୟାରେ। ଏହି ନବନିର୍ମିତ ରାମମନ୍ଦିର ବିଶ୍ୱର ଅନ୍ୟତମ ସର୍ବାଧୁନିକ, ଭବ୍ୟ, ଦିବ୍ୟ, ସୁନ୍ଦର କାରୁକାର୍ଯ୍ୟ ମଣ୍ଡିତ ମନ୍ଦିର। କୋଟି କୋଟି ଭାରତୀୟଙ୍କ ଦୀର୍ଘ ପାଞ୍ଚଶହ ବର୍ଷର ଧୈର୍ଯ୍ୟ ଓ ସଂଘର୍ଷର ଏକ ସୁଖଦ ଗରିମାମୟ ପରିସମାପ୍ତି ଘଟିଛି ଏଥିସହିତ। ଏ ରାସ୍ତା କିନ୍ତୁ ଏତେ ସହଜ ନ ଥିଲା। ଶହ ଶହ ସାଧୁସନ୍ଥ, ସମର୍ପିତ ରାଜା, ଜନସେବକ, ସର୍ବୋପରି ଭାରତୀୟ ଜନସାଧାରଣଙ୍କ ଶ୍ରୀରାମଚନ୍ଦ୍ରଙ୍କ ପ୍ରତି ପ୍ରଗାଢ଼ ଭକ୍ତି, ବିଶ୍ୱାସ, ଅସୀମ ତ୍ୟାଗ, ପ୍ରାଣବଳି, ସନାତନ ଧର୍ମ ଓ ମୂଲ୍ୟବୋଧ ପ୍ରତି ଅତୁଟ ଅନୁରକ୍ତି ପାଇଁ ହିଁ ଏହା ସମ୍ଭବ ହୋଇ ପାରିଲା। ଏହାକୁ ବୁଝିବା ପାଇଁ ଭାରତବର୍ଷର ସେହି ଅନ୍ଧକାର କାଳଖଣ୍ଡ ଉପରେ କିଛିଟା ଆଲୋକପାତ କରାଯାଇପାରେ।

ମଧ୍ୟଯୁଗରେ ସମଗ୍ର ଉତ୍ତର-ଭାରତ ବିଦେଶୀ ଆକ୍ରମଣରେ ଜର୍ଜରିତ ଥିଲା। ଆଫଗାନ, ତୁର୍କ, ମୋଗଲ ଆଦି ବିଦେଶୀ ଆକ୍ରମଣକାରୀ ପ୍ରାୟ ୩୦ହଜାର ହିନ୍ଦୁ ମନ୍ଦିର ଧ୍ୱଂସ କରି ସେହିସ୍ଥାନରେ ମସଜିଦ୍ ନିର୍ମାଣ କରିଥିଲେ। ହିନ୍ଦୁମାନଙ୍କୁ କୌଣସି ଭଗ୍ନମନ୍ଦିରର ପୁନରୁଦ୍ଧାର ବା ନୂତନ ମନ୍ଦିର ନିର୍ମାଣର ଅଧିକାର ନ ଥିଲା। ଦୀର୍ଘ ୮୦୦ ବର୍ଷ ଭିତରେ ଦିଲ୍ଲୀରେ ଲକ୍ଷ୍ମୀନାରାୟଣ ମନ୍ଦିର ହିଁ ଏକମାତ୍ର ମନ୍ଦିର, ଯାହା ୧୯୩୩-୧୯୩୯ରେ ସେ ସମୟର ବିଶିଷ୍ଟ ଶିଳ୍ପପତି ଯୁଗଳ କିଶୋର ବିର୍ଲାଙ୍କ ଦ୍ୱାରା ନିର୍ମିତ ଏବଂ ଗାନ୍ଧିଜୀଙ୍କ ହାତରେ ଉଦ୍‌ଘାଟିତ ହୋଇଥଲା। ସର୍ତ୍ତ ଥିଲା ଯେ ଏହା ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଖୋଲା ରହିବ। ୧୦୨୪-୨୬ ମସିହାରେ ବିଦେଶୀ ଆକ୍ରମଣକାରୀ ମହମ୍ମଦ ଗଜନି ଗୁଜରାଟର ସୋମନାଥ ମନ୍ଦିରକୁ ଆକ୍ରମଣ କରି ମନ୍ଦିର ଓ ଆରାଧ୍ୟ ମୂର୍ତ୍ତିଗୁଡ଼ିକୁ ନଷ୍ଟ ଭ୍ରଷ୍ଟ କରି ସମସ୍ତ ସ୍ୱର୍ଣ୍ଣ, ରୌପ୍ୟ ଆଦି ମୂଲ୍ୟବାନ ରତ୍ନଆଭୂଷଣ ଲୁଟ୍ କରିଥିଲା। ତା' ପରେ ପରେ ସତର ଥର ଆକ୍ରମଣ ହୋଇଥିଲା। ଶେଷରେ ୧୭୦୬ ମସିହାରେ ମୋଗଲ ସମ୍ରାଟ ଆଉରଙ୍ଗଜେବ ଏହି ମନ୍ଦିରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲେ। ଏପରି ପ୍ରତିକୂଳ ସମୟରେ ମଧ୍ୟ ହିନ୍ଦୁ ସମାଜ ଆସ୍ଥା, ବିଶ୍ୱାସ ହରାଇ ନଥିଲେ। ଅହିଲ୍ୟାବାଈ ହୋଲକରଙ୍କ ସମେତ ବିଭିନ୍ନ ରାଜା ମହାରାଜଙ୍କ ଦ୍ୱାରା ଏହାର ସାତ ଥର ପୁନଃନିର୍ମାଣ ତଥା ଜୀର୍ଣ୍ଣୋଦ୍ଧାର କରାଯାଇଥିଲା।

୧୯୪୭ ନଭେମ୍ବର ମାସରେ ଜୁନାଗଡ଼ ରାଜ୍ୟକୁ ଭାରତ ସହିତ ମିଶାଇବା ଅବସରରେ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସୋମନାଥ ମନ୍ଦିର ନବୀକରଣ ପାଇଁ ଉଦ୍ୟମ ଆରମ୍ଭ କଲେ। ୧୯୫୧ ରେ ନବନିର୍ମିତ ସୋମନାଥ ମନ୍ଦିରରେ ପ୍ରାଣପ୍ରତିଷ୍ଠା ପାଇଁ ଦେଶର ପ୍ରଥମ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦ ଆସିଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବାରଣ ସତ୍ତ୍ୱେ। ଉଚ୍ଚପଦରେ ଥିବା କୌଣସି ରାଜନେତା କୌଣସି ଧାର୍ମିକ ଉତ୍ସବରେ ଯୋଗ ଦେବା ଧର୍ମନିରପେକ୍ଷ ନୀତିର ଉଲ୍ଲଂଘନ ବୋଲି ତାଙ୍କ ମତ ଥିଲା। କିନ୍ତୁ ଡ.ରାଜେନ୍ଦ୍ର ପ୍ରସାଦ ରୋକଠୋକ୍ କହିଥିଲେ - 'ମୁଁ ମୋ ଧର୍ମରେ ବିଶ୍ୱାସ ରଖେ, ନିଜକୁ ଏହାଠାରୁ ଅଲଗା କରି ପାରିବି ନାହିଁ। ଏଥିପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। କୁହାଯାଏ, ରାଷ୍ଟ୍ରପତି ସୋମନାଥ ମନ୍ଦିର ଉଦ୍‌ଘାଟନ ଉତ୍ସବରେ ଦେଇଥିବା ଭାଷଣକୁ ରାଷ୍ଟ୍ର ନିୟନ୍ତ୍ରିତ ଗଣମାଧ୍ୟମ ପ୍ରସାର କରି ନଥିଲା।

ସେହିପରି ଅଯୋଧ୍ୟାର ରାମ ଜନ୍ମଭୂମି ବିବାଦ ଏକ ଲମ୍ବା ଇତିହାସ। ମୋଗଲ ସମ୍ରାଟ୍ ବାବର୍ ୧୫୨୮ ମସିହାରେ ପ୍ରଭୁଶ୍ରୀରାମଙ୍କ ଜନ୍ମସ୍ଥାନରେ ଥିବା ମନ୍ଦିର ଧ୍ୱଂସ କରି ସେଠାରେ ଏକ ମସଜିଦ୍ ନିର୍ମାଣ କରିଥିଲେ। ପରବର୍ତ୍ତୀ ୩୦୦ ବର୍ଷ ପର୍ଯ୍ୟନ୍ତ ଏଠାରେ ନମାଜ ପଢ଼ିବାର କୌଣସି ପ୍ରମାଣ ନାହିଁ। ୧୭୦୮ ରେ ୱିଲିୟମ୍ ଫିଞ୍ଚ ନାମକ ଜଣେ ଇଂରେଜ ଭ୍ରମଣକାରୀ ତାଙ୍କ ଲେଖାରେ ଶ୍ରୀରାମଙ୍କ ଜନ୍ମସ୍ଥାନ ଉପରେ ହିନ୍ଦୁମାନଙ୍କ ଅଗାଧ ବିଶ୍ୱାସ ଓ ଆସ୍ଥା ସମ୍ପର୍କରେ ଉଲ୍ଲେଖ କରିଥିଲେ। ୧୭୭୬ରେ ଗଠିତ ଅମୀନି କମିଶନଙ୍କ ଦସ୍ତାବିଜ୍‌ରୁ ଜଣାପଡ଼େ ଯେ ସାଧାରଣ ହିନ୍ଦୁ ଭକ୍ତମାନେ ମସଜିଦ୍ ପାଖରେ କାର୍ତ୍ତିକ ପୂର୍ଣ୍ଣିମା ଓ ରାମ ନବମୀରେ ଏକତ୍ରିତ ହେଉ ଥିଲେ ଏବଂ ଏକ ବେଦୀ ତିଆରି କରି ଶ୍ରୀରାମଲଲାଙ୍କ ପୂଜା କରୁଥିଲେ। ୧୮୫୮ ରେ ୨୮ ଜଣ ନିହାଙ୍ଗ ଶିଖ ଏହା ଭିତରକୁ ପ୍ରବେଶ କରି ପୂଜା ଓ ହୋମ କରିଥିଲେ ଏବଂ ମସଜିଦ୍ କାନ୍ଥରେ 'ରାମନାମ' ଲେଖି ଦେଇଥିଲେ। ୧୯୩୪ରେ ଗୋହତ୍ୟା ଗୁଜବକୁ ନେଇ ଭୀଷଣ ଦଙ୍ଗା ସୃଷ୍ଟି ହୋଇଥିଲା। ପ୍ରାୟ ୨୦୦ ଜଣ 'ବୈରାଗୀ' ଗୋଷ୍ଠୀଙ୍କ ସଂଘବଦ୍ଧ ଆକ୍ରମଣରେ ମସଜିଦ୍‌ର କିଛିଅଂଶ ନଷ୍ଟ ହୋଇଥିଲା। ଇଂରେଜ ସରକାର ଆଯୋଧ୍ୟାର ହିନ୍ଦୁ ସମ୍ପ୍ରଦାୟକୁ ଏଥିପାଇଁ ଦାୟୀ କରି କ୍ଷତିପୂରଣ ବାବଦରେ ୮୪୦୦୦ ଟଙ୍କା ଜରିମାନା କରିଥିଲେ। ପ୍ରାୟ ପ୍ରତି ପରିବାରକୁ ସର୍ବନିମ୍ନ ୧୧ ରୁ ୫୧ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିଥିଲା। ସେ ସମୟରେ ଏହା ଖୁବ୍ ବଡ଼ ମାତ୍ରା ଥିଲା। କ୍ଷୁଧା, ଦାରିଦ୍ର୍ୟ, ଦୁର୍ଭିକ୍ଷ ଜର୍ଜରିତ ଗରିବ ହିନ୍ଦୁମାନଙ୍କ ଜରିମାନା ଦେବାକୁ ସେତିକି ମଧ୍ୟ ସମ୍ବଳ ନ ଥିଲା। ତେଣୁ ଏହା ଭରଣା କରିବା ପାଇଁ ସେମାନେ ତଳିତଳାନ୍ତ ହୋଇଯାଇଥିବା କୁହାଯାଏ।

ଏହିପରି ୧୯୪୭ ପର୍ଯ୍ୟନ୍ତ ଅନେକଗୁଡ଼ିଏ 'ଏଫ୍‌ଆଇଆର୍ ଦିଆଯାଇଥିଲେ ମଧ୍ୟ ଇଂରେଜ ସରକାର 'ବିଭାଜନ ଓ ଶାସନ' କୂଟନୀତିରେ ଜାଣିଶୁଣି କୌଣସି ସମାଧାନ କରି ନଥିଲେ।

୧୯୪୯ ଡିସେମ୍ବର ୨୩ ସକାଳେ ପ୍ରଘଟ ହେଲା ଯେ ବାବ୍ରୀ ମସଜିଦ୍ ଭିତରେ ଶ୍ରୀରାମଲଲା ପ୍ରକଟ ହୋଇଛନ୍ତି। ଏହା ଶୁଣି ଶଙ୍କାଗ୍ରସ୍ତ କେନ୍ଦ୍ର ସରକାର ତତ୍ପର ହୋଇଉଠିଲେ। ପାକିସ୍ତାନ ଓ କଶ୍ମୀରର ମୁସଲମାନମାନଙ୍କ ମଧ୍ୟରେ ନକାରାତ୍ମକ ପ୍ରତିକ୍ରିୟା ହୋଇପାରେ ବୋଲି ଅନୁଭବ କରି ପ୍ରଧାନମନ୍ତ୍ରୀ ନେହେରୁଙ୍କ ପରାମର୍ଶରେ ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥ ଶ୍ରୀରାମଲଲାଙ୍କ ମୂର୍ତ୍ତି ମସଜିଦ୍‌ରୁ ହଟାଇ ପୂର୍ବ ସ୍ଥିତି ବାହାଲ କରିବାକୁ ନିର୍ଦ୍ଦେଶ ଦେଲେ। ସେ ସମୟରେ ଫୈଜାବାଦ୍‌ର ଡେପୁଟି ମାଜିଷ୍ଟ୍ରେଟ୍ ଥିଲେ ଆଇସିଏସ୍ ଅଫିସର କେ କେ ନାୟାର। ଚତୁର ଓ ସାହସୀ ନାୟାର କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସରକାରଙ୍କୁ ଲେଖିଥିଲେ ଯେ- 'ଶ୍ରୀରାମଲଲାଙ୍କୁ ହଟେଇବା ସମ୍ଭବ ନୁହେଁ, ଯେହେତୁ ସେଠାରେ ଅସଂଖ୍ୟ ହିନ୍ଦୁ ପୂଜା କରୁଛନ୍ତି। ଏମିତି କଲେ ହୁଏତ ସାମ୍ପ୍ରଦୟିକ ସଦ୍‌ଭାବ ବିଗିଡ଼ି ଯାଇ ଦଙ୍ଗା ସୃଷ୍ଟି ହୋଇପାରେ। ବରଂ ଏହାର ସମାଧାନ ଅଦାଲତରେ ହେଉ।' କହିବା ବାହୁଲ୍ୟ, ଏହା ପରେ ପରେ ସେ ଚାକିରିରୁ ବରଖାସ୍ତ ହେଲେ ସତ, କିନ୍ତୁ ଇତିହାସର ଗତିପଥ ବଦଳି ଯାଇଥିଲା। 'ରାମ ଜନ୍ମଭୂମି' ବିବାଦ ବିଚାର ପାଇଁ ଅଦାଲତକୁ ଗଲା। ମୋଗଲ ଶାସନ ତଥା ଇଂରେଜ ସରକାର ଅମଳର ସଂଗୃହୀତ ଓ ସଂରକ୍ଷିତ ନଥିପତ୍ର ଓ ସମସ୍ତ ଦସ୍ତାବିଜ୍ ରାମ ଜନ୍ମଭୂମି ସପକ୍ଷରେ ଗଲେ ମଧ୍ୟ କିଛି ବାମପନ୍ଥୀ ଇତିହାସକାର, ସାମ୍ବାଦିକ ଏବଂ ସଂଖ୍ୟାଲଘୁ ତୁଷ୍ଟୀକରଣପ୍ରିୟ ରାଜନୀତିଜ୍ଞ ଘଟଣାକୁ ବିଭ୍ରାନ୍ତ କରି ପ୍ରତିବାଦୀ ମୁସଲିମ ପକ୍ଷକୁ ପଛକୁ ନ ହଟିବା ପାଇଁ ଉସୁକାଇ ମାମଲାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଦାଲତରେ ଗଡ଼େଇ ରଖିବା ପାଇଁ ଷଡ଼ଯନ୍ତ୍ର କଲେ।

୧୯୮୦ ଦଶକରେ 'ରାମ ଜନ୍ମଭୂମି' ବିବାଦ ବିଶ୍ୱ ହିନ୍ଦୁ ପରିଷଦର ଅଶୋକ ସିଂଘଲ୍‌ଙ୍କ ନେତୃତ୍ୱରେ ଓ ଅନ୍ୟ ସମଧର୍ମା ସଂଗଠନଙ୍କ ସମର୍ଥନ ପାଇ ଏକ ଗଣଆନ୍ଦୋଳନରେ ପରିଣତ ହେଲା। ୧୯୮୫ରେ 'ମୁସଲିମ ଓମେନ୍ ଆକ୍ଟ' ଆଣି ସୁପ୍ରିମକୋର୍ଟଙ୍କ 'ଶାହବାନୋ ରାୟ'କୁ ନିଷ୍କ୍ରିୟ କରିଥିବାରୁ ବିରୋଧୀ ଦଳଙ୍କ ନିଶାଣରେ ଥିବା ରାଜୀବ ଗାନ୍ଧୀଙ୍କ ସରକାର ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କୁ ପ୍ରଭାବିତ କରିବାକୁ ୧୯୮୬ ରେ ରାମ ମନ୍ଦିରର ତାଲା ଖୋଲିବା ପାଇଁ ତତ୍କାଳୀନ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ବୀର ବାହାଦୁର ସିଂହଙ୍କୁ ପରାମର୍ଶ ଦେଇଥିଲେ। ୨ ନଭେମ୍ବର ୧୯୯୦ ରେ ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଶିବସେନା ଦ୍ୱାରା 'ରାମ ଜନ୍ମଭୂମି' ସ୍ଥଳରେ ରାମମନ୍ଦିର ପୁନଃନିର୍ମାଣ ପାଇଁ ଅଭିଯାନ ଆରମ୍ଭ ହେଲା। ଏଥିସହିତ ଲାଲକୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ 'ସୋମନାଥରୁ ଅଯୋଧ୍ୟା ରଥଯାତ୍ରା' ସମୟରେ ବିହାରରେ ଆଡଭାନୀଙ୍କ ଗିରଫଦାରୀରେ ଉତ୍ତରପ୍ରଦେଶରେ ଉପୁଜିଥିବା ସ୍ଥିତି ନିୟନ୍ତ୍ରଣ କରିବାକୁ ତତ୍କାଳୀନ ଉତ୍ତରପ୍ରଦେଶର ମୁଲାୟମ ସିଂ ଯାଦବ ସରକାରଙ୍କ ନିର୍ଦ୍ଦେଶରେ ହୋଇଥିବା ପୁଲିସ ଗୁଳିକାଣ୍ଡରେ ଅସଂଖ୍ୟ କରସେବକ ପ୍ରାଣ ହରାଇଥିଲେ। ପରବର୍ତ୍ତୀ ସମୟରେ ୬ ଡିସେମ୍ବର ୧୯୯୨ରେ ବାବ୍ରୀ ମସଜିଦ୍‌ର ବିବାଦୀୟ ଢାଞ୍ଚାକୁ ଲକ୍ଷାଧିକ କରସେବକ ଏକତ୍ରିତ ହୋଇ ଭୂ-ଲୁଣ୍ଠିତ କରି ଦେଇଥିଲେ। ଢାଞ୍ଚା ଭାଙ୍ଗିଗଲା ପରେ ଶ୍ରୀରାମଲଲାଙ୍କ ବିଗ୍ରହ ତମ୍ବୁ ତଳେ ପୂଜିତ ହେଉଥିଲେ।

ଅଦାଲତଙ୍କ ନିର୍ଦ୍ଦେଶରେ ୨୦୦୩ ମସିହାରେ ହୋଇଥିବା ସର୍ବେକ୍ଷଣରେ ଏଏସଆଇର ଖନନରୁ ମିଳିଥିବା ତଥ୍ୟ ମନ୍ଦିର ଉପସ୍ଥିତିର ବଳିଷ୍ଠ ପ୍ରମାଣ ରୂପେ ଉପସ୍ଥାପିତ ହେଲା। ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣର ପୂର୍ବତନ କ୍ଷେତ୍ରୀୟ ନିର୍ଦ୍ଦେଶକ କେ କେ ମହମ୍ମଦ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ବିବାଦୀୟ ଢାଞ୍ଚା ତଳେ ଏକ ମନ୍ଦିର ଥିବାର ଯଥେଷ୍ଟ ପ୍ରମାଣ ୧୯୭୬-୭୭ରେ ଅଯୋଧ୍ୟାରେ ଖନନ ସମୟରେ ସଂଗୃହୀତ ଅବଶେଷ ନମୁନାରେ ଉପଲବ୍ଧ। ଏହି ବିସ୍ଫୋରକ ମନ୍ତବ୍ୟ ଉଭୟ ରାମ ଜନ୍ମଭୂମି ଅଭିଯାନ ଓ ଅଦାଲତ ନିର୍ଣ୍ଣୟକୁ ବଳ ଦେଇଥିଲା। ଶେଷରେ ୯ ନଭେମ୍ବର ୨୦୧୯ରେ ମାନ୍ୟବର ସୁପ୍ରିମକୋର୍ଟ ରାମ ଜନ୍ମଭୂମି ସପକ୍ଷରେ ଐତିହାସିକ ରାୟ ଶୁଣାଇଲେ। ଏହି ରାୟ ଅନୁସାରେ ୫ ଅଗଷ୍ଟ ୨୦୨୦ ମସିହାରେ 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ' ଆନୁକୂଲ୍ୟରେ ଏକ ଭକ୍ତିମୟ ପରିବେଶରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଅଯୋଧ୍ୟାରେ ଶିଳାନ୍ୟାସ ହେଲା। କୋଟି କୋଟି ଭାରତୀୟଙ୍କ ସ୍ୱପ୍ନ ସାକାର ହେଲା। ଏହି ମହାନ୍ ଦେଶର ସଭ୍ୟତା, ସଂସ୍କୃତି, ଅସ୍ମିତା, ମୂଲ୍ୟବୋଧ, ବିଚାରଧାରା ଓ ପରମ୍ପରା ଉପରେ ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା। ଯେଉଁମାନେ କହୁଥିଲେ, ରାମ ମନ୍ଦିର ହେଲେ ସାରା ଭାରତରେ ନିଆଁ ଜଳିବ, ତାହା ଭୁଲ୍ ପ୍ରମାଣିତ ହେଲା। ସମସ୍ତ ଘଟଣା ପ୍ରବାହର ମୂକସାକ୍ଷୀ ପବିତ୍ର ସରଯୁ ନଦୀ ମଧ୍ୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇପଡ଼ିଲା।

ଏ ସମସ୍ତର ଶ୍ରେୟ ଯିବ ସେହି ଶାନ୍ତ, ଉଦାର, ସହିଷ୍ଣୁ ଭାରତୀୟମାନଙ୍କୁ, ଯେଉଁମାନେ କୌଣସି ରାଜା, ମହାରାଜା, ଶାସକ ଆଦିଙ୍କ ସମର୍ଥନ ନ ପାଇ ମଧ୍ୟ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଆସ୍ଥା ଓ ବିଶ୍ୱାସ ହରାଇ ନଥିଲେ ଏବଂ ଶେଷପର୍ଯ୍ୟନ୍ତ ଶ୍ରୀରାମଲଲାଙ୍କୁ ପୂଜା କରି ଆସୁଥିଲେ। ଶହ ଶହ ସାଧୁ, ସନ୍ଥ, ମଠ ମହନ୍ତ, ସେହି ୨୮ ଜଣ ନିହାଙ୍ଗ ଶିଖ, ସେ ସମୟରେ ୮୪ ହଜାର ଟଙ୍କା ଜୋରିମାନା ଦେଇ ସର୍ବସ୍ୱ ହରେଇ ଥିବା ଆଯୋଧ୍ୟାର ହିନ୍ଦୁ ପରିବାର, ସତ୍ୟନିଷ୍ଠ ଓ ସାହସୀ ଆଇସିଏସ ଅଫିସର କେ କେ ନାୟାର, ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣର ପୂର୍ବତନ କ୍ଷେତ୍ରୀୟ ନିର୍ଦ୍ଦେଶକ, ସଚ୍ଚୋଟ, ଦକ୍ଷ ଓ ନିର୍ଭୀକ ଅଫିସର୍ କେ କେ ମହମ୍ମଦ, ଗୁଳିକୁ ଭ୍ରୂକ୍ଷେପ ନ କରି ପ୍ରାଣବଳି ଦେଇଥିବା କରସେବକ - ଏମାନେ ହିଁ ପ୍ରକୃତ ସାଧକ, ଶ୍ରଦ୍ଧା, ସମ୍ମାନ ଓ ଧନ୍ୟବାଦର ପାତ୍ର, ଚିର ନମସ୍ୟ, ଯଥାର୍ଥରେ 'ଅଦୃଶ୍ୟ ନାୟକ'। ଏ ଜାତି ସେମାନଙ୍କ ନିକଟରେ ସଦା କୃତଜ୍ଞ।



# ପ୍ରେମସପ୍ତାହର ଆଡ଼ମ୍ବର



ଅରୁଣ କୁମାର ତ୍ରିପାଠୀ
ଜୟପୁର, ମୋ: ୯୦୭୮୮୩୮୬୨୭

ଫେବୃୟାରୀ ମାସ ତଥାକଥିତ ପ୍ରେମପକ୍ଷୀଙ୍କ ନିମିତ୍ତ ଆନନ୍ଦ ଆଣିଦିଏ। କାରଣ ଏଥିରେ ପାଳିତ ହୁଏ 'ଭାଲେଣ୍ଟଇନ୍ ସପ୍ତାହ'। ରୋମ୍‌ରେ ୧୪୭୭ରେ ଦ୍ୱିତୀୟ କ୍ଲାଉଡିୟସ୍ ପ୍ରେମବିବାହକୁ ନିଷିଦ୍ଧ ଘୋଷଣା କରିଥିଲେ। କାରଣ ତାଙ୍କର ଧାରଣା ଥିଲାଯେ, ଏପରି ବିବାହ ସ୍ଖଳିତ ସୈନିକ ସୃଷ୍ଟିକରେ। ଏହାକ ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ଗ୍ରହଣ କରିପାରିଲେ ନାହିଁ। ରାଜଘୋଷଣା ପ୍ରତିବାଦରେ ସେ ସାମୂହିକ ପ୍ରେମବିବାହ ଆୟୋଜନ କରାଇଥିଲେ। ରାଜା ଏହା ଜାଣି ତାଙ୍କୁ କାରାଗାରରେ ବନ୍ଦୀ କରି ରଖିଲେ, ଯେଉଁଠି ଜେଲର୍‌ଙ୍କ ଝିଅ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଲା। ଫେବୃୟାରୀ ୧୪ରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା। ଏହାପୂର୍ବରୁ ସେ ତାଙ୍କ ପ୍ରାଣପ୍ରିୟ ପ୍ରିୟତମାଙ୍କୁ ଏକ ଚିଠି ଲେଖିଥିଲେ, ଯେଉଁଠି ଶେଷରେ ଲେଖାଥିଲା, 'ଫ୍ରମ୍ ୟୋର୍ ଭାଲେଣ୍ଟାଇନ୍'।

ପରବର୍ତ୍ତୀ ସମୟରେ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶରେ ବିଭିନ୍ନ ସଂସ୍କୃତିର ପ୍ରଭାବରେ ଏହାକୁ ୭ ଦିନ ଧରି ପାଳନ କରାଯାଉଛି। ଫେବୃୟାରୀ ୭ ତାରିଖ - ଗୋଲାପ ଦିବସ, ୮ ତାରିଖ - ପ୍ରସ୍ତାବ ଦିବସ(ପ୍ରୋପଜ୍), ୯ ତାରିଖ - ଚକଲେଟ୍ ଦିବସ, ୧୦ ତାରିଖ - ଟେଡି ଦିବସ, ୧୧ ତାରିଖ - ପ୍ରତିଶ୍ରୁତି ଦିବସ, ୧୨ ତାରିଖ - ଚୁମ୍ବନ ଦିବସ, ୧୩ ତାରିଖ - ଆଲିଙ୍ଗନ ଦିବସ ଓ ସର୍ବଶେଷରେ ୧୪ ତାରିଖ - ଭାଲେଣ୍ଟାଇନ୍ ଦିବସ ଭାବେ ପ୍ରେମୀଯୁଗଳ ପାଳନ କରିଆସୁଛନ୍ତି। ଅପରପକ୍ଷରେ ଏହାକୁ ବିରୋଧ କରି କେତେକ ସଂଗଠନ ତରଫରୁ ଏହି ଦିନମାନଙ୍କରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଏ। ସଂସ୍କାର ଆନ୍ଦୋଳନର ସମର୍ଥକମାନେ ଏହି ଦିନମାନଙ୍କୁ 'ମାତୃପିତୃ ପୂଜନ ଦିବସ' ଭାବେ ପାଳନ କରନ୍ତି। ସେହିପରି ବ୍ୟଙ୍ଗକାରମାନେ ଏହି ଦିବସମାନଙ୍କୁ ଯଥାକ୍ରମେ ଗୋଲାପ ସପ୍ତମୀ, ପ୍ରସ୍ତାବ ଅଷ୍ଟମୀ, ଚକୋଲେଟ୍ ନବମୀ, ଭାଲୁ ଦଶମୀ, ବଚନ ଏକାଦଶୀ, ଆଲିଙ୍ଗନ ଦ୍ୱାଦଶୀ, ଚୁମ୍ବନ ତ୍ରୟୋଦଶୀ ତଥା ପ୍ରେମ ଚତୁର୍ଦ୍ଦଶୀ ଭାବେ ସମାଲୋଚନା କରନ୍ତି। ବିଶେଷତଃ ଗୋଲାପ ଫୁଲ ବିକ୍ରେତାଙ୍କ ଏହା ପୁଷ ମାସ ହେଇଯାଏ। ଗୋଟିଏ ଗୋଲାପ ୨୦୦ ଟଙ୍କାରେ ବିକ୍ରି ହେବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଗ୍ରିଟିଂ ତଥା ଟେଡି ବିକ୍ରେତାଗଣ ମଧ୍ୟ ଏହି ସମରେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି। ଖାଦ୍ୟଶିଳ୍ପ ଏବଂ ପର୍ଯ୍ୟଟନର ଶିଳ୍ପରେ ଭରସା କରି ଚଳୁଥିବା ଲୋକେ ରୋଜଗାର ମଧ୍ୟ ଏହି ସପ୍ତାହମାନଙ୍କରେ ବୃଦ୍ଧି ପାଏ। ତେବେ ଏହି ସପ୍ତାହ ସରିବା ପରେ ମଧ୍ୟ ଶେଷରେ ଫେବୃଆରୀ ୨୧ ତାରିଖରେ ପାଳନ ହୁଏ 'ବ୍ରେକ୍‌ଅପ୍ ଡେ' ବା 'ପ୍ରତ୍ୟାଖାନ ଦିବସ'।

ମନରେ ପ୍ରଶ୍ନ ଉଠେ ପ୍ରେମ କ'ଣ? ଉତ୍ତର ହେଉଛି - ପ୍ରେମ ଏକ ଆକର୍ଷଣ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଡୋପାମାଇନ୍ ନାମକ ହର୍ମୋନ୍ କ୍ଷରଣରୁ ଏହା ଉଦ୍ରେକ ହୁଏ। କାହା କାହା କ୍ଷେତ୍ରରେ ଏହା ଦୁଇରୁ ତିନିବର୍ଷ ହେଉଥିବା ବେଳେ କେତେକଙ୍କ କ୍ଷେତ୍ରରେ ଏହା ଜୀବନବ୍ୟାପୀ ଚାଲେ। ବୈଜ୍ଞାନିକ ତଥ୍ୟ ଅନୁସାରେ ଏହାର ତିନୋଟି ସ୍ତର ରହିଛି। ପ୍ରଥମ ସ୍ତରରେ ପୁରୁଷଙ୍କ ଶରୀରରେ ଟେଷ୍ଟୋଷ୍ଟରେନ ଏବଂ ମହିଳାଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ କ୍ଷରଣ ହୁଏ। ଦ୍ୱିତୀୟ ସ୍ତର ହେଉଛି ନିଶାଦ୍ରବ୍ୟ ଭଳି ପ୍ରେମରୁ ଆକର୍ଷିତ ହୋଇ ତାହାକୁ ଅନୁଭବ କରିବା। ଅନ୍ତିମ ପର୍ଯ୍ୟାୟ ହେଉଛି, ଗଭୀର ସଂଲଗ୍ନ, ଯେଉଁଥିରେ ସହଚାରୀ ସହ ଏକତ୍ର ଦୀର୍ଘକାଳ ରହିବାର ଯୋଜନା ପ୍ରସ୍ତୁତ ଆରମ୍ଭ କରିବା। ତେବେ ବଲିଉଡ୍ ସିନେମାର ବିରହ ସଙ୍ଗୀତ ସବୁ ଏହିଭଳି ଶୈଳୀରେ ପ୍ରଦର୍ଶିତ ହୁଏ ଯେ, ଯୁବା ଭାବନ୍ତି ସେୟା ହିଁ ପ୍ରେମ। ବିରହର ପରିଭାଷା ମଧ୍ୟ ସେଇଠୁ ସୃଷ୍ଟି ହୁଏ। କିଛିଲୋକଙ୍କ ମତରେ ପ୍ରେମ ସମୟରେ ଗୀତ ଆନନ୍ଦ ଦେଉଥିବା ବେଳେ, ବିରହରେ ତାହାର ଶବ୍ଦମାନ ବୁଝାପଡ଼େ।

ସାଧାରଣତଃ କୁହାଯାଏ, ପ୍ରଥମ ପ୍ରେମ ସଫଳ ହୁଏ ନାହିଁ। କାଳକ୍ରମର ଏକ ଛଳନାକୁ ପରିବ୍ୟାପ୍ତ କରି ପ୍ରେମର ପ୍ରକ୍ରିୟା ସବୁ ସଫଳ ହୁଏ। ଯୁବ ବୟସରେ ଝିଅଟିଏ ଯତ୍ନ ଆବଶ୍ୟକ କରେ, ଯାହା ପରିବାରଠୁ ଅଭାବ ରହିଲେ ସେ ତାହାକୁ ବାହାରେ ଖୋଜେ। ଏହି ତତ୍ତ୍ୱକୁ ଜାଣି 'ଲଭ୍ ଜିହାଦ୍' ଭଳି ବିସଙ୍ଗତି ମଧ୍ୟ ସମାଜରେ ଦେଖାଦେଲାଣି। ପ୍ରେମ ଏକ ଆକର୍ଷଣ ହେଲେ ମଧ୍ୟ ଏହା ଶାଶ୍ୱତ ଓ ଚିରନ୍ତନ। ଭାରତୀୟ ସଂସ୍କୃତିମତେ ଦେବୀ ସରସ୍ୱତୀ ପ୍ରେମର ଦେବୀ। ତେଣୁ ବସନ୍ତ ପଞ୍ଚମୀରେ ଅନେକ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। କିନ୍ତୁ ନିଜର ଭବିଷ୍ୟତ ତଥା ସାମାଜିକ ଦାୟିତ୍ୱ ନିର୍ବାହରେ ଯେମିତି ଅବହେଳା ନହୁଏ, ସେଥିପ୍ରତି ଯୁବପିଢ଼ି ସଚେତନ ରହିବା ବିଧେୟ। ଯୁବାବସ୍ଥାରେ ପ୍ରେମର ପାପଚକ୍ରରେ ପଡ଼ି ଅନେକ ଜୀବନ ଛାରଖାର ହେଇଯାଏ। ପ୍ରେମର ପାପଚକ୍ର ହେଉଛି ବିଭିନ୍ନ ପ୍ରେମ ସମ୍ବନ୍ଧୀୟ କାର୍ଯ୍ୟକଳାପର କ୍ରିୟା ଏବଂ ପ୍ରତିକ୍ରିୟା, ଯାହା ପ୍ରେମୀଙ୍କୁ ସଦାସର୍ବଦା ଅନିଶ୍ଚିତତା ମଧ୍ୟରେ ବାନ୍ଧି ରଖେ। ପ୍ରଗତି ପଥରେ ହେଉଛି ଏହା ଗୁରୁତର ମାର୍ଗବିରୋଧ। ପ୍ରେମର ଏହି ପାପଚକ୍ରକୁ ଦୃଢ଼ ମାନସିକ ସଚେତନତା ଦ୍ୱାରା ଭଙ୍ଗ କରାଯାଇପାରେ। ବାସନାକୁ ଉପାସନା ଦ୍ୱାରା ଜୟ କରାଯାଇପାରେ। ଗଭୀର ମାନସିକ ଉଚ୍ଛ୍ୱାସମାନଙ୍କୁ ଯୋଗ, ପ୍ରାଣାୟମ, ପ୍ରସନ୍ନତା ବଣ୍ଟନ, ଅନ୍ୟର ଦୁଃଖର ପ୍ରଶମନ ଆଦିରେ ବିନିଯୋଗ କରାଯାଇପାରିଲେ ମନୁଷ୍ୟର ଦୁର୍ବଳ ମାନସିକ ସ୍ଥିତି ରହିବ ନାହିଁ। ପ୍ରେମର ପରିଭାଷା କ'ଣ ସେହି ବିଷୟରେ ଯୁବପିଢ଼ିର ଉପଯୁକ୍ତ ଜ୍ଞାନ ରହିବା ବିଧେୟ।



XXI-38

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAA-MBJ-0014-2023-42719 / R&DM, Dated-05.12.2023**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-**ପୁରୁଣିଆ**, ଥାନା: ବୈଶିଙ୍ଗା ନଂ.୨୩୫, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତପସିଲ ମତେ ପ୍ରାୟ **ଏ.୩୪.୯୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ବାରିପଦା ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | **ପୁରୁଣିଆ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୪୧.୯୫ | ଏ.୩୪.୯୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା - ୨୨/୨୧, ଏ ୩୪.୯୧ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ନୂଆଗାଁ ମାଇନର, ହେମପୁର ମାଇନର, ପୁରୁଣିଆ ସବ୍-ମାଇନର, ମହିସା ସବ୍-ମାଇନର, ଚାଉରାଶୋଳ ସବ୍-ମାଇନର ଓ ଟିକାୟତପୁର ସବ୍-ମାଇନର ନିମନ୍ତେ ମୌଜା- **ପୁରୁଣିଆ** ଥାନା- ବୈଶିଙ୍ଗା, ନଂ-୨୩୫, ତହସିଲ- ବେତନଟୀ, ଜିଲ୍ଲା : ମୟୂରଭଞ୍ଜ ।

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫ | ୨୫୪ | ୧.୯୨ | ୦.୧୯ | ଶାରଦ ଦୁଇ | ଅଚ୍ୟୁତାନନ୍ଦ ଦାସ, ଅଦ୍ୱୈତ୍ୟାନନ୍ଦ ଦାସ, ଅରବିନ୍ଦ ଦାସ, ଅମରେନ୍ଦ୍ର ଦାସ, ପି. ଉପେନ୍ଦ୍ର ଦାସ, ସୁଲୋଚନା ଦାସ, ସ୍ୱା. ଉପେନ୍ଦ୍ର ଦାସ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨୩ | ୧୩୫୨ | ୦.୧୬ | ୦.୦୧ | ଶାରଦ ତିନି | ଆନନ୍ଦ ମାହାନ୍ତ, ବିନୋଦ ମାହାନ୍ତ, ବିଦ୍ୟାଧର ମାହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ, କେଶବ ମାହାନ୍ତ, ଜା. କୁଡୁମୀ, ବା. ଡାଳିଆ, ରୁଟୁଇ ମାହାନ୍ତ, ପି. ଦିନା ମାହାନ୍ତ, ଜା. କୁଡୁମୀ, ବା. ଖମାରି |
| | ୧୬୩୬ | ୦.୩୪ | ୦.୧୮ | ଶାରଦ ତିନି | |
| | ୧୭୧୨ | ୦.୬୪ | ୦.୦୧ | ଶାରଦ ତିନି | |
| ୩୨ | ୨୪୭ | ୦.୧୨ | ୦.୧୨ | ଶାରଦ ଦୁଇ | ଉଦିଆ ସିଂ, ପି. ରାମ ସିଂ, ଜା. ଭୂମିଜ, ବା- ନିଜଗାଁ |
| | ୨୪୮ | ୦.୩୨ | ୦.୦୬ | ଶାରଦ ଦୁଇ | |
| ୪୧ | ୧୨୫୪ | ୦.୭୨ | ୦.୨୨ | ଶାରଦ ତିନି | କସ୍ତୁରି ଦାସ, ମହେନ୍ଦ୍ର ଦାସ, ହାଡିଆ ଦାସ, ପି: ହାରା ଦାସ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୪୪ | ୧୩୭୨ | ୧.୪୦ | ୦.୨୭ | ଶାରଦ ତିନି | କସ୍ତୁରି ସିଂ, ଗଣଶା ସିଂ, ପି. ମହନ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| ୪୫ | ୧୩୩୭ | ୧.୩୦ | ୦.୦୫ | ଶାରଦ ଦୁଇ | କସ୍ତୁରି ସିଂ, ଗଣଶା ସିଂ, ପି. ମୋହନ ସିଂ, ବିନ ସିଂ, ଅନନ୍ତ ସିଂ, ନାରାୟଣ ସିଂ, କାହ୍ନୁରୁ ସିଂ, ପି. ପଇତୁ ସିଂ, କାଳିଆ ସିଂ, ପି. ଗଙ୍ଗା ସିଂ, ପଦୁ ସିଂ, ପି. ରୋହିଆ ସିଂ, ସୁରେନ୍ଦ୍ର ସିଂ, ଦାସାଆ ସିଂ, ପି. ଗୋବିନ୍ଦ ସିଂ, ଜା. ଭୂମିଜ, ବା: ନିଜଗାଁ |
| | ୧୩୬୩ | ୧.୯୪ | ୦.୬୦ | ଶାରଦ ତିନି | |
| | ୧୩୭୩ | ୧.୩୧ | ୦.୫୧ | ଶାରଦ ତିନି | |
| ୫୩ | ୧୬୭୨ | ୦.୯୧ | ୦.୨୭ | ଶାରଦ ତିନି | କରମଚାନ୍ଦ ମହାନ୍ତ, ପି. ଶ୍ରୀନାଥ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜଗାଁ |
| | ୧୭୧୬ | ୦.୫୦ | ୦.୧୭ | ଶାରଦ ତିନି | |
| ୫୬ | ୧୩୫୧ | ୦.୨୧ | ୦.୨୧ | ଶାରଦ ତିନି | କରମୁ ମହାନ୍ତ, ପି. ଚୁନୁ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| ୬୮ | ୩୫୨ | ୦.୬୧ | ୦.୦୫ | ଶାରଦ ତିନି | କାଳା ସିଂ, ପି. ବିନ ସିଂ, ଜା. ଭୂମିଜ, ବା: ନିଜଗାଁ |
| ୭୦ | ୧୬୦୯ | ୦.୩୪ | ୦.୦୨ | ଶାରଦ ତିନି | କାଳିଆ ମାଝି, ମାତାଳ ମାଝି, ଫାଗୁ ମାଝି, ପି. ଶୁବୁଦା ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| ୭୪ | ୧୨୮୪ | ୧.୨୩ | ୦.୨୭ | ଶାରଦ ତିନି | କାଳୀଚରଣ ନାୟକ, ପି. ମଧୁସୂଦାନ ନାୟକ, ଜା. ଖଣ୍ଡାୟତ, ବା. ଟିକାଏତପୁର |
| ୭୯ | ୧୧୦୯ | ୦.୦୮ | ୦.୦୬ | ଶାରଦ ତିନି | କାଶୀନାଥ ଦାସ, ପି. ଦିନୁ ଦାସ, ରମାକାନ୍ତ ଦାସ, ଉମେଶ ଚନ୍ଦ୍ର ଦାସ, ବାସନ୍ତୀ ଦାସ, ପି. ଗୟା ଦାସ, ଶାରଦାମଣି ଦାସ, ସ୍ୱା. ଗୟା ଦାସ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ |
| ୮୨ | ୧୩୭ | ୦.୫୯ | ୦.୦୭ | ଶାରଦ ଦୁଇ | କାଶୀନାଥ ମହାନ୍ତ, ପି. ଚୈତନ୍ୟ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| | ୧୪୨ | ୦.୭୨ | ୦.୦୭ | ଶାରଦ ଦୁଇ | |
| | ୨୩୮ | ୦.୪୪ | ୦.୧୨ | ଶାରଦ ଦୁଇ | |
| | ୨୪୯ | ୧.୯୪ | ୦.୮୧ | ଶାରଦ ତିନି | |
| ୮୩ | ୧୧୧୦ | ୦.୨୪ | ୦.୦୮ | ଶାରଦ ଏକ | ଶ୍ରୀ ବାବା ବୈଦ୍ୟନାଥ ମହାଦେବ ବିଜେ କାଶୀ ମାର୍ଫତ ବା: କାଶୀ ଦାସ, ପି. ଦନୁ ଦାସ, ରମାକାନ୍ତ ଦାସ, ଉମେଶ ଚନ୍ଦ୍ର ଦାସ, ପି. ଗୟା ଦାସ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ, ଜବର ଦାଖଲ, ବା: ମାଗୁଣି ମହାନ୍ତି, ପି. ବୃନ୍ଦାବନ ମହାନ୍ତି, ଜା. ଖଣ୍ଡାୟତ, ବା. ନିଜ ଗାଁ |
| ୯୦ | ୧୨୯୦ | ୦.୩୭ | ୦.୨୦ | ଶାରଦ ତିନି | କୁନା ସିଂ, ପି. ଜେନା ସିଂ, ଜା. କୋହ୍ଲ, ବା. ନିଜ ଗାଁ |
| ୯୪ | ୭/ ୨୬୯୯ | ୦.୬୮ | ୦.୪୦ | ଶାରଦ ଦୁଇ | କୃଷ୍ଣଚନ୍ଦ୍ର ମହାନ୍ତ, ପି. ଗଣେଶ୍ୱର ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ ସାମିଲ ହରିପୁର |
| ୯୭ | ୧୬୭୯/ ୨୮୪୧ | ୦.୬୬ | ୦.୦୨ | ଶାରଦ ତିନି | କୈଳାସ ଚନ୍ଦ୍ର ମହାନ୍ତ, ପି. ଦୁର୍ଯ୍ୟୋଧନ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| ୧୧୫ | ୧୬୦୮ | ୦.୩୨ | ୦.୦୧ | ଶାରଦ ତିନି | ଗୁବୁରା ମହାନ୍ତ, ପି. କିଶୁ ମହାନ୍ତ, ଶମ୍ଭୁନାଥ ମହାନ୍ତ, ପି. ଗୋବରା ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| | ୧୬୦୮/ ୨୮୩୩ | ୦.୨୭ | ୦.୧୦ | ଶାରଦ ତିନି | |
| ୧୧୮ | ୧୭୩୬ | ୨.୨୧ | ୦.୭୮ | ଶାରଦ ତିନି | ଗୁରୁବାରି ସିଂ, ସୁନୀ ସିଂ, କୋଇଲି ସିଂ, ପି. ଭାଦୁ ସିଂ, ଜା. ଭୂମିଜ, ବା. ଅଙ୍ଗାରିଆ |
| ୧୨୩ | ୧୬୩୨ | ୦.୫୯ | ୦.୦୭ | ଶାରଦ ତିନି | ଗୋବରା ମହାନ୍ତ, ପି. କିଶୁ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| ୧୩୪ | ୧୩୬ | ୦.୭୩ | ୦.୦୨ | ଶାରଦ ଦୁଇ | ଗୌର ମହାନ୍ତ, କୃଷ୍ଣ ମହାନ୍ତ, ପି: ସନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ, ଯଶୋଦା ମହାନ୍ତ, ପି: ସନା ମହାନ୍ତ, ଜା: କୁଡୁମି, ବା: ଗବପାଳ, ପୁଣିଗି ମହାନ୍ତ, ପି: ସନା ମହାନ୍ତ, ଜା: କୁଡୁମି, ବା: ଟିକାଏତପୁର, ଶଚ୍ଛି ମହାନ୍ତ, ସ୍ୱା: ସନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୪୩ | ୦.୭୪ | ୦.୦୬ | ଶାରଦ ତିନି | |
| | ୧୪୨୯ | ୦.୫୮ | ୦.୦୬ | ଶାରଦ ତିନି | |
| | ୧୪୩୦ | ୦.୧୮ | ୦.୦୧ | ଶାରଦ ତିନି | |
| ୧୫୪ | ୧୭୯ | ୧.୯୮ | ୦.୬୫ | ଶାରଦ ଦୁଇ | ଚୈତନ୍ୟ ମହାନ୍ତ, ବୁଧୁ ମହାନ୍ତ, ଶୁକଦେବ ମହାନ୍ତ, ଚେପି ମହାନ୍ତ, ପି: ଜୀବନ ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ, ମୁସୁରା ମହାନ୍ତ, ପି. ଜୀବନ ମହାନ୍ତ, ଜା. କୁଡୁମୀ, ବା. ବଇଶିଙ୍ଗା, ମୁଗି ମହାନ୍ତ, ସ୍ୱା. ଜୀବନ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| ୧୫୯ | ୩୫୦ | ୦.୨୪ | ୦.୦୩ | ଶାରଦ ତିନି | ଛୁଟୁ ସିଂ, ପି. ନଛୁଆ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| ୧୬୧ | ୧୨୯୦/ ୨୮୯୪ | ୦.୦୯ | ୦.୦୬ | ଶାରଦ ତିନି | ଛୋଟରାଏ ସିଂ, ପି. ଜେନା ସିଂ, ଜା. କୋହ୍ଲ, ବା. ନିଜ ଗାଁ |
| ୧୬୩ | ୧୬୧୦ | ୦.୪୨ | ୦.୧୨ | ଶାରଦ ତିନି | ଛୋଟା ମାଝୀ, ପି: ନୁନ୍ଦରୁ ମାଝୀ, ଶତ୍ରୁ ମାଝୀ, ପି: କୁସନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୮୬ | ୬୪/ ୨୯୦୬ | ୦.୧୫ | ୦.୧୨ | ଶାରଦ ତିନି | ଝାନୀ ବିନ୍ଧାଣି, ପି. ରାମ ବିନ୍ଧାଣି, ଜା. କମାର, ବା. ନିଜ ଗାଁ, ଜବରଦାଖଲ, ବା: ରାଧା ମାଝି, ପି. ଦାସ ମାଝି, ଜା. ସାନ୍ତାଳ, ବା. ନିଜ ଗାଁ |
| ୧୮୯ | ୩୮/ ୨୭୦୧ | ୦.୧୯ | ୦.୧୫ | ଶାରଦ ତିନି | ଝାଡେଶ୍ୱର ମହାନ୍ତ, ମଘନ ମହାନ୍ତ, ବିଶ୍ୱମ୍ଭର ମହାନ୍ତ, ପି. ରିଦୟ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| ୧୯୧ | ୧୩୪୯/ ୨୬୯୨ | ୦.୦୮ | ୦.୦୪ | ଶାରଦ ଦୁଇ | ଠେଲୁ ମହାନ୍ତ, ପି. କୋଚିଲା ମହାନ୍ତ, ଜା: କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| ୧୯୫ | ୧୩୫୯ | ୧.୫୩ | ୦.୫୦ | ଶାରଦ ତିନି | ଡୁମା ସିଂ, ଦୁର୍ଗା ସିଂ, ପି. ଚିମା ସିଂ, ବାଙ୍କୁରୁ ସିଂ, ମୂଷା ସିଂ, ପି. ଚକ୍ରା ସିଂ, ମୁକ୍ତା ସିଂ, ସ୍ୱା: ଚୌଧୁରୀ ସିଂ, ଜା: ଭୂମିଜ, ବା: ନିଜ ଗାଁ |
| | ୧୩୭୬ | ୧.୩୨ | ୦.୬୨ | ଶାରଦ ତିନି | |
| | ୧୩୭୭ | ୦.୯୫ | ୦.୧୪ | ଶାରଦ ତିନି | |
| ୨୦୧ | ୧୭୨୧ | ୦.୭୪ | ୦.୧୯ | ଶାରଦ ତିନି | ତ୍ରିଲୋଚନ ମହାନ୍ତ, ପି. ବଳରାମ ମହାନ୍ତ, ଗେଡି ମହାନ୍ତ, ସ୍ୱା. ତ୍ରିଲୋଚନ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| ୨୧୧ | ୩୪୨ | ୧.୪୯ | ୦.୫୦ | ଶାରଦ ତିନି | ଦିବାକର ଦାସ, ପି. କୁଞ୍ଜ ଦାସ, ଜା. ଧୋବା, ବା. ନିଜ ଗାଁ |
| ୨୧୨ | ୩୩୯ | ୦.୫୭ | ୦.୨୦ | ଶାରଦ ତିନି | ଦିବାକର ଦାସ, ପି. କୁଞ୍ଜ ଦାସ, ମଧୁସୂଦନ ଦାସ, ଦୁର୍ଯ୍ୟୋଧନ ଦାସ, ବୃନ୍ଦାବନ ଦାସ, ମିନତୀ ଦାସ, ପି. ନରେନ୍ଦ୍ର ଦାସ, ଚଞ୍ଚଳା ଦାସ, ସ୍ୱା. ନରେନ୍ଦ୍ର ଦାସ, ଜା. ଧୋବା, ବା. ନିଜ ଗାଁ |
| ୨୧୫ | ୧୬୭ | ୧.୦୦ | ୦.୧୨ | ଶାରଦ ଦୁଇ | ଦାନବନ୍ଧୁ ସାହୁ, ମନରଞ୍ଜନ ସାହୁ, ଭାଗବତ ସାହୁ, ପି. ହରିପଦ ସାହୁ, ଭିକାରି ଚରଣ ସାହୁ, ଲମ୍ବୋଦର ସାହୁ, ରତ୍ନାକର ସାହୁ, ପି. କୃଷ୍ଣ ସାହୁ, ସୀତାରାମ ସାହୁ, ପି. ଲୋକନାଥ ସାହୁ, ଜା: କୁବେର, ବା. ବାଛୁରିପଡା, ବେଆଇନ ଖରିଦସୂତ୍ରେ ଦାଖଲ, ବା: ଫାଦୁର ସିଂ, କ୍ଷେତ୍ରମୋହନ ସିଂ, ପି. ଲୋଚନ ସିଂ, ଜା. ଭୂମିଜ, ବା. ନିଜ ଗାଁ, ରେଜଷ୍ଟ୍ରି ଦଲିଲ ନମ୍ବର ୯୯୮ ତା. ୧୦.୦୪.୬୮ ଜରସମନ ଟ., ୧୦୦୦.୦୦ ବା. |
| ୨୧୬ | ୧୦୧୯ | ୦.୯୮ | ୦.୧୩ | ଶାରଦ ଏକ | ଦାନବନ୍ଧୁ ଦାସ, ଭାସ୍କର ଚନ୍ଦ୍ର ଦାସ, ଚିତରଞ୍ଜନ ଦାସ, ସତ୍ୟରଞ୍ଜନ ଦାସ, ପି. ଭରତ ଚନ୍ଦ୍ର ଦାସ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ |
| | ୧୦୨୨ | ୦.୩୮ | ୦.୦୫ | ଶାରଦ ଏକ | |
| ୨୧୭ | ୧୦୨୩ | ୦.୧୮ | ୦.୦୫ | ଶାରଦ ତିନି | ଦାନବନ୍ଧୁ ଦାସ, ଭାସ୍କର ଚନ୍ଦ୍ର ଦାସ, ଚିତରଞ୍ଜନ ଦାସ, ସତ୍ୟରଞ୍ଜନ ଦାସ, ପି. ଭରତ ଚନ୍ଦ୍ର ଦାସ, ମୁକ୍ତମଣି ଦାସ, ସ୍ୱା. ଭରତ ଚନ୍ଦ୍ର ଦାସ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ |
| | ୧୦୨୮ | ୦.୪୪ | ୦.୧୨ | ଶାରଦ ଦୁଇ | |
| | ୧୦୨୯ | ୦.୩୪ | ୦.୦୬ | ଶାରଦ ଦୁଇ | |
| ୨୧୮ | ୧୦୪୧ | ୦.୬୯ | ୦.୦୩ | ଶାରଦ ଦୁଇ | ଦାନବନ୍ଧୁ ସେଠୀ, ରାମଚନ୍ଦ୍ର ସେଠୀ, ପି. ବାବୁ ସେଠୀ, ଜା. ରଜକ, ବା. ନିଜ ଗାଁ |
| ୨୨୧ | ୧୬୧୫ | ୦.୨୩ | ୦.୧୦ | ଶାରଦ ତିନି | ଦୁର୍ଯ୍ୟୋଧନ ମହାନ୍ତ, ପି. ବାରବଲ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| | ୧୬୧୬ | ୦.୭୦ | ୦.୦୩ | ଶାରଦ ତିନି | |
| | ୧୬୭୧/ ୨୮୩୪ | ୦.୩୩ | ୦.୦୧ | ଶାରଦ ତିନି | |
| ୨୨୮ | ୧୨୫୩ | ୦.୩୮ | ୦.୧୨ | ଶାରଦ ତିନି | ଦେବେନ୍ଦ୍ର ଦାସ, ପି. ରାମଚନ୍ଦ୍ର ଦାସ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ |
| ୨୩୯ | ୧୫୨ | ୦.୪୬ | ୦.୦୬ | ଶାରଦ ଦୁଇ | ନଳିନୀକାନ୍ତ ସିଂହ, ପି. ଦେବୀ ପ୍ରସାଦ ସିଂହ, ମିଲାନ କାନ୍ତ ସିଂହ, ରାଜ କିଶୋର ସିଂହ, ମୀରାମଣି ସିଂହ, ପି. ନଳିନ କାନ୍ତ ସିଂହ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ |
| ୨୪୧ | ୧୪୨୫ | ୦.୦୫ | ୦.୦୨ | ଶାରଦ ତିନି | ନଛୁଆ ସିଂ, ପି. ଭଞ୍ଜ ସିଂ, ରଇବାରି ସିଂ, ସ୍ୱା. ନନ୍ଦ ସିଂ, ସନିଆ ସିଂ, ମକୁନ୍ଦ ସିଂ, ପି. ପଣ୍ଡୁ ସିଂ, ମଡି ସିଂ, ପାତି ସିଂ, ସୁବାସ ସିଂ, ମାନ ସିଂ, ନିନୀ ସିଂ, ପି. ନନ୍ଦ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| | ୧୪୨୬ | ୦.୦୭ | ୦.୦୨ | ଶାରଦ ତିନି | |
| | ୧୪୨୭ | ୦.୦୭ | ୦.୦୨ | ଶାରଦ ତିନି | |
| | ୧୪୨୮/ ୨୫୬୬ | ୦.୩୪ | ୦.୧୦ | ଶାରଦ ତିନି | |
| ୨୪୭ | ୧୬୩୧ | ୧.୭୪ | ୦.୧୮ | ଶାରଦ ତିନି | ନରେନ୍ଦ୍ର ମହାନ୍ତ, ପି. ବାରବଲ ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| | ୧୬୭୧ | ୦.୪୨ | ୦.୦୫ | ଶାରଦ ତିନି | |
| | ୧୭୨୦ | ୦.୭୨ | ୦.୩୪ | ଶାରଦ ତିନି | |
| ୨୫୫ | ୧୬୩୦ | ୦.୫୯ | ୦.୦୭ | ଶାରଦ ତିନି | ନୀଳକଣ୍ଠ ମହାନ୍ତ, ପି. ରଘୁ ମହାନ୍ତ, ଜହ୍ନ ମହାନ୍ତ, ସ୍ୱା. ରଘୁ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| ୨୭୫ | ୧୬୩୭ | ୧.୬୬ | ୦.୬୩ | ଶାରଦ ତିନି | ପ୍ରସାଦ ମହାନ୍ତ, ରଘୁନାଥ ମହାନ୍ତ, ଆଦର ମହାନ୍ତ, ପି: ହାଡ଼ିଆ ମହାନ୍ତ, ଜା. କୁଡୁମୀ, ବା. ନିଜ ଗାଁ |
| | ୧୬୩୯ | ୦.୪୦ | ୦.୧୦ | ଘରବାରି | |
| ୨୯୮ | ୧୧୦୩ | ୦.୮୧ | ୦.୦୧ | ଶାରଦ ତିନି | ପୂର୍ଣ୍ଣଚନ୍ଦ୍ର ଦାସ, ମନୋରଞ୍ଜନ ଦାସ, ପି. ଶିବ ନାରାୟଣ ଦାସ, ଜା. କ୍ଷେତ୍ରୀୟ, ବା. ନିଜ ଗାଁ |
| | ୧୧୦୪ | ୦.୩୮ | ୦.୧୪ | ଶାରଦ ତିନି | |
| ୩୦୬ | ୨୯୨ | ୧.୨୬ | ୦.୩୪ | ଶାରଦ ଦୁଇ | ଫାଦୁର ସିଂ, ମାଷ୍ଟର ସିଂ, କ୍ଷେତ୍ର ମୋହନ ସିଂ, ପି. ଲୋଚନ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| | ୬୮ | ୦.୭୬ | ୦.୩୮ | ଶାରଦ ତିନି | |
| | ୬୯ | ୧.୦୩ | ୦.୩୬ | ଶାରଦ ତିନି | |
| ୩୦୭ | ୨୯୩/ ୨୭୧୪ | ୦.୭୦ | ୦.୨୮ | ଶାରଦ ତିନି | ଫାଦୁର ସିଂ, ମାଷ୍ଟର ସିଂ, ପି. ଲୋଚନ ସିଂ, ବାବୁ ସିଂ, ପି. କ୍ଷେତ୍ର ମୋହନ ସିଂ, ବାସନ୍ତୀ ସିଂ, ସ୍ୱା. କ୍ଷେତ୍ର ମୋହନ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| ୩୧୫ | ୧୪୯ | ୦.୩୨ | ୦.୦୬ | ଶାରଦ ଦୁଇ | ବନ ସିଂ, ଆନନ୍ଦ ସିଂ, ନାରାଣ ସିଂ, କାହ୍ନୁରୁ ସିଂ, ପି. ପଇତୁ ସିଂ, ସୁରେନ୍ଦ୍ର ସିଂ, ଦାସରଥି ସିଂ, ପି. ଗୋବିନ୍ଦ ସିଂ, କସ୍ତୁରୁ ସିଂ, ପି. ମହନ ସିଂ, କାଳିଆ ସିଂ, ପି. ଗଙ୍ଗା ସିଂ, ପଦୁ ସିଂ, ପି. ରୁହିଆ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| ୩୧୭ | ୫୮ | ୦.୫୮ | ୦.୩୭ | ଶାରଦ ତିନି | ବଟକୃଷ୍ଣ ସାହୁ, ପି. କାଳିଆ ସାହୁ, ଜା. କୁବେର, ବା. ବାଛୁରିପଡା, ଖରିଦସୂତ୍ରେ ଦଖଲ, ବା. ପୂର୍ଣ୍ଣଚନ୍ଦ୍ର ସାହୁ, ବନମାଳୀ ସାହୁ, ଶତ୍ରୁଘ୍ନ ସାହୁ, ହରିହର ସାହୁ, ପି. ଭୋଳାନାଥ ସାହୁ, ଜା. କୁବେର, ବା. ବାଛୁରିପଡା, ରେଜେଷ୍ଟ୍ରି ଦଲିଲ ନମ୍ବର ୩୧୨, ତା. ୧୯.୦୨.୭୪ ଜରସମନ ଟ. ୩୦୦.୦୦, ବା. |
| ୩୨୦ | ୩୨୬ | ୦.୮୦ | ୦.୦୬ | ଶାରଦ ଦୁଇ | ବଂଶୀଧର ଧଳ, ଦାମୋଦର ଧର, ଭଗବାନ ଧଳ, ପି. ବଳି ଧଳ, ଜା. ଧୋବା, ବା. ନିଜ ଗାଁ |
| | ୩୩୭ | ୦.୬୪ | ୦.୧୦ | ଶାରଦ ଦୁଇ | |
| ୩୨୭ | ୧୭୨୬ | ୦.୯୫ | ୦.୧୧ | ଶାରଦ ତିନି | ବାଇଧର ସିଂ, ଶଙ୍କରା ସିଂ, ଶାମ ସିଂ, କାର୍ତ୍ତିକ ସିଂ, ପି. ମଙ୍ଗୁଳିଆ ସିଂ, ବାମତା ସିଂ, ପି. ମଦନ ସିଂ, ଜା. ଭୂମିଜ, ବା. ଅଙ୍ଗାରିଆ |
| | ୧୭୨୬/ ୨୮୫୨ | ୪.୪୪ | ୦.୯୦ | ଶାରଦ ତିନି | |
| | ୧୭୨୬/ ୨୮୫୩ | ୧.୨୧ | ୦.୨୬ | ଶାରଦ ତିନି | |
| | ୧୭୨୬/ ୨୮୫୪ | ୧.୩୭ | ୦.୧୮ | ଶାରଦ ତିନି | |
| | ୧୭୨୬/ ୨୮୫୫ | ୧.୪୦ | ୦.୦୭ | ଶାରଦ ତିନି | |
| ୩୩୭ | ୨୭୮ | ୧.୨୧ | ୦.୦୮ | ଶାରଦ ଦୁଇ | ବାଞ୍ଛାନିଧି ମହାନ୍ତି, ସୁରେନ୍ଦ୍ର ମହାନ୍ତି, ପି. ଗଙ୍ଗାଧର ମହାନ୍ତି, ଜା. ଖଣ୍ଡାୟତ, ବା. ନିଜ ଗାଁ |
| | ୧୦୧୭ | ୦.୭୩ | ୦.୦୮ | ଶାରଦ ଏକ | |
| ୩୫୧ | ୧୩୫୦ | ୦.୩୫ | ୦.୩୫ | ଶାରଦ ତିନି | ବିଶ୍ୱମ୍ଭର ମହାନ୍ତ, ପି. ରୂପା ମହାନ୍ତ, ଜା. କୁଡୁମୀ କ୍ଷେତ୍ରୀୟ, ବା. ନିଜ ଗାଁ |
| ୩୭୫ | ୨୫୮ | ୦.୭୬ | ୦.୨୨ | ଶାରଦ ଦୁଇ | ରତିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ପି. ଭକ୍ତା ମହାନ୍ତ, ଜା. କୁଡୁମୀ, ବା. ପୁରୁଣିଆ ସାମିଲ ହରିପୁର |
| ୩୮୨ | ୩୮ | ୦.୩୭ | ୦.୨୪ | ଶାରଦ ତିନି | ଭାଗୀରଥୀ ମହାନ୍ତ, ପି. ଚୁନକା ମହାନ୍ତ, ଜା. କୁଡୁମୀ କ୍ଷତ୍ରିୟ, ବା. ନିଜ ଗାଁ |
| | ୩୮/୨୭୦୨ | ୦.୩୦ | ୦.୧୫ | ଶାରଦ ତିନି | |
| ୩୮୭ | ୧୧୧୧ | ୦.୫୭ | ୦.୧୧ | ଶାରଦ ତିନି | ଭାବଗ୍ରାହୀ ପଣ୍ଡା, ପି. କାଳୀ ଚରଣ ପଣ୍ଡା, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| ୩୮୮ | ୧୨୪୮/ ୨୮୧୫ | ୦.୨୦ | ୦.୦୮ | ଶାରଦ ତିନି | ଭାବଗ୍ରାହୀ ପଣ୍ଡା, ପି. ଶଙ୍କର୍ଷଣ ପଣ୍ଡା, ଜା. ବ୍ରାହ୍ମଣ, ବା. ନିଜ ଗାଁ |
| ୩୯୦ | ୧୬୦୦ | ୧.୪୨ | ୦.୧୮ | ଶାରଦ ତିନି | ଭିକାରି ସିଂହ, ବୈଷ୍ଣବ ସିଂହ, ବାବାଜି ସିଂ, ପି: ସାହେବ ସିଂହ, ଜା: ରାଜପୁତ, ବା: ନିଜଗାଁ |
| ୪୦୧ | ୬୨ | ୦.୪୫ | ୦.୧୭ | ଶାରଦ ତିନି | ମଙ୍ଗୁଳିଆ ସିଂ, ପି. ସୁଦୁରା ସିଂ, ଜା. ଭୂମିଜ, ବା. ନିଜ ଗାଁ |
| | ୩୫୧ | ୦.୭୫ | ୦.୧୫ | ଶାରଦ ତିନି | |
| ୪୦୭ | ୧୭୨୯ | ୦.୪୨ | ୦.୦୨ | ଶାରଦ ତିନି | ମଙ୍ଗୁଳିଆ ସିଂ, ପି. ସୁକୁରା ସିଂ, ଜା. ଭୂମିଜ, ବା. ଅଙ୍ଗାରିଆ |
| ୪୦୮ | ୧୩୭୫ | ୦.୮୧ | ୦.୩୮ | ଶାରଦ ଦୁଇ | ମଗର ସିଂ, ପି. ହାଡିଆ ସିଂ, ମାଟିଆ ସିଂ, ପି. ମଦନା ସିଂ, ଲୋଚନ ସିଂ, ପି. ପୁଟୁ ସିଂ, ଜା. ଭୂମିଜ, ବା. ନିଜ ଗାଁ |
| | ୧୯୭ | ୧.୬୦ | ୦.୪୦ | ଶାରଦ ତିନି | |
| ୪୧୪ | ୨୮୯ | ୦.୬୩ | ୦.୩୦ | ଶାରଦ ଦୁଇ | ମଧୁସୂଦନ ହାଁସଦା, ପି: ଦାମା ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୪୨୪ | ୨୭୯ | ୧.୮୯ | ୦.୫୪ | ଶାରଦ ଦୁଇ | ମନୋରଞ୍ଜନ ସିଂହ, ପୀତାମ୍ବର ସିଂହ, ପି: ଚିନ୍ତାମଣି ସିଂହ, ଜା: କ୍ଷେତ୍ରୀୟ, ବା: ନିଜଗାଁ |
| | ୧୨୫୧ | ୧.୦୬ | ୦.୧୫ | ଶାରଦ ତିନି | |
| | ୧୩୩୬ | ୦.୬୪ | ୦.୦୫ | ଶାରଦ ଦୁଇ | |
| ୪୨୮ | ୨୮୬ | ୦.୨୮ | ୦.୦୪ | ଶାରଦ ଦୁଇ | ମହେନ୍ଦ୍ର ସାହୁ, ପି: ଫକିର ସାହୁ, ଜା: କୁବେର, ବା: ବାଛୁରିପଡା |
| | ୨୮୭ | ୦.୩୬ | ୦.୨୦ | ଶାରଦ ଦୁଇ | |
| ୪୩୮ | ୧୦୪୪ | ୦.୭୫ | ୦.୦୬ | ଶାରଦ ଦୁଇ | ମହେଶ୍ୱର ଦାସ, ପି: ଚକ୍ର ଦାସ, ଜା: ଧୋବା, ବା: ନିଜଗାଁ |
| ୪୪୨ | ୧୧୦୮ | ୦.୫୩ | ୦.୧୨ | ଶାରଦ ତିନି | ମାଗୁଣୀ ମହାନ୍ତି, ପି: ବୃନ୍ଦାବନ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୪୩ | ୧୨୪୮/ ୨୮୧୪ | ୦.୫୩ | ୦.୦୧ | ଶାରଦ ତିନି | ମାଗୁଣି ମହାନ୍ତି, ଖଗେଶ୍ୱର ମହାନ୍ତି, ହରିହର ମହାନ୍ତି, ପି: ବୃନ୍ଦାବନ ମହନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୧୨୮୨/ ୨୮୧୬ | ୦.୭୬ | ୦.୦୨ | ଶାରଦ ତିନି | |
| ୪୪୫ | ୨୩୧ | ୧.୦୫ | ୦.୦୨ | ଶାରଦ ଦୁଇ | ମାଘୁଆ ସିଂ, ପି: ରଟେଇ ସିଂ, ଜା: ଭୂମିଜ, ବା: ନିଜ ଗାଁ |
| ୪୪୮ | ୧୭୧୯ | ୦.୬୮ | ୦.୧୧ | ଶାରଦ ତିନି | ମାୟା ମାଝି, ସ୍ୱା: ମିର୍ଜା ମାଝି, ଜା: ସାନ୍ତାଳ, ବା: ଅଙ୍ଗାରିଆ |
| | ୧୭୨୧/ ୨୫୬୭ | ୦.୯୪ | ୦.୫୪ | ଶାରଦ ତିନି | |
| ୪୫୬ | ୪୨ | ୦.୨୧ | ୦.୦୬ | ଶାରଦ ତିନି | ମାନକେତନ ସାହୁ, ପଦ୍ମଲୋଚନ ସାହୁ, ସୁବଶିନୀ ସାହୁ, ସେବମଣି ସାହୁ, ପି: ଭଗବାନ ସାହୁ, ଜା: କୁବେର, ବା: ନିଜଗାଁ, ସୁଶୀଳା ମଣି ସାହୁ, ପି: ଭଗବାନ ସାହୁ, ଜା: କୁବେର, ବା: ଚାଷିପଡା, ଥା: ବସ୍ତା, ସରସ୍ୱତୀ ସାହୁ, ପି: ଭଗବାନ ସାହୁ, ଜା: କୁବେର, ବା: ଛାନୁଆ, ଥା: ବାଲେଶ୍ୱର, ଜି: ବାଲେଶ୍ୱର, ଉଷାମଣି ସାହୁ, ପି: ଭଗବାନ ସାହୁ, ଜା: କୁବେର, ବା: ବଳଦିଆ, ଥା: ମୁରୁଡା, ପଦ୍ମମଣି ସାହୁ, ସ୍ୱା: ଭଗବାନ ସାହୁ, ଜା: କୁବେର, ବା: ନିଜଗାଁ, ଗୋବିନ୍ଦ ସାହୁ, ପି: ନନ୍ଦ କିଶୋର ସାହୁ, ଜା: କୁବେର, ବା: କଲ୍ୟାଣୀପୁର, ଥା: ବାଲେଶ୍ୱର, ଜି.: ବାଲେଶ୍ୱର |
| | ୪୩ | ୦.୦୬ | ୦.୦୪ | ଶାରଦ ତିନି | |
| ୪୬୯ | ୧୯୫ | ୦.୧୭ | ୦.୦୯ | ଘରବାରି | ରଘୁ ସିଂ, ଜାରକା ସିଂ, ଶନିଆ ସିଂ, ପି: ଗୁଣ୍ଡୁରା ସିଂ, ବାଦାମ ସିଂ, ପି: ରାବଣ ସିଂ, ଜା: ଭୂମିଜ, ବା: ନିଜଗାଁ |
| | ୧୯୬ | ୧.୦୦ | ୦.୩୮ | ଶାରଦ ତିନି | |
| ୪୭୨ | ୧୬୭୫ | ୦.୪୮ | ୦.୦୧ | ଶାରଦ ତିନି | ସାନ ରଘୁନାଥ ମହାନ୍ତ, ପି: ଶ୍ରୀଧର ମହାନ୍ତ, ଜା: କୁଡୁମୀ, ବା: ଭୁରୁକୁଣ୍ଡି |
| ୪୮୨ | ୧୯୯ | ୧.୯୫ | ୦.୪୪ | ଶାରଦ ତିନି | ରମେଶ ସିଂ, ଜଗେଶ୍ୱର ସିଂ, ରାମେଶ୍ୱର ସିଂ, ପି: ଚୈତା ସିଂ, ରାଙ୍କି ସିଂ, ପି: ସୁନ୍ଦ୍ରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୪୮୮ | ୧୬୭୯ | ୦.୯୬ | ୦.୩୧ | ଶାରଦ ତିନି | ରବୀନ୍ଦ୍ର ମହାନ୍ତି, ଅନନ୍ତ ମହାନ୍ତି, ଜା: ଲକ୍ଷ୍ମୀ ନାରାୟଣ ଗୋଲା, ବା: ଟିକାଏତପୁର |
| ୪୯୧ | ୧୬୭୯/ ୨୮୪୦ | ୦.୦୯ | ୦.୦୧ | ଶାରଦ ତିନି | ରତ୍ନାକର ମହାନ୍ତି, ପ୍ରଭାକର ମହାନ୍ତି, ପି: ମହନ ମହାନ୍ତି, ଜା: ଖଣ୍ଡାୟତ, ବା: ଟିକାଏତପୁର |
| ୫୦୯ | ୬୪ | ୧.୦୫ | ୦.୩୨ | ଶାରଦ ତିନି | ରାଧା ମାଝି, ପି: ଦାସ ମାଝି, ଜା: ସାନ୍ତାଳ, ବା: ନିଜ ଗାଁ |
| ୫୧୦ | ୧୦ | ୧.୯୦ | ୦.୬୦ | ଶାରଦ ଦୁଇ | ରାଧା ମାଝି, ରୋହିଆ ମାଝି, ବାଇଧର ମାଝି, ପି: ଦାସ ମାଝି, ଜା: ସାନ୍ତାଳ, ବା: ନିଜ ଗାଁ |
| ୫୧୬ | ୩୪୧ | ୦.୨୪ | ୦.୨୦ | ଶାରଦ ତିନି | ରାଧା ମୋହନ ସେଠୀ, ପି: ଯୁଧିଷ୍ଠିର ସେଠୀ, ଜା: ରଜକ, ବା: ପିଣ୍ଡାବଣିଆ |
| ୫୨୭ | ୧୭୨୯/ ୨୮୪୯ | ୦.୩୩ | ୦.୧୧ | ଶାରଦ ତିନି | ରୋହିଆ ସିଂ, ପି: ଶୁକୁରା ସିଂ, ଜା: ଭୂମିଜ, ବା: ନିଜଗାଁ |
| ୫୩୪ | ୩୭ | ୦.୨୯ | ୦.୧୭ | ଶାରଦ ତିନି | ଲକ୍ଷ୍ମଣ ମାଝି, ପି: ବୁଡଣ ମାଝି, ଜା: ସାନ୍ତାଳ, ବା: ଡାଉରୁବିଲ |
| | ୩୯ | ୧.୫୮ | ୦.୬୨ | ଶାରଦ ତିନି | |
| ୫୪୮ | ୨୩୬ | ୦.୫୪ | ୦.୦୩ | ଶାରଦ ଦୁଇ | ଲୋଚନ ସିଂ, ପି: ପୁଟୁ ସିଂ, ଜା: ଭୂମିଜ, ବା: ନିଜ ଗାଁ |
| ୫୭୪ | ୩୨୭ | ୦.୪୭ | ୦.୪୭ | ଶାରଦ ତିନି | ସନ୍ଥୁଆ ମହାନ୍ତ, ପି: ଲକ୍ଷ୍ମୀରାମ ମହାନ୍ତ, ଜା: କୁଡୁମୀ କ୍ଷତ୍ରିୟ, ବା: ନିଜଗାଁ |
| | ୩୨୮ | ୦.୭୭ | ୦.୨୨ | ଶାରଦ ତିନି | |
| ୫୯୬ | ୧୨୪୬ | ୦.୧୪ | ୦.୧୪ | ଶାରଦ ତିନି | ଶାନ୍ତିଲତା ପଣ୍ଡା, ପି: ନିରଞ୍ଜନ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜ ଗାଁ |
| ୫୯୭ | ୧୨୮୩ | ୦.୯୮ | ୦.୧୨ | ଶାରଦ ତିନି | ସାବିତ୍ରୀ ପାଢୀ, ପି: ପଦ୍ମ ଲୋଚନ ପାଢୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ୧୨୮୯ | ୦.୫୨ | ୦.୨୭ | ଶାରଦ ତିନି | |
| ୬୧୬ | ୨୯୧ | ୧.୦୩ | ୦.୩୦ | ଶାରଦ ଦୁଇ | ଶ୍ରୀକାନ୍ତ ମହାନ୍ତ, ପି: ଭକ୍ତୁ ମହାନ୍ତ, ଜା: କୁଡୁମୀ କ୍ଷତ୍ରିୟ, ବା: ନିଜ ଗାଁ |
| ୬୧୮ | ୧୪୩୫ | ୦.୪୪ | ୦.୧୨ | ଶାରଦ ତିନି | ଶ୍ରୀଧର ମହାନ୍ତ, ପି: ରଘୁନାଥ ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ |
| ୬୧୯ | ୨୫୮/ ୨୭୧୧ | ୦.୬୪ | ୦.୧୫ | ଶାରଦ ଦୁଇ | ରତିକାନ୍ତ ମହାନ୍ତ, ଗଙ୍ଗାଧର ମହାନ୍ତ, ପି: ଭକ୍ତା ମହାନ୍ତ, ଜା: କୁଡୁମୀ, ବା: ପୁରୁଣିଆ (ହରିପୁର) |
| ୬୨୦ | ୧୪୪ | ୦.୬୫ | ୦.୦୬ | ଶାରଦ ଦୁଇ | ଶ୍ରୀଧର ମହାନ୍ତ, ପି: ରଘୁନାଥ ମହାନ୍ତ, ଫୁସକିଆ ମହାନ୍ତ, ସ୍ୱା: ରଘୁନାଥ ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ |
| ୬୨୬ | ୧୨୯୦/ ୨୮୯୩ | ୦.୪୦ | ୦.୦୬ | ଶାରଦ ତିନି | ଶୁକୁରା ସିଂ, ପି: ଜେନା ସିଂ, ଜା: କୋହ୍ଲ, ବା: ନିଜ ଗାଁ |
| ୬୩୧ | ୧୯୦ | ୦.୯୪ | ୦.୧୫ | ଶାରଦ ତିନି | ସୁଦାମ ସିଂ, ଟିବିନ ସିଂ, ପୂର୍ଣ୍ଣ ସିଂ, ପି. ଗଣଶା ସିଂ, ବୁଣ୍ଟୁ ସିଂ, କାନ୍ଦରା ସିଂ, ପି: ଦୁର୍ଗା ସିଂ, କଟି ସିଂ, ପି: ବାଇନ ସିଂ, ଜା: ଭୂମିଜ, ବା: ନିଜ ଗାଁ |
| | ୧୯୮ | ୧.୦୦ | ୦.୦୭ | ଶାରଦ ତିନି | |
| ୬୩୯ | ୧୭୪୩ | ୦.୭୪ | ୦.୦୩ | ଶାରଦ ତିନି | ଶୁବୁଦା ମାଝି, ପି: ଚିନ୍ତା ମାଝି, ଜା: ସାନ୍ତାଳ, ବା: ଅଙ୍ଗାରିଆ |
| ୬୫୪ | ୨୩୫ | ୦.୫୨ | ୦.୧୮ | ଶାରଦ ଦୁଇ | ସୁଲୋଚନା ମହାନ୍ତ, ସ୍ୱା: ସାଇବା ମହାନ୍ତ, ରହନୀ ମହାନ୍ତ, ଶ୍ରୀମତୀ ମହାନ୍ତ, ନଳିତା ମହାନ୍ତ, ପି: ସାଇବା ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| ୬୫୫ | ୧୪୮ | ୦.୪୩ | ୦.୦୫ | ଶାରଦ ଦୁଇ | ସୁଲୋଚନା ମହାନ୍ତ, ସ୍ୱା: ସାଇବା ମହାନ୍ତ, ରହନୀ ମହାନ୍ତ, ଶ୍ରୀମତୀ ମହାନ୍ତ, ଲଳିତା ମହାନ୍ତ, ପି: ସାଇବା ମହାନ୍ତ, ଆଶାଦୁ ମହାନ୍ତ, ପି. ଶାମ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| | ୧୪୩୭ | ୦.୪୮ | ୦.୧୬ | ଶାରଦ ତିନି | |
| ୬୬୨ | ୨୮୧ | ୦.୬୦ | ୦.୩୧ | ଶାରଦ ଦୁଇ | ସୋମନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି: ଆକୁଳି ମହାନ୍ତ, ଜା: କୁଡୁମୀ କ୍ଷତ୍ରିୟ, ବା: ନିଜଗାଁ |
| ୬୬୪ | ୧୭୧୭ | ୦.୬୭ | ୦.୧୩ | ଶାରଦ ତିନି | ସୋମନାଥ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପି: ଆକୁଳି ମହାନ୍ତ, ଛୁଟୁ ମହାନ୍ତ, ସ୍ୱା: ଆକୁଳି ମହାନ୍ତ, ନକୁଳ ମହାନ୍ତ, ସହଦେବ ମହାନ୍ତ, ପି: ଅର୍ଜୁନ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| ୬୭୨ | ୧୪୭ | ୦.୬୭ | ୦.୦୫ | ଶାରଦ ତିନି | ହରିଶଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରମିଳା ମହାନ୍ତ, ଉର୍ମିଳା ମହାନ୍ତ, ପି: ଗଣେଶ୍ୱର ମହାନ୍ତ, ସରସ୍ୱତୀ ମହାନ୍ତ, ସ୍ୱା: ଗଣେଶ୍ୱର ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ |
| ୬୮୩ | ୮ | ୧.୨୭ | ୦.୪୪ | ଶାରଦ ଦୁଇ | ହାଦୀ ମାଝୀ, ସ୍ୱା: ଭାଲୁ ମାଝୀ, ଝାନୁ ମାଝି, ମାଙ୍ଗୀ ମାଝି, ପି: ଭାଲୁ ମାଝି, କୁଆଁର ମାଝି, ନିମାଇ ମାଝି, ଭାଞ୍ଜ ମାଝି, ପି: ଚିନ୍ତାମଣି ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୯ | ୦.୩୬ | ୦.୧୬ | ଶାରଦ ଦୁଇ | |
| | ୪୭ | ୧.୬୦ | ୦.୧୫ | ଶାରଦ ତିନି | |
| ୬୮୯ | ୬୩ | ୦.୮୯ | ୦.୨୮ | ଶାରଦ ତିନି | ହେମ ବିନ୍ଧାଣି, ଗୁରୁବାରି ବିନ୍ଧାଣି, ପି: ରଥିଆ ବିନ୍ଧାଣି, ପି: କାଳିଆ ବିନ୍ଧାଣି, ଜା: କମାର, ବା: ପାଇକସାହି |
| ୬୯୨ | ୨୫୨ | ୦.୫୪ | ୦.୦୫ | ଶାରଦ ତିନି | ହେଟ ସିଂ, କଟି ସିଂ, ଗୁରୁଭା ସିଂ, ପି: ବିନ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୬୯୨/ ୧୦ | ୨୪୦୭/ ୨୯୧୨ | ୨.୦୦ | ୦.୨୦ | ଶାରଦ ତିନି | ଦୁଲା ମାଝି, ପି: ବିଶ୍ୱନାଥ ମାଝି, ବା: ନିଜଗାଁ |
| ୬୯୨/ ୨୩ | ୨୪୦୨ | ୧.୧୭ | ୦.୧୪ | ଶାରଦ ତିନି | କୃଶାଲ ମାଝି, ପି: ଖେଲା ମାଝି, ଜା: ସାନ୍ତାଳ, ବା: ପୁରୁଣାପାଣି ସାମିଲ କେସରା ସାହି |
| ୬୯୨/ ୭୬ | ୧୬୭୯/ ୨୮୪୦/ ୨୯୬୭ | ୦.୬୯ | ୦.୩୫ | ଶାରଦ ତିନି | ଅନନ୍ତ ମହାନ୍ତି, ପି: ଭାଗବତ ମହାନ୍ତି, ଜା: ଲକ୍ଷ୍ମୀନାରାୟଣ ଗୋଲା, ବା: ଟିକାଏତପୁର |
| ୬୯୨/ ୮୦ | ୨୪୧୮/ ୨୬୬୪/ ୨୯୬୯ | ୦.୭୫ | ୦.୨୨ | ଆଶୁ | ବିଶ୍ୱନାଥ ମାଝି, ପି: ଦୁଲା ମାଝି, ଜା: ସାନ୍ତାଳ, ବା: ପୁରୁଣିଆ |
| ୬୯୨/ ୧୨୩ | ୧୬୬ | ୦.୩୫ | ୦.୧୭ | ଶାରଦ ଦୁଇ | ରବୀନ୍ଦ୍ର ସିଂ, ପି: ଫାଦରୁ ସିଂ, ଜା: ଭୂମିଜ, ବା: ପୁରୁଣିଆ |
| ୬୯୨/ ୧୨୭ | ୧୫୩/ ୨୩୬୮/ ୩୦୧୯ | ୦.୩୫ | ୦.୧୩ | ଶାରଦ ଦୁଇ | ମଙ୍ଗଳ ଚରଣ ଟୁଡୁ, ମନୋରଞ୍ଜନ ଟୁଡୁ, ମନୋରଞ୍ଜନ ଟୁଡୁ, ପି: ପାଣ୍ଡୁଚରଣ ଟୁଡୁ, ଜା: ସାନ୍ତାଳ, ବା: ପୁରୁଣିଆ |
| ୬୯୨/ ୧୩୧ | ୧୭୩୮ | ୧.୮୦ | ୦.୧୮ | ଶାରଦ ତିନି | ଦୁଖୀରାମ ସିଂ, ପି: ଅର୍ଜୁନ ସିଂ, ଜା: ଭୂମିଜ, ବା: ନିଜ ଗାଁ |
| ୬୯୨/ ୧୩୩ | ୨୪୦୦ | ୧.୨୪ | ୦.୦୫ | ଶାରଦ ତିନି | ମଦନା ବଦୀ ଦାସ, ସ୍ୱା: ଅଚ୍ୟୁତାନନ୍ଦ ଦାସ, ଜା. ଖଣ୍ଡାୟତ, ବା: ପୁରୁଣିଆ |
| | ୨୪୦୧/ ୩୦୦୩ | ୦.୧୨ | ୦.୦୫ | ଶାରଦ ତିନି | |
| ୬୯୨/ ୧୩୪ | ୧୭୩୦ | ୦.୩୨ | ୦.୧୫ | ଶାରଦ ତିନି | ଯଦୁନାଥ ସିଂ, ପି: ବୁଧୁରାମ ସିଂ, ଜା: ତାମୁଡିଆ, ବା: ପୁରୁଣିଆ |
| ୬୯୨/ ୨୮୨ | ୧୯୪ | ୦.୨୪ | ୦.୧୪ | ଶାରଦ ତିନି | ରବୀନ୍ଦ୍ର ସିଂ ନାବାଳକ ଗାର୍ଜନ, ପି: ଲୋଚନ ସିଂ, ଜା: ଭୂମିଜ, ବା: ପୁରୁଣିଆ |
| | ୧୯୭ | ୦.୭୦ | ୦.୦୮ | ଶାରଦ ଦୁଇ | |
| ୬୯୨/ ୩୧୧ | ୧୯୪/ ୩୧୬୯ | ୦.୨୯ | ୦.୧୨ | ଶାରଦ ତିନି | ସୁଦାମ ସିଂ, ଟିପିନ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ପି: ଗଣଶା ସିଂ, ଜା. ଭୂମିଜ, ବା: ନିଜ ଗାଁ |
| ୬୯୨/ ୩୨୫ | ୨୯୪/ ୨୭୧୮ | ୦.୩୮ | ୦.୧୩ | | ଗଙ୍ଗାଧର ମହାନ୍ତ, ପି: ଭକ୍ତ ମହାନ୍ତ, ଜା: କୁର୍ମି କ୍ଷତ୍ରିୟ, ବା: ନିଜ ଗାଁ |
| | ୨୯୪/ ୨୭୧୯ | ୦.୨୭ | ୦.୧୨ | ଶାରଦ ଦୁଇ | |
| ୬୯୨/ ୩୩୭ | ୧୬୫ | ୧.୩୫ | ୦.୦୮ | ଶାରଦ ଦୁଇ | ଭକ୍ତୁ ମହାନ୍ତ, ପି: କାଶୀନାଥ ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ |
| ୬୯୨/ ୩୫୭ | ୧୩୬/ ୩୨୧୧ | ୦.୩୫ | ୦.୦୫ | ଶାରଦ ଦୁଇ | ରୂପା ମହାନ୍ତ, ପି: କାଶିନାଥ ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ପୁରୁଣିଆ |
| ୬୯୨/ ୪୭୫ | ୨୩୪ | ୧.୦୦ | ୦.୧୮ | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି: ଗୌର ମୋହନ ମହାନ୍ତ, ଜା: କୁଡୁମୀ କ୍ଷତ୍ରିୟ, ବା: ନିଜ ଗାଁ |
| ୬୯୨/ ୫୩୮ | ୩୨୯ | ୦.୮୨ | ୦.୩୦ | ଶାରଦ ତିନି | ଅରବିନ୍ଦ ଦାସ, ଅମରେନ୍ଦ୍ର ଦାସ, ପି: ଉପେନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ପୁରୁଣିଆ |

ଅ.ପୃ.ଦେ ▶

ସକାଳ
THE SAKALA



■ ମାଟ୍ରିକ ପରୀକ୍ଷା ପାଇଁ ବୋର୍ଡର ବ୍ୟାପକ ପ୍ରସ୍ତୁତି

# ୭୨ ଫ୍ଲାଇଂ ସ୍କ୍ୱାଡ୍ ଓ ୪୧ କେନ୍ଦ୍ରୀୟ ସ୍କ୍ୱାଡ୍ ଗଠିତ

**କଟକ,୮ ।୨(ସମିସ):** ଆସନ୍ତା ଫେବୃଆରୀ ୨୦ରୁ ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ୨ ହଜାର ୯୯୧ଟି ପରୀକ୍ଷା କେନ୍ଦ୍ରରେ ଚଳିତଥର ୫ଲକ୍ଷ ୫୧ହଜାର ୬୧୧ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବେ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କପି ରୋକିବାକୁ ୪ ପର୍ଯ୍ୟାୟରେ ସ୍କ୍ୱାଡ୍ ଗଠନ କରାଯାଉଥିବା ଜଣାପଡ଼ିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଜିଲ୍ଲାସ୍ତରରେ ୭୨ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଥିବା ବେଳେ ବୋର୍ଡ ପକ୍ଷରୁ ୪୧ଟି କେନ୍ଦ୍ରୀୟ ସ୍କ୍ୱାଡ୍ ଗଠନ ହୋଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ହେବ। ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ସମ୍ପୃକ୍ତ ଜିଲ୍ଲାର ବିଭିନ୍ନ ଅଧିକାରୀ ତଥା ବିଡିଓ, ତହସିଲଦାରଙ୍କୁ ନେଇ ଏକ ସ୍କ୍ୱାଡ୍ ଗଠନ କରି ପରୀକ୍ଷା କେନ୍ଦ୍ର ତଦାରଖ କରିବାକୁ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି।

ପରୀକ୍ଷାର ସୁପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ପ୍ରଶ୍ନପତ୍ର ରଖିବାକୁ ୩୧୩ଟି ନୋଡାଲ ସେଣ୍ଟର୍ ହୋଇଥିବା ବେଳେ ଏଗୁଡ଼ିକ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥାରେ ରହିବ। ଏଥିମଧ୍ୟରୁ ମାଓପ୍ରବଣ ତଥା ସମ୍ବେଦନଶୀଳ ଅଞ୍ଚଳର ୨୧ଟି ଥାନା ଓ ଗୋଟିଏ ବିଟ୍ ହାଉସ୍‌କୁ ନୋଡାଲ କେନ୍ଦ୍ର କରାଯାଇଛି। କନ୍ଧମାଳରେ ୭ଟି, ମାଲକାନାଗିରିରେ ୧୦ଟି ଓ କୋରାପୁଟରେ ୪ଟି ଥାନା ଏବଂ ଗୋଟିଏ ବିଟ୍‌ହାଉସ ନୋଡାଲ କେନ୍ଦ୍ର ହୋଇଛି। ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ନୋଡାଲ କେନ୍ଦ୍ରଗୁଡ଼ିକୁ ଗୋଟିଏ ପର୍ଯ୍ୟାୟରେ ପ୍ରଶ୍ନପତ୍ର ତଥା ବୁକଲେଟ୍ ପଠାଯିବାର ବ୍ୟବସ୍ଥା ହୋଇଛି। ସେହିପରି ନୋଡାଲ କେନ୍ଦ୍ରଗୁଡ଼ିକରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦିନ ସକାଳ ୮ଟା ୩୦ ମଧ୍ୟରେ ପ୍ରଶ୍ନପତ୍ର ପଠାଯିବ। ପ୍ରଥମଥର ନିମନ୍ତେ ବୋର୍ଡ ଦ୍ୱାରା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ୟାମେରା ମାଧ୍ୟମରେ ପରୀକ୍ଷା ପରିଚାଳନା କରିବାକୁ ବୋର୍ଡ ଯୋଜନା କରିଛି। ସବୁ ପରୀକ୍ଷା କେନ୍ଦ୍ରରେ ଏହି କ୍ୟାମେରା ଲାଗିବ। ପରୀକ୍ଷାର୍ଥୀଙ୍କ ପାଇଁ ଆଡମିଟ କାର୍ଡ ଆସନ୍ତା ୧୦ ତାରିଖରୁ ବୋର୍ଡ ୱେବସାଇଟରେ ଉପଲବ୍ଧ ହେବ ଓ ଏହାର ହାର୍ଡକପି ମଧ୍ୟ ପରୀକ୍ଷା କେନ୍ଦ୍ର ଗୁଡିକ ପକ୍ଷରୁ ଯୋଗାଇ ଦିଆଯିବ। ଆସନ୍ତାକାଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିମନ୍ତେ ବୋର୍ଡ ପକ୍ଷରୁ ଓରିଏଣ୍ଟେସନ କାର୍ଯ୍ୟକ୍ରମ ବୋର୍ଡ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖ ସୁଦ୍ଧା ଜିଲ୍ଲାସ୍ତରରେ ଶିକ୍ଷାଧିକାରୀମାନେ ଏହି କାର୍ଯ୍ୟକ୍ରମ ଶେଷ କରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**୧୨ରୁ ନୋଡାଲ କେନ୍ଦ୍ରକୁ ପଠାଯିବ ପ୍ରଶ୍ନପତ୍ର**

# ତିନି ଜିଲ୍ଲା ପାଇଁ ବିଜେଡିର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର, ୮ ।୨(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ଦଳର ବିଭିନ୍ନ ଜିଲ୍ଲା, ବ୍ଲକ, ଏନ୍ଏସି ତଥା ମ୍ୟୁନିସିପାଲିଟିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଗାନ୍ଧୀ ପଣ୍ଡା ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ପ୍ରମୋଦ କୁମାର ମହାନ୍ତି ଗଞ୍ଜାମ ଜିଲ୍ଲା ବିଜେଡି ସମ୍ପାଦକ ଦାୟିତ୍ୱ ପାଇଥିବା ବେଳେ ନାରାୟଣ ପ୍ରସାଦ ଜେନା ଛତ୍ରପୁର ବିଧାନସଭା କ୍ଷେତ୍ର ପର୍ଯ୍ୟବେକ୍ଷକ ଏବଂ ବିଜୟ କୁମାର ପାଲଟାସିଂ ଦିଗପହଣ୍ଡି ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇବେ।

ଜଗତସିଂପୁର ଜିଲ୍ଲା ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳର ୪ଜଣ ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତ କରାଯାଇଛି। ବିଜୟ କେତନ ସାହୁ ଏବଂ ସୁଦୀପ୍ତ କେଶରୀ ସାମଲ ଜଗତସିଂହପୁର ଜିଲ୍ଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ପଦବୀ ପାଇଛନ୍ତି। ସେହିପରି କମଳଜ୍ୟୋତି ଦାସ ଓ ଅଶୋକ ନାୟକ ଜଗତସିଂହପୁର ଛାତ୍ର ବିଜେଡି ପାଇଁ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଛନ୍ତି। ଅପରପକ୍ଷେ ଦଳ ପକ୍ଷରୁ ଆଜି କଳାହାଣ୍ଡି ଜିଲ୍ଲାରେ ୧୩ ଜଣ ବ୍ଲକ ସଭାପତି ଏବଂ ୪ଜଣ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ଜିଲ୍ଲାରେ ବ୍ଲକ ସଭାପତି ପଦ ପାଇଥିବା ନେତାମାନେ ହେଲେ, ପ୍ରେମ ରଞ୍ଜନ ପାଣିଗ୍ରାହୀ (ଭବାନୀପାଟଣା), କୁମୁଦ ବରର୍ତ୍ତି (କେସିଙ୍ଗା), ପରେଶ ପ୍ରଧାନ (ନର୍ଲା), ଗୋବିନ୍ଦ ଶତପଥୀ (ଏମ୍ ରାମପୁର), ସୁରେନ୍ଦ୍ର ସାହୁ (କର୍ଲାମୁଣ୍ଡା), ହିମାଦ୍ରୀ ପେସନିଆ (ଲାଞ୍ଜିଗଡ଼), ମିନକେତନ ପୂଜାରୀ (ଜଇପାଟଣା), କପିଳାଶ ନାଏକ (ଥୁଆମୁଳ ରାମପୁର), ଟିକମନ ବାରିକ (ଧର୍ମଗଡ଼), ସୁଶାନ୍ତ ବେହେରା (କେକସରା), ଅଭିମନ୍ୟୁ ବାଗ (ଜୁନାଗଡ଼) ଏବଂ ଦିବ୍ୟସାଗର ଚଲଣ (ଗୋଲମୁଣ୍ଡା)। ଅପରପକ୍ଷେ କଳାହାଣ୍ଡି ନଗର ସଭାପତି ହେଲେ, ଧୋବଳେଶ୍ୱର ମହାପାତ୍ର (ଭବାନୀପାଟଣା ମ୍ୟୁନିସିପାଲିଟି), ରମେଶ ପଟ୍ଟନାୟକ (କେସିଙ୍ଗା ଏନ୍ଏସି), ସତୀଶ ପ୍ରଧାନ (ଜୁନାଗଡ଼ ଏନ୍ଏସି) ଏବଂ ମଦନ ନାଏକ (ଧର୍ମଗଡ଼ ଏନ୍ଏସି)। ଏହି ନିଯୁକ୍ତି ଆଦେଶ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ସାମ୍ବାଦିକଙ୍କୁ ଲୋକସେବା ଭବନରେ ପ୍ରବେଶ ପାଇଁ ଅନୁମତି ମିଳୁ: ନରସିଂହ

**ଭୁବନେଶ୍ୱର,୮ ।୨(ସମିସ):** ଲୋକସେବା ଭବନକୁ ସାମ୍ବାଦିକଙ୍କ ପ୍ରବେଶ ଉପରେ ଲାଗିଥିବା ଅଙ୍କୁଶ ତୁରନ୍ତ ହଟାଇବା ଲାଗି କଂଗ୍ରେସ୍ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଜି ବିଧାନସଭାରେ ଦାବି କରିଛନ୍ତି। ଶ୍ରୀ ମିଶ୍ର ଆହୁରି କହିଥିଲେ, ବିଭିନ୍ନ ରାଜ୍ୟରେ ସାମ୍ବାଦିକମାନଙ୍କୁ ସରକାର ପେନସନ୍ ପ୍ରଦାନ କରୁଛନ୍ତି। ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମଧ୍ୟ ପେନସନ୍ ପ୍ରଦାନ ପାଇଁ ସରକାର ପଦକ୍ଷେପ ନିଅନ୍ତୁ ।

**DISTRICT PROJECT MANAGEMENT UNIT (MDM), BALASORE**
At/Po/Dist.- Balasore, Odisha, Pin-756001, Email: deobalasore02@gmail.com
No. 1804 | Dt. 07.02.2024
n -
**CORRIGENDUM**
The following rectification is hereby made in the tender paper issued vide District Project Management Unit (MDM), Balasore Tender Call Notice No. 1380, Dtd. 30.01.2024

| Page No. & Clause No. | Printed in the Tender Paper | Should be read as |
|---|---|---|
| Page - 5 Clause No.8.9 | **Experience Certificate & Transport Agent License** "Certificate of past experience & performance of the District Level Tenderer .In Transporting rice or any food malerial from Govt. organisation will be submitted along with the Tender paper." | **Transport Agent License** "Copy or the registration certificate issued by the State Transport authority to operate the Transport work under the carriage by the road act-2007 & the carriage by road rule-2011 shall be submitted by the Tenderer along with the Tender paper |

OIPR-27060/11/0006/2324
By order of Collector & District Magistrate, Balasore
District Nodal Officer (MDM)-cum- District Educational Officer, Balasore

CAD-4040
obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No. 1368
File : SMT-2001
Date: 07.02.2024
**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | "Supply and Fixing of "Self-supported" secret fix standing Roofing System and of AA 304 Aluminium alloy for Construction of Swimming Pools at Niladri Vihar (Bhubaneswar), Kalinga Nagar (Bhubaneswar), Nayagarh, Balasore, Jharsuguda and Bhawanipatna on Turnkey basis". |
| 2. | Bid Identification No | : | 94/Tender/OBCC/2023-24 |
| 3. | Class of Contractor | : | 'A' class or 'Special' class |
| 4. | Bid Processing fee (only in online mode) | : | ₹ 11,800.00 (Including GST) |
| 5. | Date of availability of bid document in e-procurement portal | : | From Dt. 13.02.2024 |
| 6. | Last Date & time of receipt of online bid | : | Up to 5.30 PM on 21.02.2024 |
| 8. | Project Completion Duration | | 1 (One) Calendar Months |

9. Further details can be seen from the e-Procurement portal https://www.tendersodisha.gov.in.
10. OBCC has the right to accept or reject the Notice / RFP without assigning any reasons thereof.
OIPR-34161/11/0115/2324 | Chief General Manager-III

# ୧୨ତମ ପରିଚାଳନା ପରିଷଦ ବୈଠକ

# ରୂପାନ୍ତରଣ ବିଦ୍ୟାଳୟର ରକ୍ଷଣାବେକ୍ଷଣ କରିବ 'ମୋ ସ୍କୁଲ'



**ଭୁବନେଶ୍ୱର, ୮ ।୨(ସମିସ):** 'ମୋ ସ୍କୁଲ ଅଭିଯାନ'ର ଅଧକ୍ଷା ସୁସ୍ମିତା ବାଗ୍‌ଚୀଙ୍କ ସଭାପତିତ୍ୱରେ ୧୨ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ କ୍ଲବ୍‌ର ସଠିକ୍ ପ୍ରଚଳନକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟରେ ଆକାଂକ୍ଷୀ ପାଠ୍ୟକ୍ରମର ସଠିକ୍ ପ୍ରଚଳନ, ତତ୍ତ୍ୱାବଧାନ ଏବଂ ଶିକ୍ଷାର୍ଥୀ କ୍ଲବ୍‌ର ସୁପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏହାସହ କ୍ଲବ୍ ପାଠ୍ୟକ୍ରମର ଏକ ଅଂଶ ଭାବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣୀୟ ଭ୍ରମଣ (ଏକ୍ସପୋଜର ଭିଜିଟ୍ )ର ସୁବିଧା ଯୋଗାଇ ଦିଆଯିବ। ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିବା ଏହି କ୍ଲବ୍ ପ୍ରଣାଳୀକୁ ଅଧିକ ପ୍ରସାରିତ କରିବା ପାଇଁ ଆସନ୍ତା ଶିକ୍ଷାବର୍ଷଠାରୁ ସହଭାଗିତାକୁ ସଦୃଢ଼ କରାଯିବ। ପ୍ରତି ୨ ମାସରେ ସମୀକ୍ଷା ବୈଠକ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍. ଗୁରୁତ୍ୱାରୋପ କରିଛନ୍ତି। ନିରନ୍ତର ଭାବେ ୫-ଟି ଉପକ୍ରମରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ବାତାବରଣ ଓ ଉନ୍ନତ ଭିତ୍ତିଭୂମି ପ୍ରଦାନ କରିବାରେ ସକ୍ଷମ ହୋଇଛି। ଏଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଆଗକୁ 'ମୋ ସ୍କୁଲ' କାର୍ଯ୍ୟ କରିବ ବୋଲି ପରିଚାଳନା ପରିଷଦ ନିଷ୍ପତ୍ତି ନେଇଛି।

ବୈଠକ ଆରମ୍ଭରେ ପୂର୍ବ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ଆରମ୍ଭ ହୋଇନଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ବିଭାଗୀୟ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଟୁକୁ ବାରିକ, ମୋ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଙ୍କୋନାଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ୍, ମୋ ସ୍କୁଲର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଭାରପ୍ରାପ୍ତ ଆଧିକାରୀ ଡଃ ମଣୀପ୍ରସାଦ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

FORM No. 13
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR - 7, CDA, CUTTACK-753014 (Orissa)**
**O.A. No. 316/2023**
**Bank of India, Paradeep Branch** ...Applicant
Versus
**Debendra Prasad Mohapatra** ... Defendant
To
**Defendant**
**Debendra Prasad Mohapatra,** aged about 63 years, S/o: Nakuli Charan Swain, At: Plot No.: 427, Bijayachandrapur, P.O.: Atharbanki, P.S: Paradeep, Dist.: Jagatsinghpur, PIN-754120, Odisha.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A No. 316/23** in the court of Debts Recovery Tribunal for recovery of **Rs. 36,46,145.15 (Thirty Six Lakh Forty Six Thousand One Hundred Forty Five and Paisa Fifteen)** only together with current and future interest, costs and other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **12/03/2024 at 10.30 a.m.** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **08th day of January 2024.**
Sd/- REGISTRAR

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK.** O-2474
ee_rwbdk2@yahoo.co.in
*"e" Procurement Notice for Building Works*
*Identification Online Tender 16/RWD/BDK-II / 2023-24 Dtd.03.02.2024*
1. Name of the Work :-Building Works as per Annexure
2. Total Number of Works :-28 Nos
3. Approximate Estimated Cost :-Rs. 35.06 lakhs - Rs 37.63 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer ,R.W. Division-II, Bhadrak | 16 | 12.02.2024 At 11.30 A.M. | 20.02.2024 up to 5.00 P.M | 19.02.2024 up to 3.00 P.M | 21.02.2024 at 11.30 AM |

7. **Further details can be seen from the e-procurement portal "https:// www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in
9. **DATE OF TRANSPARENT LOTTERY TO BE CONDUCTED ON DT 26.02.2024 at 11.30 AM IN THE OFFICE OF THE SUPERINTENDING ENGINEER, RURAL WORKS DIVISION –II, BHADRAK.**
Executive Engineer
R.W. Division-II, Bhadrak
OIPR-25090/11/0028/2324

**COLLECTORATE, JAJPUR** F-189
Ph. 06728-222001(0), 222330(R), FAX-222087 :
Email: dm-jajpur@nic.in, Website: http://www.jajpur.nic.in
Order No. 220 /Date: 05.02.2024
TENDER CALL NOTICE
In pursuance of letter No,12749/Elec. dated 21.12.2023 of Joint Chief Electoral Officer-cum-Joint Secretary to Government, Home (Elections) Department, Odisha, Bhubaneswar, sealed tender from the intending local bonafied suppliers / Agencies / firms etc for supply of Election Material (Consumables & Non-Consumables) as per the specifications mentioned in the list, in connection with Simultaneous General Elections-2024. The bidders are advised to visit frequently the District Website i.e. **https://Jaipur.nic.in**. The last date for receipt of the Tenders is **15.02.2024 at 5 PM.**
OIPR-24163/11/0062/2324 | Sd/- DEO & Collector, Jajpur

**DISTRICT PROJECT MANAGEMENT UNIT (MDM), BALASORE**
TENDER CALL NOTICE
No. 1380 | Date 30.01.2024
Sealed quotations (Technical & Financial) in the prescribed format are invited from the intending Registered/ Authorized/ Licensing Transport Contractors/ Persons fulfilling the Terms & Conditions as specified in the Tender Papers, for Handling and Transportation of food grain under MDM Programme in respect of Balasore District for the Year 2024-25. The interested Bidders shall submit the technical & financial Bid along with tender paper cost of Rs. **20,000/**-(non refundable) latest by **19.02.2024 (4.00 P.M)** to the office of the District Education Officer, Balasore. Tender papers shall be opened on **20.02.2024 at 11.00 A.M.** at the Office Chamber of Collector & District Magistrate, Balasore. For detailed terms & conditions, kindly visit district website www.baleswar.nic.in.The authority reserves the right to reject any or all tenders without assigning any reason thereof.
**By order of Collector & District Magistrate, Balasore**
**District Nodal Officer (MDM) -Cum- District Education Officer, Balasore**
OIPR-19402/11/0001/2324

**AFFIDAVIT**
I, Pinakshi Acharya, W/o-Laxmi Narayan Acharya, resident of At-JNV, Malkangiri-1, Dist-Malkangiri, Pin-764048, Odisha declare by this affidavit No.242, dated 07/02/2024 that now onwards I shall be known as **PINAKSHI PANDA** for all future purposes.

**ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ** C-3033
ନଂ. ୪୬୫ | ତା. ୦୭.୦୨.୨୦୨୪
ଏତଦ୍ୱାରା ପୌରପାଳିକା ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ, ପୌରପାଳିକା ଦ୍ୱାରା ଜଗମ ପଡିଆ ମାର୍କେଟ କମ୍ପ୍ଲେକ୍ସରେ ଉପର ମହଲାର ୧୦(ଦଶ) ଗୋଟି ଦୋକାନ ଘର କ୍ରମ ୫୭ ଠାରୁ ୬୬ ପର୍ଯ୍ୟନ୍ତ ଦୋକାନ ଘର ନିଲାମ ଆକାରରେ ଆବଣ୍ଟନ କରାଯିବ । ଏଣୁ ଉକ୍ତ ଦୋକାନ ଘର ଗୁଡିକ ଆବଣ୍ଟନ କରାଯିବା ପାଇଁ ତା.୧୨.୦୨.୨୦୨୪ ରିଖ ଠାରୁ ତା.୨୭.୦୨.୨୦୨୪ ରିଖ ପର୍ଯ୍ୟନ୍ତ ଘ.୧୧.୦୦ ଠାରୁ ଘ.୫.୦୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ନେଇ ପାରିବେ । ଏଣୁ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତ ଅନୁସାରେ ପୌରପାଳିକାରୁ ଫର୍ମ ନେଇ ଆବେଦନ ତା.୨୮.୦୨.୨୦୨୪ ସୁଦ୍ଧା ଆବେଦନ କରିପାରିବେ । ପ୍ରକାଶ ଥାଉ କି ।
୧) ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ ।
୨) କାର୍ଯ୍ୟାଳୟରେ ଟ.୨୦୦୦.୦୦ଙ୍କା ଦାଖଲ କରି ଆବେଦନ ପତ୍ର ଗ୍ରହଣ କରିପାରିବେ । ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।
୩) ଆବେଦନକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା ନାମରେ ଟ.୫୦,୦୦୦.୦୦ଙ୍କା ର ବ୍ୟାଙ୍କ ଡ୍ରାଫ୍ଟ ଅମାନତ ଆକାରରେ ଦାଖଲ କରିବେ । ଯେଉଁ ଆବେଦନକାରୀ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ବିନା ସୁଧରେ ଉକ୍ତ ଅର୍ଥ ଫେରସ୍ତ ଦିଆଯିବ । ଏଥିସହିତ ଭୋଟ ପରିଚୟ ପତ୍ର/ ଆଧାର କାର୍ଡ ଏବଂ ଗୋଟିଏ ପାସପୋର୍ଟ ସାଇଜ ଫଟୋ ସଂଲଗ୍ନ କରିବା ଆବଶ୍ୟକ ନଚେତ୍ ଆବେଦନ ପତ୍ର ରଦ୍ଦ କରାଯିବ ।
୪) ଯେଉଁ ଆବେଦନକାରୀଙ୍କ ନାମରେ ଦୋକାନ ଗୃହ ଆବଣ୍ଟନ କରାଯିବ ପୌରପାଳିକାର ନିୟମ ଅନୁଯାୟୀ ଅମାନତ ଟଙ୍କା ଦୋକାନ ଘର ନିର୍ଦ୍ଧାରିତ ମୂଲ୍ୟ ବାବଦକୁ କାର୍ଯ୍ୟାଳୟରେ ଜମା କରିବେ ।
୫) ଆବେଦନକାରୀ ପୌର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ ।
୬) ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।
୭) ଏକ ଗୋଟି ଦୋକାନ ଘର ନିଲାମ ସର୍ବନିମ୍ନ ମୂଲ୍ୟ ଟ.୧୦, ୦୦,୦୦୦/-(ଦଶ ଲକ୍ଷ) ଙ୍କା ମାତ୍ର ଧାର୍ଯ୍ୟ କରାଯାଇ ଅଛି।
୮) ଯେଉଁ ବ୍ୟକ୍ତିଙ୍କ ନାମରେ ପୌରପାଳିକାରେ ଦୋକାନ ଗୃହ ଥିବ ସେହି ବ୍ୟକ୍ତି ଉକ୍ତ ଦୋକାନ ଗୃହ ପାଇଁ ଆବେଦନ କରିପାରିବେ ନାହିଁ ।
୯) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ ପତ୍ର କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକୁ ନାକଚ କରିବା ସଙ୍ଗେ ସଙ୍ଗେ ଉକ୍ତ ବିଜ୍ଞାପନକୁ ରଦ୍ଦ କରିବାର ସମସ୍ତ ଅଧିକାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା, ଅନୁଗୋଳ
OIPR-13085/11/0048/2324

**ସରକାରୀ ମୋଟର ଯାନ ଚାଳନା ପ୍ରଶିକ୍ଷଣ ପ୍ରତିଷ୍ଠାନ , ଭୁବନେଶ୍ୱର**
**ବିଜ୍ଞାପନ** JJ-66
ଓଡିଶା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ପେସାଦାର ଡ୍ରାଇଭର ହୋଇ ଜୀବିକା ନିର୍ବାହ କରିବା ପାଇଁ ଇଚ୍ଛୁକ ଯୁବକ / ଯୁବତୀ ମାନଙ୍କ ଠାରୁ ଭାରିଯାନ (HMV) ଡ୍ରାଇଭିଂ ଟ୍ରେନିଂ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ଯୁବକ / ଯୁବତୀ ମାନେ ଯାଜପୁର ଜିଲ୍ଲା ଛତିଆ ନିକଟସ୍ଥ ବିଦ୍ୟାଧରପୁର ଗ୍ରାମରେ, ସୁନ୍ଦରଗଡ ଜିଲ୍ଲାର ଝିରଡ଼ାପଲ୍ଲୀ ଗ୍ରାମରେ, ଗଂଜାମ ଜିଲ୍ଲାର ପାଲୁର ହିଲ ଗୋଳନ୍ଥରା ଗ୍ରାମରେ ଓ କେନ୍ଦୁଝର ଜିଲ୍ଲା ଧନୁର୍ଜୟପୁର ଗ୍ରାମରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ଅଶୋକ ଲେଲାଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ଭାରୀ ଯାନ ତାଲିମ କେନ୍ଦ୍ରର ଛାତ୍ରାବାସରେ ରହି ୩୦ ଦିନ ପର୍ଯ୍ୟନ୍ତ ତାଲିମ ନେବା ଆବଶ୍ୟକ । ଏହି ତାଲିମ ଖର୍ଚ୍ଚ, ଛାତ୍ରାବାସର ଖର୍ଚ୍ଚ, ଲର୍ଣ୍ଣିଙ୍ଗ ତଥା ଡ୍ରାଇଭିଂ ଲାଇସେନ୍ସର ସମସ୍ତ ଦେୟ ସମ୍ପୂର୍ଣ୍ଣ ଭାବେ ସରକାର ବହନ କରିବେ । ଏତଦ ବ୍ୟତୀତ ସରକାର କେବଳ ଭାରିଯାନ (HMV) ସଫଳ ପ୍ରାର୍ଥୀ ମାନଙ୍କୁ ୩୦୦୦ ଟଙ୍କା ଲେଖାଏ ମଜୁରୀ କ୍ଷତି ପୂରଣ ପ୍ରଦାନ କରିବେ । ଡ୍ରାଇଭିଂ ଟେଷ୍ଟରେ କୃତକାର୍ଯ୍ୟ ହେଲେ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ । କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀ ମାନଙ୍କୁ ଚାକିରୀ ପାଇବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯାଏ ।
**ଆବେଦନ ପାଇଁ ପ୍ରାର୍ଥୀଙ୍କ ଯୋଗ୍ୟତା**
**(୧) ଅଭିଜ୍ଞତା : ଏକ ବର୍ଷରୁ ଅଧିକ ପୁରୁଣା ହାଲୁକା ମୋଟର ଯାନ (LMV ) ଡ୍ରାଇଭିଂ ଲାଇସେନ୍ସ ଥିବା ଆବଶ୍ୟକ ।**
ଇଚ୍ଛୁକ ପ୍ରାର୍ଥୀ ମାନେ ନିମ୍ନଲିଖିତ ସୂଚନାମାନ ସାଦା ଫର୍ମରେ ପୂରଣ କରି ଆବେଦନ କରିବେ :
(୧) ନାମ, (୨) ପିତାଙ୍କ ନାମ, (୩) ସମ୍ପୂର୍ଣ୍ଣ ଠିକଣା, (୪) ମୋବାଇଲ ନମ୍ବର, (୫) ଜନ୍ମ ତାରିଖ (ଆଧାରକାର୍ଡ ) (୬) ଉଚ୍ଚତା, (୭) (LMV ) ଡ୍ରାଇଭିଂ ଲାଇସେନ୍ସର ବିବରଣୀ ।
ପ୍ରାର୍ଥୀମାନେ ଉପରୋକ୍ତ ଫର୍ମ ପୂରଣ କରି ୨ ଗୋଟି ଫୋଟ ସହ ଠିକଣା, ବୟସ ପ୍ରମାଣପତ୍ର , ହାଲୁକା (LMV ) ଡ୍ରାଇଭିଂ ଲାଇସେନ୍ସର ନକଲ ସହ ନିମ୍ନଲିଖିତ ଠିକଣାରେ ପଠାଇ ପାରିବେ କିମ୍ବା ଉପରୋକ୍ତ ଫର୍ମ ପୂରଣ କରି ୨ ଗୋଟି ଫୋଟ ଓ ଉକ୍ତ ପ୍ରମାଣ ପତ୍ର ଗୁଡିକର ସ୍ୱପ୍ରମାଣିତ ନକଲ **(Self Attested copy)** ସହ ତାଲିମ କେନ୍ଦ୍ରରେ ଛୁଟି ଦିନ ବ୍ୟତୀତ ଯେ କୌଣସି ଦିନ ପ୍ରିନସିପାଲଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି ତାଲିମ ବର୍ଷ ସାରା ଦିଆଯାଏ । ରାଜ୍ୟର ଯେ କୌଣସି ଜିଲ୍ଲାର ବାସିନ୍ଦା ହୋଇଥିଲେ ମଧ୍ୟ ଏହି ଭାରୀଯାନ ଚାଳନା କେନ୍ଦ୍ରରେ ଦରଖାସ୍ତ କରିପାରିବେ ।
**ଫର୍ମ ପଠାଇବାର / ଦେବାର ଠିକଣା**
୧) ପ୍ରିନସିପାଲ, ଭାରୀଯାନ ଚାଳନା ତାଲିମ କେନ୍ଦ୍ର, ବିଦ୍ୟାଧରପୁର , ଛତିଆ , ଜିଲ୍ଲା : ଯାଜପୁର,ପିନ : ୭୫୪୦୨୩
ଫୋନନମ୍ବର : ୭୦୭୭୪୭୨୫୭୧ , ୯୧୭୮୯୭୬୭୭୩
୨) ପ୍ରିନସିପାଲ, ଭାରୀଯାନ ଚାଳନା ତାଲିମ କେନ୍ଦ୍ର, ଝିରଡ଼ାପଲ୍ଲୀ, ଟୁନିଆପାଲ୍ଲୀ, ବଣାଇ , ସୁନ୍ଦରଗଡ, ପିନ-୭୭୦୦୫୧
ଫୋନନମ୍ବର : ୮୨୮୦୯୩୦୮୩, ୮୨୮୦୯୦୭୫୦୩
୩) ପ୍ରିନସିପାଲ, ଭାରୀଯାନ ଚାଳନା ତାଲିମ କେନ୍ଦ୍ର, ପାଲୁର ହିଲ ଗୋଳନ୍ଥରା, ମନଟ୍ରିଡି, ଗଂଜାମ ପିନ-୭୬୧୦୦୮
ଫୋନନମ୍ବର : ୮୨୮୦୯୦୮୭୮୪, ୮୪୮୦୨୭୦୩୦୮
୪) ପ୍ରିନସିପାଲ, ଭାରୀଯାନ ଚାଳନା ତାଲିମ କେନ୍ଦ୍ର, ଧନୁର୍ଜୟପୁର, କୁଣ୍ଡରିପୋଷୀ, ସଦର, କେନ୍ଦୁଝର, ପିନ-୭୫୮୦୩୧
୮୨୮୦୯୦୭୭୬୩, ୮୨୮୦୯୦୬୮୭୫
Sd/-
ଯୁଗ୍ମ ପରିବହନ କମିଶନର (ଟେକ୍ନିକାଲ )
ତଥା ଅଧକ୍ଷ
OIPR-38006/11/0003/2324

▶ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| | | | | | |
|---|---|---|---|---|---|
| ୬୯୨/ ୫୭୭ | ୨୮୫ | ୦.୫୪ | ୦.୦୨ | ଶାରଦ ଦୁଇ | ସହଜ ମହାନ୍ତ, ପି: ମହେଶ୍ୱର ମହାନ୍ତ, ଜା: କୁଡୁମୀ, ବା: ପୁରୁଣିଆ ସାମିଲ ହରିପୁର |
| | ୩୦୫/ ୩୪୧୩ | ୦.୧୭ | ୦.୦୧ | ଶାରଦ ଦୁଇ | |
| ୬୯୨/ ୫୯୫ | ୩୩୮ | ୧.୩୫ | ୦.୫୦ | ଶାରଦ ତିନି | ଦୁର୍ଯୋଧନ ଦାସ, ପି: ନରେନ୍ଦ୍ର ଦାସ, ଜା: ଧୋବା, ବା: ପୁରୁଣିଆ |
| ୬୯୨/ ୫୯୭ | ୩୪୨/ ୩୪୩୦ | ୦.୩୫ | ୦.୧୮ | ଶାରଦ ତିନି | ମଧୁସୂଦନ ଦାସ, ପି: ନରେନ୍ଦ୍ର ଦାସ, ଜା: ଧୋବା, ବା: ପୁରୁଣିଆ |
| ୬୯୨/ ୬୨୬ | ୧୨୫୦ | ୦.୨୬ | ୦.୨୬ | ଶାରଦ ଦୁଇ | ପ୍ରଶାନ୍ତ କୁମାର ଦାସ, ସୁମନ୍ତ କୁମାର ଦାସ, ପି: ପୂର୍ଣ୍ଣଚନ୍ଦ୍ର ଦାସ, ଜା: କ୍ଷତ୍ରିୟ, ବା: ପୁରୁଣିଆ |
| ୬୯୨/ ୬୫୩ | ୨୫୪/ ୩୪୮୭ | ୦.୫୦ | ୦.୦୮ | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତ, ପି: ଗୌର ମୋହନ ମହାନ୍ତ, ଜା: କୁଡୁମୀ, ବା: ପୁରୁଣିଆ |
| ୬୯୨/ ୬୭୨ | ୨୫୪/ ୩୫୦୩ | ୦.୫୦ | ୦.୦୯ | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତ, ପି: ଗୌର ମୋହନ ମହାନ୍ତ, ଜା: କୁଡୁମୀ, ବା: ନିଜ ଗାଁ |
| ୬୯୨/ ୭୦୩ | ୧୦୩୫/ ୩୫୩୧ | ୦.୫୫ | ୦.୦୪ | ଶାରଦ ଦୁଇ | ପଙ୍କଜ ନାରାୟଣ ଦେଓବାବୁ, ପି: ଜୟନାରାୟଣ ଦେଓବାବୁ, ଜା: କ୍ଷତ୍ରିୟ, ବା: ପୁରୁଣିଆ |
| ୬୯୨/ ୭୩୬ | ୧୨୯୦/ ୨୮୯୪/ ୩୫୫୬ | ୦.୩୨ | ୦.୧୦ | ଶାରଦ ଅଣ ଜଳସେଚିତ ତିନି | ଲକ୍ଷ୍ମୀମଣି ସିଂ, ସ୍ୱା: ଚଗଲା ସିଂ, ଜା: ମୁଣ୍ଡା, ବା: କାଠଗୋଛି, ଥା: ନିଳଗିରି, ଜି. ବାଲେଶ୍ୱର |
| ୬୯୨/ ୭୭୪ | ୨୪୨ | ୦.୬୯ | ୦.୫୦ | ଶାରଦ ତିନି | ଘନଶ୍ୟାମ ସିଂ, ପି: ଗଦା ସିଂ, ଜା: ଭୂମିଜ, ବା: ପୁରୁଣିଆ ସାମିଲ ହରିପୁର |
| ୬୯୨/ ୭୮୨ | ୧୨୮୮/ ୩୫୯୫ | ୦.୬୨ | ୦.୦୪ | ଶାରଦ ଦୁଇ | ଲମ୍ବୋଦର ଧଳ, ସୃଷ୍ଟିଧର ଧଳ, ପି: ଦାମୋଦର ଧଳ, ଜା: ଧୋବା, ବା: ନିଜଗାଁ |
| ୬୯୨/ ୬୯୨ | ୧୪୬୮ | ୧.୩୬ | ୦.୧୫ | ଶାରଦ ତିନି | କୈଳାସ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି: ଦୁର୍ଯୋଧନ ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| ୬୯୨/ ୭୮୫ | ୧୩୭୫/ ୩୫୯୮ | ୦.୨୫ | ୦.୦୬ | ଶାରଦ ଦୁଇ | ବୃନ୍ଦାବନ ସିଂ, ପି: ଅନନ୍ତ ସିଂ, ଜା: ଭୂମିଜ, ବା: ନିଜଗାଁ |
| ୬୯୨/ ୮୦୪ | ୨୪୧ | ୦.୩୮ | ୦.୨୪ | ଶାରଦ ଦୁଇ | ହରିଶଚନ୍ଦ୍ର ମହାନ୍ତି, ପି: ଗୌର ମୋହନ ମହାନ୍ତି, ଜା: କୁର୍ମି କ୍ଷତ୍ରିୟ, ବା. ନିଜଗାଁ |
| ୬୯୨/ ୮୧୮ | ୧୨୮୮/ ୩୬୨୪ | ୦.୩୧ | ୦.୦୬ | ଶାରଦ ଦୁଇ | ସୃଷ୍ଟିଧର ଧଳ, ପି: ଦାମୋଦର ଧଳ, ଜା. ଧୋବା, ବା. ନିଜଗାଁ |
| ୬୯୨/ ୮୨୦ | ୧୭୧୮ | ୧.୨୯ | ୦.୩୫ | ଶାରଦ ତିନି | ନିରଞ୍ଜନ ମହାନ୍ତ, ପି: ଗୋକୁଳ ମହାନ୍ତ, ଜା. କୁଡୁମୀ, ବା: ନିଜଗାଁ |
| ୬୯୨/ ୮୪୦ | ୩୫୧/ ୩୬୪୧ | ୦.୩୫ | ୦.୦୫ | ଶାରଦ ତିନି | ସୁଦର୍ଶନ ସିଂ, ପି: କଳା ସିଂ, ଜା: ଭୂମିଜ, ବା: ନିଜ ଗାଁ |
| ୬୯୨/ ୮୫୮ | ୧୭୮ | ୧.୦୩ | ୦.୦୧ | ଶାରଦ ତିନି | ବୃନ୍ଦାବନ ସିଂ, ପି: ଅନନ୍ତ ସିଂ, ଜା: ଭୂମିଜ, ବା: ପୁରୁଣିଆ ସାମିଲ ହରିପୁର |
| ୬୯୨/ ୮୭୮ | ୧୬୩୮/ ୩୬୭୩ | ୦.୮୭ | ୦.୪୩ | ଶାରଦ ତିନି | ସୁରେନ୍ଦ୍ର ମହାନ୍ତ, ପି: ଅନୁକୂଳ ମହାନ୍ତ, ଜା: କୁଡୁମି, କ୍ଷତ୍ରିୟ, ବା: ନିଜ ଗାଁ |
| | ୧୬୮୦/ ୨୯୦୩/ ୩୬୭୭ | ୦.୬୫ | ୦.୧୦ | ଶାରଦ ତିନି | |
| ୬୯୨/ ୮୭୯ | ୧୬୩୮ | ୦.୮୭ | ୦.୨୩ | ଶାରଦ ତିନି | ପରେଶ ମହାନ୍ତ, ପି: ଅନୁକୁଳ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| | ୧୬୮୦/ ୨୯୦୩ | ୦.୬୫ | ୦.୦୨ | ଶାରଦ ତିନି | |
| ୬୯୨/ ୮୯୩ | ୧୭୧୩/ ୩୬୮୭ | ୦.୩୪ | ୦.୦୬ | ଶାରଦ ତିନି | ସୁବଳ କୁମାର ନାୟକ, ପି: ଧାରେନ୍ଦ୍ର ନାୟକ, ପୂର୍ଣ୍ଣିମା ଜେନା, ସ୍ୱା: ସୁବଳ କୁମାର ନାୟକ, ଜା: ଖଣ୍ଡାୟତ, ବା: ଅନନ୍ତପୁର, ଥା: ବାଲେଶ୍ୱର ସଦର, ଜି. ବାଲେଶ୍ୱର |
| ୬୯୨/ ୮୯୯ | ୨୪୬/ ୩୬୮୩ | ୦.୬୯ | ୦.୩୦ | ଶାରଦ ଦୁଇ | ହରିଶ୍ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି: ଗୌରମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୯୨/ ୯୦୩ | ୧୩୪୯/ ୩୭୨୨ | ୦.୦୯ | ୦.୦୨ | ଶାରଦ ତିନି | ରତିକାନ୍ତ ମହାନ୍ତ, ପି: ଦେଓ୍ୱାନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୯୨/ ୯୦୭ | ୧୩୪୯ | ୦.୦୯ | ୦.୦୯ | ଶାରଦ ତିନି | ପ୍ରଭାକର ମହାନ୍ତ, ପି: ଦେଓ୍ୱାନ ମହାନ୍ତ, ଜା: କୁଡୁମି, ବା: ପୁରୁଣିଆ (ହରିପୁର) |
| ୭୧୧ | ୨୧୧୩/୨ | ୧.୦୨ | ୦.୩୦ | ଘରବାରି | ବିଶ୍ୱନାଥ ସିଂ, ଶିବନାଥ ସିଂ, ପି: ଲାଲମୋହନ ସିଂ, ମଲ୍ଲି ସିଂ, ସ୍ୱା: ବିଶ୍ୱନାଥ ସିଂ, ସୁମତି ସିଂ, ସ୍ୱା: ଶିବନାଥ ସିଂ, ଜା: କୋହ୍ଲ, ବା: ନିଜଗାଁ |
| ମୋଟ | ୧୯୬ ପ୍ଲଟ୍‌ରୁ | ଏ. ୧୪୧.୯୫ ଡେ.ମି. | ଏ. ୩୪.୯୧ ଡେ.ମି. | | |

ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ
(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ
OIPR-24001/14/0106/2324

■ କଙ୍ଗାରୁ କୋର୍ଟ ଓ ସାମାଜିକ ବାସନ୍ଦ ମାମଲାର ରାୟ ସଂରକ୍ଷିତ

## ପୁଲିସ ଆଇଜିଙ୍କ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ

**କଟକ, ୮ ।୨(ସମିସ):** କଙ୍ଗାରୁ କୋର୍ଟ କରି ସାମାଜିକ ବାସନ୍ଦ କରାଯିବା ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ନେଇ ଦାୟର ମାମଲାରେ ହାଇକୋର୍ଟ ଆଜି ଶୁଣାଣି ଶେଷ କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି। ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ଜିଲ୍ଲା ଦେଉଳି ଗ୍ରାମରେ ହୋଇଥିବା ଏଭଳି ଅଭାବନୀୟ ଘଟଣା ସମ୍ପର୍କରେ କେନ୍ଦ୍ରାଞ୍ଚଳ ପୁଲିସ ଆଇଜିଙ୍କୁ ହାଇକୋର୍ଟ ରିପୋର୍ଟ ତଲବ କରିଥିଲେ। ନିଜେ ଆଇଜି ସେହି ଗ୍ରାମକୁ ଯାଇ ତଦନ୍ତ କରିବେ। ଅଭିଯୁକ୍ତମାନଙ୍କ ବିରୋଧରେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଓ ଗ୍ରାମରେ ଆବେଦନକାରୀଙ୍କ ପରିବାରକୁ ଶାନ୍ତିରେ ଅବସ୍ଥାନ କରିବାକୁ ଦିଆଯାଉଛି କି ନାହିଁ, ସେ ସଂକ୍ରାନ୍ତରେ ଅଦାଲତଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହି କ୍ରମରେ ପୁଲିସ ଆଇଜି ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ସହ ଏକ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ସମ୍ପୃକ୍ତ ମହିଳାଙ୍କ ପରିବାର ଏବେ ସେହି ଗ୍ରାମରେ ଶାନ୍ତିପୂର୍ଣ୍ଣ ସହବସ୍ଥାନ କରୁଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଛି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ମହିଳାଙ୍କ ଝିଅର କିଛି ଆପତ୍ତିଜନକ ଫଟୋ ଉକ୍ତ ଗ୍ରାମର କେତେଜଣ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହା ବିରୋଧରେ ସେ ପୁଲିସରେ ଅଭିଯୋଗ କରିଥିଲେ। ହେଲେ କେତେକ ଗ୍ରାମବାସୀ ସମ୍ପୃକ୍ତ ମହିଳାଙ୍କ ବିରୋଧରେ ସଂଘବଦ୍ଧ ହୋଇ କଙ୍ଗାରୁ କୋର୍ଟ କରିଥିଲେ। ଏପରିକି ପୁଲିସରେ ଫେରାଦ ହୋଇଥିବାରୁ ଆବେଦନକାରୀ ସମ୍ପୃକ୍ତ ମହିଳାଙ୍କୁ ୫୦ ହଜାର ଜରିମାନା ସହ ଗ୍ରାମରୁ ସାମାଜିକ ବାସନ୍ଦ ଘୋଷଣା କରାଯାଇଥିଲା। ପୁଲିସରେ ମହିଳାଙ୍କ ଏତଲା ଉପରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଓଡ଼ିଶାରେ ୧୨ ନିୟୁତ ମହିଳା ଏବଂ ଶିଶୁଙ୍କୁ କୃମି ନାଶକ ଔଷଧ

**‘ଅନ୍ତନଳୀ କ୍ଷତିକାରକ କୃମିର ପ୍ରଭାବକୁ ପ୍ରତିରୋଧ, ସ୍ୱାସ୍ଥ୍ୟକର ଭବିଷ୍ୟତକୁ ଗୁରୁତ୍ୱ’**

**ଭୁବନେଶ୍ୱର, ୮ ।୨(ସମିସ):** ଶିଶୁ ଓ ମହିଳାଙ୍କ ମଧ୍ୟରେ କୃମି ସଂକ୍ରମଣ ବିପଦକୁ ମୁକାବିଲା କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ୧୨ନିୟୁତ ମହିଳା ଓ ଶିଶୁଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଜାତୀୟ କୃମି ନାଶକ ଦିବସ ଅବସରରେ ଫେବୃଆରୀ ୧୦ରେ କୃମି ନାଶକ ଔଷଧ ନେଇନଥିବା




ହିତାଧିକାରୀମାନେ ଫେବୃଆରୀ ୧୭ରେ ଏକ ମପ୍-ଅପ୍ ରାଉଣ୍ଡରେ ଔଷଧ ଖାଇବେ। ଏହାବ୍ୟତୀତ ରୁଟିନ୍ ଇମ୍ୟୁନାଇଜେସନ୍ ସାଇଟ୍‌ରେ ୯ ରୁ ୬୦ ମାସ ବୟସର ପିଲାମାନେ ଭିଟାମିନ୍-ଏ ପାଇବେ। ସମାନ ସମୟ ଅବଧିରେ ସ୍ୱତନ୍ତ୍ର ଗ୍ରାମ ସ୍ୱାସ୍ଥ୍ୟ ପରିମଳ ଏବଂ ପୃଷ୍ଟିକର ଦିବସ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି।

ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହୀ ଗଣମାଧ୍ୟମକୁ ସମ୍ବୋଧିତ କରି ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ଆହୁରି କହିଛନ୍ତି, ଏନ୍‌ଡିଡି ସମୟରେ, ୬-୯ ବର୍ଷ ବୟସର ଶିଶୁ ଏବଂ ୨୦-୨୪ ବର୍ଷ ବୟସର ମହିଳାମାନଙ୍କୁ ଆଲବେଣ୍ଡାଜୋଲ୍ ଟାବ୍ଲେଟ୍ ଯୋଗାଇ ଦିଆଯାଉଥିବା। ବେଳେ ୧-୫ ବର୍ଷ ବୟସର ପିଲାମାନେ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶିକ୍ଷକ, ଅଙ୍ଗନୱାଡି ୱାର୍କର୍ସ ଏବଂ ଆଶା ଦ୍ୱାରା ଆଲ୍‌ବେଣ୍ଡାଜୋଲ୍ ଯୋଗାଇ ଦିଆଯିବ। ୭ଟି ଜିଲ୍ଲାର ଚିହ୍ନଟ କରାଯାଇଥିବା ବଲାଙ୍ଗୀର, କଟକ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ ଏବଂ ରାୟଗଡ଼ାରେ ଫାଇଲେରିଆସିସ୍ ଡୋଜ୍ ଦିଆଯାଇଛି। ଏହି ଅଞ୍ଚଳରେ ୧-୨ ବର୍ଷର ପିଲାମାନେ କେବଳ ଏନ୍‌ଡିଡି ଅଧିନରେ ରହିବେ ବୋଲି ଡ. ପାଣିଗ୍ରାହୀ କହିଛନ୍ତି। ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ଏନ୍‌ଡିଡିର ସାଇଟ୍‌ରେ ସ୍ଥାନ ପାଇବ। ଏହି ଅଭିଯାନରେ ସମସ୍ତ ବେସରକାରୀ ବିଦ୍ୟାଳୟ, ଖେଳ ବିଦ୍ୟାଳୟ, ଶିଶୁସୁରକ୍ଷା ଅନୁଷ୍ଠାନ ଏବଂ ଏକାଡେମିକ୍ ଅନୁଷ୍ଠାନ ଅନ୍ତର୍ଭୁକ୍ତ ହେବେ। ୟୁନିସେଫ୍‌ର ପୋଷଣ ଅଧିକାରୀ ଡା. ସଂଜୟ କୁମାର ସାହୁ କହିଛନ୍ତି, ଆମ ଶିଶୁ ତଥା ସମ୍ପ୍ରଦାୟର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଜାତୀୟ କୃମି ନାଶକ ଦିବସ ଏକ ଗୁରୁତପୂର୍ଣ୍ଣ ପଦକ୍ଷେପ। କୃମିନାଶକ ଔଷଧ ପ୍ରଦାନ କରି ଆମେ କେବଳ ଅନ୍ତନଳୀ କ୍ଷତିକାରକ କୃମିର ପ୍ରଭାବକୁ ପ୍ରତିରୋଧ କରୁନାହୁଁ ବରଂ ସ୍ୱାସ୍ଥ୍ୟକର ଭବିଷ୍ୟତକୁ ମଧ୍ୟ ବୃଦ୍ଧି କରୁଛୁ। ଏହି ଅଭିଯାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ପ୍ରୟାସ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ ଡ. ମୁରଲୀଧର ପାଢ଼ୀ, ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ. ସ୍ମୃତିଜିତ୍ ପଟ୍ଟନାୟକ, ଏସ୍‌ଇପିଆଇଓ ଡ. ତାପଶ୍ କୁମାର ପାତ୍ର ଏବଂ ୟୁନିସେଫ୍‌ର ପୋଷଣ ଅଧିକାରୀ ଡ. ସଂଜୟ କୁମାର ସାହୁ ଯୋଗ ଦେଇଥିଲେ।

● ସାହା ହେଲା ଓଡ଼ିଶା ମୋ ପରିବାର

## ଜନ୍ମମାଟିରେ ପହଞ୍ଚିଲା ରଞ୍ଜିତଙ୍କ ଶବ

**ଭୁବନେଶ୍ୱର, ୮ ।୨ (ସମିସ):** ମୟୂରଭଞ୍ଜ ଜିଲ୍ଲାର ତୋଟାପଡ଼ା ଅଞ୍ଚଳର ୫୭ ବର୍ଷୀୟ ରଞ୍ଜିତ ଧର ମହାପାତ୍ର କିଡନୀ ଜନିତ ସମସ୍ୟାରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଘରର ମୁରବୀଙ୍କୁ ହରାଇ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଓ ଆର୍ଥିକ ଚାପରେ ଥିବାରୁ ଶବକୁ ଗାଁକୁ ନେବାକୁ ଅସହାୟତା ପ୍ରକାଶ କରିଥିଲେ। ଏ ସଂପର୍କରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ସୂଚନା ମିଳିବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ସମୟରେ ରୁଦ୍ରନାରାୟଣଙ୍କ ସମେତ କ୍ୟାପିଟାଲ ହସ୍ପିଟାଲର ହେଲ୍ପଡେସ୍କ ସହଯୋଗୀ ଆଲୋକ ଓ ଜ୍ୟୋତି ଉପସ୍ଥିତ ରହି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ପ୍ରକ୍ରିୟାକୁ ସଂଯୋଜନା କରିଥିଲେ। ଆବଶ୍ୟକ ସମୟରେ ସହାୟତାର ହାତ ବଢ଼ାଇଥିବାରୁ ରଞ୍ଜିତଙ୍କ ପରିବାରବର୍ଗ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଛନ୍ତି।

## ଅବଶିଷ୍ଟାଂଶ...

### ୪ ମାସ ପାଇଁ...

ପୂର୍ଣ୍ଣାଙ୍ଗ ବଜେଟର ମୋଟ ୩୭ ପ୍ରତିଶତ(୯୩,୪୭୮କୋଟି ଟଙ୍କା) ସାମାଜିକ କ୍ଷେତ୍ର ଓ ୩୩ପ୍ରତିଶତ (୮୪୮୦୪କୋଟି ଟଙ୍କା) ଆର୍ଥିକ କ୍ଷେତ୍ର ପାଇଁ ରଖାଯାଇଛି।

ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ଆଗତ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ୧୦୦ବିଲିୟନ ଡଲାରରରୁ ଅଧିକ ଅର୍ଥନୀତିରେ ପରିଣତ ହୋଇଛି। ଓଡ଼ିଶାରେ ଆଜି ଅଭୂତପୂର୍ବ ରୂପାନ୍ତରୀକରଣ ପଥରେ ଅଗ୍ରସର ହେଉଛି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ବିକାଶର ପ୍ରତ୍ୟେକଟି କ୍ଷେତ୍ରରେ ରାଜ୍ୟ ନୂଆ ଇତିହାସ ସୃଷ୍ଟି କରିପାରିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ନୂଆ ଓଡ଼ିଶା କେବଳ ଦାରିଦ୍ର୍ୟ ଓ ଅନଗ୍ରସରତାର ବନ୍ଧନରୁ ମୁକ୍ତି ପାଇବାରେ ସକ୍ଷମ ହୋଇନାହିଁ, ବରଂ ନାଗରିକ କେନ୍ଦ୍ରୀତ ବିକାଶ ଏବଂ ସୁଶାସନରେ ନିଜକୁ ଦେଶରେ ଏକ ଆଦର୍ଶ ଉଦାହରଣ ଭାବେ ପ୍ରତିଷ୍ଠିତ କରିପାରିଛି। ‘କାହାକୁ ଅବହେଳା ନ କରିବା’ ଗତ ୨୪ ବର୍ଷ ଧରି ଆମ ଶାସନର ମୂଳମନ୍ତ୍ର ହୋଇ ରହିଆସିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟର ଅଭିବୃଦ୍ଧି ହାର ୭.୨୫ ପ୍ରତିଶତ ହାରରେ ବୃଦ୍ଧି ହୋଇଛି ଯାହାକି ଜାତୀୟ ହାର ତୁଳନାରେ ୧ ପ୍ରତିଶତ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ଓ ଜାତୀୟ ମୁଣ୍ଡପିଛା ଆୟ ମଧ୍ୟରେ ତାରତମ୍ୟ ୩୨ ପ୍ରତିଶତରୁ ୧୩ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୪-୨୫ର ପ୍ରାରମ୍ଭିକ ଆକଳନ ଅନୁସାରେ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ହାର ୮.୫ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ତେଣୁ ସମଗ୍ର ଦେଶରେ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଏକ ଉଜ୍ଜ୍ୱଳ ସ୍ଥାନରେ ରହିଛି ବୋଲି ଅର୍ଥମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ୨.୫୫ ଲକ୍ଷ କୋଟିର ଏହି ପୂର୍ଣ୍ଣାଙ୍ଗ ବଜେଟରେ ପ୍ରଶାସନିକ ଖର୍ଚ୍ଚ ବାବଦରେ ୧୦୩୫୦୦ କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୪୦୦୦୦ କୋଟି ଆକଳନ କରାଯାଇଛି। ସେହିପରି ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ ବାବଦରେ ୩୯୦୦ କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ ବାବଦରେ ୭୬୦୦ କୋଟି ଆକଳନ କରାଯାଇଛି।

ରାଜ୍ୟ ବଜେଟ ବଜେଟରେ କୃଷି ଓ କୃଷକ କଲ୍ୟାଣ ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହି କ୍ଷେତ୍ର ପାଇଁ ମୋଟ ୨୮୯୪୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ପୂର୍ବ ବର୍ଷର ବ୍ୟୟବରାଦର ୧୭ ପ୍ରତିଶତ ଅଧିକ। ସେହିପରି ଜଳସେଚନ କ୍ଷେତ୍ର ପାଇଁ ମୋଟ ୧୪୪୬୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ରାଜ୍ୟ ସରକାର। ସେହିପରି ଜନସ୍ୱାସ୍ଥ୍ୟ ସେବା ପାଇଁ ସମୁଦାୟ ୧୯୯୫୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ପ୍ରାୟ ୨୪ ପ୍ରତିଶତ ଅଧିକ । ମିଶନଶକ୍ତି କ୍ଷେତ୍ର ପାଇଁ ରାଜ୍ୟ ସରକାର ୨୭୬୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେହିପରି ଶିକ୍ଷା କ୍ଷେତ୍ର ପାଇଁ ସରକାର ହାତ ଖୋଲି ଦେଇଛନ୍ତି। ଶିକ୍ଷା କ୍ଷେତ୍ର ପାଇଁ ୩୩୮୬୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ରାଜ୍ୟ ସରକାର। ମହିଳା ଓ ଶିଶୁ ବିକାଶ କ୍ଷେତ୍ର ଅଧିନକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ୫୦୧୫ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ସାମାଜିକ ସୁରକ୍ଷା କ୍ଷେତ୍ର ପାଇଁ ୪୬୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ସାମାଜିକ ଭତ୍ତା ପରିମାଣ ବୃଦ୍ଧି କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବାରୁ ବଜେଟରେ ଏବାବଦରେ ମୋଟ ୩୯୮୦କୋଟି ଟଙ୍କା, ଭିନ୍ନକ୍ଷମ କଲ୍ୟାଣ ପାଇଁ ୨୦୭କୋଟି ଟଙ୍କାର ବରାଦ କରିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପାଣ୍ଠିକୁ ସରକାର ୨୦୨୩-୨୪ରେ ୪୦୦କୋଟି ଟଙ୍କା କରିଥିବାବେଳେ ୨୦୨୪-୨୫ରେ ଏହାକୁ ୫୦୦କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି।

ଅନୁସୂଚିତ ଜାତି, ଜନଜାତି ଓ ଓବିସି ସଂଖ୍ୟାଲଘୁ ବିକାଶ କ୍ଷେତ୍ରକୁ ରାଜ୍ୟ ସରକାର ଚଳିତ ବଜେଟରେ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ଟ୍ରାଇବାଲ ସବ୍-କମ୍ପୋନେଣ୍ଟ ଅଧିନରେ ୩୩୭୩୧ କୋଟି ଟଙ୍କା ଏବଂ ଏସ୍‌ସି ସବ୍-କମ୍ପିନେଣ୍ଟ ଅଧିନରେ ୨୪୮୪୪ କୋଟି ଟଙ୍କାକୁ ମିଶାଇ କାର୍ଯ୍ୟକ୍ରମ ବଜେଟରେ ଚିହ୍ନଟ ଯୋଜନାଗୁଡ଼ିକ ସମୁଦାୟ ୫୮୫୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ସମାନ ଭାବେ ନଗର ଉନ୍ନୟନ କ୍ଷେତ୍ରକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ସହରାଞ୍ଚଳ ଓଡ଼ିଶାର ରୂପାନ୍ତରଣ ପାଇଁ ରାଜ୍ୟ ସରକାର ବଜେଟରେ ୧୦୭୮୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେହିପରି ବଜେଟରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୮୦୦୦ କୋଟିରୁ ଅଧିକ ବ୍ୟୟବରାଦ କରାଯାଇଥିବା ବେଳେ ସଡ଼କ, ସେତୁ, ବିମାନବନ୍ଦର ଏବଂ ରେଳବାଇ ଅଧିନରେ ୨୧୦୦୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅନ୍ୟପକ୍ଷରେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ୪୩୫୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାବ୍ୟତୀତ ବଜେଟରେ ରାଜ୍ୟ ସରକାର ଯୋଜନା ଓ ସଂଯୋଜନ ବିଭାଗ ପାଇଁ ୧୨୦୪୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ବିପର୍ଯ୍ୟୟ ପରିଚାଳନା ୩୯୦୦ କୋଟିର ବ୍ୟବସ୍ଥା ରାଜ୍ୟ ସରକାର କରିଥିବା ବେଳେ ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନର ୮୬୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାର ବଜେଟରେ ୮୧୮ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଶ୍ରୀ ଆରୁଖ ଆହୁରି କହିଛନ୍ତି ଯେ ଧାନ ପ୍ରକ୍ରିୟାକରଣକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ଓ ଚାଷୀଙ୍କ ଧାନ କ୍ରୟ ପାଇଁ ୨୦୦୦କୋଟି ଟଙ୍କାର ରିଭଲିଂ ଫଣ୍ଡର ବ୍ୟବସ୍ଥା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ...

ନଥିଲେ। ଏହାପରଠାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ବୈଜୟନ୍ତଙ୍କର ସମ୍ପର୍କ ଖରାପ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ସେ ମିଥ୍ୟା ପ୍ରଚାର ଆରମ୍ଭ କରିଥିଲେ। ସେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବୈଜୟନ୍ତ ପଣ୍ଡା ଏକତ୍ର ମଧ୍ୟାହ୍ନ ଭୋଜନ ଓ ରାତ୍ରୀଭୋଜନ କରୁଥିଲେ, ମାତ୍ର ପଛରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ପ୍ରଚାର କରୁଥିଲେ। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଥିଲା। ଦିଲ୍ଲୀରୁ ଆସୁଥିବା କେନ୍ଦ୍ରମନ୍ତ୍ରୀମାନେ ସାକ୍ଷାତ କରିବା କାଳରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ କରୁଥିବା ପ୍ରଶ୍ନ ମୁଖ୍ୟମନ୍ତ୍ରୀଙ୍କୁ ଅସହଜ ଲାଗୁଥିଲା। ତାଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ନେଇ କେଉଁଠାରୁ ଖବର ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିବା ବେଳେ ବୈଜୟନ୍ତଙ୍କ ନାମ ଆଗକୁ ଆସୁଥିଲା। ଏପରିକି ଥରେ ମଧ୍ୟପ୍ରଦେଶର ଜଣେ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ଫୋନ୍ କରି ନବୀନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଲଣ୍ଡନ ଯାଉଛନ୍ତି କି ବୋଲି ଜାଣିବାକୁ ଚାହିଁଥିଲେ। ଲଣ୍ଡନରେ ତାଙ୍କର ଅନେକ ପରିଚୟ ରହିଛି ନବୀନ ଚାହିଁଲେ ସେ ଏନେଇ କଥା ହୋଇ ପାରିବେ ବୋଲି କହିଥିଲେ। ପ୍ରେମ ପଟ୍ଟନାୟକଙ୍କୁ ଏହା ଚକିତ କରିଥିଲା। କାହାଠାରୁ ସେ ନବୀନଙ୍କ ସ୍ୱାସ୍ଥ୍ୟ ନେଇ ଏଭଳି ଶୁଣିଛନ୍ତି ପଚାରିବାରେ ସଂପୃକ୍ତ ନେତା ବୈଜୟନ୍ତଙ୍କ ନାମ ନେଇଥିଲେ। ଏହି ଘଟଣା ନବୀନଙ୍କୁ ଗଭୀର ଆଘାତ ଦେଇଥିଲା ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଅନୁରୂପ ଭାବରେ ବୈଜୟନ୍ତ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ମିଥ୍ୟା ପ୍ରଚାର ପଛରେ ରାଜନୈତିକ ବିଦ୍ରୋହର ଉଦ୍ଦେଶ୍ୟ ଥିଲା କି ପ୍ରଶ୍ନର ଉତ୍ତରରେ ପାଣ୍ଡିଆନ କହିଛନ୍ତି ଯେ; ରାଜନୈତିକ ବିଦ୍ରୋହ ନୁହେଁ, ମୁଖ୍ୟମନ୍ତ୍ରୀଙ୍କୁ ଅସୁସ୍ଥ ପ୍ରଚାର କରି ଜଣେ ବିକଳ୍ପ ନେତା ବାଛିବାର ସମୟ ଆସିଥିବା ସେ ସନ୍ଦେଶ ଦେବାକୁ ଚାହୁଁଥିଲେ । ଗୋଟିଏ ଆଞ୍ଚଳିକ ଦଳ ହିସାବରେ ଦଳୀୟ ମୁଖ୍ୟଙ୍କ ବିରୋଧରେ ଏଭଳି ମିଥ୍ୟା ପ୍ରଚାର ଦଳର ସ୍ୱାର୍ଥ ପାଇଁ ଠିକ ନ ଥିଲା ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

### ଅନ୍ତରାତ୍ମାର ଆହ୍ୱାନ...

## ପରସ୍ପରକୁ ଗଭୀର ସମ୍ମାନ କରନ୍ତି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ପାଇଁ ତାଙ୍କର କୌଣସି ଆଗ୍ରହ ନ ଥିଲା। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ତାଙ୍କର ଅନ୍ତରାତ୍ମାର ଡ଼ାକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣା ଯୋଗୁଁ ସେ ରାଜନୀତିରେ ପ୍ରବେଶ କରିଛନ୍ତି । ୨୦୦୩ ମସିହାରେ ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା। ଏହି ସାକ୍ଷାତ ତାଙ୍କ ପାଇଁ ସାରା ଜୀବନ ଅବିସ୍ମରଣୀୟ ହୋଇ ରହିଛି। ପ୍ରଥମ ଦେଖା ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାକୁ ସେ କେବେ ବି ଭୁଲି ପାରିବେ ନାହିଁ । ସେ ସମୟରେ ଚାଉଳକଳ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯୋଗୁଁ ତାଙ୍କୁ ବଦଳି ପାଇଁ ଏକ ଶକ୍ତିଶାଳୀ ଗୋଷ୍ଠୀ ଲାଗି ପଡ଼ିଥିଲେ, ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଯୋଗୁଁ ସେ ନିର୍ଭୀକ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହୋଇ ପାରିଥିଲେ ।

ଗତ ୧ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ସେ ମୁଖ୍ୟମନ୍ତ୍ରୀଙ୍କ ସହ କାର୍ଯ୍ୟ କରି ଆସିଛନ୍ତି । ତାଙ୍କର ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନ ଉପରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀ ଗଭୀର ରେଖାପାତ କରିଛି । ୧୯୯୯ ମସିହାରେ ବାତ୍ୟାବିଧ୍ୱସ୍ତ ଓଡ଼ିଶାରେ ନବରୂପରେ ରୂପାନ୍ତରିତ ହୋଇଛି । ଏକ ସମୟରେ ଅନାହାର ପର୍ଯ୍ୟଟନଭୂମି କୁହାଯାଉଥିବା

କଳାହାଣ୍ଡିର ଚେହେରା ବଦଳିଛି। ମରୁଡ଼ି ଅଞ୍ଚଳର ବ୍ୟାପକ ରୂପାନ୍ତରଣ କରାଯାଇଛି। ଏହି ଧୂଷର ଅଞ୍ଚଳକୁ ସବୁଜାଞ୍ଚଳରେ ପରିଣତ କରିଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଙ୍କ ପାଇଁ କାମ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ‘ସତ୍ତା ସପକ୍ଷ’ ବାତାବରଣ ସୃଷ୍ଟି ହୋଇଛି । ଏଥିପାଇଁ ପ୍ରତି ନିର୍ବାଚନରେ ବିଜେଡି ଭୋଟ୍ ହାର ବୃଦ୍ଧି ପାଉଛି। ଅଫିସରଙ୍କ ଭଲ କାମକୁ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରଶଂସା କରି ଆସିଛନ୍ତି। ସ୍ୱଚ୍ଛ ଓ ଭଲ କାମ କରୁଥିବା ଅଧିକାରୀଙ୍କ ପଛରେ ମୁଖ୍ୟମନ୍ତ୍ରୀ ଠିଆ ହୁଅନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ତାଙ୍କ ଜିଲ୍ଲା ଶୁଣାଣି ପ୍ରସଙ୍ଗରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ କରୋନା ପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଲୋକଙ୍କ ଆଗମନ ହ୍ରାସ ପାଇଥିଲା। ଲୋକମାନଙ୍କ ଅଭିଯୋଗ ଓ ଆପତ୍ତି ଶୁଣିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଜନଶୁଣାଣି ପାଇଁ ନିର୍ଦ୍ଦେଶ ଦେଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସିଏମ୍‌ଓ ଲୋକଙ୍କ ପାଖରେ ପହଞ୍ଚିଲା। ସେମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଗଲା ଓ ତତ୍‌କ୍ଷଣାତ୍ ସମାଧାନ ନିମନ୍ତେ ପଦକ୍ଷେପ ନିଆଗଲା। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସାଧାରଣ ଲୋକଙ୍କ ଭଲପାଇବା ଅନୁଭବ କରିଛନ୍ତି । ଏହା ହିଁ ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ଅନୁପ୍ରେରିତ କରିଥିଲା। ରାଜନୀତିରେ ପ୍ରବେଶ କରିବା ସତ୍ତ୍ୱେ ସେ କୌଣସି ଦଳୀୟ ପଦପଦବୀ ପାଇଁ ଲାଳାୟିତ ନୁହନ୍ତି । ତାଙ୍କୁ ଦଳରେ ବିଭିନ୍ନ ପଦ ପାଇଁ ପ୍ରସ୍ତାବ ଦିଆଯାଇଥିଲା, ଏପରିକି ତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ବିଭିନ୍ନ ସ୍ଥାନରୁ ପ୍ରସ୍ତାବ ମିଳିଥିଲା। ମାତ୍ର ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ଆଗ୍ରହୀ ନୁହନ୍ତି । ୨୦୨୪ରେ ସେ ଲୋକସଭା, ରାଜ୍ୟସଭା, ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ସମର୍ପିତ । ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବା କାର୍ଯ୍ୟ କେବଳ ମୁଖ୍ୟମନ୍ତ୍ରୀ ହିଁ କରିପାରିବେ। ତେଣୁ ନିଜର ରକ୍ତ, ସ୍ୱେଦ ଏକତ୍ରିତ କରି ସେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ନିର୍ବାଚିତ କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ଲୋକଙ୍କର ଭାଷା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାଷା। ସେ ହୃଦୟରୁ କୁହନ୍ତି, ସ୍ୱଚ୍ଛତାକୁ ଭଲ ପାଆନ୍ତି। ଯଦି ଆପଣ ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି ତେବେ ଭାଷା ବାଧକ ସାଜିବନି। ଆପଣ କେତେ ସ୍ୱଚ୍ଛ, କେତେ ଉତ୍ସର୍ଗୀକୃତ, ତାହା ଲୋକମାନେ ଜାଣିବାକୁ ଚାହାନ୍ତି। ଲୋକଙ୍କ ଭିତରେ ନେତା ବହୁତ ଲୋକପ୍ରିୟ ହେଲେ କେହି ବିଦ୍ରୋହ କରିପାରିବେନି। ପ୍ୟାରୀମୋହନ ମହାପାତ୍ରଙ୍କ ଖରାପ ସମୟ ଥିଲା ବୋଲି ସେ ବିଦ୍ରୋହ କରିଥିଲେ। ମାତ୍ର ନବୀନଙ୍କ ଲୋକପ୍ରିୟତା ଆଗରେ ଏହା ପଣ୍ଡ ହୋଇ ଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଭଲ ସମ୍ପର୍କ ରହିଆସିଛି। ଉଭୟ ପରସ୍ପରକୁ ସମ୍ମାନ ଦିଅନ୍ତି। ଉଭୟ ସାଧାରଣ ଜନତାଙ୍କୁ ବିଶ୍ୱାସ କରନ୍ତି ଓ ସଂଘୀୟ ବ୍ୟବସ୍ଥାକୁ ଉପଯୁକ୍ତ ସମ୍ମାନ ଦେଇଥାଆନ୍ତି। ସେହିପରି ବିଜେଡି ଓ ବିଜେପି ମଧ୍ୟରେ ସଂପର୍କ ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାଜ୍ୟ ସ୍ୱାର୍ଥ ଆଗ, ସେ କାମରେ ବିଶ୍ୱାସ କରନ୍ତି। ରାଜ୍ୟବାସୀଙ୍କ ହିତ ଚିନ୍ତା କରନ୍ତି। ରାଜ୍ୟ ତଥା ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ବିଜେଡି କେନ୍ଦ୍ର ସରକାରଙ୍କୁ ସମର୍ଥନ କରିଛି। ମାତ୍ର ଚାଷୀ ବିଲ୍, ଏନଆରସି ଆଦି ପ୍ରସଙ୍ଗରେ ବିଜେଡ଼ି କେନ୍ଦ୍ର ସରକାରଙ୍କୁ ସମର୍ଥନ କରିନାହିଁ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଜୀବନରେ ସବୁଠୁ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ । ଏହି ପ୍ରକଳ୍ପ ବେଳେ ଅନେକ ମୁଖ୍ୟମନ୍ତ୍ରୀଙ୍କୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିର ପ୍ରସଙ୍ଗ ରାଜ୍ୟର କୋଟିକୋଟି ଲୋକଙ୍କ ଆସ୍ଥାର ବିଷୟ ହେଇଥିବାରୁ ସାମାନ୍ୟ ତ୍ରୁଟିବିଚ୍ୟୁତି ତାଙ୍କ ରାଜନୈତିକ ଜୀବନକୁ ଶେଷ କରିଦେଇପାରେ ବୋଲି ମଧ୍ୟ ଚେତାଇ ଦେଇଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଏହାକୁ ଭୃକ୍ଷେପ କରି ନ ଥିଲେ। ମହାପ୍ରଭୁଙ୍କ କାର୍ଯ୍ୟ କିପରି ଭଲରେ ହେବ ଓ ଭଲ ଭାବରେ କରାଯିବ, ସେଥିପାଇଁ ସବୁକିଛି ମହାପ୍ରଭୁଙ୍କୁ ସମର୍ପଣ କରି ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ କରୁଣାରୁ ୫୦୦ବର୍ଷ ମଧ୍ୟରେ ଯାହା ହୋଇ ପାରି ନ ଥିଲା ତାହା ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରିଥିଲା । ସେହିପରି ରାଜ୍ୟର ବିଭିନ୍ନ ଧାର୍ମିକ ପୀଠର ରୂପାନ୍ତରଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। ତାରାତାରିଣୀ ମନ୍ଦିର, ସମଲେଇ ପ୍ରକଳ୍ପ ଶେଷ ହୋଇଛି । ଇତିମଧ୍ୟରେ ପ୍ରାୟ ୧୦ ହଜାର ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟରେ ବର୍ତ୍ତମାନ ‘ସ୍ପିରିଚୁଆଲ ଗର୍ଭର୍ଣ୍ଣାନ୍ସ ଚାଲିଛି। ଅନ୍ୟପକ୍ଷରେ ସାମାଜିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ହୋଇଛି । ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି, ବିଏସକେୱାଇ ଦେଶର ସବୁଠୁ କ୍ରାନ୍ତିକାରୀ କାର୍ଯ୍ୟକ୍ରମର ମାନ୍ୟତା ପାଇଛି, ସ୍କୁଲ ରୂପାନ୍ତରଣ ରାଜ୍ୟର ଶୈକ୍ଷିକ ବାତାବରଣକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିପାରିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଏହା ସହ କୋଭିଡ଼ ସମୟରେ ରାଜ୍ୟ ସରକାରଙ୍କ ପଦକ୍ଷେପ, ବିପର୍ଯ୍ୟୟ ପରିଚାଳନାରେ ସଫଳତା, ମନରେଗାରେ ବ୍ୟାଙ୍କ ଖାତାକୁ ମଜୁରୀ ପ୍ରଦାନ, କୃଷିରେ ଅଭୂତପୂର୍ବ ପରିବର୍ତ୍ତନ ସମ୍ପର୍କରେ ମଧ୍ୟ ଏହି ଅବସରରେ ସେ ସୂଚନା ଦେଇଛନ୍ତି ।

ଏହି ଅବସରରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଓ ରାଜ୍ୟ ରାଜନୀତି ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏହି ଯାତ୍ରାରୁ କଂଗ୍ରେସକୁ ଯଦି ଲାଭ ମିଳେ ତେବେ ଆଗାମୀ ନିର୍ବାଚନରେ ତ୍ରିକୋଣୀୟ ଲଢ଼େଇ ହେବ । ସେହିପରି ବିଜେଡ଼ି ସବୁବେଳେ ଗଠନାତ୍ମକ ରାଜନୀତିରେ ବିଶ୍ୱାସ କରି ଆସିଛି। ସାଧାରଣ ଲୋକଙ୍କ ହିତ ପାଇଁ ରାଜନୀତି ଉପରେ ଗୁରୁତ୍ୱ ଦେଇ ଆସୁଛି । ମାତ୍ର ରାଜ୍ୟରେ ବିରୋଧୀଦଳଗୁଡ଼ିକ ସମ୍ଭବତଃ ଗଠନମୂଳକ ରାଜନୀତିରେ ବିଶ୍ୱାସ କରୁନାହାନ୍ତି ବୋଲି ସେ କହିଛନ୍ତି ।

**ପ୍ରଶାସନିକ ଅନୁଭବ: ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ**

**ବିଜେଡି-ବିଜେପି ସମ୍ପର୍କ: ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାଜ୍ୟ ସ୍ୱାର୍ଥ ପ୍ରଥମ**

**ପରିକ୍ରମା ପ୍ରକଳ୍ପ: ରାଜନୈତିକ ଜୀବନକୁ ବାଜି ଲଗାଇଥିଲେ ମୁଖ୍ୟମନ୍ତ୍ରୀ**

**ଆତ୍ମିକ ବିଶ୍ୱାସ: ସନାତନ ଧର୍ମ, ଶ୍ରୀଜଗନ୍ନାଥ ଓ ନିଜସ୍ୱ କର୍ମ**

**ବିରୋଧୀଙ୍କ ଷଡ଼ଯନ୍ତ୍ର: ପ୍ରତି ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟର ଗୁଜବ**

**ରାଜନୀତିରେ ଭବିଷ୍ୟତ: କୌଣସି ପଦପଦବୀ ପାଇଁ ନାହିଁ ଅଭୀପ୍ସା**

■ ଏସ୍‌ସିବି ଇତିହାସରେ ବିରଳ ଘଟଣା

## ମା’ ହେଲେ କିଡ୍‌ନୀ ପ୍ରତିରୋପିତ ମହିଳା



**କଟକ, ୮ ।୨ (ସମିସ):** ଏସ୍‌ସିବି ମେଡିକାଲ ଇତିହାସରେ ଆଉ ଏକ ନୂଆ ସଫଳତା ଯୋଡ଼ି ହୋଇଛି। କିଡନୀ ପ୍ରତିରୋପିତ ଜଣେ ମହିଳା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଏଭଳି ଘଟଣା କଟକ ବଡ଼ ମେଡିକାଲ ଇତିହାସରେ ପ୍ରଥମ। ମହିଳା କିଡନୀ ରୋଗୀଙ୍କ କ୍ଷେତ୍ରରେ ଗର୍ଭଧାରଣର କ୍ଷମତା ପ୍ରାୟତଃ ନଥାଏ। ମାତ୍ର ଏହି ମହିଳାଙ୍କର କିଡ୍‌ନୀ ପ୍ରତିରୋପଣ କରାଯିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ହୋଇଥିଲା। ଡାକ୍ତରମାନଙ୍କର ଏହି ଉଦ୍ୟମ ସମ୍ପୃକ୍ତ ମହିଳାଙ୍କୁ ମାତୃତ୍ୱ ଲାଭର ଖୁସି ଦେଇଛି। ଉଭୟ ମା’ ଓ ଶିଶୁ ସୁସ୍ଥ ଅଛନ୍ତି।

ଖବରରୁ ପ୍ରକାଶ ଯେ ବାଲେଶ୍ୱର ଖଇରା ଅଞ୍ଚଳର ୨୯ ବର୍ଷୀୟ ଯାଜ୍ଞସେନୀ ଜେନା। କିଛି ବର୍ଷ ପୂର୍ବେ ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ୨୦୧୯ ମସିହାରେ ଏସ୍‌ସିବି ମେଡିକାଲରେ ତାଙ୍କର କିଡନୀ ପ୍ରତିରୋପଣ କରାଯାଇଥିଲା। ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ସୂଚନା ମୁତାବକ, ମହିଳାମାନଙ୍କର କିଡନୀ ଖରାପ ହେଲେ ଋତୁସ୍ରାବଚକ୍ରରେ ଅନିୟମିତତା ଦେଖାଦେଇଥାଏ। କିନ୍ତୁ ପ୍ରତିରୋପଣ ହେବା ପରେ ଏହା ଧୀରେଧୀରେ ସ୍ୱାଭାବିକ ହୋଇଥାଏ। ୨୦୨୦ ମସିହା ଶେଷ ଆଡ଼କୁ ଯାଜ୍ଞସେନୀଙ୍କ ଋତୁସ୍ରାବଚକ୍ର କ୍ରମଶଃ ସ୍ୱାଭାବିକ ହୋଇଥିଲା। ୨୦୨୧ରେ ଯାଜ୍ଞସେନୀ ବିବାହ କରିଥିଲେ। ଏହା ପରେ ସେ ନିୟମିତ ଡାକ୍ତରମାନଙ୍କ ପରାମର୍ଶ ଗ୍ରହଣ କରୁଥିଲେ। ଗର୍ଭଧାରଣ କ୍ଷମତାପ୍ରାପ୍ତ ନିମନ୍ତେ ତାଙ୍କର ଚିକିତ୍ସା କରାଯାଉଥିଲା। ପରେ ସେ ଗର୍ଭଧାରଣ କରିଥିଲେ। ଗୁରୁବାର ଯାଜ୍ଞସେନୀଙ୍କ ଅସ୍ତ୍ରୋପଚାର ନିମନ୍ତେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଏଣ୍ଡୋକ୍ରାଇନୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, କାର୍ଡିଓଲୋଜି ବିଭାଗର ଡାକ୍ତର ରହିଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ବରିଷ୍ଠ ପ୍ରଫେସର ତଥା ପୂର୍ବତନ ଅଧୀକ୍ଷକ ଡାକ୍ତର ଲୁସି ଦାସ ଅସ୍ତ୍ରୋପଚାର କରିଥିଲେ। ଯାଜ୍ଞସେନୀ ଏବେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର କେବିନ-୧୪ରେ ରହିଛନ୍ତି। ଶିଶୁକନ୍ୟାକୁ ଏସଏନସିୟୁରେ ରଖାଯାଇଛି। ଉଭୟ ସୁସ୍ଥ ଅଛନ୍ତି।

## ବାଘ ଛାଲ୍ ଡିଲ୍ ବେଳେ ୨ ଗିରଫ

**କଟକ, ୮ ।୨(ସମିସ):** କଟକ ସହରକୁ ବାଘଛାଲ ବିକ୍ରି କରିବାକୁ ଆସିଥିବା ୨ ଅଭିଯୁକ୍ତଙ୍କୁ କଟକ ରେଞ୍ଜ୍ ନଗର ବନଖଣ୍ଡ ସ୍କ୍ୱାଡ୍ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମାହାଙ୍ଗା ଅଞ୍ଚଳର ପ୍ରମୋଦ ଜେନା ଏବଂ ରବି ବାରିକ। ୱାଇଲ୍ଡ୍ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ୍ ବ୍ୟୁରୋ ସୂଚନା ଆଧାରରେ ବାଘଛାଲ ବ୍ୟବସାୟୀଙ୍କୁ ୨ ଦିନ ହେବ ଟ୍ରାପ୍ କରାଯାଇଥିଲା। ଶେଷରେ ଚୌଦ୍ୱାର ପଟୁ ମଧୁସେତୁରେ ସିଡିଏ ପଟକୁ ଆସୁଥିବା ବେଳେ ବ୍ରିଜ୍ ମଝିରେ ୨ ଅଭିଯୁକ୍ତଙ୍କୁ ସ୍କ୍ୱାଡ୍ ଅଟକାଇଥିଲା। ଧରାପଡ଼ିବା ପରେ ବନଖଣ୍ଡ ସ୍କ୍ୱାଡ୍‌କୁ ଚକ୍‌ମା ଦେଇ ଅଭିଯୁକ୍ତମାନେ ବିଡ଼ାନାସୀ ଭୂଆସୁଣି ପଠା ଆଡକୁ ଦୌଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ସ୍କ୍ୱାଡ୍ ସେମାନଙ୍କୁ ପିଛା କରି ଗିରଫ କରିଥିବା ସିଟି ଡିଏଫ୍‌ଓ ଅଜିତ୍ କୁମାର ଶତପଥୀ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୨ଟି ଚିତାବାଘ ଛାଲ ଏବଂ ୨ଟି ମୋବାଇଲ୍ ଜବତ କରାଯାଇଛି। ବାଘଛାଲକୁ ଲକ୍ଷାଧିକ ଟଙ୍କାରେ ବିକ୍ରୟ କରିବା ନେଇ ଯୋଜନା କରାଯାଇଥିବା ଅଭିଯୁକ୍ତ ଦ୍ୱୟ ଜେରା ବେଳେ କହିଛନ୍ତି। ବନବିଭାଗ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ଯେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ପ୍ରମୋଦ ଓ ରବି ବାଘଛାଲ ବ୍ୟବସାୟ କରୁଥିବା ୱାଇଲ୍ଡ୍ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ୍ ବ୍ୟୁରୋ(ଡବ୍ଲ୍ୟୁସିସିବି) ଜାଣିବାକୁ ପାଇଥିଲା। ଏମାନଙ୍କୁ ଗିରଫ କରିବାକୁ ଡବ୍ଲ୍ୟୁସିସିବି ଜାଲ ବିଛାଇଥିଲା। ଅଭିଯୁକ୍ତଙ୍କ ମୋବାଇଲ୍ ନମ୍ବରକୁ ଟ୍ରାକ୍ କରାଯାଇଥିବା ବେଳେ ସେମାନଙ୍କ ଉପରେ ନଜର ରଖାଯାଇଥିଲା। କଟକ ରେଞ୍ଜ ନଗର ବନଖଣ୍ଡ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କୁ ଗିରଫ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ବନଖଣ୍ଡ କର୍ମଚାରୀ ଗତ ୮ ଦିନ ହେବ ଗ୍ରାହକ ସାଜି ପ୍ରମୋଦ ଓ ରବି ସାଥିରେ କଥା ହେଉଥିଲେ। ଅଗ୍ରୀମ ପଠାଇବାକୁ କହିବାରୁ ଗ୍ରାହକ ସାଜି କଥା ହେଉଥିବା ବନଖଣ୍ଡ କର୍ମଚାରୀ ବାଘଛାଲ ଦେବା ସମୟରେ ସବୁ ଟଙ୍କା ଦେବାକୁ କହିଥିଲେ। ବାଘଛାଲ୨ଟିକୁ ୧ଲକ୍ଷ ୬୦ହଜାର ଟଙ୍କାରେ ବିକ୍ରୟ କରାଯିବାକୁ ଡିଲ୍ ହୋଇଥିଲା। ଅଭିଯୁକ୍ତମାନେ ବନବିଭାଗର ଏହି ଚାଲ୍‌କୁ ନବୁଝି ବାଘଛାଲ୍ ଆଣି କଟକ ବିକ୍ରୟ କରିବାକୁ ଆସିଥିଲେ। ନାଟକୀୟ ଢଙ୍ଗରେ ପୂର୍ବରୁ ଛକି ରହିଥିବା ବନଖଣ୍ଡ ସ୍କ୍ୱାଡ୍ ସେମାନଙ୍କୁ ଗିରଫ କରିଥିଲା। କେଉଁଠାରୁ ଏହି ବାଘଛାଲ ଆସିଛି, କେଉଁମାନେ ବାଘ ଶିକାର କରିଛନ୍ତି ଏବଂ କେଉଁ ଜଙ୍ଗଲରେ ରହୁଥିବା ଚିତା ବାଘକୁ ଶିକାର କରାଯାଇଛି, ତାହାକୁ କଟକ ରେଞ୍ଜ୍ ନଗର ବନଖଣ୍ଡ ସ୍କ୍ୱାଡ୍ ଖୋଳତାଡ କରୁଛି। ଏହି ବାଘଛାଲ୍ ବ୍ୟବସାୟ ପଛରେ ଆଉ କେଉଁମାନେ ରହିଛନ୍ତି, ତାହାକୁ ଜାଣିବାକୁ ଏହି ସ୍କ୍ୱାଡ୍ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଚଢ଼ଉ କରିବ ବୋଲି ଜଣାପଡ଼ିଛି।

- ଡବ୍ଲ୍ୟୁସିସିବି ସୂଚନା ଆଧାରରେ ନଗର ବନଖଣ୍ଡ ସ୍କ୍ୱାଡ୍‌ର ଚଢ଼ଉ
- ୨ଟି ବାଘଛାଲ ଓ ମୋବାଇଲ୍ ଜବତ
- ଗ୍ରାହକ ସାଜି ଥିଲେ ବନକର୍ମଚାରୀ

## ଗ୍ରାମାଞ୍ଚଳରେ ସାଇବର ଠକେଇ ରୋକିବାକୁ ନକ୍ସା

# ମଙ୍ଗ ଧରିବେ ଅଙ୍ଗନବାଡ଼ି, ଆଶା ଓ ମିଶନ ଶକ୍ତି ମା'

**ଭୁବନେଶ୍ୱର, ୮ ।୨(ସମିସ):** ଏବେ ଗ୍ରାମାଞ୍ଚଳରେ ସାଇବର୍ ଠକେଇ ଚିନ୍ତା ବଢ଼ାଇଛି। ସାଇବର୍ ଠକମାନେ ଗାଁର ନିରୀହ ଲୋକଙ୍କୁ ଭୁଆଁ ବୁଲାଇ ବିଭିନ୍ନ ଉପାୟରେ ଠକୁଛନ୍ତି। ସରକାରୀ ଯୋଜନାର ଲାଭ ନେବାର ମିଥ୍ୟା ପ୍ରଲୋଭନ କିମ୍ବା କିଛି ଅର୍ଥର ଲାଳସା ଦେଖାଇ ସେମାନଙ୍କ ଆଧାରକାର୍ଡ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଜରିଆରେ କେତେବେଳେ ବ୍ୟାଙ୍କ ଆକାଉଣ୍ଟ ଖୋଲି ସାଇବର୍ ଠକଙ୍କୁ ବିକି ଦେଉଛନ୍ତି ତ ପୁଣି କେତେବେଳେ ସେହି ତଥ୍ୟ ଆଧାରରେ ଫୁଲାଫୁଲା ସିମ୍ କାର୍ଡ ହାତଉଛନ୍ତି। ଆଉ ଏ ସଂପର୍କରେ ସେମାନଙ୍କୁ ବିନ୍ଦୁବିସର୍ଗ ବି ମାଲୁମ୍ ପଡୁନି। ତେଣୁ ଏଭଳି ସାଇବର୍ ଅପରାଧକୁ ରୋକିବାକୁ ଓଡ଼ିଶା ପୁଲିସ ନୂଆ ଯୋଜନା କରିଛି। ଏଥିପାଇଁ ଅଙ୍ଗନବାଡି, ଆଶା ଓ ମିଶନଶକ୍ତି ମା'ମାନଙ୍କ ସହାୟତା ନେବାକୁ ନିଷ୍ପତ୍ତି ନିଆଯାଇଛି। ସେମାନେ ଗ୍ରାମାଞ୍ଚଳରେ ସାଇବର ଅପରାଧର ଭୟାବହତା ବିଷୟରେ ସଚେତନ କରିବେ। ସେମାନଙ୍କ ହାତମୁଠାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟାଣ କରିବା ସହ ଘରେ ଘରେ ପହଞ୍ଚାଇବେ। ଏମିତିକି ପଥପ୍ରାନ୍ତ ନାଟକ ଦ୍ୱାରା ସାଇବର ଅପରାଧ ରୋକିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିବ।

ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, ନବରଙ୍ଗପୁର, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, ଅନୁଗୁଳ, କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକ ଭଳି ୧୧ଟି ଜିଲ୍ଲାରେ ସଚେତନତା କରାଯିବ। ଖୁବ୍‌ଶୀଘ୍ର ଏହି ଜିଲ୍ଲାଗୁଡିକରେ ଘରକୁ ଘର ବୁଲି

- ପ୍ରଥମ ପର୍ଯ୍ୟାୟରେ ୧୧ଜିଲ୍ଲାର ଗାଁରେ ହେବ ସଚେତନତା
- ହାତମୁଠାକୁ ଟାଣ କରିବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ମା'ମାନେ ସଚେତନତା କରିବେ। ଏଥିରେ ସଫଳ ହେବା ପରେ ସାରା ରାଜ୍ୟରେ ଏହି ମା' ମାନଙ୍କୁ ନେଇ ସଚେତନତାକୁ ପ୍ରାଧାନ୍ୟ ଦିଆଯିବ ବୋଲି ଓଡ଼ିଶା ପୁଲିସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସାଇବର୍ ଠକମାନେ ଗ୍ରାମାଞ୍ଚଳର ଲୋକଙ୍କୁ ଟଙ୍କାର ଲୋଭ ଦେଖାଇ ସେମାନଙ୍କ ନାମରେ ଆକାଉଣ୍ଟ ଖୋଲୁଛନ୍ତି। ଏଥିପାଇଁ ସେମାନେ ଲୋକଙ୍କୁ ମାସିକ ୧୫ରୁ ୨୦ ହଜାର ଟଙ୍କା ଦରମା ଦେଇ ଏଜେଣ୍ଟ ରଖୁଥିଲେ। ନୂଆ ଏଜେଣ୍ଟ ସୃଷ୍ଟି କରିବା ଟଙ୍କାର ଲୋଭ ଦେଖାଉଛନ୍ତି। ସେମାନେ କିଭଳି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ, ସେ ବିଷୟରେ ବୁଝାଉଛନ୍ତି। ଗ୍ରାମାଞ୍ଚଳର ଦୁର୍ବଳ ଶ୍ରେଣୀ ଓ କମ୍ ପାଠ ପଢ଼ିଥିବା ଲୋକଙ୍କୁ ଟାର୍ଗେଟ୍ କରୁଥିଲେ। ସେମାନଙ୍କ ଘରୁ ବସି କିଭଳି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିହେବ ସେ ନେଇ ସୁନେଲୀ ସ୍ୱପ୍ନ ଦେଖାଉଛନ୍ତି। ସେମାନଙ୍କ ଠାରୁ ଆଧାରକାର୍ଡ, ପାନ୍ କାର୍ଡ ଆଦି ହାତେଇବା ପାଇଁ ଅଳ୍ପ କିଛି ଅର୍ଥ ଦେଉଛନ୍ତି। ସେଇ ସିମ୍ ଓ ଆଧାରକାର୍ଡକୁ ବ୍ୟବହାର କରି ବିଭିନ୍ନ ଆକାଉଣ୍ଟ ଖୋଲି ପ୍ରତି ଆକାଉଣ୍ଟ ଖୋଲିବା ଲାଗି ଲୋକଙ୍କୁ ୨ରୁ ୩ହଜାର ଟଙ୍କା ଦେଉଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇ ହାତେଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡିକୁ ସେମାନେ ବିଭିନ୍ନ ମାଧ୍ୟମରେ ସାଇବର ଠକ ଓ ଅନ୍ୟ ଅପରାଧୀଙ୍କୁ ବିକ୍ରି କରୁଛନ୍ତି। ଅତି ନିକାଞ୍ଚନ ଗାଁଗୁଡ଼ିକୁ ଯାଇ ସେଠାରେ ସାମ୍ରାଜ୍ୟ ଗଢୁଛନ୍ତି। ଗାଁରେ ପୁଲିସର ଗୁଇନ୍ଦା ବା ଖବରୀ ବ୍ୟବସ୍ଥା ସୁଦୃଢ଼ ନଥିବାରୁ ଠକ ଏହି ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି। ମା'ମାନେ ଘରକୁ ଘର ଯାଇ ନିଜର ଗୋପନୀୟ ତଥ୍ୟ ଦେବା ବିଷୟରେ ବୁଝାଇବେ। ଏହାଦ୍ୱାରା ସାଇବର ଠକେଇ ହ୍ରାସ ହେବ ବୋଲି ଆଶା ରଖିଛି ଓଡ଼ିଶା ପୁଲିସ।

# ପରିକ୍ରମା ମାର୍ଗ ବୁଲିଲେ ୫ ଜିଲ୍ଲାର ଶ୍ରଦ୍ଧାଳୁ

ପୁରୀ, ୮ ।୨ (ସମିସ): ଗୁରୁବାର ୫ ଜିଲ୍ଲାର ୭, ୩୬୦ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ବୁଲିଛନ୍ତି। ଶୁକ୍ରବାର ନୂଆପଡ଼ା ଜିଲ୍ଲାର ୧୭୭ଟି ପଞ୍ଚାୟତ ଏବଂ ୱାର୍ଡରୁ ୭୯ଟି ବସ୍‌ରେ ୩, ୫୪୦ ଜଣ, ଭଦ୍ରକ ଜିଲ୍ଲାର ୪୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୧ଟି ବସ୍‌ରେ ୯୬୦ ଜଣ, ଖୋର୍ଦ୍ଧା ଜିଲ୍ଲାର ୪୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୧୮ଟି ବସ୍‌ରେ ୮୦୦ ଜଣ, ବୌଦ୍ଧ ଜିଲ୍ଲାର ୫୩ ପଞ୍ଚାୟତ ଏବଂ ୱାର୍ଡରୁ ୨୪ଟି ବସ୍‌ରେ ୧, ୦୬୦ ଜଣ ଏବଂ ଅନୁଗୁଳ ଜିଲ୍ଲାର ୫୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୨ଟି ବସ୍‌ରେ ୧, ୦୦୦ଜଣ; ଏହିପରି ମୋଟ ୭,୩୬୦ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର୍ (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଶ୍ରଦ୍ଧାଳୁମାନେ ସମଙ୍ଗ ପାର୍କିରେ ପହଞ୍ଚି ଭୋଜନ କରିବା ପରେ ପୁଣି ବସ୍‌ରେ ନିଜ ନିଜ ଘରକୁ ଫେରିଥିଲେ। ଶନିବାର ୬ଟି ଜିଲ୍ଲାରୁ ୮, ୧୪୦ ଜଣ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ବୁଲି ଦିବ୍ୟ ଅନୁଭୂତି ସାଉଣ୍ଟିବେ।

# ବୁଲେଟ୍ ଶୋ' ରୁମ୍ ନାମରେ ୨୭ ଲକ୍ଷ ଠକେଇ

ଉମରକୋଟ, ୮ ।୨(ସମିସ): ବୁଲେଟ ଶୋ'ରୁମ୍ ନାମରେ ୨୭ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଉମରକୋଟ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ହବିବୁର ରହେମାନ (୩୨) ଓ ମହମ୍ମଦ ମସରୁଲ ଆଲମ (୨୫)। ଦୁହିଁଙ୍କ ଘର ବିହାରର କିଶନଗଞ୍ଜ ଜିଲ୍ଲାର ସାହାପୁର ଗ୍ରାମରେ। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। କିନ୍ତୁ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଉମରକୋଟ ସହରର ଜଣେ ବ୍ୟବସାୟୀ ସୁଶୀଲ ପାଲ ୨୦୨୩ ନଭେମ୍ବର ୧୭ରେ ରୟାଲ ଏନଫିଲ୍ଡ ବୁଲେଟ ଶୋ' ରୁମ୍ ପ୍ରତିଷ୍ଠା ପାଇଁ ଆବେଦନ କରିଥିଲେ। ପରେ ଆଧାରକାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ପାନ୍ କାର୍ଡ ଆଦି ଡିଟେଲ୍ସ ପଠାଇବାକୁ ଖବର ଆସିଥିଲା। ସୁଶୀଲ ତାଙ୍କ ସାନଭାଇ ସପନଙ୍କ ସମସ୍ତ କାଗଜପତ୍ର ପଠାଇଥିଲେ। ପରେ ତାଙ୍କୁ ଚେନ୍ନାଇର ଟି. ନଗରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୨୭ ଲକ୍ଷ ୫୦ ହଜାର ଟଙ୍କା ପଇଠ କରିବାକୁ କୁହାଯାଇଥିଲା। ସପନ ଗତ ଡିସେମ୍ବର ୨୧ରେ ୨ ଲକ୍ଷ ୫୦ ହଜାର, ୨୨ ତାରିଖରେ ୧୦ ଲକ୍ଷ, ୨୬ରେ ୧୫ ଲକ୍ଷ ଟଙ୍କା ଆରଟିଜିଏସ୍ ମାଧ୍ୟମରେ ପଠାଇଥିଲେ। ଟଙ୍କା ପଠାଇବା ପରେ ଯେଉଁ ନମ୍ବରରୁ ଫୋନ୍ ଆସୁଥିଲା, ସେହି ନମ୍ବରକୁ ଫୋନ କରିବାରୁ ଆଉ କୌଣସି ଉତ୍ତର ମିଳି ନଥିଲା। ଠକାମିର ଶିକାର ହୋଇଥିବା ଜାଣିବା ପରେ ସୁଶୀଲ ଉମରକୋଟ ଥାନାର ଦ୍ୱାରସ୍ଥ ହୋଇଥିଲା। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଏକ ଟିମ୍ ଗଠନ କରିଥିଲା। ସୁଶୀଲଙ୍କ ପାଖକୁ ଆସିଥିବା ଫୋନ୍ କଲ୍ ବେଙ୍ଗାଲୁରୁରୁ ହୋଇଥିବା ଜଣାପଡ଼ିବା ପରେ ଏସ୍‌ଆଇ ସନ୍ତୋଷ ମାଝୀ ଓ ଅକ୍ଷୟ କୁମାର ମିଶ୍ର ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ ସେମାନେ ହବିବୁର ଓ ମସରୁଲଙ୍କୁ ଗିରଫ କରି ଉମରକୋଟ ଆଣିଥିଲେ।

**ବେଙ୍ଗାଲୁରୁରୁ ଦୁଇ ଗିରଫ**

# ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଅମିନ



ବଲାଙ୍ଗିର, ୮ ।୨ (ସମିସ): ଜମି ଚିହ୍ନଟ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ତହସିଲରେ କାର୍ଯ୍ୟରତ ଅମିନ ନିର୍ମଳେନ୍ଦୁ କବି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନାନୁସାରେ, ଗତବର୍ଷ ଜୁଲାଇରେ ଜମି ଚିହ୍ନଟ କରିବା ପାଇଁ ଜଣେ ବ୍ୟକ୍ତି ଆବେଦନ କରିଥିଲେ। ତାଙ୍କ ଆବେଦନକ୍ରମରେ ସଇଁନ୍ତଲା ତହସିଲଦାର ଗତ ଜାନୁଆରୀ ୧୬ ତାରିଖରେ ଡିମାର୍କେସନ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଡିମାର୍କେସନ୍ ପାଇଁ କୌଣସି ନିର୍ଦ୍ଦେଶ ଆସି ନଥିବା କହି ଅମିନ ଶ୍ରୀ କବି ଅଭିଯୋଗକାରୀଙ୍କୁ ଦୀର୍ଘ ଦିନ ହେଲା ହଇରାଣ କରିଆସୁଥିଲେ। ୮ ହଜାର ଟଙ୍କା ଲାଞ୍ଚ ଦେଲେ ସେ ଏହି କାମ କରିଦେବେ ବୋଲି କହିଥିଲେ। ଏନେଇ ଅଭିଯୋଗକାରୀଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ଭିଜିଲାନ୍ସର ଏକ ଟିମ ଗୁରୁବାର ସକାଳୁ ଲାଞ୍ଚ ଟଙ୍କା ସହ ଶ୍ରୀ କବିଙ୍କୁ ଧରିଥିଲେ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଦୁଇଟି ସ୍ଥାନରେ ଏହି ଚଢ଼ଉ ଚାଲିଥିବା ଭିଜିଲାନ୍ସ ସୂଚନା ଦେଇଛି।

### ଲାଞ୍ଚ ନେଇ ଆକାଉଣ୍ଟାଣ୍ଟ ଗିରଫ

# ଏନ୍‌ଓସି ପାଇଁ ନେଉଥିଲେ ୫ ହଜାର ଲାଞ୍ଚ

**ପୁରୀ, ୮ ।୨(ସମିସ):** ଲାଞ୍ଚ ନେଇ ଗିରଫ ହୋଇଛନ୍ତି ବ୍ରହ୍ମଗିରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ବିକାଶ କୁମାର ସେନାପତି। ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଗୁରୁବାର ଭିଜିଲାନ୍ସ ଅଧିକାରୀ ତାଙ୍କୁ ଧରିଛନ୍ତି। ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକ ୨୦୨୨ରେ ଚାକିରିରୁ ଅବସର ନେଇଥିଲେ। ତାଙ୍କର ଗ୍ରାଚ୍ୟୁଇଟି ଟଙ୍କା ରିଲିଜ୍ କରିବା ପାଇଁ ଶ୍ରୀ ସେନାପତି ଲାଞ୍ଚ ନେଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକ ହେଉଛନ୍ତି ଏହି ମାମଲାର ଅଭିଯୋଗକାରୀ। ଚାକିରିରୁ ଅବସରରେ ପରେ ଗ୍ରାଚ୍ୟୁଇଟି ଟଙ୍କା ପାଇବା ପାଇଁ ଏନଓସି ଆବଶ୍ୟକ ଥିଲା। ତେଣୁ ଆକାଉଣ୍ଟାଣ୍ଟ ସେନାପତି ଏନ୍‌ଓସି ପାଇଁ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକ ଏ ନେଇ ଭିଜିଲାନ୍ସକୁ ଅବଗତ କରିବା ସହ ଗୁରୁବାର ସେନାପତିଙ୍କୁ ତାଙ୍କ ଘରେ ଲାଞ୍ଚ ଦେଉଥିବା ବେଳେ ପୂର୍ବ ପ୍ରସ୍ତୁତ ଅନୁଯାୟୀ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଧରିଥିଲେ। ସାକ୍ଷୀଙ୍କ ଉପସ୍ଥିତିରେ ତାଙ୍କ ପାଖରୁ ଏହି ଲାଞ୍ଚ ଟଙ୍କା ଜବତ ହୋଇଥିଲା। ଏହି ଘଟଣାକୁ ନେଇ ତାଙ୍କ ବାସଭବନ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନ ଏବଂ ତାଙ୍କ ଅଫିସ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଥିଲା। ଲାଞ୍ଚ ନେବା ଅଭିଯୋଗରେ ଆକାଉଣ୍ଟାଣ୍ଟ ଶ୍ରୀ ସେନାପତିଙ୍କ ବିରୋଧରେ ଭିଜିଲାନ୍ସରେ ଏକ ମାମଲା (ନଂ.୪/୨୪) ରୁଜୁ କରାଯାଇ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଭିଜିଲାନ୍ସ ଜାଲରେ ଡାଟା ଏଣ୍ଟ୍ରି ଅପରେଟର୍

**ବ୍ରହ୍ମପୁର/ଛତ୍ରପୁର, ୮ ।୨(ସମିସ):** ୧୨ ହଜାର ଟଙ୍କା ଲାଞ୍ଚ ନେଇ ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲା ପରିବହନ ବିଭାଗ ଡାଟା ଏଣ୍ଟ୍ରି ଅପରେଟର୍ ଗୌରହରି ପାଢ଼ୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କୋଭିଡ୍ ସମୟରେ ଜବତ ହୋଇଥିବା ୨ଟି ବାଇକ୍‌ର ଜରିମାନା ରାଶି ଛାଡ଼ କରିବା ନେଇ ଗୌରହରି ଜଣେ ବ୍ୟକ୍ତିଙ୍କୁ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀଜଣକ ଭିଜିଲାନ୍ସରେ ଅଭିଯୋଗ କରିବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ଅପରାହ୍ଣ ୪ଟା ବେଳେ ଆରଟିଓ କାର୍ଯ୍ୟାଳୟରେ ଗୌରହରି ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ରସାୟନବୋଳା ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ପୈତୃକ ବାସଭବନରେ ଛାନଭିନ୍ କରାଯାଇଥିଲା। ଗୌରହରିଙ୍କୁ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖାଯାଇଛି। ଏନେଇ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।



### ଜାମିନ ସର୍ତ୍ତ କୋହଳ ଆବେଦନ

# ହାଇକୋର୍ଟରେ ବାବା ସାରଥି

କଟକ, ୮ ।୨(ସମିସ): କେତେକ କଠୋର ସର୍ତ୍ତ ରଖି ହାଇକୋର୍ଟ ଗତ ୨୦୧୭, ଅଗଷ୍ଟ ୪ରେ ଆତ୍ମଘୋଷିତ ବାବା ସାରଥି ଓରଫ ସନ୍ତୋଷ କୁମାର ରାଉଳଙ୍କୁ କ୍ରାଇମବ୍ରାଞ୍ଚ ମାମଲାରେ ଜାମିନ ମଞ୍ଜୁର କରିଥିଲେ। ତେବେ ଏହି ସର୍ତ୍ତକୁ କୋହଳ କରିବାକୁ ପ୍ରାର୍ଥନା କରି ସନ୍ତୋଷ ହାଇକୋର୍ଟରେ ଏକ ଆବେଦନ କରିଥିବା ଜଣାପଡ଼ିଛି। ଏହି ମାମଲାରେ ସରକାରଙ୍କୁ ପକ୍ଷ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାର ଏଥିପାଇଁ ଅଧିକ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଅନୁମତି ଦେଇଛନ୍ତି। ଆସନ୍ତା ୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ ମୂଳ କ୍ରାଇମବ୍ରାଞ୍ଚ ମାମଲାରେ ସାରଥିଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିବା ବେଳେ ୭ଟି ସର୍ତ୍ତ ରଖିଥିଲେ। ସର୍ତ୍ତ ଖିଲାପ କଲେ ଜାମିନ ରଦ୍ଦ କରାଯିବ ବୋଲି ହାଇକୋର୍ଟ ସେହି ସମୟରେ ରାୟ ଦେଇଥିଲେ। ବିଶେଷକରି ଉଦବୋଧନ, ପ୍ରବଚନ ପାଇଁ ଲୋକ କିମ୍ବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକତ୍ର କରିବେ ନାହିଁ ବୋଲି ହାଇକୋର୍ଟ ଏକ ସର୍ତ୍ତ ରଖିଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ସେ ରହୁଥିବା ଠିକଣା ଓ ଟେଲିଫୋନ୍ ନମ୍ବର ପ୍ରଦାନ ଓ ତଦନ୍ତକାରୀ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ସେ ଯାଇପାରିବେ ନାହିଁ ବୋଲି ମଧ୍ୟ ସର୍ତ୍ତ ରହିଥିଲା। ଉପରୋକ୍ତ ୩ଟି ସର୍ତ୍ତ କୋହଳ କରିବା ପାଇଁ ସାରଥି ଅନ୍ତରୀଣ ଆବେଦନ ଦାୟର କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୫, ଅଗଷ୍ଟ ୮ ରେ ସାରଥିଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

# ୮ ଲକ୍ଷ ଇନାମୀ ମାଓବାଦୀ ନିହତ

**ମାଲକାନଗିରି, ୮ ।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର ଦନ୍ତେୱାଡ଼ା ଓ ସୁକମା ସୀମାନ୍ତ ଜଙ୍ଗଲରେ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ଜଣେ ୮ ଲକ୍ଷ ଇନାମୀ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଦନ୍ତେୱାଡ଼ା ଏବଂ ସୁକମା ସୀମାନ୍ତବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତ ଖବର ମିଳିବା ପରେ ଦନ୍ତେୱାଡ଼ା ଜିଲ୍ଲାରୁ ଡିଆରଜି, ବସ୍ତର ଫାଇଟରସ ଓ ସିଆରପିଏଫ ବାହିନୀର ଯଙ୍ଗ ପ୍ଲାଟୁନ ସର୍ଚ୍ଚ ଅପରେସନରେ ବାହାରିଥିଲେ। ସୁରକ୍ଷା ବାହିନୀ ଯବାନମାନେ ଦୁଇ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳର ଗୋନ୍ଦପଲ୍ଲୀ, ପରଲାଗଟ୍ଟା ଏବଂ ପରେ ବଡ଼େପାଲିର ଜଙ୍ଗଲ ନିକଟରେ ପହଞ୍ଚିବା ମାତ୍ରେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି କରିଥିଲେ। ସୁରକ୍ଷା କର୍ମୀମାନେ ମଧ୍ୟ ମାଓବାଦୀମାନଙ୍କ ଉପରକୁ ପାଲଟା ଗୁଳିଚାଳାଣ କରିଥିଲେ। କିଛି ସମୟ ଉଭୟ ପକ୍ଷରୁ ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପେରସନ କରିବା ସମୟରେ ଜଣେ ପୁରୁଷ ମାଓବାଦୀର ଶବ, ଦେଶୀ ବନ୍ଧୁକ, ଟିଫିନ ବୋମା, ବିସ୍ଫୋରକ ସାମଗ୍ରୀ, ବ୍ୟାଗ ସହ ମାଓ ସାମଗ୍ରୀ ଜବତ କରିଥିଲେ। ଗୁଳି ବିନିମୟରେ ନିହତ ହୋଇଥିବା ମାଓବାଦୀ ଜଣକ ଚନ୍ଦ୍ରନ୍ନା ଓରଫ ସତ୍ୟମ ବୋଲି ଜଣାପଡ଼ିଛି। ସେ ମାଓ ସଂଗଠନର ପୂର୍ବ ମାଓ ଡିଭିଜନର ଡିବିସି ସଦସ୍ୟ। ତା' ମୁଣ୍ଡ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ଦନ୍ତେୱାଡ଼ା ଏସ୍‌ପି ଗୌରଭ ରାୟ କହିଛନ୍ତି।

# ବନ୍ଧୁକ ମୁନରେ ୯ ଲକ୍ଷ ଡକାୟତି

ରାଉରକେଲା/କୋଇଡ଼ା, ୮ ।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଟେନ୍‌ସା ଅଞ୍ଚଳରେ ଥିବା ଏକ ଖଣି ପରିସର ପରିବହନ ସଂସ୍ଥାରୁ ଟାଙ୍ଗିଆ ଓ ବନ୍ଧୁକ ମୁନରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଛି। ୬ ଜଣ ସଶସ୍ତ୍ର ଦୁର୍ବୃତ୍ତ ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ଲୁଟପାଟ୍ କରି ଦୁର୍ବୃତ୍ତମାନେ ସିସିଟିଭି ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି। ଲୁଟ୍ ବେଳର ଭିଜୁଆଲ ସିସିଟିଭିରେ କଏଦ ହୋଇଛି। ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ଗୁରୁବାର ରାଉରକେଲାରୁ ସାଇଣ୍ଟିଫିକ ଟିମ୍ ଏବଂ ପୁଲିସ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

ବୁଧବାର ରାତି ପ୍ରାୟ ୧୨ଟା ୫୬ରେ ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ରାଇକେଲାସ୍ଥିତ ମେସର୍ସ ଗୀତାରାଣୀ ମହାନ୍ତି ଖଣି ନିକଟରେ ୬ ସଶସ୍ତ୍ର ଦୁର୍ବୃତ୍ତ ୨ ବାଇକ୍ ଯୋଗେ ପହଞ୍ଚିଥିଲେ। ସେମାନଙ୍କ ଭିତରୁ ୩ଜଣ ମୁହଁରେ ମାସ୍କ ପିନ୍ଧିଥିବା ବେଳେ ଅନ୍ୟ ୩ ଜଣ ଗାମୁଛା ଗୁଡ଼ାଇ ମୁହଁକୁ ଲୁଚାଇଥିଲେ। ସେମାନେ ସମସ୍ତେ ଡ୍ରାଇଭର ପୋଷାକ ପିନ୍ଧିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ୩ ଦୁର୍ବୃତ୍ତ ଗୀତାରାଣୀ ଖଣି ଗେଟ୍ ବାହାରେ ଜଗିଥିବା ବେଳେ ଅନ୍ୟ ୩ ଜଣ ଖଣି ଭିତରେ ଥିବା ପରିବହନ ସଂସ୍ଥା କାକର୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ କାର୍ଯ୍ୟାଳୟକୁ କବାଟ ଭାଙ୍ଗି ପଶିଥିଲେ। ଦୁର୍ବୃତ୍ତମାନେ ୩ଟି ପିସ୍ତଲ ଏବଂ ଏକ ଟାଙ୍ଗିଆ ଧରିଥିଲେ। ପରିବହନ କାର୍ଯ୍ୟାଳୟ ଭିତରେ ଥିବା ୩ କର୍ମଚାରୀଙ୍କୁ ବନ୍ଧୁକ ମୁନରେ ଧମକଚମକ ଦେଇ ଟଙ୍କା ଥିବା ସ୍ଥାନ ସମ୍ପର୍କରେ ସୂଚନା ଦେବାକୁ କହିଥିଲେ। ପରେ ଟାଙ୍ଗିଆରେ କାର୍ଯ୍ୟାଳୟର ଟେବୁଲ, ସେଲ୍‌କୁ ଭଙ୍ଗାରୁଜା କରିଥିଲେ। ଟେବୁଲ ଡ୍ରୟାର୍‌ରେ ଥିବା ୯ ଲକ୍ଷ ୩୫ ହଜାର ୨୫୦ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ସମସ୍ତଙ୍କୁ ବନ୍ଧୁକ ମୁନରେ ଧମକ ଦେଇ ଡକାୟତମାନେ ଗେଟ ବାହାରକୁ ବାହାରି ଆସିଥିଲେ। ପରେ ସେଠାରୁ ଚାଲି ଚାଲି ପ୍ରାୟ ୫୦/୬୦ ମିଟର ଦୂର ଯିବା ପରେ ୨ ବାଇକରେ ଜଙ୍ଗଲ ଆଡ଼େ ପଳାଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହି ଘଟଣା ବେଳେ ଗୀତାରାଣୀ ଖଣି ଫାଟକ ସମ୍ମୁଖରେ ଟ୍ରକ ଚାଳକ, ହେଲପର ଓ ଖଣି କର୍ମଚାରୀ ମିଶି ଶହେରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ମଧ୍ୟ ବନ୍ଧୁକ ଭୟରେ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ।



# ଦୁର୍ଘଟଣାରେ ଚାଲିଗଲା ମା'- ଝିଅଙ୍କ ଜୀବନ

**ଅନୁଗୋଳ, ୮ ।୨ (ସମିସ):** ଅନୁଗୋଳ ସଦର ଥାନା ଅଧୀନ ଖଣ୍ଡହତା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମା'-ଝିଅଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଏଠାରେ ଥିବା ଏକ ବୁଲାଣିରେ ଦୁଇ କାର୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତଦ୍ୱୟ ହେଲେ, ଅନୁଗୋଳ ବାର୍‌ର ସାଂସ୍କୃତିକ ସମ୍ପାଦକ ପ୍ରଦୀପ ପ୍ରଧାନଙ୍କ ମା' ଦୁର୍ଗାବତୀ ପ୍ରଧାନ ଓ ଭଉଣୀ ସଂଯୁକ୍ତା ପ୍ରଧାନ। ଦୁର୍ଘଟଣା ପରେ ଦୁହିଁଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ସଂଯୁକ୍ତା ପଞ୍ଚାୟତ ଅଫିସରେ ହେଡ କ୍ଲର୍କ ଥିବା ଜଣାପଡିଛି। ଦୁର୍ଘଟଣାରେ ପ୍ରଦୀପଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପୁଲିସ୍ ଘଟଣାର ତଦନ୍ତ ଚଳାଇଛି।



ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ପତ୍ନୀ, ମା' ଓ ଭଉଣୀଙ୍କ ସହ ପ୍ରଦୀପ ଏକ ଶୁଦ୍ଧ କାର୍ଯ୍ୟରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖଣ୍ଡହତା ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଆଉ ଏକ କାର୍ ତାଙ୍କ କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ପ୍ରଦୀପଙ୍କ କାରଟି ଏକ ଖାଇ ମଧ୍ୟକୁ ଓଲଟି ପଡ଼ିଥିଲା।

## ୯୦୦ କୋଟି ଠକେଇ ମାମଲାରେ ଇଡିର ଖୋଳତାଡ଼

# ଓଡ଼ିଶା ସମେତ ସାରାଦେଶର ୨୦ଟି ସ୍ଥାନରେ ଚଢ଼ଉ

**ଭୁବନେଶ୍ୱର, ୮ ।୨(ସମିସ):** ଚିଟ୍‌ଫଣ୍ଡ ସଂସ୍ଥା ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ୍‌ର ୯୦୦ କୋଟି ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଶୁକ୍ରବାର ଓଡ଼ିଶା ସମେତ ଦିଲ୍ଲୀ ଓ ଚଣ୍ଡିଗଡ଼ର ୨୦ଟି ସ୍ଥାନରେ ଇଡି ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଛି। ଓଡ଼ିଶାର ଭୁବନେଶ୍ୱର, ବ୍ରହ୍ମପୁର, ଦିଗପହଣ୍ଡିର ୧୦ଟି ସ୍ଥାନରେ ଏକାସାଥୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଚଢ଼ଉ କରିଛନ୍ତି। ଏହି ସଂସ୍ଥା ନିବେଶକଙ୍କଠାରୁ ୯୦୦ କୋଟି ଟଙ୍କା ଆଦାୟ କରିଥିଲା। ମୋଟ ୭୦୦ କୋଟିର ଘୋଟାଲା ନେଇ ସିବିଆଇ ତଦନ୍ତ କରୁଥିଲା। ଏଥିରେ ସମ୍ପୃକ୍ତି ରହିଥିବା ସଂସ୍ଥାର କିଛି ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ପରେ ସଂସ୍ଥାର କିଛି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବି ଜବତ ହୋଇଥିଲା। ଦିଲ୍ଲୀର ଏହି କମ୍ପାନୀ ବିରୋଧରେ ନିକଟରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଥିଲା। କୋର୍ଟରେ ଚାର୍ଜସିଟ୍ ଦାଖଲ ହେବା ପରେ ସଂସ୍ଥା ବିରୋଧରେ ଇଡି ପକ୍ଷରୁ ଆଜି ପ୍ରଥମ ଚଢ଼ଉ କରାଯାଇଛି। ଏହି ସଂସ୍ଥାର ଲିଙ୍କ୍‌ରେ ଓଡ଼ିଶାରେ ବି ବଡ଼ଧରଣ ଚଢ଼ଉ ଜାରି ରଖିଛି। ଭୁବନେଶ୍ୱର ରଙ୍ଗବଜାରଠାରେ ମଧ୍ୟ ସଂସ୍ଥାର ଏକ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି। ବେଙ୍ଗାଲୁରୁରୁ ଆସିଥିବା ଇଡିର ୬ ଜଣିଆ ଟିମ୍ ତନାଘନା କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ଇଡି। ଏହି ଚଢ଼ଉ ଜାରି ରହିଥିବା ବେଳେ କେନ୍ଦ୍ରୀୟ ସୁରକ୍ଷା ବଳ ସୁରକ୍ଷା ଯୋଗାଉଛି।



# ଷ୍ଟ୍ରବେରୀ ଦେଇଛି ନୂଆ ପରିଚୟ

**ନୂଆପଡ଼ା, ୮ ।୨ (ଘନଶ୍ୟାମ ଭୋଇ):**

ଷ୍ଟ୍ରବେରୀ ଚାଷ ଏବେ ସୁନାବେଡ଼ା ଅଭୟାରଣ୍ୟ ଆଦିବାସୀଙ୍କୁ ନୂଆ ପରିଚୟ ଦେଇଛି। ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ୍ ଉଚ୍ଚତାରେ ଥିବା ପାହାଡ଼ିଆ ଜମିରେ ସେମାନେ ଷ୍ଟ୍ରବେରୀ ଫଳାଇବା ସହ ରାଜ୍ୟ ସମେତ ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼କୁ ରପ୍ତାନୀ କରି ନିଜ ଆର୍ଥିକ ମେରୁଦଣ୍ଡକୁ ମଜଭୁତ୍ କରୁଛନ୍ତି। ବଣ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ବ୍ୟତୀତ ପେଟ ପୋଷିବା ପାଇଁ ଏଠିକାର ଲୋକଙ୍କ ପାଖରେ ଅନ୍ୟ କୌଣସି ରୋଜଗାରର ପନ୍ଥା ନଥିଲା। ଏମାନଙ୍କ ଜୀବନ ଜୀବିକାକୁ ସ୍ୱଚ୍ଛଳ କରିବା ସହ ଏମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାରଙ୍କ ତରଫରୁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟକାରୀ କରାଯାଉଛି। ଏହାସତ୍ତ୍ୱେ ଏମାନଙ୍କ ସ୍ଥିତିରେ ସୁଧାର ଆସିପାରୁନାହିଁ। ତେବେ ବର୍ତ୍ତମାନ ଏଠିକାର ପାଣିପାଗ ଏବଂ ମାଟିର ସ୍ଥିତିକୁ ଅନୁଧ୍ୟାନ କରି ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଚକୋଟିଆ ଭୁଞ୍ଜିଆ ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ମହାପାତ୍ରଙ୍କ ଉଦ୍ୟମକ୍ରମେ ଏଠାରେ ଷ୍ଟ୍ରବେରୀ ଭଳି ଦୁର୍ଲ୍ଲଭ ଚାଷ କରିବାକୁ ଉଦ୍ୟମ କରାଯାଇଛି। ଏଥିରେ ପ୍ରଶାସନ ସଫଳ ମଧ୍ୟ ହୋଇଛି।

ବର୍ତ୍ତମାନ ଲକ୍ଷାଧିକ ଟଙ୍କାର ଷ୍ଟ୍ରବେରୀ ଉତ୍ପାଦନ ହୋଇ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହ ପଡ଼ୋଶୀ ଛତିଶଗଡ଼ର ରାଜଧାନୀ, ରାୟପୁର, ଆନ୍ଧ୍ରପ୍ରଦେଶର ମୁଖ୍ୟ ଆକର୍ଷଣ ହୋଇପାରିଛି। ଧୀରେ ଧୀରେ ଏଠିକାର ଷ୍ଟ୍ରବେରୀର ଚାହିଦା ବଢ଼ିବା ସହ ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ସୁଧାର ଆଣିବାର ଏକ ଆଧାର ହେବାରେ ଲାଗିଛି। ଗତ ବର୍ଷ ପ୍ରଥମ କରି ସରକାରୀ ଅନୁଦାନରେ ଓପେଲିପି ନାମକ ଏକ ସଂଗଠନର ପ୍ରୟାସ କ୍ରମେ ୧୦ ଜଣ ଭୁଞ୍ଜିଆ ସମ୍ପ୍ରଦାୟର ଚାଷୀ ୧୦ ଏକର ଜମିରେ ଷ୍ଟ୍ରବେରୀ ଚାଷ କରିଥିଲେ। ଏହି ସଂଗଠନ ତରଫରୁ ରାଜ୍ୟ ବାହାରୁ ଉନ୍ନତ କିସମର ଷ୍ଟ୍ରବେରୀ ବିହନ ଯୋଗାଇ ଦିଆଯାଇଥିଲା।



ଏଥିସହ ଚାଷୀମାନେ ନିଜ ଉଦ୍ୟମରେ ଜୈବିକ ସାର ବ୍ୟବହାର କରି ଷ୍ଟ୍ରବେରୀ ଚାଷ କରି ବେଶ ଲାଭବାନ ହୋଇଥିଲେ।

ସୁନାବେଡ଼ାର କଳିରାମ ସୁଆର ନାମକ ଜଣେ ଚାଷୀ ୧ଏକର ଜମିରେ କରିଥିବା ଷ୍ଟ୍ରବେରୀ ଚାଷରୁ ୬ଲକ୍ଷ ଟଙ୍କା ରୋଜଗାର କରିଥିଲେ। ସେଥିରୁ ତାଙ୍କର ଖର୍ଚ୍ଚ ବାବଦକୁ ୨ ଲକ୍ଷ ଟଙ୍କା କାଟିଦେଲେ ବାକି ୪ଲକ୍ଷ ଟଙ୍କା ପାଇଥିଲେ। ଏଥିରେ ତାଙ୍କ ପରିବାର ବେଶ୍ ଖୁସି ଅଛନ୍ତି। ଉତ୍ସାହିତ ହୋଇ ସେ ଏ ବର୍ଷ ମଧ୍ୟ ଚାଷ କରିଥିବା ପ୍ରକାଶ କରନ୍ତି। ସେହିଭଳି ସୁନାବେଡ଼ାର ଉଦୀୟମାନ ଯୁବଚାଷୀ ଯୁବରାଜ ସିଂ ଛତ୍ରିଆଙ୍କ କହିବାନୁଯାୟୀ, ସେ ମଧ୍ୟ ଷ୍ଟ୍ରବେରୀ ଚାଷ କରି ୪/୫ଲକ୍ଷ ଟଙ୍କା ପାଇଛନ୍ତି। ଆଗରୁ ତାଙ୍କ ପାଖରେ ରୋଜଗାରର ସେଭଳି କୌଣସି ପନ୍ଥା ନ ଥିଲା। କ୍ଷେତରେ ଧାନ କିମ୍ବା ଜଙ୍ଗଲରୁ ମହୁଲ, ଲିମ୍ବ ଆଦି ସଂଗ୍ରହ କରି ରୋଜଗାର କରୁଥିଲେ। ଏଠାରେ ଏଭଳି ଏକ ମୂଲ୍ୟବାନ ଚାଷ ହେବ, ସେମାନେ ସ୍ୱପ୍ନରେ ମଧ୍ୟ ଆଶା କରି ନଥିଲେ ବୋଲି କହନ୍ତି। ଏଠିକାର ଷ୍ଟ୍ରବେରୀର ବେଶ ଚାହିଦା ରହିଛି; ହେଲେ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି ବୋଲି କହନ୍ତି। ଏହି ଚାଷ ପାଇଁ ଲୋକେ ବେଶ୍ ଆଗଭର ହେଉଛନ୍ତି। ଗତବର୍ଷ ୧୦ ଜଣ ଚାଷୀ ଷ୍ଟ୍ରବେରୀ ଚାଷ କରିଥିବା ବେଳେ ଏଥର ୨୧ଜଣ ଚାଷୀ ଚାଷ କରିଛନ୍ତି। ବର୍ତ୍ତମାନ ଫଳ ଧରିଲାଣି। ଅମଳ ମଧ୍ୟ ହେବାରେ ଲାଗିଛି। ଏହି ଚାଷୀ ବ୍ୟତୀତ ଏଠାକାର ଶତାଧିକ ଶ୍ରମିକ ଶ୍ରେଣୀର ଲୋକେ ମଧ୍ୟ ଏଥିରେ ନିଯୋଜିତ ହୋଇ ଦି' ପଇସା ପାଉଛନ୍ତି। ସରକାରଙ୍କ ତରଫରୁ ଆହୁରି ଟିକିଏ ଦୃଷ୍ଟି ଦିଆଗଲେ ଦିନେ ଲାଲଗଡ଼ ନାମରେ ନାମିତ ଥିବା ଅଭୟାରଣ୍ୟ ଅଞ୍ଚଳ ଷ୍ଟ୍ରବେରୀ ଗଡ଼ ଭାବେ ନାମିତ ହୋଇ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ସ୍ୱତନ୍ତ୍ର ନାଁ କରିବ; ଏଥିରେ ସନ୍ଦେହ ନାହିଁ।

**ରାଜ୍ୟ ଓ ରାଜ୍ୟ ବାହାରେ ଚାହିଦାରେ ନୂଆପଡ଼ାର ଷ୍ଟ୍ରବେରୀ**




Government of Odisha | OSRTC | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

# 'ଲକ୍ଷ୍ମୀ'ର ଜୟଯାତ୍ରା

## ଜୀବନକୁ ସହଜ କରିଛି

ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, କୋରାପୁଟ ଜିଲ୍ଲା ପରେ ଲକ୍ଷ୍ମୀ ବସ୍ ଯୋଜନାରେ ଯୋଡ଼ି ହୋଇଛି ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ଜରିଆରେ ଏହାର ଶୁଭାରମ୍ଭ କରିଛନ୍ତି। ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ୪୪୦ ପଞ୍ଚାୟତରେ ୧୦୧ଟି ବସ୍ ଚାଲିବ। ଏହାଦ୍ୱାରା ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଦେବଗଡ଼ର ୬୯ ପଞ୍ଚାୟତରେ ୧୭ଟି ବସ୍ ଚାଲିବ ଏବଂ ୩ ଲକ୍ଷ ଲୋକ ଉପକୃତ ହେବେ। ଅନୁଗୋଳର ୧୭୬ଟି ପଞ୍ଚାୟତରେ ୨୯ ବସ୍ ଚାଲିବ ଏବଂ ୧୧ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ ସେହିପରି ଢେଙ୍କାନାଳର ୧୯୫ ପଞ୍ଚାୟତରେ ୫୫ଟି ବସ୍ ଚାଲିବ ଏବଂ ୧୩ ଲକ୍ଷ ଲୋକ ଉପକୃତ ହେବେ ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। "ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି।"

## ରୂପାନ୍ତରଣ ପ୍ରଭାବ

ଲକ୍ଷ୍ମୀ ଯୋଜନା ୬୨,୨୯୧ ଶିକ୍ଷାନୁଷ୍ଠାନକୁ ସଂଯୋଗ କରିବା ସହ ଏକାଡେମିକ କାର୍ଯ୍ୟସୂଚୀ ତଥା ପରିବହନ ସହିତ ବିଶେଷ ଭାବରେ ଗ୍ରାମାଞ୍ଚଳ ମହିଳା, ଛାତ୍ରୀମାନଙ୍କୁ ପରିବହନ କରି ଶିକ୍ଷା ଉପଲବ୍ଧତାକୁ ଯଥେଷ୍ଟ ବୃଦ୍ଧି କରିଥାଏ। ଲକ୍ଷ୍ମୀର ବସ୍‌ର ସମୟ, କାର୍ଯ୍ୟସୂଚୀ ବିଦ୍ୟାଳୟ ଏବଂ କଲେଜର ସମୟ ସହିତ ସମାନ କରାଯାଇଛି। ଏହି ଯୋଜନା ନିଶ୍ଚିତ କରେ ଯେ, ପରିବହନ ଦ୍ୱାରା ଶିକ୍ଷା ଆଉ ବାଧାପ୍ରାପ୍ତ ହେବ ନାହିଁ ଏହି ପଦକ୍ଷେପ ୩୭,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବାକୁ ସ୍ଥିର ହୋଇଛି, ଯାହା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇ ପାରିବ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହା ୪,୫୦୦କୋଟିରୁ ଅଧିକ ରାଜସ୍ୱ ସଂଗ୍ରହ କରିବ ବୋଲି ଆଶା କରାଯାଉଛି; ଯାହାକି ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ଏକ ସକାରାତ୍ମକ ଧାରାକୁ ପ୍ରତିଫଳିତ କରିଥାଏ।









## ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା

ଲୋକେସନ ଆକ୍ସେସିବଲ୍ ମଲ୍ଟି-ମୋଡାଲ ଇନିସିଏଟିଭ (ଲକ୍ଷ୍ମୀ) ପରିବହନ ଯୋଜନାଠାରୁ ଅଧିକ। ଏହା ଏକ ସଂଯୁକ୍ତ, ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧ ଓଡିଶା ପାଇଁ ଏକ ଲକ୍ଷ୍ୟ। ସଂଯୋଗୀକରଣକୁ ବଢ଼ାଇ ଏହା କେବଳ ପ୍ରତିବନ୍ଧକକୁ ଭାଙ୍ଗେ ନାହିଁ; ଯାହା ଗ୍ରାମୀଣ ସମ୍ପ୍ରଦାୟକୁ ବିଚ୍ଛିନ୍ନ କରି ରଖିଥାଏ ବରଂ ଅନେକଗୁଡ଼ିଏ ସୁଯୋଗକୁ ମଧ୍ୟ ଖୋଲିଥାଏ। ଏହି ପଦକ୍ଷେପ ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରତ୍ୟେକ ନାଗରିକ, ଅବସ୍ଥିତି ନିର୍ବିଶେଷରେ ଅତ୍ୟାବଶ୍ୟକ ସେବା ତଥା ସୁଯୋଗ ପାଇପାରିବେ। ଲକ୍ଷ୍ମୀ ସବୁଲୋକଙ୍କ ପାଇଁ ଅଧିକ ସଂଯୋଗୀକରଣ ଏବଂ ଅନ୍ତର୍ଭୁକ୍ତୀକରଣ ଦ୍ୱାରା ଭବିଷ୍ୟତ ଗଠନ ସକାଶେ ଓଡ଼ିଶାର ପ୍ରତିବଦ୍ଧତାର ଏକ ପ୍ରମାଣ।

## ଅପରେଶନ ପଦ୍ଧତି

- ଓଡ଼ିଶାର ଲକ୍ଷ୍ମୀ ୧,୭୪୫ ବସକୁ ନେଇ ସମୃଦ୍ଧ। ପ୍ରଥମ ତିନିବର୍ଷ ପାଇଁ ୩୧୭ କୋଟିର ଏକ ଉତ୍ସର୍ଗୀକୃତ ବଜେଟ ଦ୍ୱାରା ଏହା କାର୍ଯ୍ୟ କରୁଛି। ବର୍ଦ୍ଧିତ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସଂଯୋଗୀକରଣ ପାଇଁ ଏହା ଏକ ତିନି ସ୍ତରୀୟ ସେବା ମଡେଲକୁ ନିୟୋଜିତ କରିଥାଏ।
- ଟିୟର ୧ ଏବଂ ଟିୟର ୨ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରୀ ସଂଯୋଗକୁ ସୁନିଶ୍ଚିତ କରି ୧,୬୨୩ ବସ ସହିତ ଗ୍ରାମ ପଞ୍ଚାୟତକୁ ବ୍ଲକ ଏବଂ ବ୍ଲକକୁ ଜିଲ୍ଲା ମୁଖ୍ୟାଳୟ ସହିତ ସଂଯୋଗ କରୁଥିବା ଦୈନନ୍ଦିନ ଯାତାୟାତ ଏବଂ ଜୀବନର ଉନ୍ନତି ଉପରେ ଧ୍ୟାନ ଦେଇଥାଏ। ଟିୟର ୩ ଏବଂ ଜଗନ୍ନାଥ ଏକ୍ସପ୍ରେସ, ୧୨୨ ବସ୍ ସହିତ, ଜିଲ୍ଲା ମୁଖ୍ୟାଳୟକୁ ପ୍ରମୁଖ ସହର ସହିତ ସଂଯୋଗ କରେ ଏବଂ ଗ୍ରାମାଞ୍ଚଳରେ ସୁବିଧାଜନକ ପରିବହନ ଯୋଗାଉଥିବା ବ୍ୟବସାୟ ହବ୍, ଦୀର୍ଘ ଦୂରଗାମୀ ଯାତ୍ରା ପାଇଁ ଏକ୍ସପ୍ରେସ ବସ ଉପଲବ୍ଧ କରିଥାଏ।
- ଦକ୍ଷତାକୁ ସୁଦୃଢ଼ କରିବା ପାଇଁ, ଓଡ଼ିଶାର ୩୦ଟି ଜିଲ୍ଲାକୁ ଜନସଂଖ୍ୟା, ଭୌଗୋଳିକ ଏବଂ ପରିବହନ ସଂଯୋଗ ଉପରେ ଆଧାର କରି ୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ଏହି ଯୋଜନା ଆଞ୍ଚଳିକ ଆବଶ୍ୟକତା ଅନୁଯାୟୀ ଅନୁକୂଳ ଏବଂ ପ୍ରଭାବଶାଳୀ ପରିବହନ ସେବା ପ୍ରଦାନ କରିଥାଏ।



## ମହିଳା ସଶକ୍ତୀକରଣ

ଲକ୍ଷ୍ମୀ ବସ୍ ଯୋଜନାର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ବିଭିନ୍ନ ଗୋଷ୍ଠୀର ଅଂଶଗ୍ରହଣ ଏବଂ ମହିଳା ସଶକ୍ତିକରଣ ଉପରେ ଏହାର ଗୁରୁତ୍ୱାରୋପ। ପ୍ରତ୍ୟେକ ଜିଲ୍ଲାରେ ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟରେ ଭୂମିକା ଗ୍ରହଣ କରି ମହିଳା-ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଦ୍ୱାରା ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ କରିବା। ଏହି ଯୋଜନା କେବଳ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରେ ନାହିଁ; ବରଂ ଲକ୍ଷ୍ମୀକୁ ସାମାଜିକ ପରିବର୍ତ୍ତନର ଏକ ଆଲୋକବର୍ତ୍ତିକା ଭାବରେ ଗ୍ରହଣ କରି ଗୋଷ୍ଠୀ କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏହା ମହିଳାଙ୍କୁ ରୋଜଗାର ଯୋଗାଇଥାଏ, ଆତ୍ମବିଶ୍ୱାସ ସୃଷ୍ଟି କରେ ଏବଂ ମହିଳାମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ବୃଦ୍ଧି କରି ସାମାଜିକ ପରିବର୍ତ୍ତନରେ ସହାୟକ ହୋଇଥାଏ।









ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ବଣ୍ଡାଘାଟିରୁ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ପ୍ରତୀକ୍ଷିତ 'ଲକ୍ଷ୍ମୀ' କାର୍ଯ୍ୟକ୍ରମ। ଅକ୍ଟୋବର ୧୨ ତାରିଖରେ ମାଲକାନଗିରି ଜିଲ୍ଲାରୁ ଯୋଜନାର ଶୁଭାରମ୍ଭ ପରେ ସାରା ରାଜ୍ୟରେ ଲୋକଙ୍କ ଯାତାୟାତ ନିମନ୍ତେ ପର୍ଯ୍ୟାୟକ୍ରମେ ୧, ୦୦୦ରୁ ଅଧିକ ବସ୍ ନିୟୋଜିତ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଲକ୍ଷ୍ମୀ ଯୋଜନାରେ ବସ୍ ଚଳାଚଳ ନିମନ୍ତେ ରାଜ୍ୟ ସରକାର ୩, ୧୭୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ଏହି ପାଣ୍ଠି ମଞ୍ଜୁର କରାଯାଇଛି। ପ୍ରଦର୍ଶନ ଆଧାରରେ ଆଗକୁ ଆଉ ଦୁଇ ବର୍ଷ ପାଇଁ ପାଣ୍ଠି ଯୋଗାଇ ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପରିବହନ ଏକ ପ୍ରମୁଖ ମାଧ୍ୟମ। ଲକ୍ଷ୍ମୀ ଯୋଜନାରେ ଗ୍ରାମପଞ୍ଚାୟତ ସ୍ତରରୁ ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ସାର୍ବଜନୀନ ପରିବହନ ସେବା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରହିଛି। ଲକ୍ଷ୍ମୀ ଯୋଜନା ଅଧୀନରେ ବ୍ଲକ ସଂଯୋଗୀକରଣ ଦ୍ୱାରା ଗ୍ରାମ ପଞ୍ଚାୟତ ଓ ଏହାର ବ୍ଲକ ମୁଖ୍ୟାଳୟ ମଧ୍ୟରେ ଯୋଗାଯୋଗ ସୁବିଧା ଏବଂ ଜିଲ୍ଲା ସଂଯୋଗୀକରଣ ଦ୍ୱାରା ବ୍ଲକ ମୁଖ୍ୟାଳୟକୁ ସେମାନଙ୍କ ଜିଲ୍ଲା ମୁଖ୍ୟାଳୟ ସହିତ ଯୋଗାଯୋଗ ସୁବିଧା ହୋଇଛି। 'ଜଗନ୍ନାଥ ଏକ୍ସପ୍ରେସ୍' ମାଧ୍ୟମରେ ଜିଲ୍ଲା ମୁଖ୍ୟାଳୟକୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଯୋଗାଯୋଗ ସୁବିଧା ସୁନିଶ୍ଚିତ ହୋଇଛି। ଲକ୍ଷ୍ମୀ ବସ୍‌ରେ ୫ ଟଙ୍କାର ଟିକେଟରେ ମହିଳା, ଛାତ୍ରଛାତ୍ରୀ, ଦିବ୍ୟାଙ୍ଗମାନେ ଯାତାୟାତ ସୁବିଧା ପାଉଛନ୍ତି।



DSPL-633

OIPR-38002/13/0044/2324

### ଷ୍ଟୋରେଜ୍ ପଏଣ୍ଟ ଅଭାବ ଚାଷୀ ପାଇଁ ସମସ୍ୟା ସାଜିଛି

# କଳାହାଣ୍ଡି ପିଆଜର ଚାହିଦା ବଢୁଛି

ଭବାନୀପାଟଣା, ୮ ।୨ (ସମିସ)

ଜିଲ୍ଲାରେଧୀରେଧୀରେକଳାହାଣ୍ଡି ପିଆଜରଚାହିଦା ବୃଦ୍ଧି ପାଉଛି । ହେଲେ ନିର୍ଦ୍ଦିଷ୍ଟ କେତେକ କାରଣରୁ ଚାଷୀ ସବୁବେଳେ ହୀନସ୍ଥା ହେଉଥିବା ଲକ୍ଷ୍ୟ କରାଯାଇଛି । ପ୍ରତିବର୍ଷ ପିଆଜ ଚାଷୀ ଷ୍ଟୋରେଜ ପଏଣ୍ଟ ଓ ଶୀତଳଭଣ୍ଡାର ନ ଥିବା କାରଣରୁ ଅମଳ ସମୟରେ ପିଆଜକୁ କମ୍ ମୂଲ୍ୟରେ ବିକ୍ରିକରି

## ଜିଲ୍ଲାରେ ପହଞ୍ଚିଛି ୫୦ ପ୍ରତିଶତ ବିହନ

ଆସୁଛି । ଏଥର ନୂଆ ସମସ୍ୟା ସ୍ୱରୂପ କଳାହାଣ୍ଡି ଜିଲ୍ଲାରେ ଆବଶ୍ୟକ ଥିବା ପିଆଜ ବିହନର ୫୦ ପ୍ରତିଶତ ବିହନ ପହଞ୍ଚିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ଚାଷୀ ପିଆଜ ବିହନର ଅଭାବ ଯୋଗୁଁ ଚିନ୍ତାରେ ପଡ଼ିଛି । କଳାହାଣ୍ଡି ଜିଲ୍ଲାରେ ଧାନ, କପା ଚାଷ ପରେ ପିଆଜ ଚାଷ ସମଗ୍ର ଓଡ଼ିଶାରେ ତାର ଏକ ସ୍ୱତନ୍ତ୍ରସ୍ଥାନ ବଜାୟ ରଖିଛି । କଳାହାଣ୍ଡି ଜିଲ୍ଲାରେ ୨୭୬୮ ହେକ୍ଟର ଜମିରେ ପିଆଜ ଚାଷ ହେଉଥିବାବେଳେ ଉଦ୍ୟାନ ବିଭାଗ ୩୦୦୦ରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ପିଆଜ ଚାଷପାଇଁ ଟାର୍ଗେଟ ରଖୁଛି କିନ୍ତୁ ତାହା ସମ୍ଭବ ହେଉନାହିଁ । ପ୍ରାୟ ୬୦୦୦ରୁ ଉର୍ଦ୍ଧ୍ୱ ପରିବାର ପିଆଜ ଚାଷ ଉପରେ ନିର୍ଭର କରିଆସୁଛନ୍ତି । ଗୋଲାମୁଣ୍ଡା, ଜୁନାଗଡ଼, ନର୍ଲା, କେସିଙ୍ଗା, ଭବାନୀପାଟଣା, କୋକସରା ବ୍ଲକ ରେ ପିଆଜ ଚାଷ ପ୍ରଚୁର ପରିମାଣରେ ହୋଇଥାଏ । ଜିଲ୍ଲାରେ ଷ୍ଟୋରେଜ୍ ପଏଣ୍ଟ ନ ଥିବା କାରଣରୁ ପ୍ରତିବର୍ଷ ଚାଷୀ ତରବରିଆ ହେଇ ପିଆଜ ବିକ୍ରୀ କରିବାକୁ ବାଧ୍ୟ ହେଉଛି ।



ବଜାରରେ କଳାହାଣ୍ଡି ପିଆଜ ଶେଷ ହେବାପରେ ନାସିକ ପିଆଜ ଉପରେ ନିର୍ଭର କରିବାକୁ ପଡୁଛି । ଏଥି ପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଅନ୍ୟୁନ ୨୫୦୦ ମେଟ୍ରିକ୍ ଟନ୍ ପିଆଜ ଷ୍ଟୋରେଜ୍ ର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୫୦୦ ମେଟ୍ରିକ୍ ଟନ୍‌ର ଦୁଇଟି ଷ୍ଟୋରେଜ୍ ପଏଣ୍ଟ ଯଥାକ୍ରମେ ଗୋଟିଏ ଭବାନୀପାଟଣା ବ୍ଲକର ବୋର୍ଡା ଠାରେ ଏବଂ ଅନ୍ୟଟି ଜୁନାଗଡ଼ ବ୍ଲକରେ କରିବା ପାଇଁ ସ୍ଥିର କରାଯାଇଥିଲା । ଗୋଟିଏ ଷ୍ଟୋରେଜ୍ ପଏଣ୍ଟକୁ ୮୫ ଲକ୍ଷ ୬୮ ହଜାର ୧୬୪ ଟାଙ୍କ ବିନିଯୋଗ ହେବ ବୋଲି ବିଭାଗ ସ୍ଥିର କରିବା ସହ ଟେଣ୍ଡର ଆହ୍ୱାନ କରିଥିଲେ ଏବଂ ଟେଣ୍ଡର ଖୋଲାଯିବା ପରେ ଯେଉଁ ବ୍ୟକ୍ତି ଟେଣ୍ଡର ପାଇଥିଲେ ଏଯାବତ୍ କୌଣସି ଖୋଜ୍ ଖବର ନାହିଁ ବୋଲି ଡିଆରସିସି କାର୍ଯ୍ୟାଳୟ ତରଫରୁ ଜଣାପଡ଼ିଛି । ସମଗ୍ର ଜିଲ୍ଲାରେ ୩୭ଟି ଷ୍ଟୋରେଜ୍ ଷ୍ଟ୍ରକଚର ଅଛି, କିନ୍ତୁ ଜିଲ୍ଲାରେ ୩୭୯୮୩ ମେଟ୍ରିକ୍ ଟନ୍ ପିଆଜ ଅମଳ ହେଉଛି । ଚାଷୀ ନିଜ ଉଦ୍ୟମରେ ୧୭୫୦୦୦ ଟଙ୍କା ବ୍ୟୟରେ ଷ୍ଟୋରେଜ୍ ଷ୍ଟ୍ରକଚର କରିବା ପରେ ୮୭୫୦୦ ଟଙ୍କା ରିହାତି ମିଳିବାର ବ୍ୟବସ୍ଥା ସ୍ଥାୟୀ ଥିଲେ ମଧ୍ୟ ଏକକାଳୀନ ଅର୍ଥ ବିନିଯୋଗ କରିବାରେ ଚାଷୀଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ । ଅନେକ ସମୟରେ ପିଆଜକୁ ସଂରକ୍ଷିତ କରି ରଖିବା ବ୍ୟବସ୍ଥା ନ ଥିବାରୁ କେଜି ପିଛା ସାତ ଆଠ ଟଙ୍କାରେ ବିକ୍ରି କରିବା ନଜିର ରହିଛି । ବର୍ଷର ମାତ୍ର କିଛି ମାସକୁ ବାଦ୍ ଦେଲେ ଅନ୍ୟସମୟରେ କଳାହାଣ୍ଡିବାସୀ ନାସିକ ପିଆଜ ଉପରେ ନିର୍ଭର କରିବାକୁ ପଡୁଛି । ପିଆଜ ଚାଷୀଙ୍କ ହିତ ଦୃଷ୍ଟିରୁ ଅଧିକରୁ ଅଧିକ ଷ୍ଟୋରେଜ୍ ପଏଣ୍ଟ ନିର୍ମାଣ କରିବାଜରୁରୀ । ଜିଲ୍ଲା ପ୍ରଶାସନ ଓ ଉଦ୍ୟାନ ବିଭାଗ କେବେ ଚାଷୀଙ୍କ ଏଭଳି ଚିର ସମସ୍ୟା ଦୂର କରିବେ ତାହା ଆଗାମୀ ଦିନରେ ଜଣାପଡ଼ିବ ।

### ■ ଜୀବିତଙ୍କୁ ମୃତ ତାଲିକାରେ ରଖିବା ଘଟଣା

# ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କଲେ ଜାତୀୟ ମାନବାଧିକାର କମିଶନ

**ଭବାନୀପାଟଣା, ୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଗାଇଗାଁ ପଞ୍ଚାୟତ କନାବିରା ଗାଁର ଡ଼ମୁ ଶବର ଜୀବିତ ଥାଇ ମଧ୍ୟ ତାଙ୍କ ନାମ ମୃତ ବ୍ୟକ୍ତି ତାଲିକାରେ ସାମିଲ କରି ସମସ୍ତ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ କଳାହାଣ୍ଡି ଜିଲ୍ଲାପାଳଙ୍କ ଠାରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି । ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହିତ, ରିପୋର୍ଟ ଦାଖଲ ନ ହେଲେ ମାନବ ଅଧିକାର ସୁରକ୍ଷା ଆଇନ-୧୯୯୩ ର ଧାରା ୧୩ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ କମିଶନ ବାଧ୍ୟ ହେବେ ବୋଲି ସୂଚାଇ ଦେଇଛନ୍ତି । ଡିସେମ୍ବର ୨୦୨୩ ରେ ଡ଼ମୁ ଶବରଙ୍କ କ୍ଷେତ୍ରରେ ଘଟିଥିବା ଏଭଳି ଅସଙ୍ଗତି ବିଷୟରେ ଖବର ପ୍ରକାଶ ପାଇବା ପରେ ୧୨ ଡିସେମ୍ବର ୨୦୨୩ ରେ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ, କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ଡ଼ମୁ ଶବରଙ୍କୁ ନ୍ୟାୟଦେବା ଲାଗି ଅନୁରୋଧ କରିଥିଲେ । କମିଶନ ଏହି ଅଭିଯୋଗ ଆଧାରରେ କେଶ ପଞ୍ଜୀକରଣ କରି ଆଜି ଶୁଣାଣି କରିବା ସହିତ ଏହି ନୋଟିସ୍ ଜାରି କରିଛନ୍ତି ।

# ଥଇଥାନ ଟଙ୍କା ଆତ୍ମସାତ ଅଭିଯୋଗ

**ନୂଆପଡ଼ା, ୮ ।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଓ ଖଡିଆଳ ବ୍ଲକ ମଧ୍ୟ ଭାଗରେ ନିର୍ମାଣ ହୋଇଥିବା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ତିଖାଲି ଡ୍ୟାମ) ର ନିର୍ମାଣ କାମ ଶେଷ ହୋଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପରିବାରଗୁଡିକ ଥଇଥାନ ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି । ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରକୁ ଥଇଥାନ ରାଶି ପ୍ରଦାନ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଠିକ୍ ସମୟରେ ଯୋଗ୍ୟ ପରିବାର ସେହି ପ୍ରାପ୍ୟରୁ ଦୂରରେ ରହିଯାଉଥିବା ଭଳି ସାଂଘାତିକ ଅଭିଯୋଗ ସାମନାକୁ ଆସୁଛି ।

ସନବାହାଲି ଗାଁର ସ୍ୱର୍ଗତ ପୁରନ୍ଦର ପଟେଲଙ୍କ ଝିଅ ଶଶିକା ପଟେଲ ନିଜ ପୈତୃକ ସମ୍ପତିରୁ ପାଇବାକୁ ଥିବା ସହାୟତା ରାଶିରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି । ପ୍ରକଳ୍ପ ନିର୍ମାଣ ବେଳେ ୧୫ ଏକର ୭୫ ଡେସିମିଲ ଜମି ତିଖାଲୀ ଡ୍ୟାମରେ ବୁଡି ଯାଇଥିଲା । ସ୍ୱର୍ଗତ ପୁରନ୍ଦର ପଟେଲ, ସ୍ୱର୍ଗତ ଇନ୍ଦ୍ର ପଟେଲ ଓ ସ୍ୱର୍ଗତ କର୍ଣ୍ଣା ପଟେଲ ଏହାର ହକଦାର ଭାବେ ଥିଲେ । ପୁରନ୍ଦର ପଟେଲଙ୍କର ୨ ଝିଅ ଶଶିକା ପଟେଲ ଓ ଶଶିଲା ପଟେଲ, ଇନ୍ଦ୍ର ପଟେଲଙ୍କ ୨ ପୁଅ ଅଶୋକରାମ ପଟେଲ ଓ ବୁଡୁରାମ ପଟେଲ ରହିଛନ୍ତି । ସେହିପରି କର୍ଣ୍ଣା ପଟେଲଙ୍କ ଝିଅ ଶାନ୍ତି ପଟେଲ ଓ ପୁଅ ମୁରାଲ ପଟେଲ ଥଇଥାନର ଭାଗୀଦାର ଅଛନ୍ତି; କିନ୍ତୁ ଟଙ୍କା ପାଇବା ସମୟରେ ଅଶୋକରାମ ପଟେଲଙ୍କ ନାଁରେ ୧ କୋଟି ୪୬ ଲକ୍ଷ ୪୬ ହଜାର ଟଙ୍କା ଆସିଥିଲା । ଏହି ଟଙ୍କା ସମାନ ୬ ଭାଗ ହେବା କଥା; କିନ୍ତୁ ଅଶୋକରାମ ପଟେଲ ଓ ତାଙ୍କ ପୁଅ ଯୁବରାଜ ପଟେଲ ୪୫ ଲକ୍ଷ ନିଜ ନାଁରେ ଅଲଗା ଚେକ୍ କଟାଇ ହଡପ କରିଥିଲେ । ଅବଶିଷ୍ଟ ଟଙ୍କାରୁ କିଛି ଅଭିଯୋଗକାରୀଙ୍କୁ ଦେଇଥିଲେ । ଏ ନେଇ କୋମନା ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସମାଧାନ ହୋଇନି । ପୁଲିସ ଯୁବରାଜ ପଟେଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଅଭିଯୋଗକାରୀମାନେ ଜିଲ୍ଲାପାଳ ହେମକାନ୍ତ ସାଏ ଓ ଏସ୍‌ପିଙ୍କୁ ଭେଟି ଜଣାଇଛନ୍ତି । ଯଦି ୭ ଦିନ ମଧ୍ୟରେ ଏ ସଂକାନ୍ତରେ ସମାଧାନ ନ ହୁଏ ତେବେ କୋମନା ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମାଧ୍ୟମରେ ଚେତାବନୀ ଦେଇଛନ୍ତି । ଏହା ଉପରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ପଚାରିବାରେ ଏହି ମାମଲା ତାଙ୍କ ସମୟର ନୁହେଁ; ତଥାପି ଏହାର ସମାଧାନ ସକାଶେ ପ୍ରୟାସ ଚଳାଇଥିବା ପ୍ରକାଶ କରିଛନ୍ତି ।

### କାମରେ ଆସୁନି ସାହଜଲଥା ଚେକ୍‌ଡ୍ୟାମ୍

# ନିମ୍ନମାନର କାମ କରି ଟଙ୍କା ଲୁଟ୍

**ସୁବଳୟା, ୮ ।୨(ସମିସ):** ଜଳାଭାବ ପରିସ୍ଥିତିରେ ଚାଷ ଜମିକୁ ଜଳଯୋଗାଣ ଉଦ୍ଦେଶ୍ୟରେ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଛି । ନିର୍ମାଣ ହେଉଛି ସତ; କିନ୍ତୁ ଅନେକ ସ୍ଥାନରେ ନିମ୍ନମାନର କାମ ଅର୍ଦ୍ଧ ନିର୍ମିତ କରି ଟଙ୍କା ହଡପ କରାଯାଉଛି । ଚାଷ ଜମି ନ ଥିବା ସ୍ଥାନରେ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି । ଅନେକ ପ୍ରକଳ୍ପ ରକ୍ଷଣାବେକ୍ଷଣ କିମ୍ବା ତଦାରଖ କରାଯାଉ ନ ଥିବାରୁ ଚାଷୀଙ୍କ କାମରେ ପ୍ରକଳ୍ପ ଲାଗିପାରୁ ନାହିଁ । ବୈଷୟିକ କ୍ଷେତ୍ରରେ ମଧ୍ୟ ଅବହେଳା ଯୋଗୁଁ ପ୍ରକଳ୍ପ ଅକାମି ହୋଇ ପଡ଼ି ରହିଛି । ବିଭିନ୍ନ ଆଳରେ ସରକାରଙ୍କ ଅନୁଦାନ କେତେକ କ୍ଷେତ୍ରରେ ବାଟମାରଣା ହେଉଛି । ଚାଷୀ ଉପକୃତ ହୋଇପାରୁନାହିଁ । ଏହାର ଏକ ସଦ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ସାହଜଲଥା ଗ୍ରାମରେ । ଏହି ଗ୍ରାମର ଚାଷୀଙ୍କ ସୁବିଧା ଦୃଷ୍ଟିରୁ ଉକ୍ତ ଗ୍ରାମ ନିକଟସ୍ଥ ଜଙ୍ଗଲ ନିକଟରେ ଥିବା ନାଳ ଉପରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଛି । ଉକ୍ତ ସ୍ଥାନରୁ ଚାଷ ଜମିକୁ ପାଣି ମାଡିବା ପାଇଁ କେନାଲ ନିର୍ମାଣ ଲାଗି ଜିଲ୍ଲା କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ୨୦୨୨-୨୩ରେ ୧୮ ଲକ୍ଷ ୮୩ ହଜାର ୫୬୫ ଟଙ୍କା ବ୍ୟୟବରାଦ ହୋଇଥିଲା । ଯନ୍ତ୍ରୀ ଓ ଠିକାଦାର ମଧୁଚନ୍ଦ୍ରିକାରେ ଲୋକ ଦେଖାଣିଆ ଭାବେ ଗାଁ ମୁଣ୍ଡରେ ନିମ୍ନମାନର କେନାଲ କାମ କରି ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



# ପରିଚୟ, ରୋଜଗାର ଦେଇଛି କ୍ୟାପ୍‌ସିକମ୍ ଚାଷ

**ଧର୍ମଗଡ଼, ୮ ।୨(ସମିସ):** ଧର୍ମଗଡ଼ ବ୍ଲକ ଗଡ଼ିଆଯୋର ପଞ୍ଚାୟତର ଟୁରି ହଳଦୀ ଗାଁରେ କ୍ୟାପସିକମ୍ ଚାଷରେ ବିଲ ପୂରି ଉଠିଛି । ଯୁବ ଚାଷୀ ଗୋଷିଙ୍ଗ ନାଗ ଏହି ଚାଷ କରିଛନ୍ତି । ସେ ଦୀର୍ଘ ୧୦ ବର୍ଷ ହେଲା ପନିପରିବା ଚାଷ ପ୍ରତି ଆକୃଷ୍ଟ ହୋଇଛନ୍ତି । ପୂର୍ବରୁ ବାଇଗଣ, ଟମାଟୋ, କଲରା, କୋବି, ଲଙ୍କା, ଭେଣ୍ଡି ଆଦି ବିଭିନ୍ନ ପ୍ରକାର ପରିବା ଚାଷ କରୁଥିଲେ । ୨ ବର୍ଷ ତଳେ ସେ କ୍ୟାପସିକମ ଚାଷ କରିବା ପାଇଁ ମନ ବଳାଇ ମାତ୍ର ୧୦ ଡିସିମିଲ ଜମିରେ ଏହି ଚାଷ ଆରମ୍ଭ କରିଥିଲେ । ଏବେ ସେ ପ୍ରାୟ ୫ଏକର ଚାଷ ଜମିରେ ଏହି କ୍ୟାପଶିକମ୍ ଚାଷ କରିଛନ୍ତି । ଦୈନିକ ୧ କୁଇଣ୍ଟାଲରୁ ଅଧିକ ବିକ୍ରି କରୁଛନ୍ତି । ଦିନକୁ ୫ ହଜାର ଟଙ୍କା ଆୟ ହିସାବରେ ମାସକୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଏହି ଚାଷରୁ ଆୟ କରୁଛନ୍ତି । ତାଙ୍କ ପାଖେ ବେପାରିଙ୍କ ଭିଡ ଲାଗୁଛି । ଏବେ ସେ କିଲୋ ପିଛା ୫୦ ଟଙ୍କାରେ ସେ ବିକ୍ରି କରୁଛନ୍ତି । ଗଡ଼ିଆଯୋର ପଞ୍ଚାୟତ ପନିପରିବା ଚାଷ ପାଇଁ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ବର୍ତ୍ତମାନ ସେହି ଅଞ୍ଚଳରେ ପ୍ରଥମ ଥର ପାଇଁ ଉନ୍ନତମାନର କ୍ୟାପସିକମ୍ ଚାଷ ଅନ୍ୟ ଚାଷୀଙ୍କୁ ମଧ୍ୟ ପ୍ରେରଣା ଯୋଗାଇଛି । ଟୁରୀ ହଳଦୀ, ଗଡ଼ିଆଯୋର ତଥା ଆଖପାଖ ଅଞ୍ଚଳର ବହୁ ଚାଷୀ ଏହି ଚାଷ ପାଇଁ ନିଜ ଜମି ପ୍ରସ୍ତୁତ କରୁଥିବା ଦେଖାଯାଉଛି । ତେବେ ଯୁବ ଚାଷୀ ଗୋଷାଙ୍ଗ ୨୦୧୮ରେ ମହାରାଷ୍ଟ୍ର ଯାଇ କ୍ୟାପସିକମ୍ ଚାଷ ବିଷୟରେ ଜ୍ଞାନ ଆହରଣ କରିବା ପରେ ଏହି ଚାଷ ଆରମ୍ଭ କରିଥିଲେ । ତାଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯାଇଛି । ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଏହି ସବୁ ସହାୟତା ଦେଖି ଅନ୍ୟ ଚାଷୀ ମଧ୍ୟ ଉତ୍ସାହିତ ହୋଇ ଆହୁରି ବ୍ୟାପକ ପନିପରିବା ଚାଷ ତଥା ଏହି ଉନ୍ନତ ମାନର କ୍ୟାପସିକମ ଚାଷ ପାଇଁ ଆଗ୍ରହ ହେଉଥିବା ଦେଖିବାକୁ ମିଳିଛି ।





# ଦାସକାଠିଆ ମାଧ୍ୟମରେ ସଚେତନତା

**ସୁବଳୟା, ୮ ।୨(ସମିସ):** ବୀରମହାରାଜପୁର ବ୍ଲକ ସୁବଳୟା ଓ ଜଟେସିଂହା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦାସ କାଠିଆ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା ଭଳି ଅନେକ ଜନହିତକର ଯୋଜନା ଉପରେ ଗାଁ ଗାଁରେ ଦାସକାଠିଆ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେଲଗାଁ, ଏକତାଲ, ଗୋଧନେଶ୍ୱର, ସୁବଳୟା ଓ ଜଟେସିଂହା ଗ୍ରାମରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ଗୌର ବଗର୍ତ୍ତି, ଶମ୍ଭୁ ଶାଗର ତରିଆ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସିଆରପି, ମହିଳା ଗୋଷ୍ଠୀ ଯୋଗ ଦେଇଥିଲେ ।



# ଜନବସତି ଅଞ୍ଚଳରେ ମ୍ୟାରେଜ ସେଣ୍ଟରକୁ ବିରୋଧ

**ଭବାନୀପାଟଣା, ୮ ।୨(ସମିସ):** ଭବାନୀପାଟଣା ସହରସ୍ଥିତ ଷ୍ଟେଚ୍ୟୁଛକ ଠାରୁ ଅଳ୍ପଦୂରରେ ଥିବା ସଂସ୍କୃତି ଭବନ କୋଲନୀ ମଧ୍ୟରେ ଏକ ମ୍ୟାରେଜ ସେଣ୍ଟର ଚାଲିବା ନେଇ ଅଞ୍ଚଳବାସୀ ବିରୋଧ କରୁଥିବା ଜଣାଯାଇଛି । ମ୍ୟାରେଜ ସେଣ୍ଟର ଯୋଗୁଁ ଉକ୍ତ କଲୋନୀରେ ଶାନ୍ତିଭଙ୍ଗ ହେବା ସହିତ ଟ୍ରାଫିକ ସମସ୍ୟା, ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବିଶୃଙ୍ଖଳା, ବରିଷ୍ଠ ନାଗରିକଙ୍କ ପ୍ରାତଃ ଭ୍ରମଣରେ ଅସୁବିଧା ଏଭଳି ଅନେକ ବାସ୍ତବ ସମସ୍ୟା ସବୁ ଉଲ୍ଲେଖ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଉପସ୍ଥାପନା କରାଯାଇଛି । ତେବେ ମ୍ୟାରେଜ ସେଣ୍ଟର ପାଇଁ ପ୍ରଶାସନ ଓ ପୁଲିସ ଏବଂ ପୌରପରିଷଦ ପକ୍ଷରୁ ଯାହାସବୁ ନୀତି ନିୟମ ରହିଛି ତାହା କେତେଦୂର ପାଳନ କରାଯାଇଛି ତାହା ପ୍ରଶାସନ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ବିଭାଗୀୟ ଅଧିକାରୀଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଶାସନ କି ପ୍ରକାର ନିଷ୍ପତ୍ତି ଗ୍ରହଣ କରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ।

# ସର୍ବଭାରତୀୟ ଫୁଟବଲ୍ ପାଇଁ ଟିମ୍ ବଣ୍ଟନ

**ସୋନପୁର, ୮ ।୨(ସମିସ):** ସୋନପୁର ରାମଧୂନ୍ କ୍ଲବ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ୧୫ତମ ଅଲ୍ ଇଣ୍ଡିଆ ଫୁଟବଲ୍ ଟର୍ଣ୍ଣାମେଣ୍ଟ ପାଇଁ ଗାନ୍ଧୀ ଷ୍ଟାଡିୟମ ପରିସର ଜିଲ୍ଲା କ୍ରୀଡା ସଂଘ ଅଫିସରେ ଫ୍ରାଞ୍ଚାଇଜ୍ (ପ୍ରଯୋଜକ) ମାନଙ୍କୁ ଲଟେରୀ ମାଧ୍ୟମରେ ଟିମ୍ ବଣ୍ଟନ କରାଯାଇଛି । ସଭା ଓ ଲଟେରୀ କାର୍ଯ୍ୟକ୍ରମକୁ ରାମଧୁନ କ୍ଲବ୍‌ର ଉପଦେଷ୍ଟା ତଥା କ୍ରୀଡାସଂଘ ଉପ-ସଭାପତି ଚିତ୍ତ ରଞ୍ଜନ ତରାସିଆ ପରିଚାଳନା କରିଥିବା ବେଳେ କ୍ଲବର ସମ୍ପାଦକ ପୀୟୂଷ ପଣ୍ଡା ପ୍ରଯୋଜକଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ କରିଥିଲେ । ଲଟେରୀ ମାଧ୍ୟମରେ ସୋନପୁରର ଅର୍ଜୁନ ରିସୋର୍ଟ ସଂସ୍ଥାର ଗୌତମ ସାହୁ କିଶୋର କ୍ଲବ୍ ଭୁବନେଶ୍ୱରକୁ ଚୟନ କରିଥିବା ବେଳେ ସଂସ୍କାର ଏଗ୍ରୋ ସଂସ୍ଥାର ଲୋକନାଥ ରଥ ବରଗଡ଼ ୟୁନାଇଟେଡ କ୍ଲବକୁ ଚୟନ କରିଛନ୍ତି । ସୋନପୁର ନାଇସେଟ ସଂସ୍ଥାର ରମଣ ପ୍ରଧାନ ଭୁବନେଶ୍ୱର ଜଗା ୟୁନାଇଟେଡ଼କୁ ଚୟନ କରିଥିବା ବେଳେ ମା' ବଗଳା ଜ୍ୱେଲର୍ସର ରୂପେଶ ଅଗ୍ରୱାଲା କଲିକତା ବେଲଘରିଆ ଆଥଲେଟିକ କ୍ଲବକୁ ଚୟନ କରିଛନ୍ତି । ସୋନପୁର ଯତୀନ ଫାଇଟର୍ସର ହରିହର ପଟ୍ଟନାୟକ ରିଭର୍ସ କ୍ଲବ୍ କଟକକୁ ଚୟନ କରିଥିବା ବେଳେ ମହାନଦୀ ଧାରା ଶିକ୍ଷାନୁଷ୍ଠାନର ପ୍ଲାବନ ମହାପାତ୍ର ପିୱାସି ସୁନାବେଡ଼ା ଦଳକୁ ଚୟନ କରିଥିଲେ । ହୋତା ମୋଟର୍ସର ଯୋଗେନ୍ଦ୍ର ହୋତା ବିହାରର ମା' କାମାକ୍ଷା କ୍ଲବ୍ ବକ୍ସର୍ ବ୍ଲବକୁ ଚୟନ କରିଥିବା ବେଳେ ସୋନପୁରର ଆଲ୍ମା ଏଜୁକେଶନ ସଂସ୍ଥା ସୋନପୁର ରାମଧୂନ୍ କ୍ଲବ୍‌କୁ ଚୟନ କରିଛି । କୋଷାଧ୍ୟକ୍ଷ ବିକାଶ ପଣ୍ଡା ଟୁର୍ଣ୍ଣାମେଣ୍ଟର ଆଭିମୁଖ୍ୟ ଉପରେ ବୁଝାଇଥଲେ । ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡାବିତ ପୁରୁଷୋତ୍ତମ ପାଣିଗ୍ରାହୀ, ସତ୍ୟ ନାରାୟଣ ରାଓ, କୃଷ୍ଣଚନ୍ଦ୍ର ବାଗ, ଆଦିତ୍ୟ ଦାନୀ, ଦିଲ୍ଲିପ ଗରୁ, ବଳରାମ ପଟ୍ଟନାୟକ, କମଳା ସାହୁ, କଲିମ୍ ମହମ୍ମଦ, କ୍ଲବ୍ ସଭାପତି ରଞ୍ଜୁ ସାହୁ, ବୁବୁନ ନାଏକ୍, ସୁରଜ୍ ସାହୁ, ସୁମନ ସାହୁ, ରବି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ ।

# ଧର୍ମଗଡ଼ ଉପଖଣ୍ଡରେ ଡାକ୍ତର ନିଯୁକ୍ତି ଦାବି

**ଧର୍ମଗଡ଼, ୮ ।୨(ସମିସ):** ଧର୍ମଗଡ଼ ସରକାରୀ ଉପଖଣ୍ଡ ଚିକିତ୍ସାଳୟର ଭିତ୍ତିଭୂମି ବର୍ତ୍ତମାନ ସୁଦୃଢ଼ ହୋଇଥିବାବେଳେ ସମାଧାନ ହୋଇ ପାରିନାହିଁ ଡାକ୍ତର ସମସ୍ୟା । ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ସହ ଆବଶ୍ୟକୀୟ ଖାଲି ପଡ଼ିଥିବା ଡାକ୍ତର ପଦ ପୂରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଆଗାମୀ ଏକମାସ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପୁଣି ଆମରଣ ଅନଶନରେ ବସିବା ପାଇଁ ଚେତାବନୀ ଦେଇଛି ଜଗନ୍ନାଥ ସେବା ସମିତି । ଏହି ଡାକ୍ତରଖାନା ଉପରେ ଧର୍ମଗଡ଼ ଉପଖଣ୍ଡ ସମେତ ପଡୋଶୀ ଜିଲ୍ଲା ନବରଙ୍ଗପୁର, ନୂଆପଡ଼ା ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ଅଞ୍ଚଳର ରୋଗୀମାନେ ନିର୍ଭର କରିଥାନ୍ତି । ତେବେ ଆବଶ୍ୟକୀୟ ଡାକ୍ତର ନ ଥିବାରୁ ବହୁ ସମୟରେ ରୋଗୀମାନଙ୍କୁ ନିରାଶ ହେବାକୁ ପଡୁଛି । ରୋଗୀମାନେ ଉପଯୁକ୍ତ ସେବା ନ ପାଇ ବାଧ୍ୟହୋଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଏବଂ ଛତିଶଗଡ଼ର ରାୟପୁରକୁ ଯାଉଛନ୍ତି । ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଏବଂ ଡାକ୍ତରୀ ପଦପୂରଣ ପାଇଁ ବିଗତ ଦିନରେ ଜଗନ୍ନାଥ ସେବା ସମିତିର ସଦସ୍ୟମାନେ ଡାକ୍ତରଖାନା ସମ୍ମୁଖରେ ଆମରଣ ଅନଶନରେ ବସିବା ପରେ କିଛି ଡାକ୍ତର ପଦ ପୂରଣ ହୋଇଥିଲା । କିଛି ମାସ ତଳେ କିଛି ବିଶେଷଜ୍ଞ ଡାକ୍ତର ଏଠାରେ ଯୋଗ ଦେଇଥିଲେ କିନ୍ତୁ କିଛି ଡାକ୍ତର ଟ୍ରେନିଂ ପାଇଁ ଚାଲି ଯାଇଥିବାବେଳେ କିଛି ଡାକ୍ତରଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ନେଇ ଯାଇଥିବା କୁହାଯାଉଛି । ଏହି ରେଫରାଲ ଡାକ୍ତରଖାନାରେ ବହୁ ବିଶେଷଜ୍ଞ ଡାକ୍ତର ପଦ ଖାଲି ପଡ଼ିଥିବା ବେଳେ ମାତ୍ର ୧୩ ଜଣ ଡାକ୍ତରରେ ସ୍ୱାସ୍ଥ୍ୟ ସେବା ଚାଲିଛି । ୨୧ ଜଣ ଗୁରୁତ୍ୱପୂର୍ଣ୍ଣ ବିଭାଗ ରେ ବିଶେଷଜ୍ଞ ଡାକ୍ତର ପଦ ଖାଲି ପଡ଼ିଥିବାରୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି । ଖାଲି ପଡ଼ିଥିବା ଆବଶ୍ୟକୀୟ ଡାକ୍ତର ପଦବୀ ଶୀଘ୍ର ପୂରଣ ନହେଲେ ଜଗନ୍ନାଥ ସେବା ସମିତି ପୁଣି ଥରେ ଆନ୍ଦୋଳନ ପାଇଁ ରାଜ ରାସ୍ତା କୁ ଓହ୍ଲାଇବ ଓ ଆମରଣ ଅନଶନ କରିବ ବୋଲି ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଛନ୍ତି ।




### ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତା

# ବିମଳା କନ୍‌ଭେଣ୍ଟ ସ୍କୁଲ ଚାମ୍ପିଅନ୍

ଭବାନୀପାଟଣା, ୮ ।୨(ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ୍ ଓ କଳାହାଣ୍ଡି ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଭବାନୀପାଟଣା ସ୍ଥିତ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ସେହି ଟୁର୍ଣ୍ଣାମେଣ୍ଟରେ ବିମଳା କନଭେଣ୍ଟ ସ୍କୁଲ ଚାମ୍ପିଅନ୍ ହୋଇଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜ ବିହାର ରନର୍ସଅପ୍ ହୋଇଛି । ଉଭୟ ଦଳକୁ କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ର ଜଗମୋହନ ପଟ୍ଟନାୟକ ଟ୍ରଫି ପ୍ରଦାନ କରିଥିଲେ । ଆଜିର ଖେଳ ସରସ୍ୱତୀ ବିଦ୍ୟା ମନ୍ଦିର ବ୍ରଜବିହାର ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରିଥିଲେ । ୨୪.୧ ଓଭର୍ ରେ ସମସ୍ତ ୱିକେଟ ହରାଇ ୧୨୧ ରନ୍ କରିଥିଲେ, ଜବାବରେ ବିମଳା କନଭେଣ୍ଟ ସ୍କୁଲ ୨୩ ଓଭର୍ ରେ ୪ ୱିକେଟ ବିନିମୟରେ ୧୨୨ ରନ୍ କରି ୬ ୱିକେଟରେ ବିଜୟ ହାସଲ କରିଥିଲେ । ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିମଳା କନଭେଣ୍ଟସ୍କୁଲର ଆଦିତ୍ୟ ପାଇଥିଲେ । ଏହି ଟ୍ରଫିଟିକୁ ପୂର୍ବତନ କ୍ରିକେଟ ଖେଳାଳି ତଥା ଅମ୍ପେୟାର ପ୍ରଭାସ ବ୍ରହ୍ମା ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ । ଯୁଗ୍ମ ସମ୍ପାଦକ କାଳୀପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଫାଇନାଲ୍ ମ୍ୟାଚରେ ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ଥ ସିଂ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ମହମ୍ମଦ ଅବଦୁଲ କାଦର, ସର୍ଦ୍ଦାର ନିର୍ମଳ ସିଂ, ବରିଷ୍ଠ ସଭ୍ୟ ଭିକାରିଚରଣ ମିଶ୍ର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ବିପିନ ମିଶ୍ର, ଅଶୋକ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ସମ୍ଭୁ ପ୍ରସାଦ ରାଉତ, ଭବାନୀ ଶଙ୍କର ପଟ୍ଟନାୟକ, ସୁରେଶ ଗଡଡ଼, ସ୍ୱାଧୀନ ପାତ୍ର, ସତ୍ୟ ନାରାୟଣ ମହାପାତ୍ର, ଅଜିତ ସିଂ, ଭେଟେରାନ୍ ଖେଳାଳି ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ ମ୍ୟାଚ୍‌ରେ ଧାରାବିବରଣୀ ସୌରଭ ପ୍ରକାଶ ପଣ୍ଡା ପ୍ରଦାନ କରିଥିଲେ ।



# ମିଶନ ଶକ୍ତି 'ବ୍ୟାଙ୍କ ସଖୀ'ଙ୍କ ଦରମା ବୃଦ୍ଧି ଦାବି

**ବରଗଡ଼,୮।୨ (ସମିସ):** ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକ୍ ବ୍ୟାଙ୍କ୍ ସଖୀମାନେ ନିଜର ବିଭିନ୍ନ ଦାବିନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁ ଆସିଷ୍ଟାଣ୍ଟ କଲେକ୍ଟର ଭୁବନାନନ୍ଦ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତିନି ବର୍ଷ ହେଲା ଏମାନେ ମିଶନ ଶକ୍ତି ଅଧୀନରେ ଗ୍ରାମାଞ୍ଚଳରେ କାର୍ଯ୍ୟ କରି ଆସୁଛନ୍ତି। ଅସହାୟ ବୃଦ୍ଧବୃଦ୍ଧା, ବିକଳାଙ୍ଗ, ବିଛଣାରେ ପଡି ରହିଥିବା ପେନସନଭୋଗୀ ହିତାଧିକାରୀଙ୍କ ପାଖକୁ ଯାଇ ବ୍ୟାଙ୍କ୍ ସେବା ଯୋଗାଇ ଆସୁଛନ୍ତି। ଯେତିକି କାମକୁ ସେତିକି ଦରମା ସେମାନେ ପାଉଛନ୍ତି। ରାଜ୍ୟ ସରକାର ଏମାନଙ୍କୁ ନିୟମିତ ଭାବରେ ଦରମା ଦିଅନ୍ତୁ, ଆମ ବ୍ୟାଙ୍କ୍ ଯୋଜନାରେ ସାମିଲ କରାଯାଉ ବୋଲି ସେମାନେ ଦାବି ଜଣାଇଛନ୍ତି। ପାଇକମାଳ ବ୍ଲକ୍ ସୀମା ପଟେଲ, ଲିଜା ସାହୁ, କମଳା ବରିହା, ବରଗଡ଼ ବ୍ଲକ୍ ସବିତା ମିଶ୍ର, ରେବତୀ ମଲ୍ଲିକ, ହେମାଙ୍ଗିନି ପ୍ରଧାନ, ସୁରେଶ୍ୱରୀ ସାହୁ, ପାର୍ବତୀ ପ୍ରଧାନ, ଅତାବିରା ବ୍ଲକ୍ ସ୍ନେହଲତା କମ୍ପ, ନିଳୀମା ଭୋଇ, ପଦ୍ମପୁର ବ୍ଲକ୍ ଜୟନ୍ତୀ ବରିହା, ଗାଇସିଲେଟ ବ୍ଲକ୍ ଦୀପାଞ୍ଜଳି ପୁଟା ପ୍ରମୁଖ ସହକାରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲା ବେଳେ ଶ୍ରୀ ଏ ସମସ୍ତ ବିଷୟରେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।



# ଛୁଟିରେ ପ୍ରାଣୀ ଚିକିତ୍ସକ; ସହାୟତାରୁ ବଞ୍ଚିତ ଛେଳି ଚାଷୀ

**ବରଗଡ଼,୮।୨(ସମିସ)**

ଦୀର୍ଘ ଦିନହେବ ପ୍ରାଣୀ ଚିକିତ୍ସକମାନେ ଛୁଟିରେ ରହିଛନ୍ତି। ବରଗଡ଼ ଜିଲ୍ଲାରେ ଏନେଇ ପ୍ରାଣୀ ସଂପଦ ବିଭାଗ ନାନାଦି ଅବ୍ୟବସ୍ଥା ଭିତରେ ପରିଚାଳିତ ହେଉଥିବା ଅଭିଯୋଗ ହୋଇଆସୁଛି। ଗୁରୁବାର ପୁଣି ଏକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ପ୍ରାଣୀ ଚିକିତ୍ସିକମାନେ ଛୁଟିରେ ରହି ଆନ୍ଦୋଳନ କରୁଥିବା ଯୋଗୁଁ ଛେଳି ଚାଷ କରିଥିବା ମହିଳା ଗୋଷ୍ଠୀମାନେ ଦ୍ୱିତୀୟ ପର୍ଯ୍ୟାୟ ସହାୟତା ରାଶି ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏନେଇ ବିଜେପୁର ବ୍ଲକ ବୁରୋମୁଣ୍ଡା ଗ୍ରାମର ମା' ଘଣ୍ଟେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବରଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ବରପାଲି ବ୍ଲକ ଧୀରପୁର ଗ୍ରାମର ମା' ସମଲେଶ୍ୱରୀ ସ୍ୱୟଂ ଗୋଷ୍ଠୀର ସଦସ୍ୟାମାନେ ଛେଳି ଚାଷ କରି ଗୁହାଳ ତିଆରି କରିଥିଲେ। ମାତ୍ର ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁଁ ସେମାନେ ଗୁହାଳ ତିଆରି ବାବଦକୁ ସହାୟତା ରାଶି ପାଇ ପାରୁ ନ ଥିବା କହିଛନ୍ତି। ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ଧାର ଉଧାର କରି ଗୁହାଳଟି ନିର୍ମାଣ କରିଥିବା ବେଳେ ସହାୟତା ରାଶି ପାଇ ପାରୁ ନ ଥିବା ଯୋଗୁଁ ହଇରାଣ ହରକତ ହେଉଥିବା କହିଛନ୍ତି। ଅନୁରୂପ ଭାବେ ବରପାଲି ବ୍ଲକ୍ ସତଲମା ଗ୍ରାମର ଦୀପାଲି ପୂଜାରୀ ଏମକେୟୁୱାଇ ଯୋଜାରେ ରଣ ନେଇ ଏକ ଗାଇଫାର୍ମ କରିଥିବା ବେଳେ ଏବେ ତାଙ୍କ ପାଖରେ ୨୦ ଗାଇ ଅଛନ୍ତି। ତେବେ ପଶୁ ଚିକିତ୍ସକମାନେ ଆନ୍ଦୋଳନରେ ଥିବାରୁ ପରିଦର୍ଶନରେ କେହି ଆସୁନାହାନ୍ତି। ଫଳରେ ଗାଇମାନଙ୍କ ବୀମା ହୋଇପାରୁନାହିଁ କି ଚିକିତ୍ସା ମଧ୍ୟ ହୋଇପାରୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିବା କୃତ୍ରିମ ପ୍ରଜନନ କେନ୍ଦ୍ର ବନ୍ଦ ହୋଇ ଯାଇଥିବାରୁ ଗାଇଫାର୍ମ ଏବେ ପୁରା କ୍ଷତିରେ ଗତିକରୁଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଧ୍ୟାନ ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।



# ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଝାରବନ୍ଧ ୮।୨ (ସମିସ):** ଝାରବନ୍ଧ ବ୍ଲକ ଜଗଦଳପୁର ପଞ୍ଚାୟତ ଧଉରାଭଟା ଠାରେ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ସରପଞ୍ଚ ଗୋବର୍ଦ୍ଧନ ନାୟକ, ସହକାରୀ କୃଷି ଅଧିକାରୀ ଗୌରାଙ୍ଗ ଚରଣ ମହାରଣା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜାଗୃତି ନାଏକ (ଝାରବନ୍ଧ) ପ୍ରମୋଦ ଶବର (ପାଇକମାଲ), ପ୍ରିୟଙ୍କା ମଲ୍ଲିକ(ଗାଇସିଲେଟ), ଶିବାନୀ ଭୋଇ (ପଦ୍ମପୁର), ଓପିକ୍ରା କର୍ମଚାରୀ ରାଜେଶ ରଞ୍ଜନ କୁମାର, ଧଉରାଭଟା ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଆନନ୍ଦ ନାୟକ ଯୋଗ ଦେଇଥିଲେ। ମୁଖ୍ୟତଃ ଚାଷୀମାନେ ଉପଯୁକ୍ତ ସମୟ, ଭଲ ବିହନ, ସରକାରୀ ସହାୟତା ସଂପର୍କରେ ଅଧିକାରୀମାନେ ତାଲିମ ପ୍ରଦାନ କରିଥିଲେ। ମହିଳାମାନେ ଚାଷକରି ଆର୍ଥିକ ସ୍ୱାବଲମ୍ବୀ ହେବାକୁ ସରକାରଙ୍କ ଯୋଜନା ଉପସ୍ଥାପନ କରିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜାଗୃତି ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଉଦ୍ୟାନ କୃଷି ଅଧିଦର୍ଶକ ପ୍ରଦୀପ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ରାମଚନ୍ଦ୍ର ମେହେର ସହଯୋଗ କରିଥିଲେ।

# ଏସ୍‌ଡିଏ ଅଧ୍ୟକ୍ଷାଙ୍କ କୁର୍ରିଚୁଆଁ ପରିଦର୍ଶନ ଓ ଆଲୋଚନା

**ପଦ୍ମପୁର, ୮।୨(ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବୁକୁରାମୁଣ୍ଡା ଗ୍ରାମପଞ୍ଚାୟତ ଅଧୀନସ୍ଥ କୁର୍ରିଚୁଆଁ ଗ୍ରାମକୁ ବରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିଏ) ଅଧ୍ୟକ୍ଷା ସୁଶୀଳା ଭୋଇ ପରିଦର୍ଶନ କରିବା ସହ ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ଅଧ୍ୟକ୍ଷାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ୍ୟ, ଉଦେଶ୍ୟ, କାର୍ଯ୍ୟକାରିତା, ଆଦିବାସୀ ଐତିହ୍ୟ, ସଂସ୍କୃତି, ଆଦିବାସୀଙ୍କ ଶିକ୍ଷା, ସାମଗ୍ରିକ ଉନ୍ନତି ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଆଦିବାସୀ ସମୁଦାୟଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିବାରୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଲୋଚନା ସମୟରେ ଅଧ୍ୟକ୍ଷା ଗ୍ରାମରେ ଥିବା କୀର୍ତ୍ତନ ଦଳକୁ ପୋଷାକ ଓ ବାଦ୍ୟ ସାମଗ୍ରୀ ପ୍ରଦାନ କରିବା ନେଇ ଘୋଷଣା କରିଥିଲେ। ବୈଠକରେ ଗ୍ରାମବାସୀ ସମେତ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ।



# ଯଦୁମଣି ଶେଖର ସ୍ମାରକୀ କ୍ରିକେଟ୍ ଆରମ୍ଭ

**ବରଗଡ଼, ୮।୨(ସମିସ):** ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ହାୟର ଏଜୁକେସ୍‌ନାଲ ଇନଷ୍ଟିଚ୍ୟୁସନ୍ସରେ ଅଷ୍ଟମ ଯଦୁମଣି ଶେଖର ବଚ୍ଛା ସ୍ମାରକୀ ଆନ୍ତଃଛାତ୍ରାବାସ କ୍ରିକେଟ୍ ପ୍ରତିଯୋଗିତାର ୮ମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ୫ ଦିବସୀୟ ଶୃଙ୍ଖଳାରେ ୬ଟି ଦଳ ଯଥା ବିକାଶ ଷ୍ଟ୍ରାଇକର୍ସ, ଟିଚର୍ସ ଇଲେଭେନ୍, ଥଣ୍ଡର୍ସ, ରାଇଜିଙ୍ଗ ଷ୍ଟାର, ପାଇରେଟ୍‌ସ ଇଲେଭେନ୍ ଏବଂ ଇଲେଭେନ୍ ଷ୍ଟାର ପ୍ରମୁଖ ଦଳ ଅଂଶଗ୍ରହଣ କରିବେ। ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି.ନାଗେଶ୍ୱର ରାଓଙ୍କ କରକମଳରେ ଉକ୍ତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିବାବେଳେ ସ୍ୱର୍ଗୀୟ ଯଦୁମଣି ବଚ୍ଛାଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ତାଙ୍କ ବକ୍ତବ୍ୟରେ ଶ୍ରୀ ରାଓ ସମସ୍ତ ଖେଳାଳୀ ତଥା ଆୟୋଜକଙ୍କୁ ଅଭିନନ୍ଦନ କରିବା ସହିତ ଯଦୁମଣି ସ୍ମାରକୀ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭରୁ ଆଜି ଯାଏ ସ୍ମୃତି ଚାରଣ କରିଥିଲେ। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ଡ. ବିକ୍ରମ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସୂରଜ ପଣ୍ଡା ସଭା ସଞ୍ଚାଳନ କରିଥିଲେ। ଏହି ଉଦଘାଟନ ଉତ୍ସବରେ ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନ, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ର. ସତ୍ୟବ୍ରତ ମିଶ୍ର, ବିକାଶ ନର୍ସିଙ୍ଗ୍ କଲେଜର ଅଧ୍ୟକ୍ଷା ଶ୍ରୀମତୀ ଷ୍ଟେଲା ସମେତ ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ଦୀପାଞ୍ଜଳି ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିକାଶ ଡିଗ୍ରୀ କଲେଜ୍‌ର ଉପାଧ୍ୟକ୍ଷ ଆରଏସଭି. କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।




# ଚିକିତ୍ସା ପାଇଁ ଆଶାର କିରଣ, ଘରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ

**ଝାରବନ୍ଧ, ୮।୨(ସମିସ):** 'ଅର୍ଥ ଅଭାବ, ଚିକିତ୍ସା ପାଇଁ ଆବଶ୍ୟକ ୨୫ ଲକ୍ଷ' ଶୀର୍ଷକ ଏକ ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ସହଯୋଗ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ଝାରବନ୍ଧ ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କାଣ୍ଡୁଲନା ଅନଗୁଳ ଗ୍ରାମକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ବୁଝିଥିଲେ। ଡାକ୍ତର ଦେଇଥିବା ରିପୋର୍ଟ, ଆଧାରକାର୍ଡ ଓ ଏକାଉଣ୍ଟ ନମ୍ବର ନେଇଛନ୍ତି। କିଛି ସମୟ ପରେ ରାଜସ୍ୱ ନିରୀକ୍ଷକ ଯାଇ ଆବଶ୍ୟକ କାଗଜପତ୍ର ଆଣିଥିବା ଜଣାପଡ଼ିଛି। ଖବର ପ୍ରକାଶିତ ପରେ ପ୍ରଶାସନିକ ଅଧିକାରୀ ଯାଇଥିବାରୁ ନୂତନ ଆଶା ଜାଗ୍ରତ ହୋଇଛି ବୋଲି ବାପା ଯଦୁମଣି ବେହେରା କହିଛନ୍ତି। 'ସକାଳ'କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି।

ସୂଚନା ଯୋଗ୍ୟ ଯେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନଗୁଳ ଗ୍ରାମର ଯଦୁମଣି ବେହେରାଙ୍କ ୧୧ ବର୍ଷର ପୁଅ କୋହିନୁର ସିକିଲବିଟା ଥାଲସେମିଆରେ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରତି ୨/୩ ସପ୍ତାହରେ ରକ୍ତର ଆବଶ୍ୟକ ହେଉଛି। ଡାକ୍ତରଙ୍କ କହିବାନୁସାରେ, ଅସ୍ଥିମଜ୍ଜା ପ୍ରତିରୋପଣ କଲେ ସେ ଆରୋଗ୍ୟ ଲାଭ କରିପାରିବ। ଏଥିପାଇଁ ୨୫ ଲକ୍ଷ ଟଙ୍କାର ଆବଶ୍ୟକ ହେବ। ଯଦୁମଣି ପରି ଜଣେ ଗରିବ ଲୋକ ପକ୍ଷେ ଏତିକି ଅର୍ଥ ଯୋଗାଡ କରିବା ଅସମ୍ଭବ ହେଉଛି। ତେଣୁ ସରକାରୀ, ବେସରକାରୀ ସଂସ୍ଥା କିମ୍ବା କୌଣସି ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗରେ ତାଙ୍କ ପୁଅ ନୂତନ ଜୀବନ ଲାଭ କରି ପାରିବ। ବାରମ୍ବାର ଦିଲ୍ଲୀ ଓ ଅନ୍ୟାନ୍ୟ ଡାକ୍ତରଖାନା ଚିକିତ୍ସା ପାଇଁ ଯାଇ ସର୍ବସ୍ୱାନ୍ତ ହୋଇଛନ୍ତି। ଏନେଇ କାଲରେ ଖବର ପ୍ରକାଶନ ପରେ ଅନୁଗୁଳ ଗାଁକୁ ପ୍ରଶାସନିକ ଅଧିକାରୀ ପହଞ୍ଚି କୋହିନୁରର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

ସକାଳ THE SAKALA ପ୍ରଭାବ



# ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ସମ୍ମିଳନୀ

**ପଦ୍ମପୁର, ୮।୨ (ସମିସ):** ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦ ପଦ୍ମପୁର ଆନୁକୂଲ୍ୟରେ ପରିଷଦର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ପ୍ରହର ନାମଯଜ୍ଞ ସମାପନ ସହ ସଭାକାର୍ଯ୍ୟ ହୋଇଥିଲା। ପରିଷଦର ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ସମ୍ପାଦକ ଲୋକନାଥ ମିଶ୍ର ଓ ସଭାପତି ହେମନ୍ତ ମହାପାତ୍ର, ଜିଲ୍ଲା ସଭାପତି ଲଳିତ ଭୋଇ ଓ ସଂଯୋଜକ ସୁଶାନ୍ତ ସାହୁ ଯୋଗଦାନ କରିଥିଲେ। ଆଧୁନିକ ଯୁଗରେ କୀର୍ତ୍ତନର ଆବଶ୍ୟକତା, ଭବିଷ୍ୟତ ଓ ସଂସ୍କାର ବିଷୟରେ ଆଲୋଚନା ହୋଇଥିଲା। ଶହଶହ ସଂଖ୍ୟାରେ ସଂକୀର୍ତ୍ତନପ୍ରେମୀ, ବିଭିନ୍ନ ଦଳର ବାୟକ, ଗାୟକ ଉପସ୍ଥିତ ଥିଲେ। ସଂକୀର୍ତ୍ତନରେ ତ୍ୟାଗ ପାଇଁ ୧୦ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଗଙ୍ଗାଧର ଚିରଗୁନ, ଅନନ୍ତ ନାରାୟଣ ମେହେର, ଅଭିରାମ ବାଗ, ସଞ୍ଜୟ ପାତ୍ର, ଭକ୍ତବନ୍ଧୁ ରଣା ସଭା ପରିଚାଳନା କରିଥିଲେ।



# ପୁଲିସର ଜନସମ୍ପର୍କ ଶିବିର




**ଝାରବନ୍ଧ, ୮।୨(ସମିସ):** ଝାରବନ୍ଧ ଥାନା ଭୈଷାଦର୍ହା ଓ ସରଗୁଲଠାରେ ପୁଲିସର ଜନସଂପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି, ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଯୁବ ଗୋଷ୍ଠୀକୁ ଉତ୍ସାହିତ କରିବା ପାଇଁ ଖେଳ ଉପକରଣ, ବୃଦ୍ଧବୃଦ୍ଧାଙ୍କୁ ଶାଢ଼ି, ଧୋତି, କମ୍ବଳ ପ୍ରଦାନ କରିଥିଲେ। ଏ ପରିପ୍ରେକ୍ଷୀରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଡା. ପ୍ରହଲ୍ଲାଦ ମେହେର, ଡା. ସୁଜିତ ବୁଡ଼କିଆ, ଡା. ବେଦପ୍ରକାଶ ନେଗୀ, ଉମାକାନ୍ତ ବାଗ, ସଲିଲ ପ୍ରଧାନ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଝାରବନ୍ଧ ଥାନାଧିକାରୀ ଶୁଚିସ୍ମିତା ମହାନ୍ତି ମଞ୍ଚାସୀନ ଥିଲେ। ଏସଆଇ ପ୍ରଦୀପ ଭୋଇ, ଏଏସଆଇ ଶଶିକାନ୍ତ ବାରିକ, ଏଏସଆଇ ସମାରୁ ନାଗ ଓ ଅନ୍ୟମାନେ ସହଯୋଗ କରିଥିଲେ।

# କର୍ତ୍ତବ୍ୟପଥ ପରେଡରେ କେଭି ଛାତ୍ରୀଙ୍କ ଯୋଗଦାନ

**ସମ୍ବଲପୁର, ୮।୨(ସମିସ):** କର୍ତ୍ତବ୍ୟପଥରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଯୋଗଦାନ କରି ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ସମ୍ବଲପୁରର ନବମ ଶ୍ରେଣୀ ଛାତ୍ରୀ ଏନସିସି କ୍ୟାଡେଟ୍ ପ୍ରିୟମ୍ବଦା ପାଣି ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ଆଜି ଅନୁଷ୍ଠାନ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରଣ ରଞ୍ଜୟ ସିଂ ଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏନସିସି ଏଏନଓ ଶିକ୍ଷକ ସନ୍ତୋଷ କୁମାର କିସାନ, ବିର୍ମଲ ନାଗ, ପ୍ରମୋଦ କୁମାର ସାହୁ, ସୁଧାଂଶୁ ନାୟକ, ପ୍ରିୟମ୍ବଦାଙ୍କ ପିତା ବିଜୟ କୁମାର ପାଣି, ମାତା ଝରଣା ପାଣି, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।




# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କବିତା ପାଠୋତ୍ସବ

**ବୁର୍ଲା, ୮।୨(ସମିସ):** ଶବ୍ଦ ସାହିତ୍ୟ ଆନୁକୂଲ୍ୟରେ ବୁର୍ଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଡକ୍ଟର ଫକୀର ଚରଣ ରଣାଙ୍କ ଷଷ୍ଠ ପୁସ୍ତକ ଦୃଶ୍ୟାନ୍ତର ଉନ୍ମୋଚନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। କବି ପ୍ରମୋଦ କୁମାର ଦାଶଙ୍କ ସ୍ୱାଗତ ସମ୍ଭାଷଣ ଏବଂ ଅତିଥି ପରିଚୟ ପରେ ଅଧ୍ୟାପକ ଶାନ୍ତନୁ ସୁନାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି, କୁଳସଚିବ ଡକ୍ଟର ନୃପରାଜ ସାହୁ ଏବଂ ଅବସର ପ୍ରାପ୍ତ ଅଧ୍ୟାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟ ବକ୍ତା, ଡକ୍ଟର ଗୋପୀନାଥ ବାଗ ଏବଂ ଡକ୍ଟର ମନୋଜ କୁମାର ପଣ୍ଡା ସମୀକ୍ଷକ ଭାବେ ଯୋଗଦେଇ ନିଜ ନିଜର ମତ ମନ୍ତବ୍ୟ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରକୁ ବିଶିଷ୍ଟ କବି ରାମକୃଷ୍ଣ ରଥ ସଂଯୋଜନା କରିଥିଲେ। କବି ନିରଞ୍ଜନ ପଟ୍ଟନାୟକ, ଇନ୍ଦୁ ଦାସ, ଭାରତୀ ପଣ୍ଡା, ସ୍ୱର୍ଣ୍ଣଲତା ପତି, ସୁପ୍ରଭା ସାମଲ, ଶିବଶଙ୍କର ପଧାନ, ସୁଶାନ୍ତ ଭୋଇ, ଡୋଳାମଣି ମାଝୀ, ଅମରେନ୍ଦ୍ର ଚୌହାନ, ପବିତ୍ର ବାଗ, ଅଜିତ କୁମାର ଶବର, ରମାକାନ୍ତ ମେହେର, ଫଗୁନ ସେଠ, ଡକ୍ଟର ସ୍ୱୟଂ ପ୍ରକାଶ ପଣ୍ଡା, ଅର୍ଜୁନ ମେହେର, ଆଲୋକିନି ଆଚାର୍ଯ୍ୟ, ରାମକୃଷ୍ଣ ରଥ, ପ୍ରମୋଦ କୁମାର ଦାଶ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅଧ୍ୟାପକ ଅରବିନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଫଳତାର ପାହାଚ ଚଢ଼ିଚାଲିଛି

# ସରାପାଲି ମା' ଦୁର୍ଗା ମାଣ୍ଡିଆ ଉତ୍ପାଦକ ଗୋଷ୍ଠୀ

**ନାକଟିଦେଉଳ, ୮।୨(ସମିସ)**

'ମିଶନ ଶକ୍ତି'ର ସାହାଯ୍ୟ ସହଯୋଗ ଯୋଗୁ ଆଜି ଓଡ଼ିଶାର ଅଗଣିତ ମହିଳା ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଚାଲିଛନ୍ତି। ମିଶନ ଶକ୍ତି, ମିଲେଟ୍ ମିଶନ ଓ ଓରମାସ୍ ର ସହଯୋଗରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରାପାଲି ମା'ଦୁର୍ଗା ମାଣ୍ଡିଆ ଉତ୍ପାଦକ ଗୋଷ୍ଠୀ ସଫଳତା ପରେ ସଫଳତା ପାଇଆସୁଛି। ମାଣ୍ଡିଆ ଏବଂ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟ ବିକ୍ରି କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ସଫଳତାର ପାହାଚ ଚଢ଼ିଚାଲିଛି। ଗ୍ରାମ୍ୟ ଉତ୍ପାଦିତ ଦ୍ରବ୍ୟର କିଣାବିକା ଉନ୍ନତି ପାଇଁ ଓରମାସ୍ (ଓଡ଼ିଶା ରୁରାଲ୍ ଡେଭଲପମେଣ୍ଟ ଏଣ୍ଡ ମାର୍କେଟିଙ୍ଗ୍ ସୋସାଇଟି) ୧୯୯୧ରେ ଗଠିତ ହୋଇଥିଲା। ନାରୀ ସଶକ୍ତୀକରଣ ନିମନ୍ତେ ଓଡ଼ିଶା ମିଶନ୍ ଶକ୍ତି ୨୦୦୧ ରେ ସ୍ଥାପିତ ହୋଇଥିଲା। ମାଣ୍ଡିଆ ଚାଷ କରି ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ବିକ୍ରି ପାଇଁ ୨୦୧୭ ରେ ଖୋଲିଥିଲା ଓଡ଼ିଶା ମିଲେଟ୍ ମିଶନ୍। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତ ସରାପାଲି ଏକ ବଡ ଗ୍ରାମ ଅଟେ। ଏହି ଗ୍ରାମରେ ପ୍ରାୟ ୧୫ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଅଛନ୍ତି। ସରାପାଲିର ଦିବ୍ୟ ଭାରତୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ମାନସୀ ପ୍ରଧାନଙ୍କ ନେତୃତ୍ୱରେ ପ୍ରତି ଏସ୍‌ଏଚ୍‌ଜି ର ୨ ଜଣ ଲେଖାଏଁ ସଦସ୍ୟାଙ୍କୁ ନେଇ ୨୦୨୩ ନଭେମ୍ବର ମାସ ଠାରୁ ଗଠିତ ହୋଇଛି ସରାପାଲି ମା' ଦୁର୍ଗା ମାଣ୍ଡିଆ ଉତ୍ପାଦକ ଗୋଷ୍ଠୀ। ଏ କ୍ଷେତ୍ରରେ ନାକଟିଦେଉଳ ସିଡ଼ିପିଓ ଓ ବିଡ଼ିଓ ପରାମର୍ଶ ଦେବା ସହିତ ଉତ୍ସାହିତ କରୁଛନ୍ତି। ଓଡ଼ିଶା ମିଲେଟ୍ ମିଶନ୍ ତରଫରୁ ଦୁଇଟି ଇଲେକଟ୍ରିକ୍ ମେସିନ୍ ମାଗଣାରେ ମା'ଦୁର୍ଗା ମାଣ୍ଡିଆ ଉତ୍ପାଦକ ଗୋଷ୍ଠୀକୁ ଯୋଗେଇ ଦିଆଯାଇଛି। ବାର୍ଷିକ ୨୨୦୦ ଟଙ୍କାରେ ଏହି ଗୋଷ୍ଠୀ ସରାପାଲି ପଞ୍ଚାୟତରେ ଏକ ଘର ଭଡ଼ା ନେଇଛନ୍ତି। ସମସ୍ତ ସଦସ୍ୟାଙ୍କ ସହଯୋଗରେ ମାଣ୍ଡିଆ ପାଉଡର୍, ପିଠା, କେକ୍, ମୁଡ୍ଡୁକି, ପକୁଡି ହଳଦୀ ଓ ଲଙ୍କାଗୁଣ୍ଡ ପ୍ରସ୍ତୁତ କରାଯାଉଛି। ଏପର୍ଯ୍ୟନ୍ତ ଏହି ଉତ୍ପାଦକ ଗୋଷ୍ଠୀକୁ ଆର୍ଥିକ ସହାୟତା ମିଳି ନଥିଲେ ମଧ୍ୟ ପ୍ରତି ସଦସ୍ୟା ନିଜ ହାତରୁ ୧୫୦୦ ରୁ ୩୦୦୦ଟଙ୍କା ଦେଇ ଖର୍ଚ୍ଚ ତୁଲାଉଛନ୍ତି। ଏହି ମାଣ୍ଡିଆ ଉତ୍ପାଦକ ଗୋଷ୍ଠୀ ଇତିମଧ୍ୟରେ ମାଣ୍ଡିଆରୁ ପକୁଡି, ପିଠା, ମୁଡ୍ଡୁକି କେକ୍ ଓ ହଳଦୀ, ଲଙ୍କା ଗୁଣ୍ଡ ଷ୍ଟଲ୍ ମାଧ୍ୟମରେ ସମ୍ବଲପୁର ଲୋକମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାରେ ବିକ୍ରି କରିଛନ୍ତି। ସଦସ୍ୟା ମାନେ ୟୁ-ଟ୍ୟୁବ୍ ରୁ ମାଣ୍ଡିଆ ପିଠା କେକ୍ ମୁଡ୍ଡୁକି ତିଆରି ଶିଖିଛନ୍ତି। ବର୍ତ୍ତମାନ୍ ଏହି ଗୋଷ୍ଠୀର ସଭାପତି ରଶ୍ମିତା ବାରିକ୍ ଏବଂ ସରୋଜିନୀ ସାହୁ ସଂପାଦିକା ଅଛନ୍ତି। ଗ୍ରାମବାସୀ ଓ ବ୍ଲକ ପ୍ରଶାସନ ଗୋଷ୍ଠୀର ଉଦ୍ୟମକୁ ଭୂୟସୀ ପ୍ରଶଂସା କରଛନ୍ତି। ସଦସ୍ୟାମାନେ ମାଣ୍ଡିଆର ବିକାଶ ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ସହିତ ନିଜେ ପ୍ୟାକେଟିଂ କରି ବିକ୍ରି କରୁଛନ୍ତି। ସଦସ୍ୟା ବୃନ୍ଦ ଆଗକୁ ଉତ୍ପାଦନ ଓ ବିକ୍ରି ବଢ଼ିବାର ଆଶା ରଖିଛନ୍ତି। ତାଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତେ ଶୁଭେଚ୍ଛା ଜଣାଉଛନ୍ତି।





# ମେଟ୍ରୋ ପ୍ରକଳ୍ପକୁ ହଜାରେ କୋଟିର ବଳ



ଭୁବନେଶ୍ୱର, ୮ ।୨(ସମିସ):

ମେଟ୍ରୋ ପ୍ରକଳ୍ପକୁ ବଳ ଦେଲେ ରାଜ୍ୟ ସରକାର । ପ୍ରକଳ୍ପ ପାଇଁ ପ୍ରାଥମିକ ପର୍ଯ୍ୟାୟରେ କାମଚଳା ବଜେଟ୍‌ରେ ୧ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । କପରି ପ୍ରକଳ୍ପ କାମ ଆଗେଇବ ଓ ୪ ମାସ ମଧ୍ୟରେ କାର୍ଯ୍ୟ ଅଗ୍ରଗତି ଘଟିବ ତାକୁ ଗୁରୁତ୍ୱ ଦେଇ ସରକାର ଏହି ବ୍ୟୟବରାଦ କରିଛନ୍ତି । ଯେହେତୁ ଆଗକୁ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ତେଣୁ ସାଧାରଣ ବଜେଟ୍ ଆସିବାରେ ବିଳମ୍ବ ହେବ । ମେଟ୍ରୋ ପ୍ରକଳ୍ପ ପାଇଁ ଆଗକୁ ଜୋରଦାର କାର୍ଯ୍ୟ ହେବାକୁ ଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ଗୋଟିଏ ଦିନ ପୂର୍ବେ ରାଜ୍ୟ

୨୦୨୪ ଜାନୁଆରୀ ପହିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଆଗାମୀ ଡିସେମ୍ବର ୨୦୨୭ ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରହିଛି । ପ୍ରକାଶ ଥାଉକି, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଟର୍ଣ୍ଣ-କି ପରାମର୍ଶଦାତା ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସହ ଚୁକ୍ତି ସ୍ୱାକ୍ଷର କରିଛି । ୨୬ କିମି ଦୂରତା ମଧ୍ୟରେ ଏହି ପ୍ରକଳ୍ପରେ ୨୦ ଟି ଷ୍ଟେସନ୍ ବ୍ୟବସ୍ଥା କରାଯାଇଛି । ରାଜ୍ୟର ଏହି ସର୍ବ

- **କାମଚଳା ବଜେଟରେ ହେଲା ବ୍ୟୟ ବରାଦ**
- **୬ ମାସ ମଧ୍ୟରେ ସରିବ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର**
- **୨୦୨୭ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ଲକ୍ଷ୍ୟ**

ସରକାର ମେଟ୍ରୋ ପ୍ରକଳ୍ପକୁ ନେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯଥା ମେଟ୍ରୋ ରେଳ କର୍ପୋରେସନ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓ ରାଜ୍ୟ ସ୍ତରୀୟ ପ୍ରକଳ୍ପ ତଦାରକ କମିଟି ବୈଠକ କରି ଆସନ୍ତା ୬ ମାସ ମଧ୍ୟରେ ମେଟ୍ରୋ ପକଳ୍ପ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ସାରାକିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିରେ ଭୂମି ଯୋଜନା ଓ ଗଠନ ବ୍ୟବସ୍ଥା, ସିଭିଲ କାମ, ବିଭିନ୍ନ ଉପଯୋଗିତା ସ୍ଥାନାନ୍ତର ଆଦି ସମ୍ପର୍କରେ ଟେଣ୍ଡର କାର୍ଯ୍ୟ ସରିବା ପାଇଁ ଯୋଜନା କରାଯାଇଛି । ଯାହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପ୍ରାଥମିକ ଭାବେ ଏହି ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

ବୃହତ ପ୍ରକଳ୍ପ ପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ । ୫-ଟି ଉପକ୍ରମରେ ଏହା ରାଜ୍ୟର ଏକ ଫ୍ଲାଗସିପ୍ ପ୍ରକଳ୍ପ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକଳ୍ପର ସମସ୍ତ ଖର୍ଚ୍ଚ ବହନ କରାଯିବାକୁ ଥିବା ବେଳେ ଓଡ଼ିଶା ଇତିହାସରେ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ଼ ନିବେଶ ହେବ ।



## ନୂଆ ଓଡ଼ିଶା ଓ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବ

# ସର୍ବୋତ୍ତମ ପରିବହନ ବ୍ୟବସ୍ଥା

## ପରିବହନ ବିଭାଗକୁ ୨୧ ହଜାର କୋଟିରୁ ଅଧିକ ବରାଦ

ଉତ୍ତମ ପରିବହନ ବ୍ୟବସ୍ଥା ହିଁ ବିକାଶର ମାର୍ଗ ନିର୍ଦ୍ଧାରଣ କରିଥାଏ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସଡ଼କ ପରିବହନ, ସେତୁ, ବିମାନବନ୍ଦର ଏବଂ ରେଳବାଇ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖିଥିବା ବେଳେ ଭିଜନ୍-୨୦୩୬ ଲକ୍ଷ୍ୟ ହାସଲ ପାଇଁ ସରକାର ପରିବହନ ବିଭାଗକୁ କ୍ରମାଗତ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି । ଏହି କ୍ରମରେ ଆଗାମୀ ଆର୍ଥିକ ବର୍ଷ ନିମନ୍ତେ ପରିବହନ ବିଭାଗ ପାଇଁ ସରକାର ୨୧, ୦୦୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ନୂଆ ଭିତ୍ତିଭୂମି ସୃଷ୍ଟି ସହିତ ପୁରୁଣା ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ଏହି ବଜେଟରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସହରାଞ୍ଚଳ ହେଉ ଅବା ଗ୍ରାମାଞ୍ଚଳ ସର୍ବୋତ୍ତମ ଗମନାଗମନ ଓ ପରିବହନ

- **ଲକ୍ଷ୍ମୀ ବସ୍ ପାଇଁ ଦେଲେ ୧୧୯୧ କୋଟି**
- **ବିଜୁ ସେତୁ ଯୋଜନା ବାବଦ ୨୦୦୦ କୋଟି**
- **ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାକୁ ୩୧୬୬ କୋଟି**
- **୩ ହଜାର କୋଟିରେ ଚିକ୍‌ଚିକ୍ ହେବ ଗାଁ ରାସ୍ତା**

ବ୍ୟବସ୍ଥା ଜରିଆରେ ଲୋକଙ୍କ ସାମାଜିକ ଏବଂ ଆର୍ଥିକ ବିକାଶ ସୁନିଶ୍ଚିତ କରାଯିବ । ସୂଚନା ଅନୁସାରେ ଓଡ଼ିଶା ସରକାରଙ୍କ ମହାତ୍ୱାକାଂକ୍ଷୀ ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ ବଜେଟରେ ୧୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସେହିପରି ସାଧାରଣ ଲୋକଙ୍କୁ ସୁଲଭ ଓ ଆରାମଦାୟକ ପରିବହନ ସେବା ଯୋଗାଉ ଥିବା ଲକ୍ଷ୍ମୀ ଯୋଜନା ପାଇଁ ୧୧୯୧ କୋଟି ଟଙ୍କା ଦିଆଯାଇଛି । 'ଆମ ବସ୍ ଷ୍ଟାଣ୍ଡ' ଯୋଜନା ପାଇଁ ୨୧୦ କୋଟି ଟଙ୍କା ଓ ୫୯ଟି ମଣ୍ଡଳ ସ୍ତରୀୟ ବସ୍ ଷ୍ଟାଣ୍ଡର କାର୍ଯ୍ୟ ତଥା ପରିଚାଳନା ସକାଶେ ୩୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଗ୍ରାମାଞ୍ଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ଯୋଜନାରେ ଖୁବ୍ ଶୀଘ୍ର ୩୦ ଜିଲ୍ଲାକୁ ସାମିଲ କରାଯିବ । ଆଉ ଏହି ଯୋଜନାର ଏକ ପ୍ରମୁଖ ଅଂଶ ହେଉଛି ଭଲ ବସ୍ ଷ୍ଟାଣ୍ଡ । ଆମ ବସଷ୍ଟାଣ୍ଡ ନିର୍ମାଣ ଜାରି ରହିଥିବା ବେଳେ ଚଳିତ ବର୍ଷ ପ୍ରାୟ ସମସ୍ତ ଜିଲ୍ଲାରେ ଏହି ସୁବିଧା ଉପଲବ୍ଧ ହେବ ।

ସଡ଼କ ସୁରକ୍ଷା ପାଣ୍ଠିକୁ ୪୫ କୋଟି, ଓଡ଼ିଶା ସଡ଼କ ସୁରକ୍ଷା ସୋସାଇଟିକୁ ୪୫ କୋଟି, ଦୁର୍ଘଟଣାଜନିତ ଅନୁକମ୍ପା ପାଣ୍ଠିକୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ସଡ଼କ ବିକାଶ କାର୍ଯ୍ୟକ୍ରମ ପାଇଁ ୬୧୯୪ କୋଟି ଟଙ୍କା ଏବଂ ବିଜୁ ଏକ୍ସପ୍ରେସ୍ ୱେ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ୧୩୦ କୋଟି ଏବଂ ଓଡ଼ିଶା ପରିବହନ ଡ୍ରାଇଭର୍ ଓ ଶ୍ରମିକ କଲ୍ୟାଣ ଯୋଜନା ପାଇଁ ୨୧ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ବଜେଟରେ ରାଜ୍ୟରେ ରେଳ ଚଳାଚଳ କ୍ଷେତ୍ରର ସମୃଦ୍ଧି ନିମନ୍ତେ ରାଜ୍ୟ ସରକାର ୭୦୦ କୋଟି ଟଙ୍କା ଦେଇଥିବା ବେଳେ ବିମାନ ଚଳାଚଳ ପାଇଁ ୩୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟରେ ବିଦ୍ୟୁତ ଚାଳିତ ଯାନକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି । ବିଦ୍ୟୁତ ଚାଳିତ ଯାନ କ୍ରୟରେ ସବ୍‌ସିଡି ପ୍ରଦାନ ପାଇଁ ୯୦ କୋଟି ଟଙ୍କା ଦିଆଯାଇଛି । ବିଜୁ ସେତୁ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନୂଆ ସେତୁ ପ୍ରକଳ୍ପ ପାଇଁ ୨୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମାଞ୍ଚଳର ପ୍ରମୁଖ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ୩୧୬୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ଗ୍ରାମୀଣ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୧୨୯୮ କୋଟି ଟଙ୍କା ଦିଆଯାଇ ଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଅଧିନରେ ଗ୍ରାମୀଣ ସଡ଼କ ନିମନ୍ତେ ରାଜ୍ୟ ସରକାର ୧୮୫୦ କୋଟି ଟଙ୍କା ଦେଇଛନ୍ତି ।



| ସଂଖ୍ୟା | ବିଭାଗ | ପ୍ରଶାସନିକ ବ୍ୟୟ | କାର୍ଯ୍ୟକ୍ରମ ବ୍ୟୟ | ସର୍ବମୋଟ (କୋଟିରେ) |
|---|---|---|---|---|
| ୧. | ସ୍ୱରାଷ୍ଟ୍ର | ୬୯୧୮.୩୩ | ୧୭୨୨.୯୩ | ୮୬୪୧.୨୭ |
| ୨. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୪୯.୫୪ | ୨୪୬.୧୮ | ୬୯୫.୭୨ |
| ୩. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୨୮୬.୪୪ | ୪୬୫.୦୦ | ୧୭୫୧.୪୪ |
| ୪. | ଆଇନ | ୮୩୪.୯୩ | ୮୦.୪୯ | ୯୧୫.୪୨ |
| ୫. | ଅର୍ଥ | ୬୦୨୭୧.୮୯ | ୬୦୫୦.୦୦ | ୬୬୩୨୧.୮୯ |
| ୬. | ବାଣିଜ୍ୟ | ୮୫.୮୯ | ୧୧୦.୦୦ | ୧୯୫.୮୯ |
| ୭. | ନିର୍ମାଣ | ୨୩୦୦.୦୦ | ୮୬୫୦.୦୦ | ୧୦୯୫.୦୦ |
| ୮. | ଓଡ଼ିଶା ବିଧାନସଭା | ୮୫.୯୮ | ୦.୦୦ | ୮୫.୯୮ |
| ୯. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୯୪.୪୮ | ୧୨୧୩.୨୬ | ୧୩୦୭.୭୫ |
| ୧୦. | ବିଦ୍ୟାଳୟ ଓ ଗଣଶିକ୍ଷା | ୧୩୯୨୦.୯୯ | ୧୦୮୪୩.୨୯ | ୨୪୭୬୪.୨୮ |
| ୧୧. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | ୧୧୮୯.୧୮ | ୪୩୫୫.୦୦ | ୫୫୪୪.୧୮ |
| ୧୨. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୫୧୨୯.୩୩ | ୧୪୬୦୦.୦୦ | ୧୯୭୨୯.୩୩ |
| ୧୩. | ଗୃହ ନିର୍ମାଣ ଓ ପୌର ଉନ୍ନୟନ | ୬୩୧.୯୩ | ୬୬୭୦.୦୦ | ୯୮୬୮.୩୮ |
| ୧୪. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୧୯୪.୫୨ | ୧୧୫.୭୦ | ୩୧୦.୨୨ |
| ୧୫. | କ୍ରୀଡ଼ା ଓ ଯୁବସେବା | ୯୪.୯୫ | ୧୨୧୦.୦୦ | ୧୩୦୪.୯୫ |
| ୧୬. | ଯୋଜନା ଓ ସଂଯୋଜନା | ୫୬.୩୮ | ୧୧୯୮୭.୦୬ | ୧୨୦୪୩.୪୪ |
| ୧୭. | ପଞ୍ଚାୟତିରାଜ ଓ ପାନୀୟ ଜଳ | ୬୯୮.୨୪ | ୧୬୮୧୧.୫୩ | ୨୨୫୪୩.୩୩ |
| ୧୮. | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ | ୨.୮୦ | ୦.୦୦ | ୨.୮୦ |
| ୧୯. | ଶିଳ୍ପ | ୭.୬୩ | ୮୦୦.୦୦ | ୮୦୭.୬୩ |
| ୨୦. | ଜଳ ସମ୍ପଦ | ୧୭୬୭.୪୦ | ୧୧୫୦୦.୦୦ | ୧୩୨୬୭.୪୦ |
| ୨୧. | ପରିବହନ | ୯୮.୫୦ | ୨୯୯୮.୪୨ | ୩୦୯୬.୯୨ |
| ୨୨. | ଜଙ୍ଗଲ, ପରିବେଶ ଓ ଜଳବାୟୁ | ୬୪୫.୮୧ | ୫୭୩.୫୦ | ୧୨୧୯.୩୧ |
| ୨୩. | କୃଷି ଓ କୃଷକ ସଶକ୍ତିକରଣ | ୧୦୪୩.୦୩ | ୬୮୮୦.୮୪ | ୭୯୨୩.୮୭ |
| ୨୪. | ଇସ୍ପାତ ଓ ଖଣି | ୯୧.୮୫ | ୩୭୨.୬୨ | ୪୬୪.୪୬ |
| ୨୫. | ସୂଚନା ଓ ଲୋକସମ୍ପର୍କ | ୬୫.୮୦ | ୮୦.୦୦ | ୧୪୫.୮୦ |
| ୨୬. | ଅବକାରୀ | ୧୫୦.୨୨ | ୮୦.୦୦ | ୨୩୦.୨୨ |
| ୨୭. | ବିଜ୍ଞାନ ଓ ବୈଷୟିକ | ୧୦.୬୦ | ୧୧୫.୪୬ | ୧୨୬.୦୬ |
| ୨୮. | ଗ୍ରାମ୍ୟ ଉନ୍ନୟନ | ୧୮୦୦.୦୦ | ୭୫୩୦.୦୦ | ୯୩୩୦.୦୦ |
| ୨୯. | ସଂସଦୀୟ ବ୍ୟାପାର | ୮୦.୦୦ | ୫.୦୪ | ୮୫.୦୪ |
| ୩୦. | ଶକ୍ତି | ୫୧.୭୨ | ୩୩୦୦.୦୦ | ୩୩୫୧.୭୨ |
| ୩୧. | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୭୮.୩୬ | ୧୮୩.୫୦ | ୨୬୧.୮୬ |
| ୩୨. | ପର୍ଯ୍ୟଟନ | ୧୭.୯୫ | ୮୦୦.୦୦ | ୮୧୭.୯୫ |
| ୩୩. | ମତ୍ସ୍ୟ ଓ ପ୍ରାଣି ସମ୍ପଦ ଉନ୍ନୟନ | ୫୨୭.୬୫ | ୧୪୧୦.୦୦ | ୧୯୩୭.୬୫ |
| ୩୪. | ସମବାୟ | ୧୫୮.୦୦ | ୧୯୪୯.୯୯ | ୨୧୦୭.୯୯ |
| ୩୫. | ସାଧାରଣ ଉଦ୍ୟୋଗ | ୪.୫୪ | ୭.୦୦ | ୧୧.୫୪ |
| ୩୬. | ମହିଳା ଓ ଶିଶୁ କଲ୍ୟାଣ | ୨୯.୩୭ | ୪୯୮୫.୭୮ | ୫୦୧୫.୧୫ |
| ୩୭. | ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା | ୭.୬୧ | ୩୬୫.୯୯ | ୩୭୩.୬୦ |
| ୩୮. | ଉଚ୍ଚଶିକ୍ଷା | ୧୮୨୬.୭୧ | ୧୬୪୩.୧୧ | ୩୪୬୯.୮୩ |
| ୩୯. | ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୫୩୨.୪୩ | ୧୦୫୦.୩୩ | ୧୫୮୨.୭୬ |
| ୪୦. | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୮୧.୬୯ | ୬୬୫.୪୬ | ୭୪୭.୧୫ |
| ୪୧. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୯୮.୯୦ | ୪୬୦୦.୦୦ | ୪୬୯୮.୯୦ |
| ୪୨. | ବିପର୍ଯ୍ୟୟ ପରିଚାଳନା | ୩୫.୨୯ | ୩୫.୦୦ | ୩୯୭୦.୨୯ |
| ୪୩. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୩୯.୮୨ | ୧୮୦.୦୦ | ୨୧୯.୮୨ |
| ୪୪. | ମିଶନ ଶକ୍ତି | ୩.୨୯ | ୨୭୫୭.୫୨ | ୨୭୬୦.୮୧ |
| | ସର୍ବମୋଟ | ୧,୦୩,୫୦୦.୦୦ | ୧,୪୦,୦୦୦.୦୦ | ୨,୫୫,୦୦୦.୦୦ |

● ମହିଳା ଓ ଶିଶୁ ବିକାଶକୁ ପ୍ରାଧାନ୍ୟ

# ମା' ମାନଙ୍କ ପାଇଁ ୫୨୧କୋଟି

ବିଭିନ୍ନ ମହିଳା ଓ ଶିଶୁ କେନ୍ଦ୍ରୀତ ନୀତି ଓ କଲ୍ୟାଣମୂଳକ ପଦକ୍ଷେପ ପାଇଁ ମୋଟ ୫ହଜାର ୧୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ମମତା ଯୋଜନାରେ ମା' ମାନଙ୍କୁ ଦୃଷ୍ଟିରେ ରଖି ୫୨୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ଆଶୀର୍ବାଦ ଯୋଜନାରେ ୭୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା(ଏମ୍‌ଏସ୍‌ପିୱାଇ) ପାଇଁ ୫୫୪ କୋଟି ଟଙ୍କା ପ୍ରଦାନ କରାଯାଇଛି । ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ପିଲା ପିଛା ଦୁଇଟି ୟୁନିଫର୍ମ ଓ ଗୋଟିଏ ଜୋତା ଓ ଗୋଟିଏ ସ୍ୱେଟର ଯୋଗାଣ ପାଇଁ ୯୩କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।



## କ୍ରୀଡ଼ା ବିକାଶ ପାଇଁ ୧୩୦୫ କୋଟି

କ୍ରୀଡ଼ା କ୍ଷେତ୍ର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୦୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । କ୍ରୀଡ଼ା ସମେତ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୮୫୨ କୋଟି ଟଙ୍କା ପ୍ରଦାନ କରାଯାଇଛି । କ୍ରୀଡ଼ା ଶିକ୍ଷାର ପ୍ରୋତ୍ସାହନ ପାଇଁ ୩୪୫ କୋଟି ଟଙ୍କା ବଜେଟ୍‌ରେ ବ୍ୟୟବରାଦ କରାଯାଇଛି ।







## ଏମ୍‌ଏସ୍‌ଏମ୍‌ଇ ଲାଗି ୧୫୫୫ କୋଟି

ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ୧୫ଶହ ୫୫କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିରେ ଇପିକଲକୁ ୧୪୪କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବାବେଳେ ଶିଳ୍ପ ଭିତ୍ତିଭୂମିର ବିକାଶ ପାଇଁ ଇଡ୍‌କୋକୁ ୧୯୨ କୋଟି ଟଙ୍କା ପ୍ରଦାନ କରାଯାଇଛି ।


## ବିଏସ୍‌କେୱାଇ ପାଇଁ ୫୪୫୦ କୋଟି

ରାଜ୍ୟ ସରକାର ଅନ୍ତରୀଣ ବଜେଟ୍ ୨୦୨୪-୨୫ରେ ଆଗାମୀ ୫ ବର୍ଷରେ ୧୮୫୮ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ହେବ । ଏଥିପାଇଁ ୩୩୯ କୋଟି ଟଙ୍କା ବ୍ୟବ ଅଟକଳ କରାଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୫୪୫୦ କୋଟିର ବ୍ୟୟବରାଦ ହୋଇଛି ।




# ଶିକ୍ଷା କ୍ଷେତ୍ରକୁ ସର୍ବାଧିକ ୩୩, ୮୬୫ କୋଟି

## ଗତବର୍ଷ ଠାରୁ ୩୬୧୧ କୋଟିର ଅଧିକ ଅନୁଦାନ



**ମୋ ସ୍କୁଲକୁ ୫୨୧ କୋଟି**

**ଆଦର୍ଶ ବିଦ୍ୟାଳୟକୁ ୮୮୦ କୋଟି**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୧୫୮୩ କୋଟି**

**ଓୟୁଟିଆର ପାଇଁ ୨୦୦ କୋଟି**

**ଭିସୁଟ୍ ପାଇଁ ୨୦୦ କୋଟି**

ଭୁବନେଶ୍ୱର, ୮ ।୨(ସମିସ):

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ବଜେଟ୍‌ରେ ପ୍ରାଥମିକତା ଦେଇଛନ୍ତି । ଶିକ୍ଷା ଓ ଆନୁସଙ୍ଗିକ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ୨୦୨୪-୨୫ ବଜେଟ୍‌ରେ ଶିକ୍ଷା କ୍ଷେତ୍ର ପାଇଁ ୩୩, ୮୬୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୬୧୧ କୋଟି ଅଧିକ ଅନୁଦାନ ପାଇଛି । ଶୈକ୍ଷିକ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ବିଦ୍ୟାଳୟ ରୂପାନ୍ତରଣ, ପାଠ ପଢ଼ିବାକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରବୃତ୍ତି ସମେତ ଅତ୍ୟାଧୁନିକ ବୈଷୟିକ ପ୍ରଶିକ୍ଷଣ ପାଇଁ ନୂଆ ଯୋଜନା 'ନୂଆ ଓଡ଼ିଶା' ପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୪, ୭୬୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସେହିପରି ମୋ ସ୍କୁଲ ପାଇଁ ୫୨୧ କୋଟି, ଆଦର୍ଶ ବିଦ୍ୟାଳୟ ପାଇଁ ୮୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ୧୭୮ କୋଟି ଟଙ୍କାର ରାଜ୍ୟ ସହାୟତା ସହିତ ପିଏମ୍ ପୋଷଣ ପାଇଁ ୧୧୭୫ କୋଟି ଟଙ୍କା ଏବଂ ସମଗ୍ର ଶିକ୍ଷା ପାଇଁ ୪୭୬ କୋଟି ଟଙ୍କାର ରାଜ୍ୟ ସହାୟତା ସହିତ ୪୭୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ସାଇକେଲ ଦେବା ପାଇଁ ୩୯୦ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ପାଇଁ ୧୦୮ କୋଟି ଓ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଉଚ୍ଚଶିକ୍ଷା ବିଭାଗ ପାଇଁ ୩୪୭୦ କୋଟି ଟଙ୍କା ବରାଦ ହୋଇଛି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୦୫ କୋଟି, କମ୍ପ୍ୟୁଟରୀକରଣ ଏବଂ ଇ-ଗଭର୍ଣ୍ଣାନ୍ସ ପାଇଁ ୧୧୬ କୋଟି, ବେସରକାରୀ ମହାବିଦ୍ୟାଳୟ ପାଇଁ ୬୮୩ କୋଟି, ଯୁବ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ୬୭ କୋଟି, ଉଚ୍ଚଶିକ୍ଷା ମେଧାବୃତ୍ତି ପାଇଁ ୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶା ୟୁନିଭରସିଟି ରିସର୍ଚ୍ଚ ଏବଂ ଇନୋଭେସନ୍ ଇନ୍‌ସେଣ୍ଟିଭାଇଜେସନ୍ ଯୋଜନା ପାଇଁ ୩୬ କୋଟି, ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୧୫୮୩ କୋଟି, ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଅଧୀନରେ ଶିଳ୍ପ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟ ପାଇଁ ୧୦୦ କୋଟି, କ୍ଲାଉଡ୍ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତା, ଅଗମେଣ୍ଟେଡ୍ ରିଆଲିଟି-ଭର୍ଚୁଆଲ୍ ରିଆଲିଟି ପରି ବିଭିନ୍ନ ଅତ୍ୟାଧୁନିକ ବୈଷୟିକ ପ୍ରଶିକ୍ଷଣ ପାଇଁ ନୂଆ ଯୋଜନା 'ନୂଆ ଓଡ଼ିଶା' ପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଓଡ଼ିଶା ରାଜ୍ୟ ସ୍ୱରୋଜଗାର ଯୋଜନା ମିଶନ ପାଇଁ ୫୨ କୋଟି, ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ମହାବିଦ୍ୟାଳୟ, ପଲିଟେକ୍ନିକ୍ ଓ ଆଇଟିଆଇର ବିକାଶ ପାଇଁ ୧୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଉନ୍ନତିକରଣ ପାଇଁ ୨୦୦ କୋଟି ଓ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟଳୟ ପାଇଁ୨୦୦କୋଟିଟଙ୍କାବ୍ୟୟବରାଦକରାଯାଇଛି ।

# ସୀମାନ୍ତରେ ରାହୁଲଙ୍କୁ ସ୍ୱାଗତ



**ଲଖନପୁର, ୮ ।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ସୀମାନ୍ତ କନକତୋରାଠାରେ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କିଶୋର ପଟେଲଙ୍କ ସହିତ ଯୁବ କଂଗ୍ରେସ ନେତା ତଥା ଜିଲ୍ଲା କଂଗ୍ରେସ ପ୍ରମୁଖ ମୁଖପାତ୍ର ସୁବ୍ରତ ପଧାନଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଗର୍ଭବତୀଙ୍କୁ ଏକ୍ସପାରୀ ଗ୍ଲୁକୋଜ୍ ପ୍ରଦାନ



**ଝାରସୁଗୁଡ଼ା, ୮ ।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଗର୍ଭବତୀ ମହିଳାଙ୍କୁ ଏକ୍ସପାରୀ ଗ୍ଲୁକୋଜ୍ ପାଉଡ଼ର ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗର୍ଭବତୀ ଥିବା ବିଟିଏମ୍‌ର ପ୍ରଭାଷିନୀ ଜେନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଥିବାବେଳେ ଗୁରୁବାର ଅପରାହ୍ଣରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ଏକ୍ସପାରି ଗ୍ଲୁକୋଜ୍ ପାଉଡ଼ର ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଏହି ଗ୍ଲୁକୋଜ୍ ପାଉଡ଼ର ଗତ ୧୨/୨୦୨୧ ପ୍ରସ୍ତୁତ ହୋଇଥିବାବେଳେ ଏହା ୨୪ ମାସ ମଧ୍ୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ଗ୍ଲୁକୋଜ୍ ପାଉଡ଼ର ଏକ୍ସପାରୀ ହେବାର ୨ ମାସ ବିତିଯାଇଛି।

ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା

ଝାରସୁଗୁଡ଼ା ମାଟିରୁ କେନ୍ଦ୍ରକୁ ଟାର୍ଗେଟ୍

# କେନ୍ଦ୍ର ସରକାର ଚାଷୀଙ୍କ ସ୍ୱାର୍ଥ ବିରୋଧୀ

**ନୂଆଦିଲ୍ଲୀ/ଝାରସୁଗୁଡ଼ା, ୮ ।୨ (ସମିସ)**

ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ଓଡ଼ିଶା ଆସିଥିବା କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଝାରସୁଗୁଡ଼ା ମାଟିରୁ କେନ୍ଦ୍ର ସରକାରକୁ ଟାର୍ଗେଟ୍ କରିଛନ୍ତି। କେନ୍ଦ୍ର ସରକାର ଚାଷୀଙ୍କ ସ୍ୱାର୍ଥବିରୋଧୀ। ଏଥର କେନ୍ଦ୍ର ବଜେଟ୍‌ରେ କୃଷି କ୍ଷେତ୍ରକୁ କମ୍ ବଜେଟ୍ ଆବଣ୍ଟନରୁ ଏହା ସ୍ପଷ୍ଟ ହୋଇଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିରେ ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଲେଣି। କିନ୍ତୁ ଏଥିପ୍ରତି କେନ୍ଦ୍ର ସରକାରଙ୍କ ଆଦୌ ଧ୍ୟାନ ନାହିଁ ବୋଲି ରାହୁଲ ବିଷୋଦ୍‌ଗାର କରିଥିଲେ।

ରାହୁଲ ଆଜି ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସମର୍ଥକଙ୍କ ଗହଣରେ ଯାତ୍ରା କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ମୋଦୀ ପଛୁଆବର୍ଗ (ଓବିସି) ଜାତିର ବୋଲି କୁହାଯାଉଥିଲେ ହେଁ ସେ ପ୍ରକୃତରେ ସାଧାରଣ ବର୍ଗରୁ ଆସିଛନ୍ତି। ପ୍ରଧାନମନ୍ତ୍ରୀ ସାଧାରଣ ବର୍ଗର, ସେ ଅନ୍ୟ ପଛୁଆବର୍ଗ (ଓବିସି) ନୁହଁନ୍ତି। ସେ ଗୁଜରାଟର ତେଲି ଜାତିରେ ଜନ୍ମ ହୋଇଥିଲେ। ୨୦୦୦ ମସିହାରେ ବିଜେପି ଦ୍ୱାରା ଗୁଜରାଟରେ ତେଲି ଜାତିକୁ ଓବିସି ବର୍ଗରେ ସାମିଲ କରାଯାଇଥିଲା। ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ଜାତିକୁ ଅନ୍ୟାନ୍ୟ ପଛୁଆ ବର୍ଗରେ ସାମିଲ କରିଦେଇଥିଲେ। ପ୍ରଧାନମନ୍ତ୍ରୀ କୌଣସି ଓବିସି ସହ କରମର୍ଦ୍ଦନ କରୁନାହାନ୍ତି। କୌଣସି କୃଷକର ହାତ ଧରୁନାହାନ୍ତି କି କୌଣସି ଦିନ ମଜୁରିଆଙ୍କ ହାତ ଧରୁନାହାନ୍ତି। ସେ କେବଳ ଆଦାନୀଜୀଙ୍କ ହାତ ଧରିଛନ୍ତି ବୋଲି ରାହୁଲ ଆକ୍ଷେପ କରିଥିଲେ। ରାହୁଲଙ୍କୁ ଦେଖିବା ପାଇଁ ବେଲପାହାଡ଼ ଛକରେ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

■ ପ୍ରଧାନମନ୍ତ୍ରୀ ମୋଦୀ ଓବିସି ବର୍ଗର ନୁହଁନ୍ତି

■ ଦରଦାମ୍ ବୃଦ୍ଧିରେ ସାଧାରଣ ଲୋକ ଅତିଷ୍ଠ

ରାହୁଲ ଲଖନପୁର, କୁରେମାଲ, ପଞ୍ଚଗାଁ କନକତୋରା ରାସ୍ତାରେ ଛତିଶଗଡ଼କୁ ଯାଇଥିଲେ। ଏହି ଅବସରରେ କଂଗ୍ରେସର ମହାସଚିବ ଜୟରାମ ରମେଶ, କହ୍ନେୟା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ସୀୟାରାମ ଦାସ, ବୁଲୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ, ରାହୁଲଙ୍କ ଏଭଳି ମନ୍ତବ୍ୟକୁ ବିଜେପି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଆଇଟି ସେଲ ମୁଖ୍ୟ ଅମିତ ମାଲବିୟ କହିଛନ୍ତି। ସେ କହିଛନ୍ତି ଯେ ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପରେ ଏଠାକାର ତେଲି ଜାତିକୁ ପଛୁଆବର୍ଗରେ ସାମିଲ କରାଯାଇଛି ବୋଲି ରାହୁଲ ଯାହା କହୁଛନ୍ତି,



ରାହୁଲ ସବୁବେଳେ ମିଥ୍ୟା ପ୍ରଚାର ଚଳାଇଛନ୍ତି। ପଛୁଆବର୍ଗଙ୍କ ପ୍ରତି ତାଙ୍କର ଆଦୌ ସମ୍ମାନ ନାହିଁ। ପୂର୍ବରୁ ପଛୁଆ ବର୍ଗଙ୍କୁ ସେ ଚୋର ବୋଲି ମଧ୍ୟ କହିସାରିଛନ୍ତି। ରାହୁଲ କେବଳ ତୁଷ୍ଟୀକରଣ ରାଜନୀତି ପାଇଁ ଏଭଳି କଥା କହୁଛନ୍ତି ବୋଲି ବିଜେପି ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ମୋଦୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ଦୁଇ ବର୍ଷ ପୂର୍ବରୁ ଗୁଜରାଟ ସରକାର ୧୯୯୯ରେ ଏହାକୁ କରିଥିଲେ। ଏହାର ଏକ ନକଲ ସେ 'ଏକ୍ସ'ରେ ପୋଷ୍ଟ କରି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି।

## ଖଣି ଅଞ୍ଚଳରୁ ଡିଜେଲ ଚୋରି; ୧ ଗିରଫ, ୩ ଫେରାର

**ଝାରସୁଗୁଡ଼ା, ୮ ।୨(ସମିସ):** ଏମ୍‌ସିଏଲ୍ ଲଖନପୁର ଖଣିକ୍ଷେତ୍ର ଅଞ୍ଚଳରେ ଡିଜେଲ ଚୋରି ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ ଜଣକ ଦର୍ଲିପାଲି ଗ୍ରାମର ପ୍ରଶାନ୍ତ ଖଡ଼ିଆ (୨୨) ଓରଫ ଟୁଲୁ ବୋଲି ଜଣାପଡ଼ିଛି। ଏନେଇ ଲଖନପୁର ଥାନାରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିନୋଦ କୁମାର ରାଓ ପ୍ରକାଶ କରିଛନ୍ତି।

## ସୀମାନ୍ତରେ କେବୁଲ ଚୋର ସକ୍ରିୟ

**ଲଖନପୁର, ୮ ।୨(ସମିସ):** ଲଖନପୁର ବ୍ଲକ ରେଙ୍ଗାଲୀ ଥାନା ଅଧୀନ ସୀମାନ୍ତ କନକତୋରା ବିଟ୍ ହାଉସ ଅଞ୍ଚଳର କୁହାକୁଣ୍ଡା ଛକରେ ଥିବା ଗଙ୍ଗାଧର ପଧାନଙ୍କ କମ୍ପ୍ଲେକ୍ସ ଓ ନରେନ୍ଦ୍ର ମେହେରଙ୍କ ଚାଷଜମିରୁ ବୋର୍‌ଏଲ କେବଲ ଚୋରି ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କଡ଼ା ପୁଲିସ ପହରା ସହିତ ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର ଘଟଣା

## ଟ୍ରକ୍ ଚାଳକ ଗିରଫ

**ଝାରସୁଗୁଡ଼ା, ୮ ।୨(ସମିସ):** ଲଖନପୁର ବ୍ଲକ ଭଇଁରଖୋଲ ଡୁଡୁଗା ଛକ ନିକଟସ୍ଥ ଜାତୀୟ ରାଜପଥ ୪୯ରେ ମଙ୍ଗଳବାର ଅପରାହ୍ଣରେ ଏକ ଟ୍ରକ ଧକ୍କାରେ ଦୁଇଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକକୁ ରେଙ୍ଗାଲି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଟ୍ରକ୍ ଚାଳକ କେନ୍ଦୁଝର ଅଞ୍ଚଳର ନରୋତ୍ତମ ନାଏକ (୪୦) ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଲଖନପୁର ଥାନା ରେମେଣ୍ଡା ପଞ୍ଚାୟତର ଭୁଡିଆ ବାଦିମାଲ ଗ୍ରାମର ଭଗବାନ ଖଡ଼ିଆ (୨୮)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଥୀରେ ଥିବା ବିଷ୍ଣୁ ଖଡିଆ (୧୮) ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଥିଲେ। ଦିଲୀପ ଖଡିଆ (୨୨)ଙ୍କୁ ଝାରସୁଗୁଡ଼ାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ରେଙ୍ଗାଲି ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା।

## ଗାଡ଼ି ଧକ୍କାରେ ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ

**ବ୍ରଜରାଜନଗର, ୮ ।୨(ସମିସ):** ଗାନ୍ଧୀଛକ ବିଦ୍ୟୁତ ସେକ୍ସନ ଅନ୍ତର୍ଗତ ଡାନିଏଲସ ପବ୍ଲିକ ସ୍କୁଲ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବିଦ୍ୟୁତ ଖୁଣ୍ଟକୁ ଏକ ଗାଡ଼ି ଧକ୍କାଦେବା ଫଳରେ ବିଦ୍ୟୁତ ତାର ଛିଣ୍ଡି ରାସ୍ତାରେ ପଡ଼ି ରହିଥିଲା। ସୂଚନାପାଇ ବିଦ୍ୟୁତ ସରବରାହ ବନ୍ଦ କରିବା ସହ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଡାନିଏଲସ ପବ୍ଲିକ ସ୍କୁଲ ଖଇର୍ବେରଣା ଟେପିଙ୍ଗ ନିକଟରେ ରାଜପୁର ପଟରୁ ଚାନ୍ଦନୀମାଲ ଅଞ୍ଚଳକୁ ଯାଇଥିବା ୧୧କେଭି ରୋଡ୍ କ୍ରସିଂ ଖୁଣ୍ଟଟିକୁ ଭାରୀଯାନ ଧକ୍କାଦେଇଥିଲା। ରାତି ହୋଇଯାଇଥିବାରୁ ସେଠାରେ ନୂତନ ଖୁଣ୍ଟ ପୋତିବା ସମ୍ଭବପର ହୋଇପାରି ନ ଥିବାବେଳେ ଶୁକ୍ରବାର ସକାଳୁ ନୂତନ ଖୁଣ୍ଟ ପୋତାଯିବା ପରେ ଚାନ୍ଦନୀମାଲ ଅଞ୍ଚଳକୁ ବିଦ୍ୟୁତ ସରବରାହ ସ୍ୱାଭାବିକ ହେବା ନେଇ ବିଦ୍ୟୁତ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ତାଲିମ କେନ୍ଦ୍ରରେ ମାନପତ୍ର ପ୍ରଦାନ

**ଝାରସୁଗୁଡ଼ା, ୮ ।୨ (ସମିସ):** ବେଲପାହାଡ଼ସ୍ଥିତ ଟିଆରଏଲ୍ ଏସ୍‌ବିଆଇ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସିଲେଇ ପାଇଁ ୨୪ ଜଣ ଓ ବିୟୁଟି ପାର୍ଲରରେ ୨୨ ଜଣ ଯୁବତୀଙ୍କୁ ଏକ ମାସ ଧରି ଏହି କେନ୍ଦ୍ରରେ ରଖାଯାଇ ତାଲିମ ପ୍ରଦାନ କରାଯାଇଥିଲା। ଗୁରୁବାର ତାଲିମ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ମାନପତ୍ର ବିତରଣ ଉତ୍ସବ ହୋଇଥିଲା। ଏଥିରେ ଅତିଥି ଭାବେ ସମଡ଼ା ଷ୍ଟେଟବ୍ୟାଙ୍କ ଚିଫ୍ ମ୍ୟାନେଜର ସରିତ ମିଶ୍ର ଓ ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଇଡିପି ପରୀକ୍ଷକ ରାଜକୁମାର ରାଏ, ସୁଧାକର ଶତପଥୀଙ୍କ ସହ ଡୋମେନ ଆସେସର ଭାବେ ସୁଶମା ପ୍ରଧାନ ଓ ରଶ୍ମୀବାଳା ଜେନା ପ୍ରମୁଖ ଯୋଗଦେଇ ଥିଲେ। ତାଲିମ କେନ୍ଦ୍ର ନିର୍ଦ୍ଦେଶକ ରାଜ କୁମାର ସାହୁ, ରଜନୀ ରାଣି ନାଏକ, ସାଜିତ୍ କୁଜୁର, ରଶ୍ମୀ ରଞ୍ଜନ ମହାନ୍ତି, ସୌଭାଗ୍ୟ ରଞ୍ଜନ ସାହୁ, ଅରୁଣ ପୁରୋହିତ ଓ ସନ୍ଧ୍ୟାବାଗ ପ୍ରମୁଖ ସହଯୋଗ କରିଥିଲେ।




# ପ୍ରଥମ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଦ୍ୱିତୀୟ ସ୍ତ୍ରୀ ସହ ସ୍ୱାମୀକୁ ଆଜୀବନ କାରାଦଣ୍ଡ

**ଦେବଗଡ଼, ୮ ।୨(ସମିସ):** ଏକ ହତ୍ୟା ମାମଲାର ରାୟ ପ୍ରକାଶ କରି ଜିଲ୍ଲା ଓ ଦୌରାଜଜ ଗୌତମ ଶର୍ମା ହତ୍ୟା ଅଭିଯୁକ୍ତ ସ୍ୱାମୀ ଓ ସ୍ତ୍ରୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୭ ଡିସେମ୍ବର ୯ ତାରିଖ ବାରକୋଟ ଥାନା ଦମିତା ଗ୍ରାମର ସମ୍ବାରୁ ମହାକୁଳଙ୍କ ପ୍ରଥମ ସ୍ତ୍ରୀ ତୀରଦେଇ ମହାକୁଳଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ତେବେ ମୃତ ତୀରଦେଇଙ୍କ ଭାଇ ଲୋଚନ ମହାକୁଳ ତାଙ୍କ ଭଉଣୀଙ୍କ ମୃତ୍ୟୁକୁ ହତ୍ୟାକାଣ୍ଡ ବୋଲି ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ସହ ଏହି ହତ୍ୟା କାଣ୍ଡ ପଛରେ ତାଙ୍କ ଭିଣୋଇ ସମ୍ବାରୁ ଓ ସମ୍ବାରୁଙ୍କ ଦ୍ୱିତୀୟ ସ୍ତ୍ରୀ ସରୋଜିନୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ତତ୍କାଳୀନ ଥାନା ଅଧିକାରୀ ବ୍ରହ୍ମନନ୍ଦ ପାତ୍ର ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତଦନ୍ତ ସମୟରେ ମୃତ ତୀରଦେଇଙ୍କ ବିବାହର ୩୦ ବର୍ଷ ପରେ ମଧ୍ୟ କୌଣସି ସନ୍ତାନସନ୍ତତି ନ ହେବାରୁ ତୀରଦେଇଙ୍କ ସମ୍ମତିରେ ସମ୍ବାରୁ ସରୋଜିନୀଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲା। ବିବାହର କିଛି ଦିନ ପରଠାରୁ ପ୍ରଥମ ସ୍ତ୍ରୀ ତୀରଦେଇଙ୍କୁ ଦ୍ୱିତୀୟ ସ୍ତ୍ରୀ ସରୋଜିନୀ ଓ ସ୍ୱାମୀ ସାମ୍ବାରୁ ନିର୍ଯାତନା ଦେବା ଆରମ୍ଭ କରିଥଲା। ୨୦୧୭ ଡିସେମ୍ବର ୯ ତାରିଖ ଅଭିଯୁକ୍ତ ସ୍ୱାମୀ ସମ୍ବାରୁ ଓ ଦ୍ୱିତୀୟ ସ୍ତ୍ରୀ ସରୋଜିନୀ ମିଶି ପ୍ରଥମ ସ୍ତ୍ରୀ ତୀରଦେଇଙ୍କୁ ରଶି ସାହାଯ୍ୟରେ ତଣ୍ଟି ଚିପି ହତ୍ୟା କରିଥିବା ତଦନ୍ତକାରୀ ଅଧିକାରୀ ଜାଣିବା ପରେ ଅଦାଲତରେ ତଥ୍ୟ ଦାଖଲ କରିଥିଲେ। ଶେଷରେ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଦାଲତ ଅଭିଯୁକ୍ତ ସ୍ୱାମୀ ଓ ସ୍ତ୍ରୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରଞ୍ଜନ ସାହୁ ମାମଲା ପରିଚାଳନା କରୁଥିଲେ।

# ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନସ୍ଥଳ ପାଇଁ ସଚେତନତା ସଭା

**ଦେବଗଡ଼, ୮ ।୨(ସମିସ):** ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳର ବିକାଶ ଉଦ୍ଦେଶ୍ୟରେ ଦେବଗଡ଼ ବନଖଣ୍ଡ ପକ୍ଷରୁ ପର୍ଯ୍ୟଟନ ସ୍ଥଳ ପ୍ରଧାନପାଟାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ୱାଇଲ୍ଡ ଲାଇଫ ୱାର୍ଡେନ ଲଳିତ ମୋହନ ସାହୁ, ବରିଷ୍ଠ ନାଗରିକ ସଙ୍ଘ ସଭାପତି ପ୍ରଫୁଲ୍ଲ ମହାପାତ୍ର, ଦେବଗଡ଼ ବନାଞ୍ଚଳ ଅଧିକାରୀ ଦିବ୍ୟ ଶଙ୍କର ବେହେରା ଓ ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ପ୍ରମୁଖ ମଞ୍ଚାସୀନ ରହି ପ୍ଲାଷ୍ଟିକ ମୁକ୍ତ ପରିବେଶ ଓ ପର୍ଯ୍ୟଟନ ସ୍ଥଳ ପାଇଁ ଜନ ସଚେତନତାର ଆବଶ୍ୟକତା ଓ ପ୍ଲାଷ୍ଟିକର ଉପଯୋଗିତା ଓ ପରବର୍ତ୍ତୀ ବ୍ୟବହାର ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଜିଲ୍ଲାର ୫ଟି ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ରାଜ୍ୟ ସରକାର ଦେଇଥିବା ପ୍ରାୟ ୫ କୋଟି ଆର୍ଥିକ ଅନୁଦାନରେ ପ୍ରଧାନପାଟ ଜଳ ପ୍ରପାତ, କୁରଡ଼କୋଟ ଜଳ ପ୍ରପାତ, ଭାଇଭଉଣୀ ପ୍ରପାତ, ଦେଓ ଝରଣ ପ୍ରପାତ ଓ ଗୋହିରା ଡ୍ୟାମ ସାଇଟରେ ପର୍ଯ୍ୟଟନର ବିକାଶ ପାଇଁ ହେବାକୁ ଥିବା କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାରୁ ଆଗାମୀ କିଛି ଦିନ ମଧ୍ୟରେ ଏସବୁ ପର୍ଯ୍ୟଟନ ସ୍ଥଳର ବିକାଶ କାର୍ଯ୍ୟ ଆରମ୍ଭ ହେବା ନେଇ ସୂଚନା ବନଖଣ୍ଡ ଅଧିକାରୀ ଶ୍ରୀ ରାଓସୋ ସୂଚନା ଦେଇଥିଲେ। ଏହି ସବୁ ପର୍ଯ୍ୟଟନ କ୍ଷେତ୍ରର ରୂପାନ୍ତରିତ ପୂର୍ବରୁ ଉପରୋକ୍ତ ପର୍ଯ୍ୟଟନ ସ୍ଥଳଗୁଡିକୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ଏହି ଜନସଚେତନତା କାର୍ଯ୍ୟକ୍ରମ ପ୍ରଧାନପାଟଠାରୁ ଆରମ୍ଭ ହୋଇଥିବା ବନଖଣ୍ଡ ଅଧିକାରୀ ଶ୍ରୀ ରାଓସୋ ପ୍ରକଶ କରିଥିଲେ। ସେହିପରି ଖୁବ୍ ଶୀଘ୍ର ପର୍ଯ୍ୟଟନ ସ୍ଥଳ ପ୍ରଧାନପାଟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଥଣ୍ଡା ପାନୀୟ ଜଳ, ଶୌଚାଳୟ ସମେତ ବିଭିନ୍ନ ଆବଶ୍ୟକତାକୁ ପୂରଣ କରାଯିବା ପରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନ ସ୍ଥଳରେ ବଣଭୋଜି ଆଦି ପାଇଁ ବିଭାଗୀୟ ଅନୁମତିକୁ ବାଧ୍ୟତା କରାଯିବା ସହ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲଗାଯିବା ନେଇ ପ୍ରସ୍ତାବ ଥିବା ବନଖଣ୍ଡ ଅଧିକାରୀ ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ କବିତା ପାଠ କରଯାଇଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବନପାଳ ଭୀମସେନ ଶତପଥୀ ପରିଚାଳନା କରିଥିବା ବେଳେ ଶେଷରେ ବନରକ୍ଷୀ ଭୋଳେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦେବଗଡ଼ ବନଖଣ୍ଡ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଓ ପର୍ଯ୍ୟଟନ ସ୍ଥଳୀ ନିମନ୍ତେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ବନଖଣ୍ଡ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବନ କର୍ମଚାରୀ, ଗଜ ସାଥି, ଛାତ୍ରଛାତ୍ରୀ ସଚେତନତା ପଦଯାତ୍ରାରେ ସାମିଲ ହୋଇଥିଲେ। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ, ବନପାଳ ଭୀମସେନ ଶତପଥୀ, କାର୍ତ୍ତିକ ପ୍ରଧାନ, ତୁଷାର କାନ୍ତ ପ୍ରଧାନ, ବାଣେଶ୍ୱର ପରିଡ଼ା, ପ୍ରିତମ ସାହୁ, ଭୋଲେଶ୍ୱର ସାହୁ, ଅଶୋକ ପାତ୍ନା, ସୀମା ପ୍ରଧାନ, ରଶ୍ମିତା ମାଝୀ, ରିତା ବାଘ, ବିନତା ପ୍ରଧାନ, ଭାରତୀ ପ୍ରଧାନ, ପୁଲିନ ବିହାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଭୂମିପୂଜା

**ଦେବଗଡ଼, ୮ ।୨(ସମିସ):** ତିଲେଇବଣିବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ଜଗନ୍ନାଥ ମନ୍ଦିର ସ୍ଥାପନ ପାଇଁ ଦୀର୍ଘ ଦିନର ପ୍ରଚେଷ୍ଟା ପୂରଣ ହୋଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିଲେଇବଣି ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବା ପରେ ତିଲେଇବଣି ବ୍ଲକ ମୁଖ୍ୟାଳୟରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏଥି ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ବିରାଟ କଳସ ଶୋଭାଯାତ୍ରାରେ ଭୂମିପୂଜା ସ୍ଥଳରେ ପହଞ୍ଚି କଳସ ସ୍ଥାପନ କରିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ପରିଚାଳନା କମିଟି ଅଧ୍ୟକ୍ଷ ସବ୍ୟସାଚୀ ବେହେରା ଓ ଉପଦେଷ୍ଟା ଶୋଭେନ ସାମଲ ସପତ୍ନୀକ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଭାବେ କମଳଲୋଚନ ପଣ୍ଡା, ରାଜେଶ ରାଉତ, ପୁରୁଷୋତ୍ତମ ଦାସ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ କମିଟିର ଉପ ସଭାପତି ସୁଶୀଲ ଜୟସୱାଲ, ସମ୍ପାଦକ ସୁଶାନ୍ତ ସାହୁ ଓ କୋଷାଧ୍ୟକ୍ଷ ଶୁକ୍ର ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରିଆମାଳ ଓମ୍‌ଫେଡ୍ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ଶିବିର

**ରିଆମାଳ, ୮ ।୨(ସମିସ):** ରିଆମାଳ ଓମ୍‌ଫେଡ୍ କାର୍ଯ୍ୟାଳୟ ପକ୍ଷରୁ ରିଆମାଳ ହାଇସ୍କୁଲ ଖେଳ ପଡ଼ିଆରେ ଗୋ-ଚାଷୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜି.ଏମ୍ ସରୋଜ ସାହୁ, ଦେବଗଡ଼ ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସତ୍ୟରଞ୍ଜନ ସାହୁ, ରିଆମାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରେସନ ଓରାମ, କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ବେହେରା, ରିଆମାଳ ସରପଞ୍ଚ ବୀଣାପାଣି ନାୟକ, ୟୁନିଟ୍ ଇନଚାର୍ଜ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଦେବଗଡ଼, ୮ ।୨(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ପଞ୍ଚାୟତ ସମିତି ଗୋଲାବନ୍ଧ, ସିଂହଶାଳ, ରମ୍ଭେଇ ଓ ରାଇତାବାହାଲ ପଞ୍ଚାୟତର ମୁଖ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଲାବନ୍ଧ ସରପଞ୍ଚ ରୀନା ସାହୁ, ସିଂହଶାଳ ସରପଞ୍ଚ ଝରଣା ବେହେରା, ରମ୍ଭେଇ ସରପଞ୍ଚ ରଶ୍ମିତ ବେହେରା ଓ ରାଇତାବାହାଲ ସରପଞ୍ଚ ରମାକାନ୍ତ ସାହୁ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡିକୁ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବା ସହ ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମିଶନ ଶକ୍ତି ସଦସ୍ୟା ଓ ଜନସାଧାରଣଙ୍କୁ ପଞ୍ଚାୟତର ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସମ୍ପର୍କିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସ୍ଥାନୀୟ ସାଂସ୍କୃତିକ ଦଳ ଦ୍ୱାରା ଜନ ସଚେତନତା ସୃଷ୍ଟି କରାଯାଇଥିଲା। ୪ଟି ପଞ୍ଚାୟତରେ ଏହି ଶିବିରରେ ଉପସ୍ଥିତ ଜନସାଧାରଣଙ୍କଠାରୁ ଆମ ଓଡ଼ିଶା ନବୀନ ଓଡ଼ିଶାର ଆଗାମୀ ଯୋଜନା ନିମନ୍ତେ ୫ କୋଟି ୨୦ ଲକ୍ଷ ଟଙ୍କା ଅଟକଳରେ ୧୦୯ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ ହୋଇଥିଲା। ସଚେତନତା ଶିବିରରେ ନିର୍ବାହୀ ଅଧିକାରୀ ଅଶ୍ୱିନୀ ଦେଓ, ଦିଗାମ୍ବର ପ୍ରଧାନ, ଲିଲି ମହାନନ୍ଦ, ରଞ୍ଜନ ପ୍ରଧାନ ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୁଜନ ସାହୁ, ଲବଣିକାନ୍ତ ବେହେରା, ସୁଜାତା ସାହୁ ଓ ନୟନ ଚନ୍ଦ୍ର ସରକାରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



ଆନ୍ତଃଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ

# ରିଆମାଳ ହାଇସ୍କୁଲ ବିଜୟୀ

**ଦେବଗଡ଼, ୮ ।୨(ସମିସ)**

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ଆଜିକାର ମ୍ୟାଚରେ ତିଳେଇବଣୀ ଆଦର୍ଶ ବିଦ୍ୟାଳୟକୁ ୭ ଉଇକେଟରେ ପରାସ୍ତ କରି ରିଆମାଳ ହାଇସ୍କୁଲ ବିଜୟୀ ହୋଇଛି। ଆଦର୍ଶ ବିଦ୍ୟାଳୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ମହାକୁଳ ୧୬ ଓ କ୍ରିସ ବେହେରା ୧୬ ରନ୍ କରିଥିବା ବେଳେ ରିଆମାଳ ଦଳର ପ୍ରେମଚାନ୍ଦ ବେହେରା ୪ ଉଇକେଟ ନେଇଥିଲେ। ଜବାବରେ ରିଆମାଳ ଦଳ ୯.୨ ଓଭରରେ ୩ ଉଇକେଟ ହରାଇ ୧୨୪ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନିତେସ ମହାକୁଳ ଅପରାଜିତ ୨୧ ଓ ତୁଷାର ସାହୁ ୧୯ ରନ୍ କରିଥିବା ବେଳେ ତିଳେଇବଣୀ ଦଳର ପ୍ରତ୍ୟୁଷ ମହାକୁଳ ୩ଟି ଉଇକେଟ ନେଇଥିଲେ। ନବୀନ ରାଉଳ, ରାଜା ରାଣା, ସୌମ୍ୟରଞ୍ଜନ ନାୟକ, ରିତିକ ଦେହୁରୀ, ବେଣୁଧର ଗଡ଼ନାୟକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଓ ରିଆମାଳ ହାଇସ୍କୁଲ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ଏଫ୍ଆଇଏଚ୍ ପ୍ରୋ ଲିଗ୍

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତୀୟ ମହିଳା

ଭୁବନେଶ୍ୱର,୮ ।୨(ସମିସ)



ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍ଆଇଏଚ୍) ମହିଳା ପ୍ରୋ ଲିଗ୍‌ରେ ଶୁକ୍ରବାର ଭାରତ ଚଳିତ ଲେଗ୍‌ରେ ତା'ର ଅନ୍ତିମ ମୁକାବିଲାରେ ଆମେରିକାକୁ ଭେଟିବ। ଏପର୍ଯ୍ୟନ୍ତ ଆୟୋଜକ ଭାରତ ଖେଳିଥିବା ତା'ର ୩ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇ ଅଙ୍କ ତାଲିକାରେ ଖାତା ଖୋଲିପାରି ନାହିଁ। ତେଣୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମୁକାବିଲାରେ ଆମେରିକାକୁ ହରାଇ ତା'ର ପରାଜୟ ଧାରାକୁ ରୋକିବା ସହ ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ଉଭୟ ଦଳ ଖାତା ଖୋଲିପାରି ନଥିଲେ ମଧ୍ୟ ଗୋଲ ବ୍ୟବଧାନ ଦୃଷ୍ଟିକୋଣରୁ ଭାରତ ତାଲିକାର ଅଷ୍ଟମ ଓ ଆମେରିକା ୯ମ ସ୍ଥାନରେ ରହିଛି। ଚୀନ୍‌ଠାରୁ ୧-୨ ଗୋଲରେ ପରାସ୍ତ ହୋଇ ଭାରତ ତା'ର ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଭାରତ ୧-୩ ଗୋଲରେ ଶକ୍ତିଶାଳୀ ନେଦରଲାଣ୍ଡସଠାରୁ ପରାସ୍ତ ହୋଇଥିଲା। ଅନ୍ତିମ ମୁକାବିଲାରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରି ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଅପରପକ୍ଷରେ ଆମେରିକା ମଧ୍ୟ ତା'ର ପ୍ରଥମ ତିନୋଟି ମ୍ୟାଚ୍‌ରେ ଯଥାକ୍ରମେ ୦-୭ ଗୋଲରେ ନେଦରଲାଣ୍ଡସଠାରୁ, ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ଓ ୧-୩ ଗୋଲରେ ଚୀନ୍‌ଠାରୁ ପରାସ୍ତ ହୋଇଛି। ତେଣୁ ଆମେରିକା ମଧ୍ୟ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବା ଲକ୍ଷ୍ୟରେ ରହିଛି। ଉଭୟ ଦଳ ବିଜୟ ହାସଲ କରିବାକୁ ବ୍ୟଗ୍ର ଅଛନ୍ତି। ତେଣୁ ଏହି ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଦଳର ପ୍ରଦର୍ଶନ ନେଇ ଭାରତୀୟ ଅଧିନାୟିକା ସବିତା ପୁନିଆ ଆଶାବାଦୀ ରହିଛନ୍ତି। ଦଳର ଦୁର୍ବଳତା ଓ ସାମର୍ଥ୍ୟକୁ ନେଇ ଆମେ ତର୍ଜମା କରିଛୁ। ତେଣୁ ସମ୍ପୂର୍ଣ୍ଣ ରଣନୀତି ସହ ଆମେ ପଡିଆକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦଳ ପରସ୍ପରକୁ ୧୬ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରୁ ୧୦ଟି ମ୍ୟାଚ୍‌ରେ ବିଜୟୀ ହୋଇ ଆମେରିକା ଯଥେଷ୍ଟ ଆଗରେ ରହିଛି। ଭାରତ ୪ଟି ବିଜୟୀ ହୋଇଥିବା ବେଳେ ୨ଟି ମୁକାବିଲା ଡ୍ର ରହିଛି। ରେକର୍ଡ ଆମ ସପକ୍ଷରେ ନଥିଲେ ମଧ୍ୟ ବିଜୟ ଆଭିମୁଖ୍ୟ ନେଇ ପଡିଆକୁ ଓହ୍ଲାଇବୁ ବୋଲି ସବିତା କହିଛନ୍ତି।

ଇଣ୍ଡିଆନ ସୁପର ଲିଗ୍

# ଶୀର୍ଷସ୍ଥାନ ଲାଗି ଓଡ଼ିଶା-ଗୋଆ ଲଢ଼େଇ ଆଜି

ଭୁବନେଶ୍ୱର,୮ ।୨(ସମିସ)

ଚଳିତ ଇଣ୍ଡିଆନ ସୁପର ଲିଗ୍‌ରେ ଘରୋଇ ଓଡ଼ିଶା ଫୁଟବଲ କ୍ଲବ ଭଲ ପ୍ରଦର୍ଶନ କରୁଛି। ଏବେ ସୁଦ୍ଧା ଦଳ ପଏଣ୍ଟ ସାରଣୀର ପ୍ରଥମ ଓ ଫୁଟବଲ କ୍ଲବ୍ ଅଫ୍ ଗୋଆ ଦ୍ୱିତୀୟ ସ୍ଥାନରେ ରହିଛି। ଏଭଳି ସ୍ଥିତିରେ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଶୁକ୍ରବାର ଉଭୟ ଦଳ ପରସ୍ପର ସହ ମୁକାବିଲା କରିବେ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ, ସେହି ଦଳ ପଏଣ୍ଟ ସାରଣୀର ଶୀର୍ଷରେ ରହିବ। ଏଣୁ ଏହି ମୁକାବିଲାର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ଅନ୍ୟପକ୍ଷରେ ଶୀର୍ଷରେ ଥିବା ଓଡ଼ିଶା ଦଳ ଏଠାରେ ଖେଳିଥିବା ପୂର୍ବ ମୁକାବିଲାରେ ହାଇଦ୍ରାବାଦ୍ ଏଫ୍‌ସିକୁ ୩-୦ ଗୋଲରେ ପରାସ୍ତ କରିଥିଲା। ଏହି ବିଜୟ ନିଶ୍ଚିତ ଭାବେ ଦଳର ମନୋବଳ ସୁଦୃଢ଼ କରିଛି। ଏହା ବ୍ୟତୀତ ସବୁଠାରୁ ବଡ଼ କଥା ହେଲା ଗତ ୧୦ଟି ମୁକାବିଲାରେ ଓଡ଼ିଶା ଏଫ୍‌ସି ଅପରାଜେୟ ରହିଛି ଓ ଘରୋଇ ମାଟି କଳିଙ୍ଗ ଷ୍ଟାଡ଼ିୟମ୍‌ରେ ବଢ଼ିଆ ଫର୍ମରେ ରହିଛି। ଜାତୀୟ ଫୁଟବଲରେ ଗୋଆର ସ୍ଥାନ ସ୍ୱତନ୍ତ୍ର। ଇଣ୍ଡିଆନ ସୁପର ଲିଗ୍‌ର ଚଳିତ ସଂସ୍କରଣରେ ଗୋଆ ଏବେ ସୁଦ୍ଧା ପରାଜିତ ହୋଇନାହିଁ। ଚଳିତ ସଂସ୍କରଣରେ ଉଭୟ ଦଳ ପରସ୍ପର ସହ ଦୁଇଥର ଭେଟାଭେଟି ହୋଇଛନ୍ତି। ଆଇଏସ୍‌ଏଲରେ ଗୋଆ ୧-୦ରେ ବିଜୟୀ ହୋଇଥିଲା। ସେହିପରି କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍‌ରେ ଓଡ଼ିଶା ଏଫ୍‌ସି ଠାରୁ ଗୋଆ ହାରିଯାଇଥିଲା। ଏଭଳି ସ୍ଥିତିରେ ମୁକାବିଲା ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ୍। ଓଡ଼ିଶା ଏଫ୍‌ସି ୧୪ଟି ମ୍ୟାଚ୍‌ରୁ ୩୦ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ଥିଲାବେଳେ ଗୋଆ ୧୧ଟି ମ୍ୟାଚ୍‌ରୁ ୨୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସିର ପ୍ରମୁଖ ଖେଳାଳି ଲେନି ରୋଡ୍ରିଗ୍ୱେଜ୍‌ଙ୍କ ମତରେ ଆମ ଦଳରେ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ ଦେଉଛନ୍ତି। ଏହା ଗୋଟିଏ ପେସାଦାର ଦଳ ଲାଗି ଉତ୍ସାହଜନକ କଥା। ଲେନିଙ୍କ ପୂର୍ବ କ୍ଲବ୍ ହେଉଛି ଗୋଆ। ଏହି ଦଳ ବିପକ୍ଷରେ ଆମେ ମିଳିତଭାବେ ଭଲ ପ୍ରଦର୍ଶନ କରିବୁ ବୋଲି ଲେନୀ କହିଛନ୍ତି।



୭୩ତମ ଜାତୀୟ କନିଷ୍ଠ ବାସ୍କେଟବଲ୍

## ୨୩ ବର୍ଷ ପରେ ପ୍ରି-କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୮ ।୨ (ସମିସ):** ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଓଡ଼ିଶା କନିଷ୍ଠ ପୁରୁଷ ବାସ୍କେଟବଲ୍ ଜାତୀୟ ପ୍ରତିଯୋଗିତାର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛି। ସ୍ଥାନୀୟ କିଟ୍ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା)ର ୭୩ତମ ସଂସ୍କରଣରେ ଓଡ଼ିଶା ଏହି ସଫଳତା ପାଇଛି। ଗୁରୁବାର ଖେଳାଯାଇଥିବା କ୍ୱାଲିଫାଇଂ ମ୍ୟାଚରେ ଓଡ଼ିଶା ବିଜୟଧାରା ଜାରି ରଖି ୯୩-୮୧ ପଏଣ୍ଟରେ ଉତ୍ତରାଖଣ୍ଡକୁ ପରାସ୍ତ କରି



ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ସ୍ଥିତପ୍ରଜ୍ଞ ସର୍ବାଧିକ ୨୧ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶା ଏଥିପୂର୍ବରୁ ଯଥାକ୍ରମେ ଗୋଆ (୧୦୩-୪୪), ଝାଡ଼ଖଣ୍ଡ (୬୯-୪୪), ବିହାର (୮୪-୬୮) ଓ ପଶ୍ଚିମବଙ୍ଗ (୬୫-୩୫)କୁ ପରାସ୍ତ କରି ପୁଲ୍ ଚାମ୍ପିଅନ ହୋଇ କ୍ୱାଲିଫାଇଂ ରାଉଣ୍ଡରେ ପ୍ରବେଶ କରିଥିଲା। ଦୁଇ ପ୍ରଶିକ୍ଷକ ଅଶୋକ କୁମାର ନାୟକ ଓ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଖେଳୁଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ପୁରୁଷ ଦଳ ଶେଷଥର ଲାଗି ୨୦୦୧ରେ ଭିଲ୍ଲାଇରେ ଅନୁଷ୍ଠିତ ଜାତୀୟ କନିଷ୍ଠ ପ୍ରତିଯୋଗିତାରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିଥିଲା।

## ୯ରୁ ଲିଙ୍ଗରାଜ କପ୍ ଏକଦିବସୀୟ ଭଲିବଲ

**ଭୁବନେଶ୍ୱର, ୮।୨ (ସମିସ):** ପୁରୁଣା ଭୁବନେଶ୍ୱର, ଲିଙ୍ଗରାଜ ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ୧୪ତମ ଲିଙ୍ଗରାଜ ଚାଲେଞ୍ଜ କପ୍ ଏକ ଦିବସୀୟ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଫେବୃଆରୀ ୯ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବ । ଏହି ମର୍ଯ୍ୟାଦାଜନକ ଭଲିବଲ ପ୍ରତିଯୋଗିତାରେ ରାଜ୍ୟର ଶ୍ରେଷ୍ଠ ୪ଟି ଦଳ ଭାଗନେବେ। ଦଳଗୁଡ଼ିକ ହେଲେ କିଟ୍ ବିଶ୍ୱବିଦ୍ୟାଳୟ, ପୂର୍ବତଟ ରେଳବାଇ, ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓ ଭୁବନେଶ୍ୱରର ରେନବୋ କ୍ଲବ । ସମସ୍ତ ଦଳ ଗୁଡିକରେ ଜାତୀୟସ୍ତରର ଖେଳାଳି ସାମିଲ ଥିବାରୁ ଏହି ପ୍ରତିଯୋଗିତା ଆକର୍ଷଣୀୟ ହେବ ବୋଲି ଆଶା କରାଯାଉଛି । ମ୍ୟାଚ୍ ଗୁଡ଼ିକ ଓଡ଼ିଶା ଭଲିବଲ ଆସୋସିଏସସନର ଜାତୀୟ ରେଫରୀମାନଙ୍କ ଦ୍ୱାରା ପରିଚାଳିତ ହେବ । ବିଜେତା ଓ ଉପବିଜେତା ଦଳ ଗୁଡ଼ିକୁ ନଗଦ ଅର୍ଥ ରାଶି ସହିତ କପ୍ ପ୍ରଦାନ କରାଯିବ। ସମସ୍ତ ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କ ପାଇଁ ପୁରସ୍କାରର ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରକାଶଥାଉ କି ଏହି କ୍ଲବର ବରିଷ୍ଠ ସଦସ୍ୟ ଅଭିରାମ ନାୟକଙ୍କ ଗତ କିଛିଦିନ ପୂର୍ବରୁ ଦେହାନ୍ତ ହୋଇଯାଇଛି। ଏହି ପ୍ରତିଯୋଗିତାଟି ସ୍ୱର୍ଗତ ନାୟକଙ୍କୁ ସମର୍ପିତ ବୋଲି ଲିଙ୍ଗରାଜ ସ୍ପୋର୍ଟସ ଆସୋସିଏସନର ସଭାପତି ବାବୁ ସିଂ ଓ ସମ୍ପାଦକ ରଜତ କୁମାର ତ୍ରିପାଠୀ ଅନୁରୋଧ କରିଛନ୍ତି।

ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ୍ ଲିଗ୍

## ବିଡ଼ାନାସୀର ବିରାଟ ବିଜୟ



**ଭୁବନେଶ୍ୱର,୮ ।୨(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ୧୩ ବର୍ଷରୁ କମ୍ ମ୍ୟାଚ୍‌ରେ ବିଡ଼ାନାସୀ କ୍ଲବ୍ ୧୦-୦ ଗୋଲରେ କାଜି ବଜାର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଛି। ଏକତରଫା ଭାବେ ବିଜୟ ଲାଭ କରିଥିବା ବିଡ଼ାନାସୀ କ୍ଲବ୍ ପକ୍ଷରୁ ପ୍ରୀତି ସାସ୍‌ମଲ ସର୍ବାଧିକ ୫ଟି ଓ ବର୍ଷାରାଣୀ ନାୟକ ୩ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁହାସିନୀ ମଡୁଆଲ ଓ ଅସିମା ବେହେରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ସୁପର ମାଷ୍ଟର ଗେମ୍ସ; ପାର୍ବତୀଙ୍କୁ ସ୍ୱର୍ଣ୍ଣ

**କଟକ,୮ ।୨(ସମିସ):** ଗୋଆର ବାମ୍ବୋଲିମ୍ ଷ୍ଟାଡିୟମରେ ପ୍ରଥମ ସୁପର ମାଷ୍ଟର ଗେମ୍ସ ଖେଳାଯାଉଛି। ପ୍ରତିଯୋଗିତାର ଡିସକସ୍ ଥ୍ରୋ ଇଭେଣ୍ଟରେ ଭାଗନେଇ ପାର୍ବତୀ ସେଠୀ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଓଡ଼ିଶାର। ତିନି ଦଶନ୍ଧି ଧରି ବିଭିନ୍ନ ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପାର୍ବତୀ ସଟ୍‌ପୁଟ୍ ଇଭେଣ୍ଟରେ ମଧ୍ୟ ଭାଗନେବେ। ଓଡ଼ିଶା ପାଇଁ ଦ୍ୱିତୀୟ ପଦକ ଜିତିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ସଫଳତା ନେଇ ପାର୍ବତୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# MATRIC MATE

BSE ODISHA MATRIC EXAM-2024



SUBJECT : SLE

PROBABLE QUESTION PAPER

## OBJECTIVE

1. Contaminated food causes hard to our body. The meaning of the underlined word is ______
 (A) stale (B) impure (C) poisonous (D) polluted
2. The word 'Telecast' is a blend of the words ______.
 (A) telephonic, broadcast (B) television, casting
 (C) television, broadcast (D) telephonic, casting
3. Air pollution has ______ effects on buildings.
 (A) damaged (B) damages (C) damaging (D) damage
4. The river - isles in 'Village Song' are haunted by ______.
 (A) nightingalses(B) koil (C) skylarks (D) sparrows
5. In the Poem Village Song 'golden grain' indicates ______.
 (A) golden coloured grain (B) tasty grain
 (C) delicious dishes (D) attractive grain
6. The honey child is going to leave her ______.
 (A) lover (B) father (C) mother (D) brother
7. The flower children have their holidays ______.
 (A) when the summer comes (B) when the rains come
 (C) when the night comes (D) when the springs comes
8. The flowers raise their arms ______.
 (A) towards the sun (B) towards the moon
 (C) towards the cast wind (D) towards the sky
9. About sixty percent of air pollution is caused by ______.
 (A) animals (B) birds (C) automobiles (D) aeroplanes
10. An average adult exchanges ______ kg of air a day.
 (A) 10 (B) 15 (C) 25 (D) 35
11. Due to air pollution our ______ slowly become garbage dumps.
 (A) hearts (B) lungs (C) kidneys (D) stomach
12. According to the author, acid rain is eating into the marble of the world famous momuments in ______.
 (A) France (B) Greece (C) Britain (D) Athens
13. Inhalation of polluted air can lead to ______.
 (A) nervous disorder (B) digestive disorder
 (C) respiratory disorder(D) muscular disorder
14. The quantum of pollutants that enter our body ______ respiration would be manifold. Fill in the blank with suitable preposition.
 (A) in (B) of (C) through (D) beside
15. She held her breath for a moment and then inhaled. (Write the opposite meaning of the underlined word)
 (A) taken into (B) get into (C) breathe in (D) exhaled
16. The old peasant who came first to the king was ______.
 (A) old and bent (B) toothless (C) ashy pale (D) all the above
17. Who could see clearly?
 (A) the first old man (B) the first old man's father
 (C) the third old man (D) the wise men
18. Who among the three old men entered walking easily and without crutches to the king's presence?
 (A) the first old man (B) the second old man
 (C) the first old man's father (D) the third old man
19. 'As to buying I never bought any, for my time money was not yet in use.' Who is the speaker here?
 (A) The old peasant (B) The old peasant's father
 (C) The old peasant's grandfather (D) The king
20. The king ordered the wise men to find out ______.
 (A) what the king was (B) where and when such grain had grown
 (C) when did it grow (D) None of the above
21. They have decorated the room.
 (A) The room have been decorated. (B) The room has been decorated.
 (C) The room was decorated. (D) The room had been decorated.
22. The letter ______ by my sister.
 (A) will be posted (B)will post (C) will be posting (D)will have been posting
23. The teacher said, "I taught the lesson to the students." The indirect speech form of this sentence is:
 (A) The teacher said that he taught the lesson to the students.
 (B) The teacher said that the teaches the lesson to the students.
 (C) The teacher said that he had taught the lesson to the students.
 (D) The teacher said that he had been teaching the lesson to the students.
24. The woman said , "My son is going to hospital for treatment." The indirect speech of the above sentence is:
 (A) The woman said that her son went to hospital for treatment.
 (B) The woman said that her son goes to hospital for treatment.
 (C) The woman said that her son was going to hospital for treatment.
 (D) The woman said that her son has gone to hospital for treatment.
25. He said, "I can lift the heavy box". Its indirect speech is:
 (A) He said that he can lift the heavy box.
 (B) He might that lift the heavy box.
 (C) He should that lift the heavy box.
 (D) He could that lift the heavy box.
26. In 'Village Song" the expression 'The laughter of the sun' suggests ______.
 (A) happiness of the sun (B) happiness of life
 (C) clear light of the sun (D) a hot day
27. The mother in 'Village Song' asks her daughter ______.
 (A) not to leave home (B) to listen to the voices of the fairy folk
 (C) to grieve her lover (D) to go to the wild forest
28. The child tells her mother that she can not stay because ______.
 (A) the river-isles are calling (B) the voices of the fairy-folk are calling
 (C) the voices of the koils are calling (D) the forest-notes are calling
29. What rumbles in the sky?
 (A) The storm clouds (B) The thunder storm
 (C) The Hailstorm (D) The Asteroid
30. In the poem 'The Flower School' the speaker is sharing his thoughts with .
 (A) his friend (B) his mother (C) his teacher (D) his father
31. Some poisonous gases along with smoke are released by ______.
 (A) cement industries (B) steel and ore processing industries
 (C) chemical industries (D) thermal power stations
32. Skin lesions are caused by ______.
 (A) air pollution (B) acid rain (C) automobile exhausts (D) pollutants
33. Air has ______ percent oxygen.
 (A) 78 (B) 18 (C) 21 (D) 68
34. The release of maximum carbon monoxide from automobiles is responsible for ______ percent of air pollution.
 (A) 40 (B) 50 (C) 60 (D) 70
35. Which bird is threatened by acid rain in Sweden?
 (A) the Nightingale (B) the Dipper fish
 (C)the pied flycatcher (D) the sparrow
36. A number of buses are plying on the roads to meet the demand of the ______ population.
 (A) explode (B) explodes (C) exploded (D) exploding
37. Acid rain affects everything it falls ______.
 (A) to (B) over (C) in (D) on
38. The industries spew dense smoke.
 (A) release (B) throw (C) throw out (D) give away
39. Contaminated food doesnot cause harm to our body. (The opposite meaning of the underlined word is ______)
 (A) impure (B) polluted (C) stale (D) pure
40. The word 'slender' is a blend of the words ______.
 (A) slim, lender (B) slim, tender (C) slen, lender (D) slen, tender

## SUBJECTIVE

1. What is the composition of air? When is it said to be polluted?
OR Where and when did the tragic Industrial accident take place? What were its consequences?
2. What does the expression 'the world full of pleasure' mean?
OR Where does the 'honey child' go?
3. Why are the flower children made to stand in a corner?
OR What happens when the monsoon arrives?
4. MY MOTHER
Introduction, Her name, Age, Appearance, Qualification, Her nature and work. Her devotion and advice. Her relationship with others. What others think of her, Conclusion.
OR OUR SCHOOL
Introduction, School's location and its atmosphere, Teachers and students, Special features of our school, A model school, Conclusion.
5. Answer the following questions:
The man with the sword went to the kind and told him that he was going to kill the two prisoners but could not decide whom to kill first. Each of them wanted to die first. The king went to the prisoners and found them still quarrelling. He asked them, 'Why do you quarrel?' Your majesty, I am afraid to tell you the reason,' replied Birbal. 'Don't be afraid. Tell me everything', said the king.
'Our Emperor wants to make Burma a part of his empire. The priest of the Emperor/s court has told the emperor how to do it.'
(i) What did the man with the sword tell the king?
(ii) Why couldn't the man with the sword decide whom to kill?
(iii) What did the King ask the prisoners?
(iv) What did the Birbal's reply to the king?
(v) What did the priest of the Emperor's court tell the Emperor?

**Answer:** 1. (B), 2. (C), 3. (C), 4. (B), 5. (C), 6. (C), 7. (B), 8. (D), 9.(C), 10. (B), 11. (B), 12. (D), 13. (C), 14. (C), 15. (D), 16. (D), 17. (C), 18. (D), 19. (B), 20. (A), 21. (B), 22. (A), 23. (C), 24. (C), 25. (A), 26. (B), 27. (A), 28. (B), 29. (A), 30. (B), 31. (C), 32. (B), 33. (C), 34. (C), 35. (C), 36. (D), 37. (D), 38. (C), 39. (D), 40. (B)

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
**SARASWATI VIDYA MANDIR**
Neelakantha Nagar, Berhampur, GM.

## ପ୍ରେମ ସପ୍ତାହର ତୃତୀୟ ଦିନ

# ଚକ୍‌ଲେଟ୍ ଡେ

ପ୍ରେମ ସବୁବେଳେ ଶାଶ୍ୱତ । ପ୍ରେମର ଅନୁଭବ ମଧ ବେଶ୍ ନିଆରା । ପ୍ରେମ କରି ଶିଖିଲେ ତାହା ଚକଲେଟ୍ ପରି ମିଠା । ଅନେକଙ୍କ କ୍ଷେତ୍ରରେ ଚକଲେଟ୍ ଦିଆନିଆରୁ ହିଁ ପ୍ରେମ ଆରମ୍ଭ ହୋଇଥାଏ । ଏହା ହିଁ କହିଦିଏ ପ୍ରେମ କେତେ ମିଠା । ଯେଉଁ ବ୍ୟକ୍ତି ପ୍ରେମରେ ପଡ଼ିଥାଏ, ସେ ଜୀବନର ସବୁ ମୁହୂର୍ତ୍ତଗୁଡ଼ିକୁ ପ୍ରେମମୟ କରିବାକୁ ଚାହିଁଥାଏ । ଭାଲେଣ୍ଟାଇନ୍ସ ସପ୍ତାହର ତୃତୀୟ ଦିନକୁ ଚକ୍‌ଲେଟ୍ ଡେ' ଭାବେ ପାଳନ କରାଯାଏ । ଏହିଦିନ ପ୍ରେମୀଯୁଗଳ ପରସ୍ପରକୁ ଚକଲେଟ୍ ଖୁଆଇ ସମ୍ପର୍କରେ ଆହୁରି ମଧୁରତା ଆଣିବାକୁ ଚେଷ୍ଟା କରିଥାନ୍ତି । ପ୍ରଥମ ଦୁଇ ଦିନ ଗୋଲାପ ଦେଇ ଏବଂ ପ୍ରେମ ନିବେଦନ କରି ପ୍ରେମ ଜାହିର କରିଥିବା ବେଳେ ତୃତୀୟ ଦିନ ଚକଲେଟ୍ ଦିଆନିଆ କରନ୍ତି ପ୍ରେମୀ ଯୁଗଳ । ପ୍ରେମିକଟିଏ ପ୍ରେମିକାକୁ ଉପହାରରେ ଚକଲେଟ୍ ଦେଇ ତାର ମନ କଥା କହିଥାଏ । କଥାରେ ଅଛି, ଚକଲେଟ୍ ହେଉଛି ଝିଅଙ୍କର ପ୍ରଥମ ପସନ୍ଦ । ପ୍ରେମିକାର ମନରେ ଯେତେ ଦୁଃଖ ବା ରାଗ ଥିଲେ ପ୍ରେମିକ, ପ୍ରେମିକାକୁ ଚକଲେଟ୍‌ଟିଏ ଦେଇଦେଲେ ସେ ସବୁ ରାଗ ଅଭିମାନ ଭୁଲିଯାଏ । କିଏ ନିଜ ପ୍ରେମିକାକୁ ହୃଦୟ ଆକୃତିର ଚକଲେଟ୍ ଦେଇଥାଏ ତ ଆଉ କିଏ ଗୋଲ ଚକଲେଟ୍ । ଏହାବାଦ୍ ବିଗତ ୨୦୦ ବର୍ଷ ହେଲାଣି ଚକଲେଟ୍ ଆମ ଜୀବନର ଏକ ଅଂଶ ହୋଇଯାଇଛି । କିଏ ମୁଡ୍ ଭଲ କରିବା ପାଇଁ ଚକଲେଟ୍ ଖାଇ ଥାଏ ତ ଆଉ କିଏ ପ୍ରେମିକାକୁ ମନାଇବା ପାଇଁ ଚକଲେଟ୍ ଦେଇଥାଏ । ଭାଲେଣ୍ଟାଇନ୍ସ ସପ୍ତାହର ତୃତୀୟ ଦିନରେ ଚକଲେଟ୍ ଡେ' ପାଳନର ଉଦ୍ଦେଶ୍ୟ ପ୍ରେମ ସମ୍ପର୍କ ଚକଲେଟ୍ ଭଳି ମଧୁମୟ ହେଉ ।



# ସଚ୍ଚୋଟତା ଶିକ୍ଷା ଦେଉଛି ଆଲମାରୀ




ପିଲାମାନଙ୍କୁ ଛୋଟବେଳୁ ଶିଷ୍ଟତା, ସଚ୍ଚୋଟତା ଆଦି ସଦ୍‌ଗୁଣ ଶିକ୍ଷା ଦିଆଯାଏ । ଉତ୍ତରପ୍ରଦେଶ, ବଡ଼ୌତରେ ଛାତ୍ରଛାତ୍ରୀଙ୍କୁ ନିଆରା ଉପାୟରେ ସଚ୍ଚୋଟତା ଶିକ୍ଷା ଦିଆଯାଉଛି । ବଡୌତର ଏକ ସ୍କୁଲରେ ଏକ ଆଲମାରୀ ରଖାଯାଇଥିବାବେଳେ ଏହାକୁ ପ୍ରଭୁ ଗଣେଶଙ୍କ ଦୋକାନ ବୋଲି କୁହାଯାଉଛି । ତେବେ ଏହି ଆଲମାରୀରେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପେନ୍‌ସିଲ୍, ରବର, କଟର ଏବଂ ନୋଟବୁକ୍ ଆଦି ପାଠ୍ୟ ଉପକରଣ ଉପଲବ୍ଧ ରହିଛି । ଆଲମାରୀରେ ଗଣେଶଙ୍କର ମୂର୍ତ୍ତି ରହିଥିବାବେଳେ ପାଠ୍ୟ ସମ୍ବନ୍ଧୀୟ ଅନେକ ସାମଗ୍ରୀ ରଖାଯାଇଛି । ପ୍ରତ୍ୟେକ ସାମଗ୍ରୀ ଉପରେ ଏହାର ଦାମ୍ ମଧ ଲେଖାଯାଇଛି । ତେବେ ପିଲାମାନେ ଏଠାରୁ ଯେଉଁ ସାମଗ୍ରୀ ନେଇଥାନ୍ତି, ତାର ଦାମ୍ ଦେଖି ଭଗବାନ ଗଣେଶଙ୍କ ସମ୍ମୁଖରେ ଥିବା ଏକ ବାକ୍ସରେ ରଖିଦିଅନ୍ତି । ସ୍କୁଲରେ ଏହି ଆଲମାରୀ ରଖିବାକୁ ନେଇ ସ୍କୁଲର ପ୍ରଧାନଶିକ୍ଷକ କୁହନ୍ତି ଯେ, 'ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ସଚ୍ଚୋଟତା ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଆଲମାରୀ ରଖାଯାଇଛି । ଏହାଦ୍ୱାରା ପିଲାମାନଙ୍କ ସାଧୁତା ପରଖିବାରେ ସହଜ ହୁଏ । ସେଥିପାଇଁ ସ୍କୁଲରେ ପ୍ରତିଦିନ ରଖାଯାଇଥିବା ସାମଗ୍ରୀ ଏବଂ ଟଙ୍କାକୁ ଯାଞ୍ଚ କରାଯାଏ । ।ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ସ୍କୁଲର ଯେଉଁ କୋଠରୀରେ ଏହି ବାକ୍ସ ରଖାଯାଇଛି ସେଠାରେ ସିସିଟିଭି ମଧ ଲଗାଯାଇନାହିଁ । ପିଲାମାନେ ବେଫିକର ହୋଇ ସାମଗ୍ରୀ ନେଇ ବାକ୍ସରେ ଟଙ୍କା ରଖିଦିଅନ୍ତି ।' ବାସ୍ତବରେ ସ୍କୁଲ ପକ୍ଷରୁ କରାଯାଇଥିବା ଏହି ଅଭିନବ ଉପାୟ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି ।

# ଯୁଗାବତାର ଠାକୁର ଶ୍ରୀ ଅଭିରାମ



ପୁରୀ ଜିଲ୍ଲାର କରମଳା ନାମକ ଏକ ଛୋଟ ଗ୍ରାମରେ ୧୯୦୪ ମସିହା ଜାନୁୟାରୀ ୧୮, ସୋମବାର, ତ୍ରିବେଣୀ ଅମାବାସ୍ୟା ତିଥିରେ ଠାକୁର ଶ୍ରୀ ଅଭିରାମ ପରମହଂସ ଜନ୍ମଗ୍ରହଣ କରିଥିଲେ । ବହୁ ବର୍ଷ ପୂର୍ବରୁ ଭବିଷ୍ୟତଦ୍ରଷ୍ଟା ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦ ଗୋସ୍ୱାମୀ ଶ୍ରୀଅଭିରାମଙ୍କ ଜନ୍ମ ବିଷୟରେ ସୂଚନା ଦେଇଥିଲେ । ମାତ୍ର ୧୯ ବର୍ଷ ବୟସରୁ ସେ ଗୃହତ୍ୟାଗ କରିଥିଲେ । ବ୍ରହ୍ମଗିରି ନିକଟସ୍ଥ ଖାଣ୍ଡବ ବନରେ ମା' ପୌର୍ଣ୍ଣମାସୀଙ୍କୁ ସାକ୍ଷାତ କରି ଗୁରୁ ରୂପେ ବରଣ କରିଥିଲେ ଏବଂ ତାଙ୍କଠାରୁ ଜଗତର କଲ୍ୟାଣ ନିମିତ୍ତ ଆଧ୍ୟାତ୍ମିକ ତତ୍ତ୍ୱ, ଜ୍ଞାନ ଏବଂ ଶକ୍ତିପ୍ରାପ୍ତ ହୋଇଥିଲେ । ସନ୍ନ୍ୟାସୀମାନଙ୍କ ଗହଣରେ ଅବିଭକ୍ତ କଟକ ଜିଲ୍ଲାର ବିସ୍ତୃତ ଅଞ୍ଚଳ ପଦବ୍ରଜରେ ଭ୍ରମଣ କରି ଏକାକ୍ଷର ମନ୍ତ୍ର, ଅଜପା ସାଧନ, କର୍ମଯୋଗ ଆଦି ଆଧ୍ୟାତ୍ମିକତତ୍ତ୍ୱ ପ୍ରଚାର କରିଥିଲେ । ଏହି ସମୟରେ ତତ୍ତ୍ୱମୂଳକ ଗ୍ରନ୍ଥ 'କଳି ଭାଗବତ' ରଚନା କରିଥିଲେ । ଏହି ଗ୍ରନ୍ଥରେ ଇଂରେଜମାନେ ଆମ ଦେଶ ଛାଡ଼ି ଚାଲିଯିବେ ବୋଲି ସୂଚନା ଦେଇଥିବାରୁ ଇଂରେଜ ଶାସନ ଦ୍ୱାରା ରାଜଦ୍ରୋହ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ସେ ଏକ ବର୍ଷ ଜେଲଦଣ୍ଡ ଭୋଗିଥିଲେ । ଜେଲରୁ ଫେରି ମାତାଙ୍କ ଆଦେଶରେ ନିଜ ଜନ୍ମ ସ୍ଥାନ କରମଳାଠାରେ ଶାନ୍ତି ଆନନ୍ଦାଶ୍ରମ ସ୍ଥାପନ କରି ଜୀବନର ଅବଶିଷ୍ଟ ସମୟ ବିତାଇ ଦେଇଥିଲେ । ତାଙ୍କ ଦ୍ୱାରା ରଚିତ ୫୦ରୁ ଉର୍ଦ୍ଧ୍ୱ ପୁସ୍ତକ ଆମ ସାହିତ୍ୟ ପାଇଁ ଅମୂଲ୍ୟ ଦାନ । ଆଜି ତାଙ୍କର ୧୨୧ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଭକ୍ତିପୂତ ପ୍ରଣାମ ।

ଡାକ୍ତର ରମାକାନ୍ତ ରାଉତ
ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ, ନରାଜ, କଟକ
ମୋ- ୯୪୩୭୫୭୬୬୭୧

## ଆଜିର ଇତିହାସ

- ୧୭୮୮ - ରୁଷିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା ଅଷ୍ଟ୍ରିଆ ।
- ୧୮୦୧ - ଫ୍ରାନ୍ସ - ଅଷ୍ଟ୍ରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୬୯ - ବୋଇଂ-୭୪୭ର ପ୍ରଥମ ଉଡ଼ାଣ ।
- ୧୯୭୧ - ମହାକାଶଯାନ ଆପୋଲୋ - ୧୪ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲା ।
- ୧୯୭୫ - ମହାକାଶଯାନ ସୋୟୁଜ୍-୧୭ ପୃଥିବୀକୁ ଫେରିଲା ।
- ୨୦୧୬- ନେପାଳର ୩୭ତମ ପ୍ରଧାନମନ୍ତ୍ରୀ ହେଲେ ସୁଶୀଲ କୋଇରାଲା ।

ଆଜି ପୁଣ୍ୟତିଥି

# ସାରସ୍ୱତ ସାଧକ ଚନ୍ଦ୍ରଶେଖର ରଥ



ଓଡ଼ିଆ ସାହିତ୍ୟ ଜଗତକୁ ନିଜର ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ କବିତା ଦ୍ୱାରା ଋଦ୍ଧିମନ୍ତ କରିଥିବା ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥଙ୍କ ଆଜି ପୁଣ୍ୟତିଥି । ସେ ୧୭ ଅକ୍ଟୋବର ୧୯୨୯ ମସିହାରେ କୁମାର ପୂର୍ଣ୍ଣମୀରେ ବଲାଙ୍ଗୀର ଜିଲ୍ଲାର ଟିକ୍ରାପଡ଼ାରେ ଜନ୍ମଗ୍ରହଣ କରିଥିଲେ । 'ଯନ୍ତ୍ରାରୂଢ଼', 'ନବଜାତକ' ଏବଂ 'ଅସୂର୍ଯ୍ୟ ଉପନିବେଶ' ଭଳି ସଫଳ ଉପନ୍ୟାସର ସେ ସ୍ରଷ୍ଟା ଥିଲେ । ସେ ଉପନ୍ୟାସ 'ଅସୂର୍ଯ୍ୟ ଉପନିବେଶ' ପାଇଁ ୧୯୭୩ ମସିହାରେ ଏବଂ ପ୍ରବନ୍ଧ ସଂକଳନ 'ଅଶ୍ରୁତ ସ୍ୱର' ପାଇଁ ୧୯୭୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ବେଳେ ଗଳ୍ପ ସଂକଳନ 'ସମ୍ରାଟ ଓ ଅନ୍ୟମାନେ' ପାଇଁ ୧୯୮୨ରେ ସାରଳା ପୁରସ୍କାର ଏବଂ ଗଳ୍ପ ସଂକଳନ 'ସବୁଠାରୁ ଦୀର୍ଘରାତି' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ' ମଧ ଲାଭ କରିଛନ୍ତି । ୨୦୧୬ ମସିହାରେ ତାଙ୍କ ରଚିତ ଶେଷ ସଂସ୍କୃତ କାବ୍ୟ ହେଉଛି 'ରତ୍ନ ଚିତ୍ରଶାଳା' । ଖାଲି ତାଙ୍କ କଲମ ନୁହେଁ ରଙ୍ଗବୋଳା ତୂଳୀ ଏବଂ ନିହାଣରେ ସେ ଗଢ଼ି ଦେଇଥିଲେ ବହୁ ବିସ୍ମୟ ସୃଜନ । ଚନ୍ଦ୍ରଶେଖର ରଥ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଏବଂ ଆଇନ୍‌ରେ ସ୍ନାତକୋତ୍ତର ହାସଲ କରିବା ସହ ଲକ୍ଷ୍ନୌ ଓ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡିଲିଟ୍ ଉପାଧି ପାଇଛନ୍ତି । କେବଳ ସାହିତ୍ୟ କିମ୍ବା ପ୍ରବନ୍ଧ ଜଗତରେ ନୁହେଁ, ଅଧ୍ୟାପନା କ୍ଷେତ୍ରରେ ମଧ ସେ ସୁନାମ ଅର୍ଜନ କରିଛନ୍ତି । ୧୯୫୨ରୁ ୧୯୮୬ ପର୍ଯ୍ୟନ୍ତ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପନା କରି ସେ ବହୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ୨୦୧୮ ମସିହାରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୨୦୧୮ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା ।

# ଆଖିବୁଜି ରୁବିକ୍ କ୍ୟୁବ୍‌ରେ ଆଙ୍କିଲେ ଚିତ୍ର



ଆଜିକାଲି ଲୋକମାନେ ନିଜ ପ୍ରିୟ ତାରକାଙ୍କ ଫଟୋକୁ ଭିନ୍ନ ଭିନ୍ନ ବାଗରେ ତିଆରି କରି ସେମାନଙ୍କ ପ୍ରତି ନିଜ ଭଲପାଇବାକୁ ଜାହିର୍ କରୁଛନ୍ତି । ଏହି କ୍ରମରେ ଏବେ ଜଣେ ଯୁବକ ନିଜ ପ୍ରିୟ କ୍ରିକେଟ୍ ତାରକାଙ୍କ ଚିତ୍ରକୁ ସେ ରୁବିକ୍ କ୍ୟୁବ୍‌ରେ ତିଆରି କରି ଚାରିଆଡ଼ୁ ପ୍ରଶଂସା ସାଉଁଟୁଛନ୍ତି । ତାଙ୍କ ଚିତ୍ରକଳାର ବିଶେଷତ୍ୱ ହେଉଛି ସେ ଆଖି ବନ୍ଦ କରି ଏହାକୁ ତିଆରି କରିଛନ୍ତି । ଅଫାନ୍ କୁଚି ନାମକ ଏହି କଳାକାର ଜଣକ କ୍ରିକେଟର ମହମ୍ମଦ ସାମିଙ୍କ ଅବିକଳ ପ୍ରତିକୃତିକୁ ସେ ରୁବିକ୍ କ୍ୟୁବ୍ ମାଧ୍ୟମରେ କରିଛନ୍ତି । ଭିଡିଓରୁ ଦେଖିବାକୁ ମିଳିଛି ଯେ, ଅଫାନ୍‌ଙ୍କ ସାମ୍ନାରେ ଗୋଟିଏ ଟେବୁଲ ଅଛି, ଯାହା ଉପରେ କିଛି ରୁବିକ୍ କ୍ୟୁବ୍ ରଖାଯାଇଛି । ସେହିପରି ମହମ୍ମଦ ସାମି ବି ତାଙ୍କ ପାର୍ଶ୍ୱରେ ବସିଛନ୍ତି । ଏହାପରେ ତାଙ୍କ ଆଖିରେ ପଟି ବନ୍ଧାଯାଉଛି ଏବଂ ସେ ଗୋଟିଏ ପରେ ଗୋଟିଏ ରୁବିକ୍ କ୍ୟୁବ୍‌କୁ ଟେବୁଲ୍‌ରୁ ଆଣି ତାଙ୍କର ଚିତ୍ର କରିଛନ୍ତି । ତାଙ୍କର ଏଭଳି ଚିତ୍ରକଳାର ଦକ୍ଷତା ଓ କଳାକୌଶଳକୁ ଦେଖି ଶେଷରେ ମହମ୍ମଦ ସାମି ମଧ ଛିଡ଼ା ହୋଇ ତାଙ୍କର ଭୂୟସୀ ପ୍ରଶଂସା କରିଛନ୍ତି । କିଛି ଦିନ ତଳେ ସେୟାର୍ ହୋଇଥିବା ଏହି ଭିଡିଓକୁ ୪୮ ମିଲିଅନରୁ ଅଧିକ ଲୋକ ଦେଖିସାରିଲେଣି ।

# ବିଲ୍ଡିଂରେ ରୁହନ୍ତି ୩୦ ହଜାର ଲୋକ



ବିଶ୍ୱରେ ଏପରି କିଛି ବିଲ୍ଡିଂ ଅଛି ଯାହାର ଡିଜାଇନ୍ ଲୋକଙ୍କୁ ଆକର୍ଷିତ କରିଥାଏ । ନିକଟରେ ଚୀନ୍‌ର ଏକ ବିଲ୍ଡିଂର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ହାଙ୍ଗଜୋଉ ସହରରେ ଥିବା ୩୬ ମହଲା ବିଶିଷ୍ଟ ଏହି ମହୁଫେଣା ଭଳି ବିଲ୍ଡିଂରେ ଏବେ ୩୦ ହଜାର ଲୋକ ରହୁଛନ୍ତି । ଏହା କୌଣସି ସହରର ଜନସଂଖ୍ୟା ସଙ୍ଗେ ସମାନ । ଏବେ ଏହି ବିଲ୍ଡିଂର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ବିଲ୍ଡିଂକୁ ୧୧ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା । ବିଲ୍ଡିଂରେ ଏତେ ଲୋକ ରହିବା ସତ୍ତ୍ୱେ ଏଥିରେ ଲୋକଙ୍କ ସୁଖ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ରହିଛି । ଏସ୍ ପାଟର୍ଣ୍ଣରେ ନିର୍ମିତ ଏହି ବିଲ୍ଡିଂରେ ଏକ ଛୋଟ ସହର ଗଢ଼ି ଉଠିଛି କହିଲେ କିଛି ଭୁଲ୍ ହେବନି । ଏହି ବିଲ୍ଡିଂର ନାମ 'ଦ ରିଜେଣ୍ଟ ଇଣ୍ଟରନ୍ୟାସନାଲ୍ ଆପାର୍ଟମେଣ୍ଟ' । ଏହା ପୂର୍ବରୁ ଏକ ହୋଟେଲ ଥିଲା । ପରବର୍ତ୍ତୀ ସମୟରେ ଏହାକୁ ଆପାର୍ଟମେଣ୍ଟ କରି ଦିଆଗଲା । ଏଠାରେ ସ୍ୱିମିଂପୁଲ୍, ସ୍ପା ମସାଜ ସେଣ୍ଟର, ସୁପର୍‌ମାର୍କେଟ୍, ଫୁଡ୍‌କୋର୍ଟ, ସିନେମାହଲ୍ ରହିଛି । ଏହି ବିଲ୍ଡିଂକୁ ବିଶ୍ୱର ସବୁଠୁ ବଡ଼ ରେସିଡେନ୍ସିଆଲ ଆପାର୍ଟମେଣ୍ଟ କୁହାଯାଏ ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀଙ୍କ ସହଯୋଗ ରହିବ । ବ୍ୟବସାୟରେ ସମସ୍ୟା ଦେଖା ଦେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ । କଥାରେ ମଧୁରତା ରଖିବେ ।

**ବୃଷ:** ଦିନଟିରେ ମିଶ୍ରିତ ଫଳ ମିଳିବ । ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ । ମନ ପ୍ରସନ୍ନ ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ । ଘରେ ପୂଜାପାଠ ଆୟୋଜନ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ରହିବ ।

**ମିଥୁନ:** ଅବିବାହିତଙ୍କ ବିବାହ ସ୍ଥିର ହେବ । ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ । ଦୂରଯାତ୍ରା କରିପାରନ୍ତି ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । ମାଆ-ବାପାଙ୍କ ସହ ସମୟ ଅତିବାହିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିବେ । ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଧାର୍ମିକ ସ୍ଥାନକୁ ଯିବାର ଯୋଜନା କରିବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ । ବ୍ୟବସାୟରେ ପରିବର୍ତ୍ତନ ଆସିବ ।

**ତୁଳା:** ଚାକିରିରେ ବଦଳି ସମ୍ଭାବନା ଅଛି । ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** କାମରେ ଧୈର୍ଯ୍ୟର ଅଭାବ ରହିବ । ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟରେ ସୁଧାର ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଅନ୍‌ଲାଇନ୍ କାର୍ଯ୍ୟରୁ ଲାଭ ମିଳିବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ଅନ୍ୟଥା ଖର୍ଚ୍ଚ ବଢ଼ିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ ।

**କୁମ୍ଭ:** ଦିନଟି ବ୍ୟସ୍ତତା ଭିତରେ ଅତିବାହିତ ହେବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି । ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ଶତ୍ରୁଙ୍କ ଠାରୁ ଦୂରତ୍ୱ ରକ୍ଷା କରିବେ ।

# କାର୍ତ୍ତିକଙ୍କ ପ୍ରଶଂସାରେ ଶତମୁଖ ମନୋଜ





ବଲିଉଡ୍‌ର ଜଣେ ପ୍ରତିଭାବାନ୍ କଳାକାର ଭାବେ ଜଣାଯାନ୍ତି ମନୋଜ ବାଜପେୟୀ । ବଲିଉଡ୍‌ର ଅନେକ ଅଭିନେତା ମନୋଜଙ୍କ ଅଭିନୟକୁ ପ୍ରଶଂସା କରନ୍ତି । ମନୋଜ କିନ୍ତୁ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କର ଜଣେ ବଡ଼ ପ୍ରଶଂସକ । ନିକଟରେ ଏକ ପୁରସ୍କାର ବିତରଣୀ ସମାରୋହରେ ମନୋଜ କାର୍ତ୍ତିକ୍‌ଙ୍କର ବେଶ୍ ପ୍ରଶଂସା କରିଥିଲେ । ଏଥିରେ କାର୍ତ୍ତିକଙ୍କୁ 'ସତ୍ୟ ପ୍ରେମ୍ କି କଥା' ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତା (କ୍ରିଟିକ୍) ପୁରସ୍କାର ମିଳିଥିଲା । ସେହିଭଳି ଏଥିରେ ମନୋଜଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ତେବେ ମନୋଜ ଏହି ପୁରସ୍କାର ଜିତିବା ପରେ କାର୍ତ୍ତିକଙ୍କୁ ମଞ୍ଚ ଉପରକୁ ଡାକିଥିଲେ, ଇଣ୍ଡଷ୍ଟ୍ରୀରେ ବାହାରୁ ଆସୁଥିବା ଲୋକଙ୍କୁ ତମେ ପ୍ରତିନିଧିତ୍ୱ କରୁଛ ବୋଲି କହିବା ସହ ତାଙ୍କ ପୁରସ୍କାର ମଧ ତାଙ୍କୁ ସମର୍ପିତ କରିଥିଲେ । ମନୋଜଙ୍କ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । କାର୍ତ୍ତିକ ଏବେ କବିର୍ ଖାନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଚନ୍ଦୁ ଚାମ୍ପିଅନ୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି ।

# ଯୋଗ ଓ ପ୍ରାଣାୟାମ ପୂର୍ବରୁ ଧ୍ୟାନ ଦିଅନ୍ତୁ

**ସକାଳୁ ଉଠି ଯୋଗ ଓ ପ୍ରାଣାୟାମ କରିବା ସ୍ୱାସ୍ଥ୍ୟ ପକ୍ଷେ ବେଶ୍ ହିତକର । ତେବେ ସାଧନା ପୂର୍ବରୁ କିଛି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧ୍ୟାନ ଦେବାକୁ ହୁଏ । ନଚେତ୍ ଯୋଗର ସଠିକ୍ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ନାହିଁ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ । ତେବେ ଆସନ୍ତୁ ଜାଣିବା, ଯୋଗ ଓ ପ୍ରାଣାୟାମ କରିବା ପୂର୍ବରୁ କେଉଁସବୁ ବିଷୟ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ।**

### ଗରିଷ୍ଠ ଜଳଖିଆ

ଯୋଗ, ପ୍ରାଣାୟାମକୁ ଖାଲିପେଟରେ କରିବା ଉଚିତ । ଏହାର ଅନ୍ତତଃ ୨ ଘଣ୍ଟା ପୂର୍ବରୁ କୌଣସି ଗୁରୁପାକ ଖାଦ୍ୟ ଗ୍ରହଣ ଉଚିତ ନୁହେଁ । କାରଣ ଭାରୀ ଓ ପେଟପୂରା ଖାଦ୍ୟ ଯୋଗୁଁ ଯୋଗାସନ କରିବାରେ ଅସୁବିଧା ହୋଇଥାଏ । ଏହା ସହିତ ଅସ୍ତବ୍ୟସ୍ତ ଲାଗିବା, ବାନ୍ତି ଆସିବା, ଶରୀର ଦରଜ, ଗ୍ୟାସ୍ କିମ୍ବା ପେଟ ଫୁଲିଯିବା ସମସ୍ୟା ଆଦି ଦେଖାଯାଏ ।

### ଉଷ୍ମଜଳ ସ୍ନାନ

ଯୋଗ କରିବା ପୂର୍ବରୁ ଉଷୁମ ପାଣିରେ ଗାଧୋଇବା ଅନୁଚିତ । ଏହାଦ୍ୱାରା ମାଂସପେଶୀରେ କଠିନତା ଆସିଯାଏ, ଯାହାକି ଯୋଗ କରିବା ସମୟରେ ସମସ୍ୟା ସୃଷ୍ଟି କରେ । ଶରୀର ଷ୍ଟେବେଲ୍ ହୋଇପାରେନାହିଁ । ଏହାଦ୍ୱାରା ଯୋଗାସନ ମଧ ସଠିକ୍ ଭାବେ ହୋଇପାରେ ନାହିଁ । ତେଣୁ ଯୋଗାସନ କିମ୍ବା ପ୍ରାଣାୟାମ କରିବା ପୂର୍ବରୁ ଥଣ୍ଡା ପାଣିରେ ସ୍ନାନ କରିବା ବିଧେୟ ।

### ଚା, କଫି ପିଇବା ଅଭ୍ୟାସ

ଅନେକ ଲୋକ ସକାଳୁ ଉଠିବା ମାତ୍ରେ ଚା' କିମ୍ବା କଫି ପିଇଥାନ୍ତି । ଏହି ବଦଭ୍ୟାସ ଯୋଗୁଁ ଶରୀରରେ ଷ୍ଟ୍ରେସ୍ ବଢ଼ିଥାଏ । ଏହି କାରଣରୁ ହୃଦ୍‌ରୋଗ ଓ ମାଂସପେଶୀଜନିତ ସମସ୍ୟା ଦେଖାଯାଏ । ଚା, କଫି ପିଇବା ପରେ ଏକାଗ୍ରତା ହ୍ରାସ ପାଇଥାଏ । ଏହା ସହିତ ଡିହାଇଡ୍ରେସନ୍ ଓ ଏସିଡିଟି ବଢ଼ିଥାଏ । ତେଣୁ ଏସବୁ ସମସ୍ୟା ଯୋଗୁଁ ଯୋଗ ଓ ପ୍ରାଣାୟାମ ସଠିକ୍ ଭାବେ ହୋଇପାରେ ନାହିଁ ।






## ଡ୍ରିମ୍ସରେ ଆଜିଠୁ ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ମୁକାବିଲା

# କ୍ୱାର୍ଟର ଆଶାରେ ଖେଳିବ ଓଡ଼ିଶା

କଟକ,୮।୨(ସମିସ)



ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଶୁକ୍ରବାର ଠାରୁ ଆରମ୍ଭ ହେବ। ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଦଳ ତା'ର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଉତ୍ତରାଖଣ୍ଡକୁ ଭେଟିବ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ଆଶା ବାନ୍ଧିଥିବା ଓଡ଼ିଶାକୁ ଏହି ମ୍ୟାଚ୍‌ରେ ବିଜୟ ପଏଣ୍ଟ ହାସଲ କରିବା ନିହାତି ଜରୁରୀ। ଲିଗ ପର୍ଯ୍ୟାୟରେ ଉଭୟ ଉତ୍ତରାଖଣ୍ଡ ଏବଂ ଓଡ଼ିଶା ଗୋଟିଏ ଲେଖାଏ ମ୍ୟାଚ୍ ଜିତିଛନ୍ତି। ଉଭୟେ ହିମାଚଳପ୍ରଦେଶକୁ ପରାସ୍ତ କରିଛନ୍ତି। ତେବେ ଏହି ଦୁଇ ଦଳ ପରସ୍ପର ମଧ୍ୟରେ ଖେଳିଥିବା ବିଗତ ଦୁଇଟି ମ୍ୟାଚ୍‌ର ଫଳାଫଳକୁ ଦୃଷ୍ଟି ପକାଇଲେ ଉଭୟଙ୍କ ପଲା ବରାବର ରହିଛି। ୨୦୧୯ ସଂସ୍କରଣରେ ଓଡ଼ିଶା ୧୦ ୱିକେଟରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ୨୦୨୨ ସଂସ୍କରଣରେ ଉତ୍ତରାଖଣ୍ଡ ଇନିଂସ ଏବଂ ୯ ୯ ରନରେ ଓଡ଼ିଶାକୁ ହରାଇଥିଲା। ଏଣୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ମ୍ୟାଚରେ କଡ଼ା ମୁକାବିଲା ହେବ ବୋଲି ଅନୁମାନ କରାଯାଉଛି।

ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ନିମନ୍ତେ ଉତ୍ତରାଖଣ୍ଡ ବିପକ୍ଷ ମୁକାବିଲା ହେଉଛି ଘରୋଇ ଭେନ୍ୟୁରେ ଅନ୍ତିମ ମ୍ୟାଚ୍। ଘରୋଇ ପରିବେଶର ଫାଇଦା ଉଠାଇବାକୁ ଦଳ ଭରପୁର ଉଦ୍ୟମ କରିବ। ଓଡ଼ିଶା କ୍ରିକେଟ ଆସୋସିଏସନରୁ ମିଳିଥିବା ସୂଚନା ମୁତାବକ, ଏହି ମ୍ୟାଚ୍ ପାଇଁ ସ୍ପୋର୍ଟିଭ୍ ପିଚ୍ ପ୍ରସ୍ତୁତ ହୋଇଛି। ଯାହା ଉଭୟ ବ୍ୟାଟର ଓ ବୋଲରଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଏଣୁ ଦଳରେ ଜଣେ ସ୍ପିନରଙ୍କୁ ସାମିଲ କରି ଓଡ଼ିଶା ମ୍ୟାଚ୍‌କୁ ଓହ୍ଲାଇବ ବୋଲି ଆଶା କରାଯାଉଛି। ଚଳିତ ସଂସ୍କରଣରେ ପଦାର୍ପଣ କରିଥିବା ହର୍ଷିତ ରାଥୋଡ ଚୂଡାନ୍ତ ଏକାଦଶରେ ସାମିଲ ହୋଇ ପାରନ୍ତି। ହର୍ଷିତ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳି ନିଜ ବ୍ୟାଟିଂ ପରାକ୍ରମର ପରିଚୟ ମଧ୍ୟ ଦେଇ ସାରିଛନ୍ତି। ସେହିପରି ଓଡ଼ିଶା ପାଇଁ ମଧ୍ୟକ୍ରମର ବ୍ୟାଟିଂ ଏବେ ବି ଚିନ୍ତା ସୃଷ୍ଟି କରିଛି। ପ୍ରତ୍ୟେକ ମ୍ୟାଚ୍‌ରେ ସମସ୍ତ ବ୍ୟାଟର ପୂର୍ଣ୍ଣ ସହଯୋଗ ଦେଇ ପାରୁନଥିବାରୁ ଦଳ ବଡ଼ ସ୍କୋର ସଂଗ୍ରହରେ ଫେଲ୍ ମାରୁଛି। ଏହି ତ୍ରୁଟିକୁ ସୁଧାରିବାକୁ ଉଦ୍ୟମ କରାଯାଉଛି ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ବ୍ୟାଟିଂକ୍ରମରେ କୌଣସି ପରିବର୍ତ୍ତନ ଅଣାଯାଇ ନପାରେ। ଏହାଛଡ଼ା ଡ୍ରିମସ ଗ୍ରାଉଣ୍ଡରେ ଭଲ ରେକର୍ଡ ରଖିଥିବା ୱିକେଟ କିପର ରାଜେଶ ଧୂପରଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନ ପାରେ। ଓଡ଼ିଶା ବୋଲରଙ୍କ ସମ୍ମୁଖରେ ବିପଦ ସୃଷ୍ଟି କରି ପାରନ୍ତି ଆଦିତ୍ୟ ତାରେ, ଅଖିଳ ସିଂହ ରାୱତ, କୁନାଲ ଚାଣ୍ଡେଲା, ସ୍ୱପ୍ନିଲ ସିଂହଙ୍କ ଭଳି ଉତ୍ତରାଖଣ୍ଡର ଦୁର୍ଦ୍ଧର୍ଷ ବ୍ୟାଟରମାନେ। ୫ଟି ମ୍ୟାଚ୍‌ରୁ ୪୩୮ ରନ ସଂଗ୍ରହ କରି ଆଦିତ୍ୟ ଉତ୍ତରାଖଣ୍ଡ ପାଇଁ ଅଗ୍ରଣୀ ତାଲିକାରେ ରହିଛନ୍ତି। ମିଡିୟମ ପେସର ଦୀପକ ଧାପୋଲା ଚଳିତ ସଂସ୍କରଣରେ ଦୁଇଥର ୫ୱିକେଟ ସଫଳତା ପ୍ରାପ୍ତ କରିଛନ୍ତି। ଦୀପକଙ୍କ ସମେତ ଦେବେନ୍ଦ୍ର ସିଂହ ବୋରା, ଜଗମୋହନ ନାଗରକୋଟି, ରାଜନ କୁମାରଙ୍କୁ ନେଇ ଗଠିତ ବୋଲିଂ ଲାଇନଅପ ଓଡ଼ିଶା ପାଇଁ ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ରହିଛି।

## ଆଇନଗତ ଲଢ଼େଇ ପାଇଁ ଛୁଟି ନେଲେ ବରୁଣ

**ଭୁବନେଶ୍ୱର, ୮ ।୨ (ସମିସ):** ପକ୍ସୋ ଆକ୍ଟ ଅନୁଯାୟୀ ବଳାତ୍କାର ମାମଲାରେ ଛନ୍ଦି ହୋଇ ବିବାଦ ଘେରକୁ ଚାଲିଆସିଥିବା ଭାରତୀୟ ହକି ଦଳର ତାରକା ଖେଳାଳି ବରୁଣ କୁମାର ଚଳିତ ଭୁବନେଶ୍ୱର ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରୁ ଓହରି ଯାଇଛନ୍ତି। ଏହି ମାମଲା ବିରୋଧରେ ଆଇନଗତ ଲଢ଼େଇ ଲଢ଼ିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ବରୁଣଙ୍କୁ 'ଜରୁରୀ ଛୁଟି' ପ୍ରଦାନ କରାଯାଇଛି। ଫଳରେ ଶନିବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଅର୍ଜୁନ ପୁରସ୍କାର ପ୍ରାପ୍ତ ଏହି ଖେଳାଳି ଅଂଶଗ୍ରହଣ କରିବେ ନାହିଁ। ଏହି ଘଟଣା ତାଙ୍କ 'ଶାରୀରିକ ଓ ମାନସିକ' ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଛି ବୋଲି ୨୮ ବର୍ଷୀୟ ବରୁଣ କହିବା ପରେ ହକି ଇଣ୍ଡିଆ ପକ୍ଷରୁ ଏହି 'ଜରୁରୀ ଛୁଟି' ପ୍ରଦାନ କରାଯାଇଛି ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଜଣେ ମହିଳା ବେଙ୍ଗାଲୁରୁ ପୁଲିସ ନିକଟରେ ଅଭିଯୋଗ କରିଥିଲେ ଯେ, ସେ ନାବାଳିକା ଥିବାବେଳେ ବରୁଣ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏକାଧିକଥର ବଳାତ୍କାର କରିଛନ୍ତି। ଏହି ମାମଲାରେ ପୁଲିସ ଏକ କେସ୍ ରୁଜୁ କରି ପ୍ରାରମ୍ଭିକ ତଦନ୍ତ ଚଳାଇଛି।

## ଏସିଆନ କପ୍ ଫୁଟ୍‌ବଲ୍

# ଫାଇନାଲରେ କତାର-ଜୋର୍ଡାନ



**ଦୋହା, ୮।୨ (ଏଜେନ୍ସି):** ଶକ୍ତିଶାଳୀ ଇରାନକୁ ୩-୨ ଗୋଲରେ ପରାସ୍ତ କରି ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ୍ କତାର ଏଠାରେ ଚାଲିଥିବା ଏସିଆନ କପ୍ ଫୁଟବଲ ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ କତାର ସହ ଜୋର୍ଡାନର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଜୋର୍ଡାନ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଫାଇନାଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

## ଶ୍ରୀଲଙ୍କା ଦିନିକିଆ ଦଳରୁ ସାନକା ବାଦ୍

**କଲମ୍ବୋ, ୮।୨ (ଏଜେନ୍ସି):** ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରୁ ପୂର୍ବତନ ଅଧିନାୟକ ଦାସୁନ ସାନକାଙ୍କୁ ବାଦ୍ ଦିଆଯାଇଛି। ଗତ କିଛି ବର୍ଷ ଧରି ସେ ଫର୍ମରେ ନାହାନ୍ତି। ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ଆଘାତ ଯୋଗୁ ଖେଳି ପାରି ନଥିବା ଓପନର ପାଥୁମ ନିଶାଙ୍କା ଓ ଅଲରାଉଣ୍ଡର ଚାମିକା କରୁଣାରତ୍ନେ ଦଳକୁ ଫେରିଛନ୍ତି। କୁଶାଲ ମେଣ୍ଡିସ୍ ପୂର୍ବପରି ଦଳର ଅଧିନାୟକ ରହିଛନ୍ତି। ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ସମସ୍ତ ମ୍ୟାଚ୍ ପାଲିକଲ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚ୍ ଗୁଡ଼ିକ ଫେବୃଆରୀ ୯, ୧୧ ଓ ୧୪ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

● **ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ା**

## ପ୍ରତ୍ୟାଶାଙ୍କୁ ୬, ସ୍ରିଷ୍ଟିଙ୍କୁ ୪ ପଦକ

**ଭୁବନେଶ୍ୱର, ୮ ।୨ (ସମିସ):** ଚେନ୍ନଇର ଏଆର୍‌ଏମ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ଓଡ଼ିଶାର ଯୁବା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଓ ସ୍ରିଷ୍ଟି ଉପାଧ୍ୟାୟଙ୍କ ଚମକ ଦେଖିବାକୁ ମିଳିଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଆଇଆଇଏସ୍ ସୁଇମିଂ ଏକ୍‌ସିସିରେ ପ୍ରଶିକ୍ଷଣ ନେଉଥିବା ପ୍ରତ୍ୟାଶା ୬ଟି ଓ ସ୍ରିଷ୍ଟି ୪ଟି ପଦକ ବିଜୟୀ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ନିଜ ନାମରେ ୬ଟି ପଦକ ଲିପିବଦ୍ଧ କରିଛନ୍ତି। ପ୍ରତ୍ୟାଶା ଏଥିସହ ଆସାମର ଗୌହାଟୀରେ ଚଳିତ ମାସ ୧୯ରୁ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ସ୍ରିଷ୍ଟି ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ସେ ଯାଦବପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପ୍ରତିଯୋଗିତାରୁ ଭାଗ ନେଇଛନ୍ତି। ସେହିଭଳି ଆଇଆଇଏସ୍ ସୁଇମିଂ ଏକ୍‌ସିସିର ସୋନିଆ ପଟେଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାଗ ନେଇ ଏହି ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଛନ୍ତି।

# ପଦକରେ ରହିବ ଏଫିଲ୍ ଟାୱାର ଅଂଶ

**ପ୍ୟାରିସ୍,୮ ।୨(ଏଜେନ୍ସି):** ଆସନ୍ତା ଜୁଲାଇ- ଅଗଷ୍ଟରେ ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଆୟୋଜନ ହେବାକୁ ଯାଉଥିବା ଅଲିମ୍ପିକ୍ସ ଓ ପାରା-ଅଲିମ୍ପିକ୍ସର ପଦକଗୁଡିକ ସ୍ୱତନ୍ତ୍ର ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ପ୍ରଦାନ କରାଯିବାକୁ ଥିବା ୫,୦୮୪ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ଅଲିମ୍ପିକ୍ସ ପଦକରେ ବିଶ୍ୱ ପ୍ରସିଦ୍ଧ ଏଫିଲ ଟାୱାରରୁ ବାହାର କରାଯାଇ ସୃଷ୍ଟି ହୋଇଥିବା ଏକ ଷଡ଼କୋଣୀୟ ଲୌହ ଖଣ୍ଡକୁ ସାମିଲ କରାଯିବ। ଏହି ଷଡ଼କୋଣୀୟ ଲୌହ ଖଣ୍ଡ ପଦକର ଠିକ୍ ମିଝିରେ ରହିବ। ପ୍ରଖ୍ୟାତ ଫ୍ରେଞ୍ଚ୍ ଜୁଏଲାରୀ ହାଉସ ଚାଉମେଟ୍ ଏହି ପଦକଗୁଡିକର ଡିଜାଇନ୍ କରିବେ। ୧୮୮୯ରୁ ଆମେ ଅଲିମ୍ପିକ୍ସ ଓ ପରା ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ବିଶ୍ୱ ପ୍ରସିଦ୍ଧ ଟାୱାରର ଏକ ଅଂଶ ଦେବାକୁ ଆମେ ଚାହିଁ ଆସିଛୁ ବୋଲି ଆୟୋଜକ କମିଟି ଟୋନି ଏଷ୍ଟାନଗୁଏଟ କହିଛନ୍ତି। ଉଲ୍ଲେଖଥାଉ କି, ଏଫିଲ ଟାୱାର ଆଜିକୁ ୧୩୪ ବର୍ଷ ତଳେ ୧୮୮୯ ଜାନୁଆରୀ ୨୮ରେ ନିର୍ମିତ ହୋଇଥିଲା। ୧୯୮୭ରୁ ଏହି ଟାୱାରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଟାୱାରକୁ ନିର୍ମାଣ କରିଥିବା କମ୍ପାନୀର ମାଲିକା ତଥା ଇଞ୍ଜିନିୟର ଗୁଷ୍ଟାଭ ଏଫିଲ୍‌ଙ୍କ ନାମାନୁସାରେ ଏହି ଟାୱାରର ନାମକରଣ ହୋଇଛି।

ପ୍ୟାରିସ୍ ଅଲିମ୍ପିକ୍ସ ପଦକ



## ମିଚେଲ ମାର୍ଶ କରୋନା ପଜିଟିଭ୍



**ସିଡନୀ,୮ ।୨(ଏଜେନ୍ସି):** ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ପୂର୍ବରୁ ଘରୋଇ ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ କରୋନା ସଂକ୍ରମିତ ହୋଇଛନ୍ତି। ଗୁରୁବାର କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ଏ ନେଇ ସୂଚନା ଦିଆଯାଇଛି। ତେବେ ଏହା ସତ୍ତ୍ୱେ ସେ ପ୍ରଥମ ମ୍ୟାଚ୍ ଖେଳିବ। କିନ୍ତୁ ତାଙ୍କୁ ଅଲଗା ଡ୍ରେସିଂ ରୁମ୍‌ରେ ରଖାଯିବ ଓ ଗ୍ରାଉଣ୍ଡରେ ଅନ୍ୟ ଖେଳାଳିଙ୍କଠାରୁ ଦୂରତା ବଜାୟ ରଖିବେ ବୋଲି କୁହାଯାଇଛି। ଅଲରାଉଣ୍ଡର କାମେରନ ଗ୍ରୀନ୍ କିଛିଦିନ ତଳେ କରୋନା ସଂକ୍ରମିତ ହୋଇଥିଲେ ମଧ୍ୟ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ ଖେଳିଥିଲେ। ଶୁକ୍ରବାର ପ୍ରଥମ ଟି-୨୦ ମ୍ୟାଚ୍ ଖେଳାଯିବ। ଜୁନ୍‌ରେ ୱେଷ୍ଟଇଣ୍ଡିଜ ଓ ଆମେରିକାର ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ମାର୍ଶ ଦଳର ନେତୃତ୍ୱ ନେବାର ଯଥେଷ୍ଟ ସମ୍ଭାବନା ରହିଛି।

## ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନର ନାଟକୀୟ ପରାଜୟ

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ





ଟମ୍ ଷ୍ଟ୍ରେକର

ବେନୋନି, ୮।୨ (ଏଜେନ୍ସି)

ବିଶ୍ୱ କ୍ରିକେଟର ଦୁଇ ନୂଆ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ମାତ୍ର ୧ ୱିକେଟରେ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ରୋମାଞ୍ଚଭରା ପ୍ରଥମ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୨ ୱିକେଟରେ ଟାଇଟଲ ଆଶାୟୀ ତଥା ଘରୋଇ ଦଳ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲକୁ ଉନ୍ନିତ ହୋଇଥିଲା। ରବିବାର ଏହି ଜୁନିଅର ବିଶ୍ୱକପ୍‌ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏଠାରେ ଘାତକ ବୋଲିଂ କରି ପାକିସ୍ତାନ ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିବା ଟମ୍ ଷ୍ଟ୍ରେକରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ୱିଲୋମୁର ପାର୍କରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆର ଯୁବ ଫାଷ୍ଟ ବୋଲର ଟମ୍ ଷ୍ଟ୍ରେକର (୬/୨୪)ଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୪୮.୫ ଓଭରରେ ୧୭୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ପକ୍ଷରୁ ନଂ-୩ ଆଜାନ ଆୱେସ୍ ଓ ନଂ-୭ ଆରାଫତ ମିନ୍‌ହାସ ୫୨ ରନ୍ ଲେଖାଏଁ କରିଥିଲେ। ଓପନର ଶ୍ୟାମିଲ ହୁସେନଙ୍କ ୧୭ ରନ୍‌କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କରେ ପହଞ୍ଚିପାରି ନଥିଲେ। ଷ୍ଟ୍ରେକର ୯.୫ ଓଭର ବୋଲିଂ କରି ମାତ୍ର ୨୪ ରନ୍‌ରେ ୬ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ୧୮୦ ରନ୍‌ର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ପିଛା କରି ୫୯ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଧୈର୍ଯ୍ୟର ସହ ହ୍ୟାରୀ ଡିକ୍ସନ ୫୦, ଅଲିଭର ପିକ୍ ୪୯ ଓ ଟମ୍ କ୍ୟାମ୍ପବେଲ ୨୫ ରନ୍ କରି ଅଷ୍ଟ୍ରେଲିଆକୁ ଆଶା ଦେଇଥିଲେ। ଦଳକୁ ମ୍ୟାଚ୍ ଜିତିବା ଲାଗି ଆଉ ୧୬ ରନ୍ ଥିଲାବେଳେ ଅଷ୍ଟ୍ରେଲିଆର ୯ମ ୱିକେଟ ପତନ ଘଟିଥିଲା। ଏହି ସମୟରେ ପାକିସ୍ତାନ ପଲା ଭାରି ରହିଥିଲା। ଅଷ୍ଟ୍ରେଲିଆର ନଂ-୯ ରାଫ ମ୍ୟାକ୍‌ମିଲାନ ଓ ନଂ-୧୦ କାଲମ ଭିଡଲର ଧୈର୍ଯ୍ୟ ଓ ପାକିସ୍ତାନୀ ଖେଳାଳିଙ୍କ ତ୍ରୁଟିରୁ ଫାଇଦା ଉଠାଇ ୯ମ ୱିକେଟରେ ବାକିଥିବା ୧୬ ରନ୍‌କୁ ସଂଗ୍ରହ କରି ଦଳକୁ ନାଟକୀୟ ବିଜୟ ପ୍ରଦାନ କରିଥିଲେ। ବିଜୟସୂଚକ ଚୌକା ମାରିବା ସହ ମ୍ୟାକମିଲାନ ୧୯ ରନ୍‌ରେ ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ସମସ୍ତ ବୋଲର ଭଲ ବୋଲିଂ କରିଥିଲେ ମଧ୍ୟ ୧୦ମ ୱିକେଟ ଭାଗୀଦାରିକୁ ଭାଙ୍ଗିବାରେ ସମର୍ଥ ହୋଇପାରି ନଥିଲା। ଅଲି ରାଜା ୪ଟି, ଆରାଫତ ମିନ୍‌ହାସ ୧୦ ଓଭରରେ ୨୦ ରନ୍ ଦେଇ ୨ଟି, ନଭିଦ ଅହମ୍ମଦ୍ ୨୫ ରନ୍‌ରେ ଗୋଟିଏ ୱିକେଟ ନେଇଥିଲେ ମଧ୍ୟ ତାହା ମୂଲ୍ୟହୀନ ହୋଇଯାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

### ପୂର୍ତ୍ତ ବିଭାଗ-୧ର ଅଜବ ନୀତି, ନିଜେ ଖାଅ ଓ ଠିକାଦାରଙ୍କୁ ଖୁଆଅ

# ରାସ୍ତାର ମାନ ଯାଉ ଚୁଲିକି: ଠିକାଦାରଙ୍କ ପେଟ ଥାଉ ଫୁଲିକି

**ସମ୍ବଲପୁର, ୮।୨(ସମିସ)**

ଅଇଁଠାପାଲି ଛକରୁ ଫାଟକ ଯାଏଁ ରାସ୍ତା ହେଉଛି ସମ୍ବଲପୁରର ଅନ୍ୟତମ ପ୍ରବେଶ ଦ୍ୱାର; ଯାହାର ସୌନ୍ଦର୍ଯ୍ୟକରଣ ଏବେ ମୁଖ୍ୟ ପ୍ରସଙ୍ଗ ରହିଛି। ହେଲେ କିଛି ଦିନ ଧରି ଏହି ରାସ୍ତାକୁ ନେଇ ସମ୍ବଲପୁର ପୂର୍ତ୍ତ ବିଭାଗ-୧ ଓ କାମ କରୁଥିବା ଠିକାଦାର ଯେଉଁ ବଦନାମ ମୁଣ୍ଡାଇଲେଣି ସମ୍ବଲପୁରରେ ଏଭଳି ବଦନାମ କେହି ମୁଣ୍ଡାଇ ନଥିବେ। କାର୍ଯ୍ୟ ଆରମ୍ଭରୁ କୌଣସି ଗାଇଡଲାଇନ ଅନୁସରଣ କରାଯାଇନଥିବା ସହରବାସୀ ଅଭିଯୋଗ କରୁଥିବାବେଳେ ଠିକାଦାର କିମ୍ବା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଠାରୁ ଆରମ୍ଭ କରି ଅଧିକ୍ଷଣ ଯନ୍ତ୍ରୀ କେହି ମୁହଁ ଖୋଲୁ ନାହାନ୍ତି। ରାସ୍ତା ତିଆରିର ଦୁଇଦିନ ପରେ ପିଚୁ ଉଠିବା ଆରମ୍ଭ କରିଥିବାବେଳେ ମିକ୍ସଡ ଡିଜାଇନ ରିପୋର୍ଟ ଆଧାରରେ କାମ ହୋଇନି। ଏପରିକି ତୃତୀୟ ପକ୍ଷଠାରୁ ମିକ୍ସଡ ଡିଜାଇନ ରିପୋର୍ଟ ନଆଣି ନିଜେ ନିଜ ବିଭାଗ ଦ୍ୱାରା ମିକ୍ସଡ ଡିଜାଇନ ରିପୋର୍ଟ କରାଇଥିବା ଅଭିଯୋଗ ହୋଇଛି। ଏହା ସହ ସେହି ମିକ୍ସଡ ଡିଜାଇନ ରିପୋର୍ଟ ମଧ୍ୟ କାହାକୁ ପ୍ରଦାନ କରୁନଥିବା ଅଭିଯୋଗ ହୋଇଛି। ଡିଭାଇଡରର ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଗଛ ମରିଯାଇଥିବାବେଳେ କଂକ୍ରିଟ ସାଇଡ ୱାଲ ଅଙ୍କାବଙ୍କା ଲାଗିଥିବା ଜଳ ଜଳ ହୋଇ ଦିଶୁଛି।

ସୂଚନା ଅନୁସାରେ ସମ୍ବଲପୁର ଅଇଁଠିପାଲିରୁ ଫାଟକ ରାସ୍ତା ପାଇଁ କିଛି ମାସ ତଳେ ଟେଣ୍ଡର ହୋଇଥିଲା। ଟେଣ୍ଡର ପାଇଲା ପରେ ଠିକା ସଂସ୍ଥା କାମ କରିବା ସହ ଅତିନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି।





ପ୍ରଥମେ ରାସ୍ତା ୨ଥାକିଆ ହେବାର ପ୍ରସ୍ତାବ ହେବା ସହ ଡ୍ରେନ ଯାଏଁ ରାସ୍ତା ହେବାର ନିୟମ ଥିଲା। ହେଲେ ଠିକା ସଂସ୍ଥା ସବୁ ନିୟମକୁ ଜଳାଞ୍ଜଳୀ ଦେଇ କେମିତି ମୋଟା ଅଙ୍କର କାରବାର କରିହେବ ସେନେଇ ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇଛି। ଏହା ସହ କିଛି ସ୍ଥାନରେ ଡ୍ରେନ ପର୍ଯ୍ୟନ୍ତ ରାସ୍ତା ନହୋଇ ଅଧା ହୋଇ ପଡ଼ିରହିଛି। ଏପରିକି ରାସ୍ତା ପାଇଁ ପୂର୍ବରୁ ସାମାନ୍ୟ ଉଚ୍ଛେଦ ସହ ଗଛ କଟା ମଧ୍ୟ ସରିଛି। ହେଲେ ଏହାର ଉଦ୍ଦେଶ୍ୟ ସାଧିତ ହେଲା ନାହିଁ। ଅନ୍ୟପକ୍ଷରେ ମିକ୍ସଡ ଜିଜାଇନ ରିପୋର୍ଟ ଆଧାରରେ କାମ ହୋଇନଥିବା ଅଭିଯୋଗ ହୋଇଛି। ମିକ୍ସଡ ଡିଜାଇନରେ ବାଲିର ମାନ (ଗ୍ରେଡେସନ), ଚିପ୍ସର ଆକାର, ତଥା ସମସ୍ତ ସାମଗ୍ରୀ କିଏ କେତେ ପରିମାଣରେ ମିଶିବ ତାର ଅନୁପାତ ରହିଥାଏ। ସେହିପରି ମୋଟାଇ(ଥିକନେସ) କେତେ ରହିବ ତାହା ନିର୍ଦ୍ଧାରଣ ହୋଇଥାଏ। ଏହା ସହ ଏହି ମିକ୍ସଡ ଡିଜାଇନ ରିପୋର୍ଟ ନିଜେ ପୂର୍ତ୍ତ ବିଭାଗ ତିଆରି ନକରି ତୃତୀୟ ପକ୍ଷ ତଥା ସରକାରୀ ସଂସ୍ଥା ଯଥା ଭିସୁଟ ଓ ଏନଆଇଟି ରାଉରକେଲା ପ୍ରସ୍ତୁତ କରିବା କଥା। ହେଲେ ତାହା ମଧ୍ୟ ହୋଇନଥିବା ଜଣାପଡ଼ିଛି। ଏପରିକି ମିକ୍ସଡ ଜିଜାଇନ ରିପୋର୍ଟ ମାଗିଲେ ସମ୍ବଲପୁର ପୂର୍ତ୍ତ ବିଭାଗ-୧ କର୍ତ୍ତୃପକ୍ଷ ନାଲିଆଖି ଦେଖାଉଥିବା ଅଭିଯୋଗ ହୋଇଛି। ଯଦି ଏସବୁ ଭିତରେ ମିକ୍ସ ଡିଜାଇନ ରିପୋର୍ଟ ଆଧାରରେ କାମ ହୋଇଛି ତେବେ ଏହାକୁ କାହିଁକି କାହାକୁ ପ୍ରଦାନ କରାଯାଉନାହିଁ। ଏହାକୁ କିଏ ନୀରିକ୍ଷଣ କରୁଛନ୍ତି ତାହା ମଧ୍ୟ ଲୋକ ଜାଣିବାକୁ ଚାହୁଁଛନ୍ତି। ଡିଭାଇଡରରେ ଲାଗିଥିବା ଲୁହା ଗ୍ରୀଲ କେଉଁ କମ୍ପାନୀର ହେବା କଥା, ତାର ମୋଟାଇ କେତେ ହେବା କଥା ତାହା ରହିଛି କି ନାହିଁ ସେନେଇ କୌଣସି ସ୍ପଷ୍ଟୋକ୍ତି ନାହିଁ। ଏହା ସହ ଡିଭାଇଡରେ ଲାଗୁଥିବା କଂକ୍ରିଟର ସ୍ଲାବ ବା ସାଇଡୱାଲ କିଛି ସ୍ଥାନରେ ପୁରୁଣା ଥିବାବେଳେ ସେଥିରେ ରଙ୍ଗ ମାରି ନୂଆ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସାଇଡୱାଲ ଅଙ୍କାବଙ୍କା ହୋଇ ଲାଗିଥିବାବେଳେ ଦୁର୍ଘଟଣା ଘଟାଇବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଅନ୍ୟପକ୍ଷରେ ରାସ୍ତାର ଲେବେଲିଂ ହୋଇନଥିବା ପରୀକ୍ଷଣରୁ ଜଣାପଡ଼ିଛି। ସମଲେଇ ପ୍ରକଳ୍ପ ଉଦଘାଟନ ସମୟରେ ରାସ୍ତାରୁ ବାଲି ସଫା କରିବା ପାଇଁ ରାଉରକେଲା ମହାନଗର ନିଗମରୁ ଭେକ୍ୟୁମ ସକ୍ସନ ମେସିନ ଅଣାଯାଇଥିଲା। ଲେବଲିଂ ଠିକ ନଥିବାରୁ ସେହି ମେସିନ କାମ ଦେଇନଥିଲା। ଫଳରେ ମେସିନ ଫେରାଇବା ପାଇଁ ବାଧ୍ୟ ହୋଇଥିଲେ ମହାନଗର ନିଗମ ଅଧିକାରୀ। ତେବେ ଏତେ ସବୁ ସତ୍ତ୍ୱେ ନା ଠିକାଦାର ନା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉଛି। ଯାହା ଫଳରେ ସମ୍ବଲପୁରରେ ଲୋକେ କହିଲେଣି ପୂର୍ତ୍ତ ବିଭାଗ-୧ ନିଜେ ଖାଅ ଓ ଠିକାଦାରଙ୍କୁ ଖାଇବାକୁ ଦିଅ ନୀତିରେ କାମ କରୁଛି। ଏହା ସହ ରାସ୍ତାର ମାନ ଯାଉ ଚୁଲିକି ଓ ଠିକାଦାରଙ୍କ ପେଟ ଥାଉ ଫୁଲିକି ବୋଲି ଲୋକେ କହିଲେଣି।

## ମୋବାଇଲ ଦୋକାନ ଓ ଗାଡି କାଚ ଭାଙ୍ଗି ଚୋରି

**ସମ୍ବଲପୁର, ୮।୨(ସମିସ)** ସମ୍ବଲପୁର ଟାଉନଥାନା ଅର୍ନ୍ତଗତ ଫାର୍ମରୋଡ ଚେରୁଆପଡ଼ା କମ୍ପ୍ଲେକସରେ ଥିବା ପାତ୍ରୀ ମୋବାଇଲ ଦୋକାନରୁ ଚୋରି ହୋଇଛି। ଗତକାଲି ରାତିରେ ଦୋକାନ କବାଡ ଭାଙ୍ଗି ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହେଉଛି। ୨୫ ମୋବାଇଲ, ୨ ଟ୍ୟାବ, ୫ ଗୋଟି ପାୱାର ବ୍ୟାଙ୍କ ରହିଛି। ସେହିପରି ବୈଦନାଥ ଛକ ରାସ୍ତା ଉପରେ ଥିବା ଏକ କାର କାଚ ଭାଙ୍ଗି ଚୋରି ହୋଇଛି। କାର ଏସି, ସାଉଣ୍ଡ ସିଷ୍ଟମ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି।

## ପଦ୍ମଶ୍ରୀ ସମ୍ମାନ ପାଇଁ ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୮।୨(ସମିସ):** ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଥିବା ସମ୍ବଲପୁରର କବି ବିନୋଦ ପାଶୟତଙ୍କୁ ବାରିକ ସମାଜ ବଲାଙ୍ଗୀର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ଶ୍ରୀ ପଶାୟତଙ୍କ ସେନପାର୍କ ସ୍ଥିତ ବାସଭବନକୁ ଯାଇ ଉପଢୌକନ, ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ବାରିକ ସମାଜ ବଲାଙ୍ଗୀରର ସଭାପତି କଙ୍ଗାଲୁ ବାରିକ, କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, ଉପ ସଭାପତି ନବୀନ ପଶାୟତ, ନନ୍ଦ କିଶୋର ବାରିକ, ସେଲୁନ ସଂଘ ସଭାପତି ଶିଶିର ବେହେରା, ଉପଦେଷ୍ଟା ଇଶ୍ୱର ପଶାୟତ, ପଞ୍ଚାନନ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ନିଖିଳ ଉତ୍କଳ ବାରିକ ସମିତି ରାଜ୍ୟ ଉପ ସଭାପତି ହୀରାଲାଲ ବେହେରା ଏବଂ ସମ୍ବଲପୁର ବାରିକ ସମାଜର ସଭାପତି ସନ୍ତୋଷ ବାରିକ ଉପସ୍ଥିତ ଥିଲେ।



## ୱାର୍ଡ ନଂ ୬, ୭ରେ ଆମ ଓଡ଼ିଶା ନବୀନ ଓଡ଼ିଶା

**ବୁର୍ଲା, ୮।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ବସ୍ତି ବାସିନ୍ଦାଙ୍କ ବିକାଶ ରାଜ୍ୟ ସରକାରଙ୍କ ସଂକଳ୍ପ ସଚେତନତା ଶିବିର ବୁର୍ଲା ପିଡବ୍ଲୁଡି କଲୋନୀ ଓ କ୍ରସର ପଡ଼ା ଠାରେ ୱାର୍ଡ ନଂ ୬ ଏବଂ ୭ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ପୂର୍ବତନ ବିଧାୟିକ ତଥା ସମାଜ ସେବୀ ଡ. ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଭାଙ୍କୁ ନୃତ୍ୟ, ଚିତ୍ରାଙ୍କନ ବର୍ଗରେ ପୁରସ୍କୃତ କରାଯାଇଥିଲା। ଏହା ସହ ରଙ୍ଗୋଲି ପ୍ରତିଯୋଗିତା ବିଜୟୀ ମହିଳାମାନଙ୍କୁ ପୁରସ୍କୃତ କରିଥିଲେ। ଶହ ଶହ ବସ୍ତି ବାସିନ୍ଦାମାନେ ଓ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ତରଫରୁ ଡା. ନାରାୟଣୀ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୮।୨(ସମିସ):** ଡାକ୍ତର ନାରାୟଣୀ ପଣ୍ଡା ଜଣେ ଚର୍ଚ୍ଚିତ ଚେହେରା। ଦୀର୍ଘ ବର୍ଷ ଡାକ୍ତର ଭାବେ ସେବା ଯୋଗେଇ ସମ୍ବଲପୁରରେ ନିଜର ସ୍ୱତନ୍ତ୍ର ପରିଚୟ ହାସିଲ କରିଥିଲେ। ଚାକିରିରୁ ଅବସର ଗ୍ରହଣ କରିବା ପରେ ଜୀବନରେ ଯାହାକିଛି ଅର୍ଜନ କରିଥିଲେ ସେସବୁକୁ ସେ ସମାଜର ବିକାଶ ପାଇଁ ଦାନ କରିଦେଇଛନ୍ତି। ଏପରିକି ନିଜ ବାସଗୃହକୁ ମଧ୍ୟ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ଛାତ୍ରୀବାସ କରିବା ଉଦ୍ଦେଶ୍ୟରେ ଦାନ କରିଦେଇଛନ୍ତି। ଆଜି ପଶ୍ଚିମାଞ୍ଚଳ୍ ଏକତା ମଞ୍ଚ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତାଗଣମାନେ ତାଙ୍କ ଭୂତାପଡ଼ା ସ୍ଥିତ ବାସଭବନରେ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଞ୍ଚର ମହିଳା ଶାଖା ସହ ସଂଯୋଜିକା ଝୁନୁ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ପଙ୍କଜିନି ମେହେର, କାନ୍ତି ମେହେର, ସୁଜାତା ଗୁରୁ, ସ୍ୱସ୍ତିକା ନାୟକ, ତୃପ୍ତିମୟୀ ପଣ୍ଡା, ଯୁବ ସଂଯୋଜକ ଦେବାଶିଷ ବେହେରା, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଆବାହକ ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



## ମାନେଶ୍ୱରରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା



**ସମ୍ବଲପୁର, ୮।୨(ସମିସ)** ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ଠାରେ ମାନଧାତା ବାବା କ୍ଲବ ପକ୍ଷରୁ ତୃତୀୟ ଆନ୍ତରାଜ୍ୟ ସ୍ତରୀୟ ପୁରୁଷ ବ୍ୟାଟ୍ ମିଣ୍ଟନ ଡବଲ ପ୍ରତିଯୋଗିତା ଉଦ୍‌ଘାଟନ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହସ୍ତଶିଳ୍ପ ଓ ବୟନ ଶିଳ୍ପ ନିଗମର ଉପଦେଷ୍ଟା ତଥା ସମ୍ବଲପୁର ଓ ରେଙ୍ଗାଲି ବିଧାନ ସଭାକ୍ଷେତ୍ରର ପର୍ଯ୍ୟବେକ୍ଷକ ବିଜେଡ଼ିର ସୌଭାଗ୍ୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ମୀନତୀ ଦେବତା, ବିଜେଡି ରାଜ୍ୟ ଉପ ସଭାନେତ୍ରୀ ତଥା ସମ୍ବଲପୁର ଜିଲ୍ଲା ମହିଳା ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସମ୍ପାଦକ ଜଗନ୍ନାଥ ତ୍ରିପାଠୀ, ମାନେଶ୍ୱର ଜୋନ ୧ ସଂଯୋଜକ ଆର୍ତ୍ତତ୍ରାଣ ବାଗ, ପୂର୍ବତନ ବିଜେଡି ବ୍ଲକ ସଭାପତି ଯତୀନ୍ଦ୍ର ବାରିକ, ଶାନ୍ତି କୁମାର ସାହୁ, ଗୌରୀ ଶଙ୍କର ଦାସ, ମାନଧାତା ବାବା ଯୁବକ ସଂଘର ରଞ୍ଜିତ ମେହେର, ବ୍ରଜ ମୋହନ ମେହେର, ମଞ୍ଜିତ ମେହେର, ଅଜିତ ପାତ୍ର, ସନତ ଚୌହାନ, ବୀରଞ୍ଚି ପୂଝାରୀ, ସୁଶାନ୍ତ ସୋହେଲା ଦିଲ୍ଲୀପ ପୁଝାରୀ, ଭବାନୀ ଶଙ୍କର ପଶାୟତ, ବିବେକ ଭୂଷଣ ନାୟକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଉରକେଲାର ଅମିତ୍ ପରିଡ଼ା ଓ ହୀରାକୁଦର ଆୟୁଷ ଓ ଅରବିନ୍ଦ ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଦଳ ବିଜୟୀ ହୋଇଥିଲେ। ଜୟନ୍ତ କୁମାର ମହାରଣା ଓ ହେମନ୍ତ ଥାପା ମ୍ୟାଚ୍ ପରିଚାଳନା ହୋଇଥିଲା। ଏହି ମ୍ୟାଚ୍ ରେ ପ୍ରାୟ ୮୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତାକାଲି ଏହି ପ୍ରତିଯୋଗିତାର ଉଦଯାପନୀ ଖେଳ ହେବ।

**ଉଦଘାଟନୀ ମ୍ୟାଚରେ ରାଉରକେଲା ବିଜୟୀ**

### ମହିଳା କଲେଜରେ ବାର୍ଷିକ ଉତ୍ସବ

# ସମୟାନୁବର୍ତ୍ତିତା ସଫଳତାର ପାହାଚ: ଡା.ନାରାୟଣୀ ପଣ୍ଡା

**ସମ୍ବଲପୁର, ୮।୨(ସମିସ)**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସମ୍ବଲପୁରର ବିଶିଷ୍ଟ ସମାଜସେବୀ ଓ ସ୍ତ୍ରୀରୋଗ ବିଶେଷଜ୍ଞା ଡ.। ନାରାୟଣୀ ପଣ୍ଡା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସ୍ୱାଗତ ସଂଭାଷଣ ପ୍ରଦାନ କରିବା ସହ ମୁଖ୍ୟ ଅତିଥି ଡ.ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥି ଡାକ୍ତର ପଣ୍ଡା ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା ସହ ସଦା ସର୍ବଦା କର୍ମ ତତ୍ପର ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ନିଜ ଜୀବନରୁ ଅନେକ ଉଦାହରଣ ଦେବା ସହ ସମୟାନୁବର୍ତ୍ତୀତା ସଫଳତାର ପା।ହଚ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର 'ନ୍ୟୁଜ ଲେଟର' ଏବଂ 'କ୍ୟାଲେଣ୍ଡର' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନାଟ୍ୟ ସଂସଦ, ସାଂସ୍କୃତିକ ସଂସଦ, ଛାତ୍ରୀ ସଂସଦ ଓ ଛାତ୍ରୀ ସାଧାରଣ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଦିବ୍ୟା ପାଣ୍ଡେ ଏବଂ ମହାବିଦ୍ୟାଳୟ ସ୍ତରରେ କିରଣବାଳା ପାତ୍ରଙ୍କୁ ଶ୍ରେଷ୍ଠ ଛାତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନ ମୋହିଥିଲା। ଓଡିଆ ଓ ଇଂରାଜୀ ନାଟକ, ସମ୍ବଲପୁରୀ ତଥା ବିଭିନ୍ନ ପ୍ରଦେଶର ଲୋକନୃତ୍ୟ ଓଡ଼ିଶୀ ଓ ବିଭିନ୍ନ ଭାଷାର ସଂଗୀତ ଗାନ ଭଳି ସମୁଦାୟ ୨୪ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଙ୍କଦ୍ୱାରା ପରିବେଶିତ ହୋଇ ଉଚ୍ଚ ପ୍ରସଂଶିତ ହୋଇଥିଲା। ସଂସ୍କୃତିକ କାର୍ଯ୍ୟକ୍ରମଗୁଡିକୁ ପ୍ରଫେସର ସମିତା ଆଚାର୍ଯ୍ୟ ଓ ଡ ଭାରତୀ ମିଶ୍ର ପରିଚାଳନା କରିଥିଲେ। ଛାତ୍ରୀ ସଂସଦର ଉପଦେଷ୍ଟା ଡ କଳ୍ପନା ମେହେର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ନାଟ୍ୟ ସଂସଦର ଉପ-ସଭାପତି ପ୍ରଫେସର ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ ଏବଂ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିଲେ। ଶ୍ରେଷ୍ଠ ବିବେଚିତ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ଲୋକନୃତ୍ୟ ପ୍ରତିଯୋଗୀତାରେ ଓଡ଼ିଶାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟର ଛାତ୍ରୀ ସ୍ୱପ୍ନାରାଣୀ ବହିଦାର, ଜ୍ୟୋତିରାଣୀ ପଟ୍ଟନାୟକ ଏବଂ ଲିପ୍ସାରାଣୀ ଗୌଡଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀ, ପୂର୍ବତନ ଛାତ୍ରୀ ସଂସଦ, ପରିଚାଳନା କମିଟୀର ସଦସ୍ୟ, ଅଭିଭାବକ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଉତ୍ସବକୁ ସଫଳ କରିବାକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।



## ସରୋଜିନୀ ପାଟ୍ଟଯୋଶୀଙ୍କ ପରଲୋକ



**ସମ୍ବଲପୁର, ୮।୨(ସମିସ):** ସମ୍ବଲପୁର ବୁଢାରଜା ନିବାସୀ ଧର୍ମ ପରାୟଣ ମହିଳା ସରୋଜିନୀ ପାଟ୍ଟଯୋଶୀଙ୍କ ୭୭ ବର୍ଷ ବୟସେ ପରଲୋକ ଘଟିଛି। ସେ ଜଣେ ସମାଜସେବୀ ସହ ଅତ୍ୟନ୍ତ ମିଳିପି ସ୍ୱଭାବୀ ମହିଳା ଥିଲେ। ଗତକାଲି ସକାଳେ ତାଙ୍କର ବିୟୋଗ ହୋଇଛି। ସେ ତାଙ୍କ ସ୍ୱାମୀ, ଦୁଇ ପୁତ୍ର, ଝିଅ, ୫ନାତୁଣୀଙ୍କୁ ଛାଡି ଚାଲି ଯାଇଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

XXVI-12

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No RDM-LAA-BDK-0008-2023- 42705 / R&DM, Dated-05.12.2023

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଭଦ୍ରକ ଜିଲାରେ ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ମୌଜା- **ଲକ୍ଷ୍ମୀପ୍ରସାଦ** , ଥାନା- ବାଂଶଡା ନଂ. ୧୦୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨୨.୪୪୫୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ , ଭୁବନେଶ୍ୱର।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଶିଳ୍ପ ଭିତ୍ତିଭୂମିର ବିକାଶ ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୨୯୦୧/୩୦.୦୬.୨୦୨୩ ପ୍ରକାରେ ଜମି ଅଧିଗ୍ରହଣ ନିମନ୍ତେ ଧାରା ୮(୨) ରେ ଅନୁମୋଦନ ହୋଇଅଛି।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଭଦ୍ରକ ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଚାନ୍ଦବାଲି | **ଲକ୍ଷ୍ମୀପ୍ରସାଦ** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୯.୨୫୫ | ଏ. ୨୨.୪୪୫୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚି(ବେସରକାରୀ)
ପ୍ରକଳ୍ପର ନାମ- ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜା : ଲକ୍ଷ୍ମୀପ୍ରସାଦ
ଥାନା : ବାଁଶଡା, ନମ୍ବର : ୧୦୩
ତହସିଲ : ଚାନ୍ଦବାଲି
ଜିଲ୍ଲା : ଭଦ୍ରକ

| କ୍ରମିକ ନମ୍ବର | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | କିସମ | ମୂଳ ରକବା (ଏକର ରେ) | ଅଧିଗ୍ରହଣ ରକବା (ଏକର ରେ) | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୮ | ୩୦୬ | ସାରଦ-୨ | ୬.୩୦୦୦ | ୬.୩୦୦୦ | ଶ୍ରୀ ଶ୍ରୀ ଗୌରାଙ୍ଗ ଜିଉ ବିଜେ ନିଜଗାଁ ମାର୍ଫତ ବା:, ଅମୀୟ କୁମାର ମହାପାତ୍ର, ଅଶୀମ କୁମାର ମହାପାତ୍ର ପି: ଯତିନ୍ଦ୍ର ନାଥ ମହାପାତ୍ର ଜା: କରଣ ବା: କିଶୋର ପ୍ରସାଦ (Exchange for Comunal Land) |
| ୨ | ୩୩ | ୩୦୭ | ସାରଦ-୨ | ୫.୨୫୦୦ | ୧.୮୪୦୦ | ଖାନେଶ୍ୱର ପାତ୍ର ପି:ହରି ପ୍ରସାଦ ପାତ୍ର ଜା: କରଣ ବା: କିଶୋର ପ୍ରସାଦ (Exchange for Comunal Land) |
| ୩ | ୫୨ | ୨୪ | ସାରଦ-୨ | ୩.୪୪୦୦ | ୦.୦୪୦୦ | ପ୍ରଭାକର ବାରିକ ପି:ଶଙ୍କର ବାରିକ ଜା: ଗୋପାଳ ବା: ଗୁଆଁଳି |
| ୪ | ୧୧୧/୧୧ | ୩୪୮/୪୧୮ | ସାରଦ-୨ | ୧.୦୦ | ୧.୦୦୦୦ | ଅଭିମନ୍ୟୁ ମଣ୍ଡଳ ପି:ରତନୀ ମଣ୍ଡଳ ଜା: କୁଶାକାର ବା: ପୂର୍ଣ୍ଣ ପ୍ରସାଦ |
| ୫ | ୧୧୧/୨୧ | ୨୦୨ | ସାରଦ-୨ | ୧.୬୯୦୦ | ୧.୬୯୦୦ | ଅନ୍ନପୂର୍ଣ୍ଣା ନାୟକ ସ୍ୱା:ହରିପଦ ନାୟକ ଜା: ମାହେଶ୍ୟ ବା: ନରେନ୍ଦ୍ର ପୁର |
| ୬ | ୧୧୧/୯୦ | ୧୧୮/୫୦୪ | ସାରଦ-୨ | ୦.୨୫୦୦ | ୦.୨୫୦୦ | ସାର୍ବିବନ୍ଧୁ ନାୟକ ପି:ଘନଶ୍ୟାମ ନାୟକ ଜା: ଖଣ୍ଡାୟତ ବା: ଶକ୍ତିକାଦେଇପୁର |
| ୭ | ୧୧୧/୯୫ | ୨୦୧/୪୨୩ | ସାରଦ-୨ | ୦.୫୫୦୦ | ୦.୫୫୦୦ | ନକୁଳ ମଣ୍ଡଳ ପି:ବସନ୍ତ ମଣ୍ଡଳ ଜା: ଅଶ୍ୱିନୀ ତନ୍ତି ବା: କିଶୋର ପ୍ରସାଦ |
| ୮ | ୧୧୧/୧୨୨ | ୨୦୧/୪୨୨ | ସାରଦ-୨ | ୦.୫୫୦୦ | ୦.୫୫୦୦ | ଅତିଥି ଚରଣ ମଣ୍ଡଳ ପି:ଧିରେନ୍ଦ୍ର ନାଥ ମଣ୍ଡଳ ଜା: ତନ୍ତୀ ବା: ପୂର୍ଣ୍ଣ ପ୍ରସାଦ |
| ୯ | ୧୧୧/୧୬୧ | ୨୨୫/୫୬୮ | ସାରଦ-୨ | ୧.୫୦୦୦ | ୧.୫୦୦୦ | ଝାଡେଶ୍ୱର ଦୁଆରୀ ପି:ନରେନ୍ଦ୍ର ଦୁଆରୀ ଜା: ମାହେଶ୍ୟ ବା: ଗୌର ପ୍ରସାଦ |
| ୧୦ | ୧୧୧/୧୬୨ | ୨୨୫/୫୧୫/୫୬୯ | ସାରଦ-୨ | ୦.୫୦୦୦ | ୦.୫୦୦୦ | ଗୋବର୍ଦ୍ଧନ ବେରା ପି:ନିରଞ୍ଜନ ବେରା ଜା: ଗୋଲା ବା: ଗୌର ପ୍ରସାଦ |
| ୧୧ | ୧୧୧/୧୬୩ | ୨୨୫/୫୧୫/୫୮୦ | ସାରଦ-୨ | ୦.୦୫୦୦ | ୦.୦୫୦୦ | ଦୀପକ କୁମାର ବାରିକ, କହ୍ନାଇଲାଲ ବାରିକ, ମନୋରଂଜନ ବାରିକ ପି: ଅନିଲ କୁମାର ବାରିକ ଜା: ଭଣ୍ଡାରୀ ବା: ଗୌରପ୍ରସାଦ |
| ୧୨ | ୧୧୧/୧୬୩ | ୨୨୫/୫୮୧ | ସାରଦ-୨ | ୦.୩୦୦୦ | ୦.୩୦୦୦ | |
| ୧୩ | ୧୧୧/୧୮୧ | ୨୨୫/୫୮୬ | ସାରଦ-୨ | ୦.୩୫୦୦ | ୦.୩୫୦୦ | ଭୀମ ମଣ୍ଡଳ ପି:ଅନନ୍ତ ମଣ୍ଡଳ ଜା: ଅଶ୍ୱିନ ତନ୍ତୀ ବା: ଶକ୍ତିକାଦେଇ ପୁର |
| ୧୪ | ୧୧୧/୧୮୨ | ୨୨୫/୫୧୫/୫୮୭ | ସାରଦ-୨ | ୧.୦୦୦୦ | ୧.୦୦୦୦ | ଆଶୀଷ ମହାପାତ୍ର ପି:ବିଷ୍ଣୁପଦ ମହାପାତ୍ର ଜା: କରଣ ବା: କିଶୋର ପ୍ରସାଦ |
| ୧୫ | ୧୧୧/୨୦୦ | ୧୯୩/୫୨୧/୬୦୩ | ସାରଦ-୨ | ୦.୧୦୦୦ | ୦.୧୦୦୦ | ଅରବିନ୍ଦ ମଣ୍ଡଳ ପି:ଅନନ୍ତ ମଣ୍ଡଳ ଜା: ଅଶ୍ୱନୀ ତନ୍ତି ବା: ଶକ୍ତିକାଦେଇ ପୁର |
| ୧୬ | ୧୧୧/୨୨୯ | ୧୯୩/୫୨୧/୬୧୫ | ସାରଦ-୨ | ୦.୨୦୦୦ | ୦.୨୦୦୦ | କେତୁଲା ମଣ୍ଡଳ ସ୍ୱା:ବିଷ୍ଣୁପଦ ମଣ୍ଡଳ ଜା: ଅଶ୍ୱନୀ ତନ୍ତି ବା: କିଶୋରପ୍ରସାଦ ଥା-ବାଂଶଡା |
| ୧୭ | ୧୧୧/୨୪୨ | ୬୧/୩୪୮ | ସାରଦ-୨ | ୦.୫୦୦୦ | ୦.୫୦୦୦ | ବିଶ୍ୱରୂପ ରିୟଲ ଇଷ୍ଟେଟ ପ୍ରା. ଲି. ମା ବିଜୟ ବାଲୁ ପି:ଜୟନ୍ତୀଲାଲ ବାଲୁ ଜା: ଜୈନ ବା: ଅହମଦାବାଦ |
| ୧୮ | ୧୧୧/୨୪୪ | ୪୧୭/୪୧୯ | ସାରଦ-୨ | ୧.୨୫୦୦ | ୧.୨୫୦୦ | ବିଶ୍ୱରୂପ ରିୟଲ ଇଷ୍ଟେଟ ପ୍ରା. ଲି. ମା ବିଜୟ ବାଲୁ ପି:ଜୟନ୍ତୀଲାଲ ବାଲୁ ଜା: ଜୈନ ବା: ଅହମଦାବାଦ |
| ୧୯ | ୧୧୧/୨୫୫ | ୧୮୧/୫୨୯ | ସାରଦ-୨ | ୦.୨୨୦୦ | ୦.୨୨୦୦ | ପ୍ରତ୍ୟୋଷ ରିୟଲ ଇଷ୍ଟେଟ ପ୍ରା.ଲି ମା ସ୍ୱପନାନ୍ତ ଦାସ ପି:ଶୁଭ୍ରାଂଶୁ ଦାସ ଜା: କରଣ ବା: ବା - ଖାଇରା, ଜି - ବାଲେଶ୍ୱର |
| ୨୦ | ୧୧୧/୨୫୫ | ୧୮୪/୫୩୦ | ସାରଦ-୨ | ୦.୦୭୦୦ | ୦.୦୭୦୦ | |
| ୨୧ | ୧୧୧/୨୭୬ | ୯୭/୫୨୨/୬୩୫ | ସାରଦ-୨ | ୧.୦୦୦୦ | ୧.୦୦୦୦ | ଏନାକୋଡୋ ବିଲଡକନ ପ୍ରା. ଲି ମା ସ୍ୱପ୍ନାନ୍ତ ଦାସ ପି:ଶୁଭ୍ରାଂଶୁ ଦାସ ଜା: କରଣ ବା: ଅହମଦାବାଦ |
| ୨୨ | ୧୧୧/୨୭୭ | ୯୩/୬୩୬ | ସାରଦ-୨ | ୧.୮୨୫୦ | ୧.୮୨୫୦ | ମାର୍ମିକ ରିୟଲ ଇଷ୍ଟେଟ ପ୍ରା. ଲି ସ୍ୱପ୍ନାନ୍ତ ଦାସ ପି:ସୁଭ୍ରାଂଶୁ ଦାସ ଜା: କରଣ ବା: ଅହମଦାବାଦ |
| ୨୩ | ୧୧୧/୨୭୮ | ୯୩/୬୩୭ | ସାରଦ-୨ | ୧.୩୬୦୦ | ୧.୩୬୦୦ | ମାର୍ମିକ ରିୟଲ ଇଷ୍ଟେଟ ପ୍ରା. ଲି ସ୍ୱପ୍ନାନ୍ତ ଦାସ ପି:ସୁଭ୍ରାଂଶୁ ଦାସ ଜା: କରଣ ବା: ଅହମଦାବାଦ |
| | | | ମୋଟ | ୨୯.୨୫୫ | ୨୨.୪୪୫୦ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0107/2324